




# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar







RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୩୧ Vol. 22 No-131 10 AUGUST 2025 SUNDAY, BHUBANESWAR ରବିବାର, ୧୦ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୫ ବନ୍ଧୁକ ଜବତ ୫ ଗିରଫ

ପାଲଲହଡ଼ା,୯।୮(ଭାସ୍କର ନ୍ୟୁଜ): ଖମାର ଥାନା ଅଞ୍ଚଳରେ ଶନିବାର ପୋଲିସ ଏକ ବେଆଇନ ଦେଶୀ ବନ୍ଧୁକ କାରଖାନା ଉପରେ ଚଢାଉ କରି ୫ଟି ବନ୍ଧୁକ ଜବତ କରିଛି। ଏହି ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ତେବେ ଚଢାଉ ଜାରି ରହିଥିବାରୁ ସଂପୂର୍ଣ୍ଣ ବିବରଣୀ ମିଳିପାରି ନାହିଁ।

### ୨ ଯବାନ ସହିଦ

ଶ୍ରୀନଗର,୯।୮: ଜାମ୍ମୁକାଶ୍ମୀରର କୁଲଗାମ ଅଖାଲିରେ ଆତଙ୍କବାଦୀଙ୍କ ଗୁଳିରେ ୨ ଯବାନ ସହିଦ ହୋଇଛନ୍ତି। ଅନ୍ୟ ୧୦ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି। ଏହି ଜଙ୍ଗଲରେ ୩ ଆତଙ୍କବାଦୀ ଲୁଚି ରହିଥିବା ସନ୍ଦେହରେ ଗତ ୯ ଦିନ ହେବ ସର୍ଚ୍ଚ ଅପରେସନ ଜାରି ରହିଛି। ତେବେ ଶନିବାର ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟବେଳେ ଏହି ଅଘଟଣ ଘଟିଛି।

### ଗୋବରୀ ନଦୀକୁ ଡେଇଁଲେ ଯୁବକ

କେନ୍ଦ୍ରାପଡ଼ା,୯।୮(ଭାସ୍କର ନ୍ୟୁଜ): ଶନିବାର ଅପରାହ୍ନରେ ଅଳିଜଙ୍ଗା ପୋଲ ଉପରୁ ଜଣେ ଯୁବକ ଗୋବରୀ ନଦୀକୁ ଡେଇଁ ନିଖୋଜ ହୋଇଛନ୍ତି। ସେ ପୋଲ ଉପରେ ନିଜର ଗାଡ଼ି, ମୋବାଇଲ ଓ ଚପଲ ଛାଡ଼ି ଡେଇଁ ପଡ଼ିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

## ‘ସୁଭଦ୍ରା’ ସହାୟତା ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

# ଆଶାର କିରଣ ସାଜିଛି ସୁଭଦ୍ରା



**୧ କୋଟି ମହିଳାଙ୍କୁ ମିଳିଲା ସୁଭଦ୍ରା ସହାୟତା**

**୪୩୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର, ୧୨୬ଟି ଉଦ୍‌ଘାଟନ**

**ଜୟପୁରରୁ ଭୁବନେଶ୍ୱର ଚାଲିବ ବନ୍ଦେ ଭାରତ**

**ପୁନର୍ବାର ଚାଲୁ ହେବ ଜୟପୁର ପେପର ମିଲ୍**

ଭୁବନେଶ୍ୱର/ଜୟପୁର,୯।୮(ଭାସ୍କର ନ୍ୟୁଜ): ‘ସୁଭଦ୍ରା ଯୋଜନା’ ଅନେକ ମହିଳାଙ୍କ ଜୀବନରେ ପ୍ରଗତି ଓ ପରିବର୍ତ୍ତନର ନୂଆ ଅଧ୍ୟାୟ ସୃଷ୍ଟି କରିବାରେ ସଫଳ ହୋଇଛି। ଏହା ସେମାନଙ୍କର ପରିବାରକୁ ଆର୍ଥିକ ଶକ୍ତି ଦେବା ସହିତ ସେମାନଙ୍କୁ ଉଦ୍ୟମୀ ମହିଳା ଭାବେ ଗଢି ତୋଳିବାରେ ବଳ ଯୋଗାଇଛି ବୋଲି ଶନିବାର କୋରାପୁଟ ଜିଲ୍ଲାର ଜୟପୁର ଠାରେ ଓଡ଼ିଶାର ସର୍ବବୃହତ ମହିଳା ସଶକ୍ତିକରଣ ଯୋଜନା ‘ସୁଭଦ୍ରା’ର ତୃତୀୟ କିସ୍ତି ପ୍ରଦାନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏଥି ସହିତ ମୁଖ୍ୟମନ୍ତ୍ରୀ, କୋରାପୁଟ ଜିଲ୍ଲାରେ, ୪୫୨ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ୪୩୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ୩୦୯.୪୨ କୋଟି ଟଙ୍କା ମୂଲ୍ୟର ୧୨୬ ଟି ନୂତନ ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ। ସୂଚନା ଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କୋରାପୁଟ ଜିଲ୍ଲାରେ ୭୬୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ସେତୁ, ସଡକ, ପର୍ଯ୍ୟଟନ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନୟନମୂଳକ ପ୍ରକଳ୍ପ ରହିଛି । ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଲେ ଜିଲ୍ଲାର ବିକାଶ ଆହୁରି ତ୍ୱରାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ଖୁବଶୀଘ୍ର ଜୟପୁରରୁ ଭୁବନେଶ୍ୱର ବନ୍ଦେ ଭାରତ ଏକ୍ସପ୍ରେସ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ, ଜୟପୁର ସ୍ଥିତ ପେପର ମିଲ ପୁନର୍ବାର ଚାଲୁ ହେବ ଓ ଜୟପୁର ଠାରେ ଏକ ନୂତନ କଲେଜ ସ୍ଥାପନ ହେବ। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ, ଆର୍ଥିକ ଅଭାବରୁ ଯେଉଁ ମା’ ମାନେ ନିଜ ସ୍ୱପ୍ନକୁ ଛାଡ଼ିବାକୁ ବାଧ ହେଉଛନ୍ତି, ସେମାନଙ୍କ ପାଇଁ ଆଶାର କିରଣ ସାଜିଛି ‘ସୁଭଦ୍ରା’। ସରକାରଙ୍କ ଲକ୍ଷ୍ୟ ସେହି ସମସ୍ତ ମହିଳାଙ୍କୁ ସଶକ୍ତ କରି ଆତ୍ମନିର୍ଭର କରିବା ଓ ଆତ୍ମନିର୍ଭର ଭାରତ ଗଢିବାରେ ସାମିଲ ହେବା। ଏହି ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ମା’ ମାନେ ନିଜ ନିଜ ଛୋଟ ବଡ ବ୍ୟବସାୟ ଆରମ୍ଭ • ପୃଷ୍ଠା ୫ ଦେଖନ୍ତୁ

## ୨୦ ତାରିଖ ପରେ ନିଗମ, ବୋର୍ଡ

# ଅଧ୍ୟକ୍ଷଙ୍କ ନାମ ଘୋଷଣା: ମନମୋହନ



ଭୁବନେଶ୍ୱର,୯।୮(ଭାସ୍କର ନ୍ୟୁଜ): ୨୦ ତାରିଖ ପରେ ରାଜ୍ୟର ବିଭିନ୍ନ ନିଗମ, ବୋର୍ଡର ଅଧ୍ୟକ୍ଷ ସହ ବିଭିନ୍ନ କମିଟିର ଘୋଷଣା କରାଯିବା ନେଇ ସମ୍ଭାବନା ରହିଛି। ତେବେ ବର୍ତ୍ତମାନ ସମୟରେ ଏ ନେଇ ନିର୍ଦ୍ଦିଷ୍ଟ ତାରିଖ କହିହେବ ନାହିଁ। ନୂଆଦିଲ୍ଲୀ ଗସ୍ତରୁ ଫେରିବା ପରେ ଏଭଳି ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସେ କହିଛନ୍ତି, ଖୁବ୍‌ଶୀଘ୍ର ଏଥିରେ ପୂର୍ଣ୍ଣଚ୍ଛେଦ ପଡ଼ିବ। ଅନ୍ୟପକ୍ଷରେ ସୁଭଦ୍ରା ଟଙ୍କାରେ ଲକ୍ଷପତି ଦିଦି ସଂପର୍କରେ ବିଜେଡିର ପ୍ରତିକ୍ରିୟା ଉପରେ ଜବାବ ରଖି ଶ୍ରୀ ସାମଲ କହିଛନ୍ତି, ବିଜେଡି ୫ବର୍ଷ ଅପେକ୍ଷା କରୁ, ଏ ନେଇ ଅଧୈର୍ଯ୍ୟ ହେବା ଉଚିତ ନୁହେଁ। ଓଡ଼ିଶା ଲକ୍ଷପତି ଦିଦିରେ ଏକନମ୍ବର ହେବା ସୌଭାଗ୍ୟର ବିଷୟ। ଓଡ଼ିଶାର ମହିଳାମାନେ କଠିନ ପରିଶ୍ରମ କରୁଛନ୍ତି। କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ମହିଳାମାନଙ୍କୁ ବିନା ସୁଧରେ ଋଣ ଦେଉଛନ୍ତି। ଯାହାଦ୍ୱାରା ଲକ୍ଷପତି ଦିଦି ହେବାର ସମ୍ଭାବନା ବୃଦ୍ଧି ପାଇଛି। ସୁଭଦ୍ରା ଯୋଜନା ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବାର ସୁଯୋଗ ଦେଇଛି ଓ ସେମାନଙ୍କ ମନରେ ଆତ୍ମବିଶ୍ୱାସ ବଢାଇଛି। ଭାରତୀୟ ଜନତାପାର୍ଟିର ନିଗମ, ବୋର୍ଡ ଓ କମିଟିର ତାଲିକା ଦିଲ୍ଲୀରେ ହୁଏ ନାହିଁ । • ପୃଷ୍ଠା ୫ ଦେଖନ୍ତୁ

## କାଠିଆପଡ଼ା ଛାତ୍ରୀ ଜଳିଯିବା ଘଟଣା

# ସତ ଖୋଲିବ ସିସିଟିଭି !

ପଟ୍ଟାମୁଣ୍ଡାଇ/କେନ୍ଦ୍ରାପଡ଼ା,୯।୮(ଭାସ୍କର ନ୍ୟୁଜ): ବହୁଚର୍ଚ୍ଚିତ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ କାଠିଆପଡ଼ା ଛାତ୍ରୀ ଜଳିଯିବା ଘଟଣାରେ ବଢୁଛି ସସ୍‌ପେନ୍ସ। ପୋଲିସ ପକ୍ଷରୁ ତଦନ୍ତ ଚାଲୁ ରହିଥିବାବେଳେ ପୋଲିସକୁ ନୂଆ ସୁରାକ ମିଳିଥିବା ଜଣାପଡ଼ିଛି। ଘଟଣାର ୪ ଦିନ ପରେ ବି ହାତ ଖାଲିକରି ବସିଥିବା ପୋଲିସକୁ ଏହି ସୁରାକ ଘଟଣାର ସଠିକ ମୋଡ଼ରେ ପହଞ୍ଚାଇବ ବୋଲି ଆଶା କରାଯାଉଛି। ଶନିବାର କେନ୍ଦ୍ରାପଡ଼ା ଏସ୍‌ପି ତଥା ଘଟଣାର ତଦନ୍ତକାରୀ ଅଧିକାରୀ ସିଦ୍ଧାର୍ଥ କଟରିଆ ପୁନର୍ବାର କାଠିଆପଡ଼ାରେ ପହଞ୍ଚି ତଦନ୍ତ କଲାବେଳେ ନିଜ ପ୍ରତିକ୍ରିୟାରେ ଏହା କହିଛନ୍ତି। ତେବେ ମୃତା ଛାତ୍ରୀଙ୍କ ପଡ଼ୋଶୀଙ୍କ ଘରେ ଲାଗିଥିବା ସିସିଟିଭି କ୍ୟାମେରାକୁ ନେଇ ସୃଷ୍ଟି ହୋଇଛି ସସ୍‌ପେନ୍ସ। ପୋଲିସ ବାରମ୍ବାର ସେହି ସିସିଟିଭି କ୍ୟାମେରାକୁ ଯାଞ୍ଚ କରୁଛି। ନିଜେ ଏସ୍‌ପି ସିସିଟିଭିକୁ ତନ୍ନତନ୍ନକରି ଦେଖିଛନ୍ତି। ମୃତା ଛାତ୍ରୀଙ୍କ ବାପା ମାଆ ଘଟଣାଦିନ କେତେବେଳେ ଘରୁ ବାହାରି • ପୃଷ୍ଠା ୫ ଦେଖନ୍ତୁ







ଛତ୍ରପୁର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଶ୍ରୀରାମ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ ତଥା ପ୍ରକୃତିବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟଅତିଥି ରୂପେ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଯୋଗଦେଇ ସମାଜରେ ଭାରତର ସଂସ୍କୃତି ଓ ପରମ୍ପରାର ପୁନରୁଦ୍ଧାରରେ ଶିଶୁବିଦ୍ୟାମନ୍ଦିରର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ବିଦ୍ୟାଳୟର ସଭାପତି ପଦ୍ମ ଚରଣ ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଉପସ୍ଥିତ ଅତିଥିମାନଙ୍କ ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବରିଷ୍ଠ ଆଚାର୍ଯ୍ୟ ସୁରେଶ କୁମାର ଆଚାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବରିଷ୍ଠ ଆଚାର୍ଯ୍ୟ କୈଳାସ ଚନ୍ଦ୍ର ଶତପଥୀ ରକ୍ଷାବନ୍ଧନ ଉତ୍ସବ ପାଳନର ତାତ୍ପର୍ଯ୍ୟ କହିଥିଲେ । ପୂର୍ବରୁ ଆୟୋଜିତ ଆଚାର୍ଯ୍ୟ ନିବନ୍ଧ ପ୍ରତିଯୋଗିତାର କୃତୀ ଆଚାର୍ଯ୍ୟା ଆଚାର୍ଯ୍ୟାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ପ୍ରକୃତିବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଂପାଦକ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ କୋଷାଧ୍ୟକ୍ଷ ସିମାଞ୍ଚଳ ପାତ୍ର ଓ ସଦସ୍ୟ ରାମ ପ୍ରସାଦ ପଟ୍ଟନାୟକ ଉପସ୍ଥିତ ଥିଲେ । ଶେଷରେ ଶିଶୁମାନଙ୍କୁ ରକ୍ଷାବନ୍ଧନ କରାଯାଇଥିଲା, ତତ୍‌ସହିତ ଶିଶୁ ଓ ଆଚାର୍ଯ୍ୟ ମାନଙ୍କ ସହଯୋଗରେ ନଗରର ବିଭିନ୍ନ ଅଞ୍ଚଳରେ ରକ୍ଷାବନ୍ଧନ କରାଯାଇଥିଲା।ଏଥିରେ ମାତୃଭାରତୀର ସଭାପତିଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ସଡ଼କ ସୁରକ୍ଷା ବାର୍ତ୍ତା ବାଣ୍ଟିଲେ 'ରାକ୍ଷୀ' ବାନ୍ଧି




ବାରିପଦା:(ଭାସ୍କର ନ୍ୟୁଜ୍):ମୟୂରଭଞ୍ଜ ଜିଲ୍ଲା ପରିବହନ କାର୍ଯ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତାରେ ନୂତନ ଓ ସୃଜନଶୀଳ ପଦକ୍ଷେପ ଗ୍ରହଣ କରିଥିବା ଦେଖିବାକୁ ମିଳିଛି। ବାରିପଦା ସହର ସଂଲଗ୍ନ ଜାତୀୟ ରାଜପଥ-୪୯ ରେ ଅବସ୍ଥିତ ଦାମଦୋରପୁର ଅରୁଣ ଉଦୟ +୨ ଆବାସିକ ବିଦ୍ୟାଳୟର ଛାତ୍ରୀମାନଙ୍କ ସହଭାଗୀତାରେ ଏମ୍.ଭି.ଆଇ, ଆଡିସନାଲ୍ ଆର୍‌ଟି.ଓ ଓ ଅନ୍ୟାନ୍ୟ କର୍ମଚାରୀମାନେ ପଥଚାରୀଙ୍କୁ ରାକ୍ଷୀ ବାନ୍ଧି ସଡ଼କ ସୁରକ୍ଷାର ବାର୍ତ୍ତା ବାଣ୍ଟି ଜନ ସଚେତନତା କରିଛନ୍ତି ।ଏହି ଅଭିଯାନରେ ବିଦ୍ୟାର୍ଥୀ ଭଉଣୀମାନେ ସଡ଼କ ସୁରକ୍ଷା ସିଗ୍ନାଲ ସଜ୍ଜିତ ବିଶେଷ ରାକ୍ଷୀ ପଥଚାରୀଙ୍କ ହାତରେ ବାନ୍ଧି 'ଭାଇ, ତତେ ମୋର ରହିଲା ରାଣ—ସଡ଼କ ସୁରକ୍ଷା ନିୟମ ମାନ' ବୋଲି ସନ୍ଦେଶ ଦେଇଥିଲେ। ଏଭଳି ସୁନ୍ଦର ଓ ସ୍ୱତନ୍ତ୍ର ପଦକ୍ଷେପ ପାଇଁ ଜିଲ୍ଲା ପରିବହନ କାର୍ଯ୍ୟାଳୟର ଅଧିକାରୀମାନଙ୍କୁ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା ମିଳିଛି।

# କେନ୍ଦୁଝରରେ ରାତ୍ରକାଳୀନ ସଫେଇ କାର୍ଯ୍ୟ ଆରମ୍ଭ

କେନ୍ଦୁଝର(ଭାସ୍କର ନ୍ୟୁଜ୍):କେନ୍ଦୁଝର ସହରରେ ରାତ୍ରକାଳୀନ ସଫେଇ କାର୍ଯ୍ୟ ଗତକାଲି ଠାରୁ ଆରମ୍ଭ ହୋଇଛି । ଭୁବନେଶ୍ୱର,କଟକ ମହାନଗର ନିଗମ ଭଳି କେନ୍ଦୁଝରଗଡ ପୌରପାଳିକା ପକ୍ଷରୁ ପ୍ରଥମ ଥର ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ୭ ତାରିଖ ଠାରୁ କେନ୍ଦୁଝର ପୌରପାଳିକାରେ ନୂତନ ଭାବେ କାର୍ଯ୍ୟାଦେଶ ପାଇଥିବା ୩ ଟି ଏଜେନ୍ସିକୁ ଏହାର ଦାୟିତ୍ୱ ଦିଆଯାଇଛି । ଉକ୍ତ ୩ ଏଜେନ୍ସି ଦିନରାତି ସଫେଇ କାମ କରିବେ । ୨୧ଟି ୱାର୍ଡକୁ ୩ ଭାଗରେ ବିଭକ୍ତ କରି ୩ଟି ଏଜେନ୍ସିକୁ ସଫେଇ କାର୍ଯ୍ୟ ଦିଆଯାଇଛି । ରାତ୍ରକାଳୀନ ସଫେଇ କାର୍ଯ୍ୟ କେବଳ କେନ୍ଦୁଝର ସହରର ମୁଖ୍ୟ ରାସ୍ତାରେ ନିୟୋଜିତ ହେବେ । ଗାନ୍ଧୀଛକ ଠାରୁ ମଣ୍ଡୁଆ ଏବଂ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ମୁଖ୍ୟ ଗେଟ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଫେଇ କରାଯିବ । ୩୦ଜଣ ମହିଳା ଓ ପୁରୁଷ ସଫେଇ କର୍ମଚାରୀ ରାତି ୯ଟାରୁ ସଫେଇ କାମ କରିବେ ବୋଲି କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ସୂଚନା ଦେଇଛନ୍ତି ।

# ଅସରାଏ ବର୍ଷାରେ ଧୋଇଗଲା ରାସ୍ତା, ପାଣିରେ ପଡିବ ୮ କୋଟି

## ବାଇପାସ୍ ନିର୍ମାଣରେ ଗୁରୁତର ତ୍ରୁଟି



ଗୋପ (ଭାସ୍କର ନ୍ୟୁଜ୍): ଗୋପ ଜଳସମ୍ପଦ ବିଭାଗ ଅଧିନ ମୁଖ୍ୟ କେନାଲ ଉପରେ ନିର୍ମାଣାଧିନ କୁଶୁପୁରୁ ବାହାଣିଆ ଠାରୁ ବାୟାକୁଦା ତହସିଲ ପର୍ଯ୍ୟନ୍ତ ବାମ ପାର୍ଶ୍ୱରେ ଥିବା କେନାଲ ବନ୍ଧ ଉପରେ ୮.୧୦ କୋଟି ଟଙ୍କାର ବାଇପାସ୍ ରାସ୍ତା ଏବେ ଅସରାଏ ବର୍ଷାରେ ଧୋଇ ହୋଇଯାଇଛି । ରାସ୍ତା ନିର୍ମାଣରେ ଠିକାଦାରଙ୍କ ସହିତ ଯନ୍ତ୍ରୀଙ୍କ ଭିତିରିଆ ବୁଝାମଣା ଏବେ ବାଇପାସ୍‌ର ନିର୍ମାଣରେ ଗୁରୁତର ତ୍ରୁଟି ସାମ୍ନାକୁ ଆଣିଛି । ରାସ୍ତାର ଅନେକ ସ୍ଥାନରେ ମାଟି ଧସିଯାଇ କେନାଲ ଭିତରକୁ ପସିଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବେ ରାସ୍ତାର ଉଭୟ ପାର୍ଶ୍ୱରେ ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ଆବଶ୍ୟକ ମାଟି କୁ କେନାଲ ଶଯ୍ୟାରୁ ଚୋରି କରିନିଆଯାଇଥିଲା । କେନାଲ ଶଯ୍ୟାରୁ ଚାରି ଫୁଟ୍ ମାଟି ଉଠାଇ ନେବା ପରେ ଉକ୍ତ ମାଟିକୁ ବଡ ମେସିନ୍ ସାହାଯ୍ୟରେ ଉକ୍ତ ବନ୍ଧ ଉପରେ ପକାଇ ନିର୍ମାଣ କରିଥିଲେ । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ କରିବା ସହିତ ପ୍ରତିଫଳନରେ ନିମାପଡା ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ବଦଳି ହେବାକୁ ପଡିଥିଲା । ମାତ୍ର ଯେଉଁ ଚାରିଫୁଟ୍ ମାଟି କେନାଲ ଶଯ୍ୟାରୁ ଉଠିଥିଲା ତାହାକୁ ପୂରଣ କରିବା ବଦଳରେ ଠିକାଦାର ତାକୁ ଅଣଦେଖା କରିଦେବା ପରେ ମଧ୍ୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇନଥିଲା । ଯଦ୍ୱାରା କେନାଲ ପାଣି ଆସିବା ପରେ ବନ୍ଧର ଭିତର ପାର୍ଶ୍ୱରୁ ଅତଡି ଖସିବାରେ ଲାଗିଛି । ଏହା ହିଁ ବିଭାଗ ଓ ଠିକାଦାର ଚାହୁଁଥିଲେ । କାରଣ ଅତଡି ଖସିବା ପରେ କେନାଲ ଭିତରୁ ଖୋଳାଯାଇଥିବା ସ୍ଥାନ ଗୁଡିକ ପୂରଣ ହୋଇଯିବ । କେନାଲ ପାଣି ଦୀର୍ଘ ଚାରି ମାସ ଚାଲିବ ଏବଂ ଛାଡିବା ପରେ ଉକ୍ତ ସ୍ଥାନ ଉକ୍ତ ଅତଡି ଦ୍ୱାରା ପୂରଣ ହୋଇ ସାରିଥିବ । ଯାହା ବିଭାଗ ର ଏକ ନୂଆ ସ୍କାମ ଭାବେ ଉଭା ହୋଇଛି । ଏ କେବଳ ଗୋଟିଏ ସ୍ଥାନ ନୁହେଁ ସମସ୍ତ କେନାଲ ବନ୍ଧ ଓ ନଦୀବନ୍ଧ ନିର୍ମାଣ ସମୟରେ ଏହି ଭଳି ଭାବେ କେନାଲ ଓ ନଦୀ ବନ୍ଧକୁ କାଟି ଉକ୍ତ ମାଟିକୁ ବନ୍ଧ ନିର୍ମାଣରେ ଲଗାଇବା ଦ୍ୱାରା ନଦୀ ବନ୍ଧ ଓ କେନାଲ ବନ୍ଧ ବିପଦରେ ରହୁଛି । ସୂଚନାଯୋଗ୍ୟ ଯେ, ଗୋପ ବଜାରର ଟ୍ରାଫିକ୍ ସମସ୍ୟା ଏବେ ଗୁରୁତର ହେବାରୁ ତତ୍କାଳୀନ ବିଧାୟକ ତଥା ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହାର ଶିଳାନ୍ୟାସ କରିଥିଲେ । ଉଦ୍ଦେଶ୍ୟ ରହିଥିଲା ଗୋପ ବଜାରର ଦକ୍ଷିଣ ପାର୍ଶ୍ୱରେ ଥିବା ମସାଣି କେନାଲ ଓ ବାମ ପାର୍ଶ୍ୱରେ ଥିବା କୁଶଭଦ୍ରା ନଦୀ ବନ୍ଧ ଉପରେ ବାଇପାସ୍ ନିର୍ମାଣ କରାଗଲେ ଗୋପ ବଜାରରେ ଆଉ ଟ୍ରାଫିକ ସମସ୍ୟା ଦେଖାଦେବ ନାହିଁ । ମାତ୍ର ଏକ ମହତ୍ୱାକାଂକ୍ଷୀ ଯୋଜନା ଏବେ ବିଭାଗ ଓ ଠିକାଦାର ଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁଁ ନଷ୍ଟ ହେବାରେ ଲାଗିଛି । ଅନ୍ୟପକ୍ଷରେ ବର୍ଷକରେ ଲକ୍ଷାଧିକ ପର୍ଯ୍ୟଟକ ଆନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳ କୋଣାର୍କକୁ ଛୁଟି ଆସିଥାଆନ୍ତି । କିଏ ବଣଭୋଜି କରିବାକୁ ତ କିଏ ସୂର୍ଯ୍ୟୋଦୟକୁ ଦେଖିବା ନିମନ୍ତେ । ମାତ୍ର ଏଥିରେ ବାଧକ ସାଜିଥାଏ ଗୋପ ବଜାରର ଟ୍ରାଫିକ୍ । ହଜାର ହଜାର ଗାଡି ଦୀର୍ଘ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫସି ରହିଥାଆନ୍ତି। କଲବଲ ହୋଇଥାଆନ୍ତି ପର୍ଯ୍ୟଟକ । ଏହି ଦୁଇଟି ରାସ୍ତା ନିର୍ମାଣ ହେବା ପରେ ଗୋପରେ ଟ୍ରାଫିକ୍ ସମସ୍ୟା ୯୦ ପ୍ରତିଶତ ଦୂର ହେବ ବୋଲି ତତ୍କାଳୀନ ବିଧାୟକ ଶ୍ରୀଯୁକ୍ତ ଦାଶ କହିଥିବା ବେଳେ ଜଳସମ୍ପଦ ବିଭାଗର ଯନ୍ତ୍ରୀ ଓ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି ଗୋପ ବ୍ଲକ ଦୁର୍ନୀତି ନିବାରଣ ମଂଚର ଆବାହକ ଗଙ୍ଗାଧର ପାଇକରାୟ ।

# 'ସୂତା ଖିଏ ସଂପର୍କର, ପ୍ରତିଶ୍ରୁତି ସୁରକ୍ଷାର'କାର୍ଯ୍ୟକ୍ରମ ଆୟୋଜିତ




ବାରିପଦା(ଭାସ୍କର ନ୍ୟୁଜ୍): ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ପର୍ବ ରକ୍ଷାବନ୍ଧନକୁ ଏବେ କେବଳ ପାରିବାରିକ ପରିସରରେ ସୀମିତ ନରଖି ସମାଜରେ ବିଶ୍ୱାସ, ସମ୍ମାନ ଓ ପରସ୍ପର ସୁରକ୍ଷାର ବାର୍ତ୍ତା ପ୍ରଚାର କରିବାରେ ପ୍ରତୀକ ଅର୍ଗାନାଇଜେସନ୍ ଫର୍ ସୋସିଆଲ୍ ଡେଭେଲପମେଣ୍ଟ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରିଛି। 'ସୂତା ଖିଏ ସଂପର୍କର, ପ୍ରତିଶ୍ରୁତି ସୁରକ୍ଷାର' ନାମକ ବିଶେଷ କାର୍ଯ୍ୟକ୍ରମରେ ସଂଗଠନର ସଦସ୍ୟମାନେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପରିସରରେ ପ୍ରତିବଦଳ ରେ ନାରୀ ସମାଜର ସୁରକ୍ଷା ନିମନ୍ତେ ପ୍ରାର୍ଥନା କରିଥିଲେ। ଜିଲ୍ଲା ପ୍ରଶାସନର ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ରାକ୍ଷୀ ବାନ୍ଧିଥିଲେ। ଏଇ ଅବସରରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ପୋଲିସ୍ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି, ଏଡିଏମ୍ ନେତ୍ରାନନ୍ଦ ମଲ୍ଲିକ୍ , ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡା, ଜିଏସଟି କମିଶନର୍ କୁନିମଣି ମଲ୍ଲିକ୍,ଆଡିସନାଲ ଏସ୍. ପି ଶ୍ରୀ ଦୀପକ୍ କୁମାର ଗୋଛାୟତ ପ୍ରମୁଖ ବିଭାଗୀୟ ଅଧିକାରୀଙ୍କ ସମେତ ବହୁ କର୍ମଚାରୀ ଏଇ ନିଆଁରା ରକ୍ଷା ବନ୍ଧନରେ ସାମିଲ୍ ହୋଇଥିଲେ ଏବଂ ସଂଗଠନ ପରିବାରର ଭଉଣୀମାନଙ୍କୁ ହାତରୁ ରାକ୍ଷୀ ବାନ୍ଧି ସୁରକ୍ଷାର ପ୍ରତିଶ୍ରୁତି ସହ ସମ୍ମାନ ଓ ସମ୍ପର୍କର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏହି ଅବସରରେ, ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ପରସ୍ପରିକ ବିଶ୍ୱାସ, ସହଯୋଗ ଓ ସୁରକ୍ଷାବୋଧକୁ ଆହୁରି ଗଭୀର କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ପ୍ରତୀକ ସଂଗଠନ ପକ୍ଷରୁ କୁହାଯାଇଛିଯେ ଏହି ପଦକ୍ଷେପ କେବଳ ପରମ୍ପରାକୁ ଆଧୁନିକ ସମାଜିକ ଅର୍ଥ ଦେବା ନୁହେଁ, ବରଂ ପ୍ରଶାସନ ଓ ନାଗରିକଙ୍କ ମଧ୍ୟରେ ସାମୂହିକ ସୁରକ୍ଷା ଓ ଏକତାର ଶକ୍ତିଶାଳୀ ସନ୍ଦେଶ ପ୍ରେରଣ କରିଥାଏ। ଜିଲ୍ଲାପାଳ ଓ ପୋଲିସ୍ ଅଧିକ୍ଷକ ଏହି ପ୍ରୟାସକୁ ସ୍ୱାଗତ କରି କହିଛନ୍ତି। 'ରକ୍ଷାବନ୍ଧନ ପର୍ବରେ ଏପରି ସାମାଜିକ-ସାଂସ୍କୃତିକ ପଦକ୍ଷେପ କେବଳ ଉତ୍ସବର ମହତ୍ତ୍ୱକୁ ବୃଦ୍ଧି କରେ ତାହା ନୁହେଁ, ଏହା ଏକତା, ସମ୍ମିଳିତ ସୁରକ୍ଷା ଓ ପରସ୍ପର ସମ୍ପର୍କର ମଜବୁତ୍ ଭିତ୍ତି ସୃଷ୍ଟି କରେ।' ସମାଜରେ ପରସ୍ପର ସୁରକ୍ଷାବୋଧ, ଏକତା ଓ ବିଶ୍ୱାସର ସୁଦୃଢ ସନ୍ଦେଶ ପ୍ରଚାର କରିଥିବା ପ୍ରତୀକ ଅର୍ଗାନାଇଜେସନ୍‌ର ଏହି ପଦକ୍ଷେପ, ରକ୍ଷାବନ୍ଧନକୁ ଏକ ନୂତନ ଅର୍ଥ ଦେଇଥିବାରୁ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସ୍ୱେଚ୍ଛାସେବୀ ମହଲ ପର୍ଯ୍ୟନ୍ତ ସବୁଠି ଅଭିନନ୍ଦନର ସୁଅ ଛୁଟିଛି ।ଏଇ କାର୍ଯ୍ୟକ୍ରମରେ ସଂଗଠନର ପ୍ରତିଷ୍ଠାତା ଚେୟାରମ୍ୟାନ ପ୍ରତିମା ବାରିକ, ସମ୍ପାଦକ ପ୍ରବୀର କୁମାର ବାରିକଙ୍କ ସମେତ ସମାଜସେବୀ ମିତାଲି ଦାସ, ଶିବଶଙ୍କର ପାତ୍ର, ସମାଜସେବୀ ଅନାଦି ପଣ୍ଡିତ,ସମିଜସେବୀ ବିଶ୍ୱ ଜୀବନ ରଣା, ସୃଷ୍ଟିଧର ମହାନ୍ତ, ସୁଜିତ୍ କର୍ମକାର ତଥା ଅନ୍ୟାନ୍ୟ ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ରହିଥିଲେ।

# ଶାନ୍ତି ଶକ୍ତି ଭବନରେ ରକ୍ଷା ବନ୍ଧନ




ଆସିକା(ଭାସ୍କର ନ୍ୟୁଜ୍):ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବାକେନ୍ଦ୍ର ଶାନ୍ତି ଶକ୍ତି ଭବନର ନବ ନିର୍ମିତ ଜ୍ଞାନ ମଣ୍ଡପରେ ଏକ ଦିବସୀୟ ଅଖଣ୍ଡ ଯୋଗ ତପସ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି । ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ବ୍ରହ୍ମପୁର ସବ ଜୋନ୍ ପ୍ରଭାରୀ ରାଜଯୋଗିନୀ ମାଳା ଦିଦିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କୃଷି ଓ ଗ୍ରାମ ବିକାଶ ପ୍ରଭାଗ ମାଉଣ୍ଟ ଆବୁ ରାଜସ୍ଥାନରୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବରିଷ୍ଠ ରାଜଯୋଗ ଶିକ୍ଷକ ବ୍ରହ୍ମକୁମାର ରାଜୁ ଭାଇ ପରମାତ୍ମା ପିତାଙ୍କ ସନ୍ଦେଶ ଦେବା ଅବସରରେ ପ୍ରକାଶ କରିଥିଲେ ଯେ ଶିବପିତା ସମସ୍ତ ସନ୍ତାନଙ୍କୁ ଦୁଃଖ ଶୋକର ବନ୍ଧନରୁ ମୁକ୍ତ କରିବା ପାଇଁ ଧରାପୃଷ୍ଠରେ ଅବତରିତ ହୋଇ ଯେଉଁ ଯଜ୍ଞ ରଚନା କରିଛନ୍ତି ସେହି ଯୋଗ ଅଗ୍ନିରେ ଆତ୍ମା ତାର ଅବଗୁଣକୁ ବିସର୍ଜନ କରି ଦୈବୀ କୁଳର ଅଧିକାରୀ ହେବ ଏହା ହିଁ ଅବଶ୍ୟମ୍ଭାବୀ । କାର୍ଯ୍ୟକ୍ରମରେ ଆସ୍କା ବିଜ୍ଞାନ ମହା ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡା, ଆସିକା ଚିନିକଳର ପରିଚାଳନା ନିର୍ଦ୍ଦେଶକ ଡାଃ ସୁଶାନ୍ତ କୁମାର ପଣ୍ଡା,ଆସ୍କା ବାର ଆସୋସିଏସନର ପୂର୍ବତନ ସଭାପତି ସୁଧାଂଶୁ କୁମାର ପଣ୍ଡା, ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ଦୂର୍ଗା ପ୍ରସାଦ ପଣ୍ଡା ଓ ଚିନ୍ମୟ ମିଶନର ସଭାପତି ଲକ୍ଷ୍ମୀନାରାୟଣ ଗୁପ୍ତା ଉପସ୍ଥିତ ରହି ଉଦ୍‌ଘାଟନୀ ଉତ୍ସବରେ ପ୍ରଦୀପ ପ୍ରଜ୍ୱଳନରେ ଯୋଗଦାନ କରିବା ସହିତ ସହରବାସୀଙ୍କ ତରଫରୁ ରାଜଯୋଗୀ ରାଜୁ ଭାଇ ଓ ରାଜଯୋଗିନୀ ମାଳା ଦିଦିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ଏହି ଅବସରରେ ରାଜ ଯୋଗି ବ୍ରହ୍ମାକୁମାର ରାଜୁ ଭାଇଙ୍କୁ ସଂସ୍କୃତରେ ପ୍ରଶଂସା ପତ୍ର ପ୍ରଦାନ କରା ଯାଇଥିଲା । ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପାଞ୍ଚ ଶହ ଭଉଣୀ ଭାଇ ଏହି ଶିବିରରେ ଯୋଗ ଦେଇଥିଲେ।

# ସ୍କାଉଟ୍ ଗାଇଡ୍‌ମାନଙ୍କ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ

ଆସିକା (ଭାସ୍କର ନ୍ୟୁଜ୍): ଆସିକା ଗାୟତ୍ରୀନଗର ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିରର ରାମକୃଷ୍ଣ ସ୍କାଉଟ ଓ ଶାରଦା ଗାଇଡ୍ କମ୍ପାନୀ ଦ୍ୱାରା ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ସ୍କାଉଟ ମାଷ୍ଟର କମଳେନ୍ଦୁ ହୋତା ଗାଇଡ୍ କ୍ୟାପଟେନ କାଦମ୍ବିନୀ ହୋତା, ଲୀନକୁମାରୀ ସ୍ୱାଇଁ ଙ୍କ ସଂଯୋଜନାରେ ସ୍କାଉଟ ଗାଇଡ୍ ମାନେ ରାମକୃଷ୍ଣ ବିଦ୍ୟାମନ୍ଦିର ଛାତ୍ର ଛାତ୍ରୀମାନଙ୍କୁ ରକ୍ଷା ବନ୍ଧନ କରିବା ପରେ ଆସିକା ଆଦର୍ଶ ଥାନାକୁ ଯାଇ ସେଠାରେ ଉପସ୍ଥିତ ଥାନା କର୍ମଚାରୀ ମାନଙ୍କୁ ରାକ୍ଷୀ ବାନ୍ଧିଥିଲେ ଏହାପରେ ଆସିକା ଡିଭିଜନ ଚିକିତ୍ସାଳୟ, ଆସିକା କୋର୍ଟ ପରିସରରେ ପରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଙ୍କୁ ଏହି ଉତ୍ସବରେ ରକ୍ଷା ବନ୍ଧନ କରିଥିଲେ। ଏହାପରେ ଆସିକା ତ୍ରିବିଧେଶ୍ୱର ମନ୍ଦିର ସଫେଇ କାର୍ଯ୍ୟକ୍ରମ କରିଥିଲେ।

# କିନ୍ନର ସଂଘର ବସ୍ତ୍ରଦାନ କାର୍ଯ୍ୟକ୍ରମ



ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମା ମଙ୍ଗଳା କିନ୍ନର ସଙ୍ଘ ପକ୍ଷରୁ ଶ୍ରାବଣ ମାସ ଶେଷ ରାକ୍ଷୀପୂର୍ଣ୍ଣିମା ପୁର୍ଣିମା ତଥା ବଳଭଦ୍ରଙ୍କ ଜନ୍ମ ଅବସରରେ କୁଆଲୁ ଅଷ୍ଟଶମ୍ଭୁ ମନ୍ଦିର ଠାରେ ସଂଘର ମେମ୍ବର ମାନେ ଏକତ୍ରିତ ହୋଇ ମନ୍ଦିର ପ୍ରବେଶ ପଥ ସମ୍ମୁଖରେ ଉପସ୍ଥିତ ଥିବା ଦୁଖୀ, ଗରୀବ ନିଃସହାୟ ମାନଙ୍କୁ ଶନିବାର ବାସ୍ତ୍ରଦାନ କରିଥିଲେ ।ପରଜଙ୍ଗ କିନ୍ନର ସଙ୍ଘର ଯଥାସମ୍ଭବ ଆର୍ଥିକ ଅବସ୍ଥା ମୁତାବକ ଗତ ତୃତୀୟ ସୋମବାର ସଙ୍ଘ ପକ୍ଷରୁ ଏଠାରେ ପ୍ରସାଦ ସେବନ ବ୍ୟବସ୍ଥା କରିଥିଲାବେଳେ, ରକ୍ଷାବନ୍ଧନ ଦିନରେ ମନ୍ଦିର ପରିବେଶ ଜନଗହଳି ଦୃଷ୍ଟିରୁ ଏହିଭଳି ଅସହାୟ ଙ୍କ ପାଇଁ ପ୍ରତେକ ଆବଶ୍ୟକୀୟ ମୌଳିକ ସେବା ଜାରି ରହିବ ବୋଲି ସଙ୍ଘ ମୁଖ୍ୟ ମଲେଇ ଓ ମୋନାଲିଶା ବକ୍ତବ୍ୟ ରଖିଥିଲେ ।ଆଉ ମଧ୍ୟ ୧୪୯ ନଂ ଜାତୀୟ ରାଜପଥ ପରମହଂସପୁର ଷଣ୍ଢ ଛକଠାରୁ ଐତିହ୍ୟ ଅଷ୍ଟଶମ୍ଭୁ ମନ୍ଦିର ପର୍ଯ୍ୟନ୍ତ ଥିବା ରାସ୍ତାକୁ ଜନସାଧାରଣ ଙ୍କ ସୁବିଧା ପାଇଁ ଉନ୍ନତିକରଣ ନିମନ୍ତେ ସରକାରଙ୍କୁ ଗଣମାଧମ ଜରିଆରେ ନିବେଦନ ରଖିଥିଲେ ।ଏହି ସେବା କାର୍ଯ୍ୟକ୍ରମ ରେ ପାପାଲି, ଡ଼ାଇନା, ଚିଉ, ଲକି, ମାମାଲି, କରିନା, ଭବାନୀ, ତୋଫାନୀ, ଗୀତାଞ୍ଜଳି ପ୍ରମୁଖ ସଂଘର ମେମ୍ବର ମାନେ ସାମିଲ ହୋଇଥିଲେ ।

# ମେଗା ପାନୀୟ ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କେବେ !


ବଡ଼ଚଣା (ଭାସ୍କର ନ୍ୟୁଜ୍): ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ପାନୀୟ ଜଳ ଏକ ମୁଖ୍ୟ ସମସ୍ୟା ହୋଇଛି । ୪୩ ପଞ୍ଚାୟତରୁ ପାଖାପାଖି ୧୯ ପଞ୍ଚାୟତ ଉପର ମୁଣ୍ଡରେ ପାହାଡ଼ିଆ ଅଞ୍ଚଳ ଖରାଦିନେ ଜଳସ୍ତର ବହୁ ତଳକୁ ଖସିଯାଏ ଏବଂ ୧୬ ଜାତୀୟ ରାଜପଥ ତଳକୁ ୨୩ ପଞ୍ଚାୟତ କିଛି ପଞ୍ଚାୟତ ରେ ସବୁଦିନ ଲୁଣିଆ ପାଣି ନଳ କୂପରେ ବାହାରିବା ଯୋଗୁଁ ପିଇବା ଦୈନିକ ବ୍ୟବହାର କଷ୍ଟକର ହୋଇପଡେ ଏହି ପଞ୍ଚାୟତର ସାଧାରଣ ପାଣି ପାଇଁ ଉହଲ ବିକଳ ନାହିଁ ନଥିବାର ଅବସ୍ଥା ଭୋଗୁଛନ୍ତି। ଏହି ସମସ୍ୟାକୁ ସୁଧାରିବା ଲାଗି ପୂର୍ବ ସରକାର ପାନୀୟ ଜଳ ସମସ୍ୟା ଦୂର କରିବା ଲାଗି ମେଗା ପାନୀୟ ଜଳ ପ୍ରକଳ୍ପ ନାମରେ ଏକ ଠିକାଦାର କମ୍ପାନୀକୁ ନିୟୋଜିତ କରିଥିଲେ । କିନ୍ତୁ ଏହି ପ୍ରକଳ୍ପ କାମରେ ବାଧା ଉପୁଜିବାରୁ ନିର୍ମାଣ କାମ ସଠିକ ଢଙ୍ଗରେ ହୋଇପାରି ନଥିଲା । ଏ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ମନ୍ଥନ ସହ ଚାଲୁଥିଲା ଏଥି ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇ ସରକାର ବଦଳି ଯାଇଥିବାରୁ ନୂତନ ସରକାର ଏବଂ ବିଧାୟକ ହୋଇଥିବା ଦୁଇ ବର୍ଷ ଚାଲୁଥିବା ବେଳେ ଏ ମେଗା ପ୍ରକଳ୍ପ କାର୍ଯ୍ୟକ୍ଷମ ଏପର୍ଯ୍ୟନ୍ତ ହୋଇ ପାରିନାହିଁ। ଦୁଇଥର ଜିଲ୍ଲା ପ୍ରଶାସନ, ପ୍ରକଳ୍ପ ଅଧିକାରୀ ସ୍ଥାନୀୟ ବିଧାୟକଙ୍କ କେବଳ ସମୀକ୍ଷା କରି ରହିଥିବା ଦେଖିବାକୁ ମିଳୁଛି। ପୂର୍ବ ସରକାର ସମୟରେ ମେଗା ପାନୀୟ ଜଳ ପ୍ରକଳ୍ପର ବ୍ୟବସ୍ଥା କରାଯାଇଥିଲା, କିନ୍ତୁ ଏହି ପ୍ରକଳ୍ପ ନିର୍ମାଣ କାମକୁ ସଠିକ ଭାବେ ତତ୍କାଳୀନ ସରକାର ବୁଝି ନ ପାରିବାରୁ ଏହି ନିର୍ମାଣ କାମ ସଠିକ ଭାବେ ହୋଇ ପାରିନାହିଁ, ତେବେ ଗତ ଏକ ବର୍ଷ ପୂର୍ବେ ବଡ଼ଚଣା ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇପ ଲାଇନ ପାଖାପାଖି ୯୨ କିଲୋମିଟର ଲମ୍ବ ରହିଛି ।ନୂଆ ସରକାର ଆସିବା ପରେ ସମୀକ୍ଷା ଡକାଯାଇ ନିର୍ମାଣ ଦାୟିତ୍ୱରେ ଥିବା କମ୍ପାନୀ ଓ ସେମାନଙ୍କ ପ୍ରକଳ୍ପ ମୁଖ୍ୟଙ୍କୁ ଡାକି ଏକ ବୈଠକ କରିଥିଲେ। ଏହି ବୈଠକରେ ବଡ଼ଚଣା ବ୍ଲକରେ ଆଉ କେତେ ପାଇପ ଲାଇନ ବିଛା ହେବା ପାଇଁ ବାକି ଅଛି ଏବଂ ଏହାର ଏକ ବିସ୍ତୃତ ତଥ୍ୟ ସମ୍ପୃକ୍ତ ଠିକାଦାର କମ୍ପାନୀ ସମିକ୍ଷା ବୈଠକରେ ଜଣାଇଥିଲେ । ଏଠାରେ ଥିବା ମୋଟ ୪୩ ଟି ପଞ୍ଚାୟତ ମଧ୍ୟରୁ କୌଣସି ଗୋଟିଏ ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ହୋଇପାରିଲା ନାହିଁ । ତେବେ ବର୍ତ୍ତମାନ ଏହି ମେଗା କମ୍ପାନୀ ଦଶ ବର୍ଷରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ବାକି ଥିବା ୯୨ କିଲୋମିଟର ପାଇପ ଲାଇନ ମଧ୍ୟରୁ ଆଉ ମାତ୍ର ୧୯ କିଲୋମିଟର ପାଇପ ଲାଇନ ବିଛା ହେବାକୁ ବାକି ଥିବା ବେଳେ ଏହି ସରକାରକୁ ଏକ ବର୍ଷ ରୁ ଉର୍ଦ୍ଧ୍ୱ ଚାଲୁଥିବା ବେଳେ କାର୍ଯ୍ୟକାରୀ ହୋଇ ପାରିନାହିଁ। ଏହି ବ୍ଲକ ରେ ଦୁଇ ଟି ମେଗା ଜଳ ପ୍ରକଳ୍ପ ଅଧାପନ୍ତରିଆ ଭାବେ ଅଛି । ରାଜ୍ୟ ସରକାର ଜିଲ୍ଲା ପାନୀୟ ଜଳ ବିଭାଗ ଏଥିରେ ହାତ ବାନ୍ଧି ବସିଛି। ପ୍ରକଳ୍ପ ସମ୍ପୂର୍ଣ୍ଣ କେବେ ହେବ ସଠିକ ଉତ୍ତର ଦେଉ ନାହିଁ । ଠିକାଦାର ସଂସ୍ଥା ର ଅଧିକାରୀ ମାନଙ୍କ କହିବା ଅନୁଯାୟୀ ଆମମାନଙ୍କୁ କାର୍ଯ୍ୟ କରିବା ପାଇଁ ସାହାଯ୍ୟ ସହଯୋଗ ମିଳିନଥିବା ପ୍ରକାଶ କରୁଛନ୍ତି । ଏହି ପ୍ରକଳ୍ପ କାର୍ଯ୍ୟର ସମୟ ଅବଧି ସରିଗଲାଣି। ବଡ଼ଚଣା ବ୍ଲକରେ ଥିବା ସମସ୍ତ ପାନୀୟ ଜଳ ପ୍ରକଳ୍ପ ଶିଘ୍ର କାର୍ଯ୍ୟକ୍ଷମ ହେବା ସହିତ ପାନୀୟ ଜଳ ସମସ୍ୟା ଦୂର କରିବାକୁ ରାଜ୍ୟ ସରକାରଙ୍କୁ ଜନସାଧାରଣ ଦାବି କରିଛନ୍ତି।

# ଭାରୀଯାନ ଚଳାଚଳରୁ ସର୍ଭିସ ରୋଡ୍ ଶୋଚନୀୟ



କେନ୍ଦୁଝର(ଭାସ୍କର ନ୍ୟୁଜ୍):କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୫୨୦ର ରୁଗୁଡି ଏବଂ ଗୁଆଲି ଓଭରବ୍ରିଜର ସର୍ଭିସ ରୋଡରେ ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତା ଶୋଚନୀୟ ହୋଇ ବିପଦସଙ୍କୁଳ ହୋଇପଡିଛି । ରୁଗୁଡି ଠାରେ ସର୍ଭିସରୋଡରେ ଦୈନିକ ଖଣି ଏବଂ ନିକଟସ୍ଥ କାରଖାନାରୁ ବାହାରୁଥିବା ହଜାର ହଜାର ଟ୍ରକ ସର୍ଭିସରୋଡ ଦେଇ ଯାତାୟତ କରୁଥିବାରୁ ସର୍ଭିସରୋଡ ଗମନାଗମନ ଅନୁପଯୋଗୀ ହୋଇପଡିଛି । ବର୍ଷା ଦିନରେ ଭାରୀଯାନ ଚଳାଚଳ ଯୋଗୁଁ ସର୍ଭିସରୋଡ ଖାଲଖମାରେ ପରିଣତ ହୋଇଛି । ଲୋକଙ୍କ ଯାତାୟତ ପାଇଁ ଓଭରବ୍ରିଜ ର ଉଭୟ ପାର୍ଶ୍ୱରେ ସର୍ଭିସ ରୋଡ ଏନଏଚ୍ଏଆଇ ପକ୍ଷରୁ ନିର୍ମାଣ କରାଯାଇଥିଲା । ସର୍ଭିସ ରୋଡରେ ଗାଁ ଲୋକଙ୍କ ଯାତାୟତକୁ ଲକ୍ଷ୍ୟ ରଖି ପିଚୁ ରାସ୍ତା ନିର୍ମାଣ କରାଯାଇଥିଲା । ବିଶେଷ କରି ସର୍ଭିସରୋଡରେ ସ୍କୁଲ ବସ, ଅଟୋ, ବସ, ଚାରିଚକିଆ ଯାନ,ଆମ୍ବୁଲାନ୍ସ ଆଦି ଗାଡି ଚଳାଚଳ ରାସ୍ତା ନିର୍ମାଣ କରାଯାଇଥିଲା । ଗାଁ ଲୋକଙ୍କ ଯାତାୟତ ନିମନ୍ତେ ଉଦ୍ଦିଷ୍ଟ ରାସ୍ତାରେ ଶିଳ୍ପ ଏବଂ ଖଣିରୁ ହଜାର ହଜାର ଟ୍ରକ ଯାତାୟତ କରିବା ଫଳରେ ସର୍ଭିସରୋଡ ସମ୍ପୂର୍ଣ୍ଣ ନଷ୍ଟ ହୋଇ ବିପଦସଙ୍କୁଳ ହୋଇପଡିଛି । ଖଣିରୁ ବାହାରୁଥିବା ଟ୍ରକ, ହମ୍ପର, ହାଇୱା ଆଦି ଗାଡି ସର୍ଭିସରୋଡ ଦେଇ ଯାଉଥିବାରୁ ବର୍ଷା ଦିନରେ ଆଣ୍ଠୁଏ ବହଳର କାଦୁଅ ଜମା ହୋଇ ଲୋକଙ୍କ ଯାତାୟତରେ ଅସୁବିଧା ସୃଷ୍ଟି କରୁଛି। ବିଶେଷ କରି ବର୍ଷା ଦିନରେ ସର୍ଭିସରୋଡକୁ ଯିବା ଆସିବା ସମୟରେ କାଦୁଅ ରାସ୍ତା ଦେଇ ଆସୁଥିବାରୁ ସର୍ଭିସରୋଡ ନଷ୍ଟ ହୋଇପଡିଛି । କାଦୁଅ ରାସ୍ତାରେ ଯାତାୟତ ବେଳେ ବାଇକ ଆରୋହୀମାନେ ଅନେକ ସମୟରେ ପଡି ଆହତ ମଧ୍ୟ ହେଉଛନ୍ତି । ବର୍ଷା ଦିନ ପରେ ରାସ୍ତାରେ ଜମି ରହୁଥିବା କାଦୁଅ ଶୁଖି ଗାଡି ଚଳାଚଳ ସମୟରେ ଧୂଳି ଉଡି ବ୍ୟାପକ ବାୟୁ ପ୍ରଦୂଷଣ ସୃଷ୍ଟି କରୁଛି । ବିଶେଷ କରି ରୁଗୁଡି ଠାରେ ଥିବା ସର୍ଭିସ ରୋଡ ଦେଇ ଟୋପାଡିହି, ରୁଗୁଡି, ଲୋଇଡାପଦା ଗ୍ରାମର ଲୋକମାନେ ନାହିଁନଥିବା ଅସୁବିଧାରେ ପଡୁଛନ୍ତି । ସର୍ଭିସ ରୋଡର ଦୁରାବସ୍ଥା ନେଇ ସୋମବାର ଦିନ ସ୍ଥାନୀୟ ଜନସାଧାରଣ ଏକ ଅଭିନବ ପ୍ରତିବାଦ କରିଥିଲେ । ରାସ୍ତାରେ ଚାଷ ପାଇଁ ତଳି ରୁଆ କରିଥିବାବେଳେ ଏହି ଖବର ପ୍ରକାଶିତ ହେବା ପରେ ଚର୍ଚ୍ଚା ସୃଷ୍ଟି ହୋଇଥିବାବେଳେ ଲୋକଙ୍କ ସୁବିଧାକୁ ନେଇ ପୋଲିସ,ଆରଟିଓ ଓ ଜାତୀୟ ପ୍ରାଧିକରଣ କର୍ତ୍ତୃପକ୍ଷ ଠିକଣା ପଦକ୍ଷେପ ନେବେ ବୋଲି ମତବ୍ୟକ୍ତ ହୋଇଛି। ଏହି ସର୍ଭିସରୋଡରେ ଏକାଧିକ ଖଣି କମ୍ପାନୀର ଭାରୀଯାନ ଚଳାଚଳ କରୁଥିବା ଜଣାପଡିଛି । ସର୍ଭିସରୋଡକୁ କଂକ୍ରିଟ କରିବା ସହ ସଂପୂର୍ଣ୍ଣ ଭାବରେ ଭାରୀଯାନ ଚଳାଚଳ ବନ୍ଦ କରିବା କଥା,ମାତ୍ର ପ୍ରକାରନ୍ତେ ଏହାକୁ ପ୍ରୋତ୍ସାହନ ଦିଆଯାଉଥିବା ଅଭିଯୋଗ ହୋଇଛି । ଏ ନେଇ ଜାତୀୟ ରାଜମାର୍ଗ ପ୍ରାଧିକରଣ ବା ଏନ୍‌ଏଚ୍‌ଏଆଇର ପ୍ରକଳ୍ପ ନିର୍ଦ୍ଦେଶକ ମହେଶ ଗାମିଙ୍କ ସହ ଯୋଗାଯୋଗ କରିବାରୁ ସର୍ଭିସ ରୋଡ କୁ ପକ୍କା ରାସ୍ତା କରି ନିର୍ମାଣ ପାଇଁ କମ୍ପାନୀମାନଙ୍କ ସହ ଆଲୋଚନା କରାଯାଇଛି ବୋଲି ପ୍ରକାଶ କରିଛନ୍ତି ।

# ଗଜବନ୍ଧୁ ଅଭିଯାନର ଶୁଭାରମ୍ଭ




ବାରିପଦା(ଭାସ୍କର ନ୍ୟୁଜ୍): ହାତୀ ଓ ମଣିଷ ମଧ୍ୟରେ ବଢୁଥିବା ବିବାଦ ବର୍ତ୍ତମାନ ସମୟରେ ଏକ ବଡ ସମସ୍ୟା ଭାବେ ଉଭା ହୋଇଛି। ସରକାରୀ ସ୍ତରରେ ଲୋକଙ୍କ କ୍ଷୟ କ୍ଷତି ର ଭରଣା ପାଇଁ ବ୍ୟବସ୍ଥା କରାଯାଉ ଅଛି । ହାତୀର ସଠିକ୍ ଉପସ୍ଥିତି, କ୍ଷୟ କ୍ଷତିର ସଠିକ୍ ମୂଲ୍ୟାୟନ, ହାତୀକୁ କ୍ଷତି ନ ପହଞ୍ଚାଇବା ଓ ହାତୀ ସମ୍ପର୍କରେ ବ୍ୟାପକ ସଚେତନତା କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଗଜ ବନ୍ଧୁ ଅଭିଯାନ ହାତୀ ମଣିଷ ବିବାଦ କୁ ହ୍ରାସ କରିବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବ ଓ ଏଥିରେ ଗ୍ରାମବାସୀ, ପଞ୍ଚାୟତର ପ୍ରତିନିଧି, ଯୁବକ ସଂଘ,ମହିଳା ଗୋଷ୍ଠୀ, ପୋଲିସ ପ୍ରଶାସନ, ବିଜୁଳି ବିଭାଗ,ସ୍କୁଲ ଓ କଲେଜ ପିଲା ମାନଙ୍କୁ ସାମିଲ କରାଯିବ। ବାରିପଦା ବନଖଣ୍ଡ କାର୍ଯ୍ୟାଳୟ ପରିସରର ସଂକଳ୍ପ ସମ୍ମିଳନୀ କକ୍ଷରେ ଗଜବନ୍ଧୁ ଅଭିଯାନ ର ଶୁଭାରମ୍ଭ ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ପୂର୍ବତନ ବନଖଣ୍ଡ ଅଧିକାରୀ ଉମା ମହେଶ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଦ୍ୱାରା କରା ଯାଇଥିଲା। ବୈଠକରେ ଉପସ୍ଥିତ ସାମ୍ବାଦିକ ବନ୍ଧୁମାନେ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ ଯାହାକି କାର୍ଯ୍ୟକ୍ରମକୁ ଆହୁରି ମଜବୁତ କରିବାରେ ସହାୟକ ହୋଇପାରିବ। ପରିବେଶ ପ୍ରହରୀ ଓ ସ୍ୱାର୍ଡା ଓ ବାରିପଦା ବନଖଣ୍ଡର ମିଳିତ ଆନୁକୂଲ୍ୟରେ ଏହି ଅଭିଯାନ ଆରମ୍ଭ କରାଯାଉଛି ।ଉଭୟ ହାତୀ ଏବଂ ମଣିଷଙ୍କ ମୃତ୍ୟୁ ସଂଖ୍ୟାକୁ ଶୂନ୍ୟରେ ରଖିବା, ହାତୀ ଓ ମଣିଷ ମଧ୍ୟ ରେ ସହାବସ୍ଥାନ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ରହିବ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖବର କାଗଜରେ ମୁଖ୍ୟମନ୍ତ୍ରୀଙ୍କ ଆଲେଖ୍ୟ ନେଇ ପିସିସି ସଭାପତି ଭକ୍ତ ଦାସ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି କେଉଁଠି ଆହ୍ୱାନ କଲେ ମୁଖ୍ୟମନ୍ତ୍ରୀ ? ହଇଜାରେ କଣ ଆହ୍ୱାନ ନେଲେ.. ପିଇବା ପାଣି ଆଜି ବି ଦେଇ ପାରୁ ନାହାନ୍ତି। ମୁଖ୍ୟମନ୍ତ୍ରୀ କେବଳ ବୁଲୁଛନ୍ତି। ଗତବର୍ଷ ରଥଯାତ୍ରା ବେଳେ ବଳଭଦ୍ରଙ୍କୁ ତଳେ ପକେଇ ଦେଲେ, ଏ ବର୍ଷ ରଥଯାତ୍ରାରେ ଦଳା ଚକଟାରେ ୩ ଜଣ ମରିଗଲେ, ଅଫିସରଙ୍କୁ ମାଡ଼ ହେଉଛି, ପ୍ରଶ୍ନ ପତ୍ର ଲିକ ହେଉଛି। ତେବେ କେଉଁଠି ମୁଖ୍ୟମନ୍ତ୍ରୀ ମର୍ମାହତ ବୋଲି ପ୍ରଶ୍ନ କରିଛନ୍ତି ପିସିସି ସଭାପତି । ସେ କହିଛନ୍ତି ଏ ସରକାର କେବଳ କଥାରେ କାମ କରୁଛନ୍ତି । କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ନଜର ଦେଉନାହାନ୍ତି । ରାଜ୍ୟରେ ନାରୀ ନିର୍ଯାତନା ସହ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଏସବୁ ପ୍ରତି ଧ୍ୟାନ ଦେବା ଜରୁରି ବୋଲି ସେ କହିଛନ୍ତି ।



# ରାକ୍ଷୀ ରହିଲା ସାକ୍ଷୀ

## ପୂର୍ଣ୍ଣିମାରେ ପ୍ରଭୁ ବଳଭଦ୍ରଙ୍କ ତତ୍ତ୍ୱ ବିଷୟରେ ଆଲୋଚନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବଡ଼ ବାଡ଼ ଠାକୁର ବଳଭଦ୍ରଙ୍କ ଜନ୍ମଦିନ ଓ ଚତୁର୍ଦ୍ଧା ମୂର୍ତ୍ତିଙ୍କ ରକ୍ଷା ବନ୍ଧନ ପାଳନ ଓଡିଶାରେ ପ୍ରଥମ ଥର ମନ୍ଦିର ବାହାରେ ଜନ୍ମଉତ୍ସବ ପାଳନ ଚନ୍ଦ୍ରଶେଖର ପୁର ଦୁର୍ଗାପୂଜା ମଣ୍ଡପ ଫେଜ-୧ ରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଡ଼ ନାରାୟଣ ମହାପାତ୍ର ଘୋଷଣା କରି ଥିଲେ ସେ ସମସ୍ତ ଅନୁଷ୍ଠାନରେ ଜଣେ ଆଜୀବନ ସଦସ୍ୟ ହୋଇ ରହିବେ କୌଣସି ଅନୁଷ୍ଠାନରେ ପଦବୀରେ ରହିବେ ନାହିଁ, ପୂର୍ବରୁ ବିଭିନ୍ନ ଅନୁଷ୍ଠାନ ରେ ପଦବୀ ରେ ରହି ଯାହା ବି କାର୍ଯ୍ୟ କରାହୋଇଛି ତାହା ଈଶ୍ୱର ଆଶୀର୍ବାଦରୁ ହୋଉଛି। ଜୟ ଜଗନ୍ନାଥ ପରିବାର ଟ୍ରଷ୍ଟ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରଭୁ ବଳଭଦ୍ରଙ୍କ ତତ୍ତ୍ୱ ବିଷୟରେ ଆଲୋଚନା ସଭାରେ ସୁରେନ୍ଦ୍ର ଦାସ, ଡ଼ ବଦ୍ରୀନାଥ ପଟ୍ଟନାୟକ, ମନୋଜ ଲେଙ୍କା, ଡ଼ ଦାସ ବୀରେନ୍ଦ୍ର ମନୋହର, ମଧୁମାଧବ ଜେନା, ଗୌରାଙ୍ଗ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଥିଲେ । ସଭା ମଞ୍ଚକୁ ପ୍ରାର୍ଥନା ଚାନେଲର ଅଭିନନ୍ଦନ ଦାସ ପରିଚାଳନା କରିଥିଲେ।

ରକ୍ଷାବନ୍ଧନ ହେଉଛି ସ୍ନେହ ଓ ମମତାର ପ୍ରତୀକ । ଭାଇ-ଭଉଣୀ ମଧ୍ୟରେ ଅଭୁଲା ସ୍ମୃତିର ସମ୍ପର୍କ । ଭଉଣୀଟିଏ ଭାଇ ହାତରେ ରାକ୍ଷୀ ବାନ୍ଧି ସାରିଲା ପରେ ତାର ଶୁଭ ମନାସୀ କହିଥାଏ ଏ ରାକ୍ଷୀ ରହିଲା ସାକ୍ଷୀ । ମୋ ବିପଦ ଆପଦରେ ତୁ ମୋତେ ସାହା ହେବୁ । ଏହାଛଡ଼ା ଏହି ପବିତ୍ର ଦିନ ହେଉଛି ପ୍ରଭୁ ବଳଦେବଙ୍କ ଜନ୍ମଦିନ । ତେଣୁ ଓଡ଼ିଶାର ଆବାଳବୃଦ୍ଧବନିତା ଏହି ପର୍ବକୁ ଭକ୍ତି ଓ ନିଷ୍ଠାର ସହ ପାଳନ କରିଥାନ୍ତି ।

### କେଭି ସିଂହଦେଓଙ୍କୁ ରାକ୍ଷୀ ବାନ୍ଧିଲେ ପ୍ରଭାତୀ ପରିଡା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେଭି ସିଂହଦେଓଙ୍କୁ ରାକ୍ଷୀ ବାନ୍ଧିଲେ ପ୍ରଭାତି ପରିଡା । ପବିତ୍ର ରାକ୍ଷୀ ପୂର୍ଣ୍ଣମା ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା ଜନସେବା କ୍ଷେତ୍ରରେ ସବୁବେଳେ ଭାତୃପ୍ରତିମ ଶ୍ରଦ୍ଧା ଓ ପ୍ରେରଣା ଦେଇଆସିଥିବା କେଭି ସିଂହଦେଓଙ୍କୁ ରାକ୍ଷୀ ବାନ୍ଧି ଆଶୀର୍ବାଦ ନେଲି ବୋଲି ପ୍ରଭାତି ପରିଡା କହିଛନ୍ତି ।



### ରକ୍ଷା ବନ୍ଧନରେ ପରିବହନ ବିଭାଗର ସୁରକ୍ଷା ବାର୍ତ୍ତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରକ୍ଷା ବନ୍ଧନରେ ପରିବହନ ବିଭାଗର ସୁରକ୍ଷା ବାର୍ତ୍ତା । ସଡକ ସୁରକ୍ଷା ବାର୍ତ୍ତା ଥିମ୍ ରାକ୍ଷୀ ପିନ୍ଧାଇଲା ବିଭାଗ । କମିଶନର ଓ ଟ୍ରାଫିକ ଥାନା ଅଧିକାରୀଙ୍କ ଉପସ୍ଥିତିରେ ପାଳନ ହେଲା ରାକ୍ଷୀ ପୂର୍ଣିମା । ଘରୁ ବାହାରିଲେ ସଡକ ସୁରକ୍ଷା ନିୟମକୁ ପାଳନ କରିବା ପାଇଁ ବିଭାଗ କରାଇଲା ସଚେତନତା ।

ସବୁଜ ସଂକଳ୍ପର ବାର୍ତ୍ତା

### ରାକ୍ଷୀ ସବୁଜ ସମ୍ପର୍କର ସାକ୍ଷୀ ହେଉ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୁରକ୍ଷାର ପର୍ବ ରକ୍ଷାବନ୍ଧନକୁ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ବୃକ୍ଷପ୍ରେମୀମାନେ ନିଆରା ଭାବେ ପାଳନ କରିଛନ୍ତି । ରାଖୀ ସବୁଜ ସମ୍ପର୍କର ସାକ୍ଷୀ ହେଉ ବୋଲି ରକ୍ଷାବନ୍ଧନ ପର୍ବରେ ବୃକ୍ଷପ୍ରେମୀମାନେ ମତ ପ୍ରକାଶ କରିବା ସହ ବୃକ୍ଷରେ ରାଖୀ ବାନ୍ଧି ସିନ୍ଦୂର, ଚନ୍ଦନ, ଫୁଲ ଦେଇ ପ୍ରକୃତିର ବନ୍ଦନା କରିଥିଲେ । ରକ୍ଷାବନ୍ଧନ ହେଉଛି ଅତୁଟ ସମ୍ପର୍କର ବନ୍ଧନ । ସେହିପରି ଗଛ ସହ ଆମର ସମ୍ପର୍କ ରହିବା ଦରକାର । ଗଛ ଯେପରି ଅନ୍ତୁଡ଼ିଶାଳରୁ ଶ୍ମଶାନ ପର୍ଯ୍ୟନ୍ତ ନିଃସ୍ୱାର୍ଥପର ଭାବେ ଆମକୁ ସୁରକ୍ଷା ଦେଇଥାଏ ଠିକ୍ ସେହିପରି ଆମ୍ଭେମାନେ ଗଛ ପ୍ରତି ସେମିତି କର୍ତ୍ତବ୍ୟ ସମ୍ପାଦନ କରି ତା'ର ସୁରକ୍ଷା ଦେବା ସମସ୍ତଙ୍କ ପାଇଁ ଆଜିର ଦିବସରେ ସବୁଜ ସଂକଳ୍ପ ହେଉ ବୋଲି ବୃକ୍ଷପ୍ରେମୀମାନେ ଆଶା ପ୍ରକଟ କରିଥିଲେ । ପରିବେଶକର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସାଇ ସେବକ ନାରାୟଣ ପ୍ରଧାନ, ସବିତା ସାହୁ, ସୁମିତ୍ରା ଦାଶ, କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ପ୍ରମୁଖ ବୃକ୍ଷରେ ରାଖୀ ବାନ୍ଧିବା ସହ ତା'ର ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ ।



ରାଜ୍ୟସ୍ତରୀୟ ସମାରୋହରେ ଅଗଷ୍ଟ କ୍ରାନ୍ତି ବୀରଙ୍କୁ ଶ୍ରଦ୍ଧାଞ୍ଜଳି

## ସ୍ୱାଧୀନତାର ମୂଲ୍ୟ ଆମେ ସୁରକ୍ଷିତ ରଖିବା: ବାଚସ୍ପତି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତବର୍ଷକୁ ସହଜରେ ସ୍ୱାଧୀନତା ମିଳିନାହିଁ । ଆମେ ଏକ କଷ୍ଟଲବ୍ଧ ସ୍ୱାଧୀନତା ପାଇଛେ। ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ଓ ତ୍ୟାଗ ଫଳରେ ଆମକୁ ସ୍ୱାଧୀନତା ମିଳିଛି । ସେହି ସ୍ୱାଧୀନତାର ମୂଲ୍ୟକୁ ଆମକୁ ସୁରକ୍ଷିତ ରଖିବାକୁ ହେବ ବୋଲି ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଅଗଷ୍ଟ କ୍ରାନ୍ତି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଚସ୍ପତି ଅମର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ୧୯୪୨ ଅଗଷ୍ଟ ୮ ଓ ୯ ତାରିଖର ଇତିହାସକୁ ଅବଲୋକନ କରି ସେଦିନର ସେହି ଭାରତ ଛାଡ଼ ଆହ୍ୱାନ ଶେଷରେ ଇଂରେଜ ସରକାରକୁ ଦେଶ ଛାଡ଼ି ଚାଲିଯିବାକୁ ବାଧ୍ୟ କରିଥିଲା ବୋଲି ସେ କହିଛନ୍ତି। ବିରୋଧୀଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଦେବୀ ପ୍ରସାଦ ମିଶ୍ର, ଅମର ପ୍ରସାଦ ଶତପଥୀ, ବିଜେପିର ବରିଷ୍ଠ ନେତା କୃଷ୍ଣ ଜଗଦେବ, ସମୀର ମହାନ୍ତି, ଗାନ୍ଧିବାଦୀ ଲେଖକ ପ୍ରହ୍ଲାଦ ସିଂ, ସମାଜସେବୀ ପ୍ରଦ୍ୟୁମ୍ନ ଶତପଥୀ, ଶୋଭନୀୟ ଆନ୍ଦୋଳନର ଅଧ୍ୟକ୍ଷା ଡ. ଅରୁନ୍ଧତୀ ଦେବୀ, ସମାଜସେବୀ ମଧୁ ଭାଇ, କର୍ଣ୍ଣେଲ ଶରତ ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଏବଂ ସ୍ୱାଧୀନତା ସଂଗ୍ରାମୀ ଉତ୍ତର ଦାୟାଦ ସଂଗଠନର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଉଦବୋଧନ ଦେଇଥିଲେ। ରାଜ୍ୟ ସ୍ୱାଧୀନତା ସଂଗ୍ରାମ ସମିତିର ସଭାପତି ବିଦ୍ୟାଧର ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶହୀଦ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସମିତିର ସଂଯୋଜକ ପ୍ରଫେସର ଉପେନ୍ଦ୍ର ପାଢ଼ୀ ଓ ବିରୂପାକ୍ଷ ତ୍ରିପାଠୀ ସଂଯୋଜନା କରିଥିବାବେଳେ ଅଭୟ ବଡ଼ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୪ ପର୍ଯ୍ୟନ୍ତ ଚାଲିବ ଅପେରସନ 'ଗରୁଡ' ଅଭିଯାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଗତ ଅଗଷ୍ଟ ୧ ତାରିଖରୁ ରାଜ୍ୟର ସମସ୍ତ ଜିଲ୍ଲା ପୋଲିସ ଏସପିଙ୍କ ନେତୃତ୍ୱରେ ଅପେରସନ'ଗରୁଡ' ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନ ଚଳିତ ଅଗଷ୍ଟ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ସୂଚନା ଦେଇଛନ୍ତି। ଅପରାଧ ଏବଂ ଅପରାଧୀଙ୍କ ଉପରେ ରୋକ ଲଗାଇବାକୁ ଏହି ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଅଭିଯାନରେ ମୁଖ୍ୟତଃ ଜାମିନ ବିହୀନ ୱାରେଣ୍ଟକୁ କାର୍ଯ୍ୟକାରୀ କରିବା, ନିଶା ଦ୍ରବ୍ୟ ଚୋରା ଚାଲାଣକୁ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଜବତ ଏବଂ ଅପରାଧୀଙ୍କୁ ଗିରଫ କରିବା, ଜୁଆ ଆଡ୍ଡା ଉପରେ ଚଢ଼ାଉ ଏବଂ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଅପରେସନର ପ୍ରଥମ ସପ୍ତାହରେ ସମସ୍ତ ଜିଲ୍ଲାର ଏସପି ଓ ଅନ୍ୟାନ୍ୟ ଅଧିକାରୀ ସାମିଲ ହୋଇ ଅପରାଧ ଏବଂ ଅପରାଧୀଙ୍କୁ ରୋକିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅପରେସନ ସାରା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ଆଗାମୀ ଦିନରେ ମଧ୍ୟ ଅପରାଧ ଏବଂ ଅପରାଧୀମାନଙ୍କ ବିରୁଦ୍ଧରେ ଏହିପରି ଅଭିଯାନ ଜାରି ରହିବ ବୋଲି ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର କହିଛନ୍ତି।

## ପିସିସି ପକ୍ଷରୁ ପବିତ୍ର କ୍ରାନ୍ତି ଦିବସ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପବିତ୍ର ଅଗଷ୍ଟ ୯ କ୍ରାନ୍ତି ଦିବସ ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି। ସକାଳେ ଭୁବନେଶ୍ୱର କଳ୍ପନାଛକରେ ପ୍ରଦେଶ କଂଗ୍ରେସ ସଭାପତି କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତାଗଣ ରାଜ୍ୟ ସଂଗ୍ରହାଳୟ ସମ୍ମୁଖସ୍ଥ ସହୀଦ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ । କଂଗ୍ରେସ ଭବନ ପରିସରରେ ପିସିସି ସଭାପତି ଶ୍ରୀ ଦାସ ଏବଂ ଅନ୍ୟ ନେତୃବୃନ୍ଦ ମହାମନିଷୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ନିରଞ୍ଜନ ପଟ୍ଟନାୟକ, ଅନନ୍ତ ପ୍ରସାସ ସେଠୀ, ରାମଚନ୍ଦ୍ର ଖୁଣ୍ଟିଆ, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ଶୁଭେନ୍ଦୁ ମହାନ୍ତି, ବିଶ୍ୱଜିତ ଦାଶ, ଅଭୟ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ତୁଷାରକାନ୍ତୀ ଶତପଥୀ ଜିଏସ୍‌ଟି ଏଟିର ଜୁଡ଼ିସିଆଲ ମେମ୍ବର



କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶା ହାଇକୋର୍ଟର ଅଧିବକ୍ତା ତୁଷାରକାନ୍ତୀ ଶତପଥୀ ଜିଏସ୍‌ଟି ଏଟିର ଜୁଡ଼ିସିଆଲ ମେମ୍ବର ଭାବେ ରାଷ୍ଟ୍ରପତିଙ୍କ ଦ୍ୱାରା ଅଫିସ ଅର୍ଡ଼ର ନଂ. ଜେଏମ୍-୨/୨୦୨୫, ତା.୦୮/୦୮/୨୦୨୫ ଦ୍ୱାରା ନିଯୁକ୍ତି ପାଇଛନ୍ତି। ଶତପଥୀ କଟକ ସାମନ୍ତସାହିର ବାସିନ୍ଦା ଅଟନ୍ତି। ରାଣୀହାଟ ହାଇସ୍କୁଲର ପ୍ରତିଷ୍ଠାତା ଓ ପ୍ରଥମ ପ୍ରଧାନ ଶିକ୍ଷକ ସ୍ୱର୍ଗତ ବାଞ୍ଛାନିଧି ଶତପଥୀଙ୍କ ପୌତ୍ର ଏବଂ ଅଜିତକୁମାର ଓ ବିନୋଦିନୀ ଶତପଥୀଙ୍କ ସୁପୁତ୍ର ଅଟନ୍ତି। ଶତପଥୀଙ୍କ ନିଯୁକ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ଶତପଥୀ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମ୍ବିଧାନ ଏବଂ ଶିକ୍ଷା ଆଇନର ବିଷାରଦ ଭାବେ ପରିଚିତ।

### କମିସନରେଟ୍ ପୋଲିସ କବ୍‌ଜାରେ ବାଇକ୍ ଲୁଟେରା ଗ୍ୟାଙ୍ଗ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କମିସନରେଟ ପୋଲିସ କବଜାରେ ବାଇକ ଲୁଟେରା ଗ୍ୟାଙ୍ଗ। ଦୁଇଟି ଥାନା ଅଞ୍ଚଳରୁ ୫ ଜଣ ବାଇକ ଲୁଟେରାଙ୍କୁ ପୋଲିସ ଗିରଫ କରିବା ସହ ୧୫ଟି ବାଇକ ଜବତ କରିଛି । ଏନେଇ ପୋଲିସ କମିସନର ସୁରେଶ ଦେବଦତ୍ତ ସିଂ କହିଛନ୍ତି ଶନିବାର ଚୋରା ବାଇକକୁ ମାଲିକଙ୍କୁ ଫେରାଯିବ। ଏହାସହ ଚୋରା ବାଇକ ରିସିଭରଙ୍କୁ ମଧ୍ୟ ଗିରଫ କରାଯାଇଛି । ତେବେ ଗିରଫ ଅଭିଯୁକ୍ତ ମାନେ ହେଲେ ଆଶୁତୋଷ ବାଇଧର, ଜଗନ୍ନାଥ ବେହେରା, ରାଜେନ୍ଦ୍ର ବେହେରା, ପ୍ରତ୍ୟୁଷ କୁମାର ସିଂ ଏବଂ ରଞ୍ଜିତ କୁମାର ବେହେରା ।

ଶଙ୍ଖ ଭବନରେ ବିଶ୍ୱ ଆଦିବାସୀ ଦିବସ ପାଳିତ

## ଆଦିବାସୀଙ୍କ ସ୍ୱାର୍ଥକୁ ଭୁଲି ଯାଇଛନ୍ତି ରାଜ୍ୟ ସରକାର: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଗତ ୧୩ ମାସ ଶାସନ ସମୟରେ ଆଦିବାସୀମାନଙ୍କ ସ୍ୱାର୍ଥକୁ ଅଣଦେଖା କରିଛନ୍ତି । ଯେଉଁଥିପାଇଁ ଆଦିବାସୀ ଭାଇଭଉଣୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଜୁ ଜନତା ଦଳର ଆଦିବାସୀ ସେଲ୍ର ଆବାହକତ୍ୱରେ ଆଜି ରାଜ୍ୟସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ଶଙ୍ଖ ଭବନରେ ପାଳନ ହୋଇଥିଲା । ସକାଳୁ ଭଗବାନ ବିର୍ସା ମୁଣ୍ଡାଙ୍କ ସମେତ ବହୁ ଆଦିବାସୀ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯିବା ସହ ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ ଓ ଗୀତ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମକୁ ଆଦିବାସୀ ସେଲର ଅଧ୍ୟକ୍ଷ ମଙ୍ଗଳା କିଷାନ ଅଧ୍ୟକ୍ଷତା କରିଥିବା ବେଳେ ମିଡିଆ ସଂଯୋଜକ ତଥା ଆଦିବାସୀ ନେତା ଡ଼ ପ୍ରିୟବ୍ରତ ମାଝୀ ପରିଚାଳନା କରିଥିଲେ । ବିଜୁ ଜନତା ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ଅଶୋକ ପଣ୍ଡା, ସଞ୍ଜୟ କୁମାର ଦାସବର୍ମା, ସ୍ନେହାଙ୍ଗିନୀ ଛୁରିଆ, ମଙ୍ଗଳା କିଷାନ, ସୁଦାମ ମାରାଣ୍ଡି, ସୁଶାନ୍ତ ରାଉତ, ସୁଲୋଚନା ଦାସ, ବାସନ୍ତୀ ହେମ୍ବ୍ରମ, ମଞ୍ଜୁଲତା କହଁର, ମନ୍ମଥ ରାଉତରାୟ, ରାଜଶ୍ରୀ ମଲ୍ଲିକ, ପ୍ରଦୀପ ଦିଶାରୀ, ଡ଼ ଲେନିନ୍ ମହାନ୍ତି, ତୁମ୍ବନାଥ ପଣ୍ଡା, ଅରୂପ ଶ୍ରୀଚନ୍ଦନ, ସୋଫିଆ ଆଲାମ, ବିଜୟ ନାୟକ, ନାରାୟଣ ଜେନା, ଭାରତୀ ସିଂ, ବାସନ୍ତୀ ସିଂ, ସାଲକାନ୍ କିସ୍କୁ, କାରୁ ମୁର୍ମୁ ପ୍ରମୁଖ ଆଦିବାସୀ ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଦିବାସୀ ସେଲ୍ ଆବାହକ ମଙ୍ଗଳା କିଷାନ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ମିଡିଆ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ ସରକାରଙ୍କ ଆଦିବାସୀ ମାରଣା ନୀତି ବିରୋଧରେ ବର୍ଷିଥିଲେ । କାର୍ଯ୍ୟକ୍ରମ ଶେଷରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ଭାରତୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

ଭୁବନେଶ୍ୱରରେ ପ୍ରଥମଥର ପାଇଁ ଟାଇକନ- ୨୦୨୫ ଆୟୋଜିତ


## ଉଦ୍ୟୋଗୀଙ୍କୁ ସରକାରଙ୍କ ପୂର୍ଣ୍ଣ ସମର୍ଥନର ଆଶ୍ୱାସନା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୧୩ ବର୍ଷର ପ୍ରଭାବଶାଳୀ ଉପସ୍ଥିତି ପରେ ଟାଇ ଭୁବନେଶ୍ୱର ପକ୍ଷରୁ ଓଡ଼ିଶାର ରାଜଧାନୀରେ ଏକ ଜାତୀୟସ୍ତରୀୟ ଏବଂ ଆନ୍ତର୍ଜାତୀୟ ସ୍ୱୀକୃତିପ୍ରାପ୍ତ ଉଦ୍ୟୋଗିତା ସମ୍ମିଳନୀ, ଟାଇକନ ୨୦୨୫ ଆୟୋଜନ କରାଯାଇଛି। ଦୁଇଦିବସୀୟ ଏହି କାର୍ଯ୍ୟକ୍ରମ ଓଡ଼ିଶାର ଉଦ୍ୟୋଗିତା ଏବଂ ନବସୃଜନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ଚିହ୍ନିତ କରୁଛି। ଏହି ସମ୍ମିଳନୀରେ ଭାରତ ଏବଂ ଶ୍ରୀଲଙ୍କା, ସିଙ୍ଗାପୁର, ୟୁଏଇ (ଦୁବାଇ), ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶରୁ ଉଦ୍ୟୋଗୀ ଏବଂ ଚିନ୍ତକ ନେତୃବୃନ୍ଦ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାକୁ ବ୍ୟବସାୟ ଏବଂ ନବସୃଜନ ପାଇଁ ଏକ ଆକର୍ଷଣୀୟ ଗନ୍ତବ୍ୟସ୍ଥଳ ଭାବରେ ଉପସ୍ଥାପନ କରିବା ପାଇଁ ଟାଇକନ ୨୦୨୫ ଓଡ଼ିଶା ସରକାରଙ୍କ ସହଯୋଗରେ ଆୟୋଜିତ ହୋଇଛି। ଶୁଭାରମ୍ଭ ଦିବସରେ ଓଡ଼ିଶାର ଉଦ୍ୟୋଗିତା ପରିବେଶକୁ ସଶକ୍ତ କରିବା ପାଇଁ ଚାରୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉନ୍ମୋଚନ କରାଯାଇଥିଲା। ଏସମ୍ପର୍କରେ ଓଡ଼ିଶା ସରକାରଙ୍କ ହସ୍ତତନ୍ତ ଏବଂ ବୟନ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଓଡ଼ିଶାର ୫୭୪ କିଲୋମିଟର ଉପକୂଳରେଖାକୁ ନୀଳ ଅର୍ଥନୀତି ପାଇଁ ଏକ ବଡ଼ ସୁଯୋଗ ଭାବରେ ଉଲ୍ଲେଖ କରି ଉଦ୍ୟୋଗୀ ଏବଂ ବିନିଯୋଗକାରୀଙ୍କୁ ନବୀନ କ୍ଷେତ୍ରରେ ବିକାଶ ଆଣିବା ପାଇଁ ଉଦ୍ଭାବନ ଉପରେ ଧ୍ୟାନ ଦେବାକୁ ଆହ୍ୱାନ ଦେଇଛନ୍ତି। ସେ ଆଶ୍ୱାସନା ଦେଇଛନ୍ତି ଯେ ଓଡ଼ିଶା ସରକାର ଦକ୍ଷତା ବିକାଶ ଏବଂ ଷ୍ଟାର୍ଟଅପ୍ ପ୍ରୋତ୍ସାହନ ମାଧ୍ୟମରେ ଉଦ୍ୟୋଗୀଙ୍କୁ ସମର୍ଥନ ଜାରି ରଖିବେ। ଇଣ୍ଡଷ୍ଟ୍ରିଜ ଏବଂ ଆଇ ଆଣ୍ଡ ପିଆର ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଓଡ଼ିଶାର କଂଚାମାଲ ଆଧାରିତ ବିକାଶ, ଚାହିଦା-ଆଧାରିତ ବିକାଶ ଏବଂ ପ୍ରଯୁକ୍ତି-ଆଧାରିତ ବିକାଶ ଉପରେ ଧ୍ୟାନ ଦେଇ ଟାଇ ଭୁବନେଶ୍ୱର ଦ୍ୱାରା ସମର୍ଥିତ ହୋଇ ପ୍ରତ୍ୟେକ ଜିଲ୍ଲାରୁ ଦୁଇଜଣ ଉଦ୍ୟୋଗୀଙ୍କୁ ଚିହ୍ନଟ କରିବାକୁ ପ୍ରସ୍ତାବ ଦେଇଛନ୍ତି । ଏ ସମ୍ପର୍କରେ ଟାଇ ଭୁବନେଶ୍ୱରର ସଭାପତି ଅୟସକାନ୍ତ ମହାନ୍ତି କହିଛନ୍ତି ଯେ, 'ଉଦ୍ୟୋଗୀମାନେ ହେଉଛନ୍ତି ପରିବର୍ତ୍ତନକାରୀ ଏବଂ ରାଷ୍ଟ୍ର ନିର୍ମାତା। ଏହା ଉଦ୍ୟୋଗିତାର ଏକ ଉତ୍ସବ। ଟାଇ ଗ୍ଲୋବାଲ୍ର ସଭାପତି ମୁରଲୀ ବୁକାପାଟ୍ଟନମ୍ ଉଦ୍ୟୋଗୀମାନଙ୍କୁ ଆହ୍ୱାନ ଦେଇ କହିଛନ୍ତି, 'ନିଡର ଭାବରେ ନିର୍ମାଣ କର, ନିର୍ଭୟରେ ନେତୃତ୍ୱ ନିଅ ଏବଂ ଭୁବନେଶ୍ୱରକୁ ଏକ ଏପରି ସ୍ଥାନ ଭାବରେ ଗଢ଼ ଯାହାକୁ ବିଶ୍ୱ ଗଣନା କରେ। କେବଳ ଅନୁସରଣ କରିବା ନୁହେଁ, ସାହସର ସହିତ ନିର୍ମାଣ କର। ବିଶ୍ୱ ତୁମକୁ ଅପେକ୍ଷା କରୁଛି। ଏହି ଅବସରରେ ଟାଇ ଭୁବନେଶ୍ୱରର ଉପ-ସଭାପତି ସତ୍ୟବ୍ରତ ରଥ ଧନ୍ୟବାଦ ଜଣାଇଛନ୍ତି।



ଓଡ଼ିଶା ଭାସ୍କର
ଦୃଷ୍ଟିପାତ



"ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।"

-ଆଦି ଶଙ୍କରାଚାର୍ଯ୍ୟ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।"

-ବି.ଆର୍ ଆମ୍ବେଦକର



# ଏକ ପିଶାଚ କଣ୍ଢେଇର କାହାଣୀ



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

'ଆ ତୋର ମୋର ଚାଲେ କରିବା କଣ୍ଢେଇ ବାହାଘର, ପୁଅ ମୋର ଆଉ ଝିଅ ତୋର।' କଣ୍ଢେଇକୁ ନେଇ କେତେ ଗୀତ, ଯେତେ ଗପ। ସବୁଯୁଗରେ କଣ୍ଢେଇ ସବୁ ଛୋଟଝିଅଙ୍କର ପ୍ରଥମ ପସନ୍ଦର ଖେଳଣା। ଝିଅଟିଏ ଅବୁଝା ହେଲେ କଣ୍ଢେଇଟିଏ ଦେଇ ବୁଝେଇ ଦିଆଯାଏ। ରଙ୍ଗବେରଙ୍ଗର ଭଳିଭଳିକା କଣ୍ଢେଇ ଧରି କୁନିଝିଅଟି ବୁଝିଯାଏ। କଣ୍ଢେଇରେ ସେ ତା' ମା', ଭଉଣୀ ବା ନିଜକୁ ଦେଖି ସେହି ପ୍ରକାରର ସଜେଇ ଥାଏ। ଏମିତି କେତେ ଘଟଣା ଘଟିଛି ପିଲାଦିନର କଣ୍ଢେଇକୁ ଶେଷ ପର୍ଯ୍ୟନ୍ତ ଝିଅମାନେ ସାଇତି ରଖିଛନ୍ତି, କୋକେଇରେ ତାଙ୍କ ସହିତ ସେ କଣ୍ଢେଇ ଯାଇଛି। ସାଙ୍ଗମାନେ ମିଶିଗଲେ ତ କଣ୍ଢେଇ ବାହାଘର ଖେଳନ୍ତି। କେତେ ସାଙ୍ଗ ବଡ଼ ହେଲା ପରେ ସତରେ ନିଜ ପୁଅଝିଅଙ୍କୁ ବାହାଦେଇ ସମୁଦୁଣୀ ହୋଇ ଆଜୀବନ ସମ୍ପର୍କର ଡୋରରେ ବାନ୍ଧି ହୋଇଛନ୍ତି। କଣ୍ଢେଇ ଖାଲି ପ୍ଲାଷ୍ଟିକ୍, ଶଙ୍ଗ ବା କପଡ଼ାରେ ତିଆରି ନିର୍ଜୀବ ବସ୍ତୁଟିଏ ନୁହେଁ। ବରଂ ତା' ସହିତ ଆମରଣ ଯୋଡ଼ି ହୋଇଥାଏ ଭାବାବେଗ, ଠିକ୍ ପରିବାରର ସଦସ୍ୟଙ୍କ ପରି।

ବର୍ତ୍ତମାନ ସାରାବିଶ୍ୱରେ ଗୋଟିଏ କଣ୍ଢେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। କଣ୍ଢେଇଟି ହଙ୍ଗ୍‌କଙ୍ଗ୍‌ଜନ୍ମିତ କସିଙ୍ଗ୍ ଲଙ୍ଗ୍‌ଙ୍କ ଦ୍ୱାରା ତିଆରି। ଲଙ୍ଗ୍ ନେଦରଲ୍ୟାଣ୍ଡର ଉଟ୍ରେକ୍ଟ ଠାରେ ବଢ଼ିଥିଲେ ଏବଂ ବେଲ୍‌ଜିଅମ୍‌ର ଆଣ୍ଟୱାର୍ପ୍ ଠାରେ ଅବସ୍ଥାନ କରୁଛନ୍ତି। ପିଲାଦିନୁ ଲଙ୍ଗ୍ ୟୁରୋପୀୟ ବିଶେଷ କରି ନର୍ଡିକ୍ ବା ଉତ୍ତର ୟୁରୋପୀୟ ଦେଶମାନଙ୍କର ପରୀ ରାଇଜର କାହାଣୀ ଓ ଭୂତପ୍ରେତ କାହାଣୀ ଦ୍ୱାରା ଏତେ ମାତ୍ରାରେ ପ୍ରଭାବିତ ହୋଇଥିଲେ ଯେ ସେ ସେହି ଚରିତ୍ରମାନଙ୍କର ଚିତ୍ର ଆଙ୍କୁଥିଲେ। ସେଥିରୁ ଗୋଟିଏକୁ କଣ୍ଢେଇ ପରି ଗଢ଼ିଲେ। କାହାଣୀବର୍ଣ୍ଣିତ ଭୂତପ୍ରେତ ପରି ବଡ଼ବଡ଼ ଆଖି, ଗୋଜିଆ ନାକ, ଅଡୁଆ ଚୁଟି, ମୁନିଆଁ ଦାନ୍ତ ଏବଂ ଠିଆଠିଆ ଗୋଜିଆ କାନ – ଠିକ୍ ଯେମିତି ଗୋଟିଏ ଛୋଟପିଲା ମନରୁ ଭୂତ ବା ରାକ୍ଷସର ଚିତ୍ର ଆଙ୍କିଦିଏ। ହେଲେ ଏମିତି କଦାକାର ଚେହେରା ସତ୍ତ୍ୱେ କଣ୍ଢେଇଟି ଭିତରେ ଏକ ଛୋଟ ପିଲାର ଗୁଣ ଭର୍ତ୍ତି ହେବା ପରି ଲାଗୁଥିବାରୁ ଏହାକୁ ସମସ୍ତେ ଖୁବ୍ ଭଲ ପାଇଛନ୍ତି। ଦାନ୍ତ ଦେଖେଇ କୁତ୍ସିତ ହସ ହସି କଣ୍ଢେଇଟି ଯେମିତି କହୁଛି "ମୁଁ ଯେମିତି ମୋତେ ସେମିତି ଭଲ ପାଅ"।

ଲବୁବୁ ଲଙ୍ଗ୍‌ଙ୍କର ଧାରାବାହିକ କାହାଣୀ 'ଦି ମନସ୍ଟର୍ସ୍'ରୁ ରୂପ ନେଇଥିବା କଣ୍ଢେଇ ସିରିଜ୍‌ର ସଦସ୍ୟ ଭିତରୁ ଗୋଟିଏ। ଅନ୍ୟ ସଦସ୍ୟ 'ମୋକୋକୋ', 'ପାଟୋ', 'ସ୍କୁକି', 'ଟାଇକୋକୋ'ଙ୍କର ସର୍ଦ୍ଦାର ହେଉଛି କଣ୍ଟାଲାଞ୍ଜବାଲା 'ଜିମୋମୋ'। ହାଓ ଟୁ ୱର୍କ୍ (How2Work) କମ୍ପାନୀ ଦ୍ୱାରା ୨୦୧୫ ମସିହାରେ ପ୍ରଥମେ ତିଆରି ହୋଇଥିବା ଲବୁବୁ ଏବେ ବିଶ୍ୱରେ ନିଜର ଆଧିପତ୍ୟ ବିସ୍ତାର କରିଛି। ଏହି ବିଚିତ୍ର କଣ୍ଢେଇକୁ କିଣିବା ପାଇଁ ବର୍ତ୍ତମାନ ସମସ୍ତଙ୍କ ଭିତରେ ଏକ ପ୍ରକାର ପାଗଳାମି ଦେଖାଯାଇଛି। ୨୦୧୯ ମସିହାରେ ଚୀନ୍ କମ୍ପାନୀ 'ପପ୍ ମାର୍ଟ୍' ଏହାର ବିକ୍ରି ଆରମ୍ଭ କରିବା ପରେ ଚାହୁଁଚାହୁଁ ଏହା ପୃଥିବୀରେ ପ୍ରସିଦ୍ଧ ହୋଇଗଲା। ପ୍ରଥମେ ଏହାକୁ ବିକିବାକୁ ଇଚ୍ଛା କରୁ ନ ଥିବା 'ପପ୍ ମାର୍ଟ୍' ଲଙ୍ଗ୍‌ଙ୍କର ଅନୁରୋଧ କ୍ରମେ ସାରା ପୃଥିବୀର ପ୍ରସିଦ୍ଧ ଅଭିନେତ୍ରୀ, ଗାୟିକା, ଖେଳାଳୀ ଏବଂ ଅନ୍ୟ ପ୍ରସିଦ୍ଧ ମହିଳାଙ୍କ ଦ୍ୱାରା ଏହାର ବିଜ୍ଞାପନ କଲା। ଦକ୍ଷିଣ କୋରିଆର କେ-ପପ୍‌ଷ୍ଟାର୍ ଲିସା ୨୦୨୪ ମସିହାରେ ଏହା ସହିତ ନିଜର ଫଟୋ ଛାଡ଼ିବା ପରେ ଏହାକୁ ଅନ୍ୟ ସେଲିବ୍ରିଟି ରଖିଲେ। ତା' ପରେ ଚାହୁଁଚାହୁଁ ଏହାର ଲୋକପ୍ରିୟତା ପୃଥିବୀରେ ବ୍ୟାପିଗଲା। କଣ୍ଢେଇ ବିଷୟରେ ନ୍ୟୁୟର୍କ ମାଗାଜିନ୍‌ର ଲେଖିକା ଲିଜା କର୍ସିଲୋ କଣ୍ଢେଇର ଲୋକପ୍ରିୟତାର କାରଣରେ ଦର୍ଶାଇଛନ୍ତି ଯେ କଣ୍ଢେଇର ଦେହର ଗଠନ ଭୟ ସୃଷ୍ଟି କରୁଥିଲେ ମଧ ତାର ସୈତାନ୍ ହସରେ ଏକ ଅବୋଧ ଆକର୍ଷଣ ରହିଛି ଯାହା ଲୋକଙ୍କ ମନରେ ଆଶ୍ଚର୍ଯ୍ୟ ଓ ଉତ୍କଣ୍ଠା ସୃଷ୍ଟି କରେ। ଲବୁବୁ ବର୍ତ୍ତମାନ ଏକ ଫେସନ୍‌ରେ ପରିଣତ ହୋଇଛି।

## ମୁଦ୍ରା କାହାଣୀ

ଲୋକଙ୍କର ଆଗ୍ରହର ସୁଯୋଗ ନେଇ କମ୍ପାନୀ ଲୋକଙ୍କ ଭିତରେ ଉତ୍ସୁକତା ବଢ଼େଇ ଅଧିକ ବିକ୍ରି ପାଇଁ ବ୍ଲାଇଣ୍ଡ୍ ବକ୍ସ୍ ପାକେଜିଙ୍ଗ୍ ଅର୍ଥାତ ବିଭିନ୍ନ ରଙ୍ଗ, ଆକାର ଓ ପ୍ରକାରର ପିଶାଚକଣ୍ଢେଇ ଭିତରୁ କେଉଁଟି ବାକ୍ସ ଭିତରେ ଅଛି କେବଳ କିଣିକି ଖୋଲିବା ପରେ ଜଣାପଡ଼ିବାର ବିଚିତ୍ର ବ୍ୟାବସାୟିକ କୌଶଳକୌଶଳ ଆପଣେଇଛି। ଏହା ଫଳରେ ଥରେ ବାକ୍ସ ଖୋଲିବା ପରେ ସେଥିରେ ଯାହା ଅଛି ତାକୁ ରଖିବାକୁ ପଡ଼ିବ। କଣ୍ଢେଇର ନିଶା ଲୋକଙ୍କୁ ଏପରି ଘାରିଛି ଯେ ନିଜ ପସନ୍ଦର ରଙ୍ଗ ଓ ପ୍ରକାରର କଣ୍ଢେଇ ନ ମିଳିଲେ ସେମାନେ ପୂରା ଦୋକାନର କଣ୍ଢେଇ କିଣି ନେଉଛନ୍ତି। ଲବୁବୁ ଯେ କେବଳ କଣ୍ଢେଇ ହୋଇ ରହିଛି ତା ନୁହେଁ। ତାକୁ ବ୍ୟବହାର କରି ୨୦୨୩ ମସିହାରେ 'ଏକାଇଟିଂ ମାକାରନ୍' ଚାବି ରିଙ୍ଗ୍ ଆରମ୍ଭ ହେବା ପରେ 'ଫଲ୍ ଇନ୍ ୱାଇଲ୍ଡ୍', 'ହାଭ୍ ଏ ସିଟ୍' ଏବଂ 'ବିଗ୍ ଇନ୍‌ଟୁ ଏନର୍ଜି' ପରି ଚାବି ରିଙ୍ଗ୍ ଝିଅ ଓ ମହିଳାମାନଙ୍କର ଅତି ପ୍ରିୟ ହୋଇ ଭଲ ବ୍ୟବସାୟ କରୁଛି। ଲୋକେ ନିଜର ବଡ଼ପଣ ଦେଖେଇବାକୁ ଯାଇ ଫୁଲତୋଡ଼ା ଜାଗାରେ ଲବୁବୁ ତୋଡା, କେକ୍ ଜାଗାରେ ଲୁବୁବୁ କେକ୍ ଇତ୍ୟାଦି ଉପହାର ରୂପେ ଦେଉଛନ୍ତି।

ଦେଖିବାକୁ ମିଳିଛି ଇଂଲଣ୍ଡର ୟର୍କସାୟାର୍‌ରେ ଅବସ୍ଥିତ ମଦର୍ ସିପ୍ଟନ୍ ଗୁମ୍ଫାରେ ପର୍ଯ୍ୟଟକ ଝୁଲେଇଥିବା ଶହଶହ ଲବୁବୁ କଣ୍ଢେଇ ଖଣିଜପଦାର୍ଥ ମିଶା ପାଣିର ପ୍ରଭାବରେ ଆଶ୍ଚର୍ଯ୍ୟଜନକ ଭାବେ ପଥରକଣ୍ଢେଇରେ ପରିଣତ ହୋଇ ଯାଉଛନ୍ତି। ଅବସ୍ଥା ଏପରି ହୋଇଛି ଯେ ଲୋକ ସମାଧି ଉପରେ ଫୁଲ ଜାଗାରେ ଏହାକୁ ରଖୁଛନ୍ତି। ଲଣ୍ଡନସ୍ଥିତ କାର୍ଲ୍ ମାର୍କସ୍‌ଙ୍କ ସମାଧିରେ ଲବୁବୁ କଣ୍ଢେଇ ରଖାଯିବା ଉପରେ ବିଶ୍ୱ ସାରା ପ୍ରତିକ୍ରିୟା ପ୍ରକାଶ ପାଇଛି। ଲବୁବୁ ଭୋଗବାଦ ଓ ପୁଞ୍ଜିବାଦର ପ୍ରତୀକ ଭାବରେ ଦେଖା ଯାଉଥିବାରୁ ଏହି କାମ ସାମ୍ୟବାଦୀ ଚିନ୍ତାଧାରାକୁ ବିରୋଧ କରୁଛି ବୋଲି କୁହାଯିବା ବେଳେ ଅନ୍ୟ କେତେକ ଏହାକୁ ମହାନ ବିପ୍ଳବୀ ମାର୍କସ ଓ ସମାଧି ଭଳି ସ୍ଥାନର ଅପମାନ ବୋଲି କହିଛନ୍ତି।

ମାତ୍ର କିଛି ବର୍ଷ ଭିତରେ ଲୁବୁବୁ ଆଶାତୀତ ବ୍ୟାବସାୟିକ ସଫଳତା ଲାଭ କରିଛି। ସବୁଠୁ ଦାମୀ ଲବୁବୁ କଣ୍ଢେଇ ତା'ର ପ୍ରକୃତ ମୂଲ୍ୟର ୧୨୫ ଗୁଣ ଦାମ୍‌ରେ ବିକ୍ରି ହୋଇଛି। ଲକ୍ଷଲକ୍ଷ ସଂଖ୍ୟାରେ ଲକ୍ଷଲକ୍ଷ ଟଙ୍କାରେ ଲବୁବୁ ବିକ୍ରି କରି ସଂପୃକ୍ତ କମ୍ପାନୀ ମାଲେମାଲ୍ ହେଉଛି। ୨୦୨୩ ମସିହାରେ ଏହାର ବିକ୍ରି ୧୨୦୦ ଗୁଣ ବଢ଼ିଛି। ୨୦୨୪ ଏବଂ ୨୦୨୫ରେ ଏହାର ବିକ୍ରିରୁ କମ୍ପାନୀର ଆୟ ଯଥାକ୍ରମେ ୩୫ ହଜାର କୋଟି ଓ ର ୧୮ ଲକ୍ଷ କୋଟି ଟଙ୍କା। ୨୦୨୫ ମସିହା ସୁଦ୍ଧା ୩୦୦ ପ୍ରକାରର ବିଭିନ୍ନ ଆକାର ଓ ଉଚ୍ଚତାର କଣ୍ଢେଇ ତିଆରି ହେଲାଣି। ଏହାର ଲୋକପ୍ରିୟତା ଏତେ ବଢ଼ିଛି ଯେ ମାତ୍ର ତିନିଇଞ୍ଚର କଣ୍ଢେଇର ଦାମ୍ ୧୫ ଡଲାର ଠାରୁ ୩୧ ଇଞ୍ଚର ୯୬୦ ଡଲାର ପର୍ଯ୍ୟନ୍ତ ଏହା ମିଳୁଛି। ୨୦୨୫ ମସିହା ଜୁନ ମାସରେ ଚୀନ୍‌ରେ ଚାରିଫୁଟର ଗୋଟେ ଲୁବୁବୁ ଲକ୍ଷେ ସତୁରୀ ହଜାର ଡଲାରରେ ନିଲାମ ହୋଇଛି। ଭାରତୀୟ ଟଙ୍କାରେ ପ୍ରାୟ ଦେଢ଼ କୋଟି। ଲବୁବୁର ବିକ୍ରି ପରେ ପପ୍ ମାର୍ଟ୍‌ର ମୁଖ୍ୟ ୱାଙ୍ଗ୍ ନିଙ୍ଗ୍‌ଙ୍କର ଆୟ ମାତ୍ର ଗୋଟିଏବର୍ଷରେ ୨୦୨୪ରେ ୧.୮ ବିଲିଅନ୍ ଡଲାରରୁ ୨୧.୧ ଡଲାରରେ ପହଞ୍ଚିଛି।

ଲବୁବୁ ପୃଥିବୀର କଣ୍ଢେଇବଜାରକୁ ଅକ୍ତିଆର କରିଥିଲେ ହେଁ ସମାଲୋଚନା ଓ ଅଭିଯୋଗରୁ ମୁକ୍ତ ନୁହେଁ। ଅନେକ ଏହା ପ୍ରକୃତରେ ପିଶାଚ ପରି କାମ କରୁଛି ବୋଲି କହିଛନ୍ତି। ଲବୁବୁ ଆସିବା ପରେ ତାଙ୍କ ପୁଅ ବିଚିତ୍ର ବ୍ୟବହାର ଦେଖାଉଛି ବୋଲି ଭାରତର ପ୍ରସିଦ୍ଧ ହାସ୍ୟ ଅଭିନେତ୍ରୀ ଭାରତୀ ସିଂହ କହିଛନ୍ତି। ପୁଅ କଣ୍ଢେଇ ତାକୁ ମାରିବାର ଅଭିଯୋଗ ଆଣିବା ପରେ ସବୁ ଲବୁବୁ ସେ ଜାଳି ଦେଇଛନ୍ତି। କଣ୍ଢେଇ ଘରକୁ ବିଭିନ୍ନପ୍ରକାରର ନକାରାତ୍ମକ ପ୍ରଭାବ ଆଣୁଛି ବୋଲି ବହୁ ଲୋକଙ୍କର ଅଭିଯୋଗ। କିନ୍ତୁ ପପ୍ ମାର୍ଟ୍ ଏହାକୁ ଲବୁବୁର ସଫଳତା ପ୍ରତି ବିଭିନ୍ନ ଦେଶର ଈର୍ଷା ବୋଲି କହିଛି।

ଲବୁବୁ ଆସିବା ପରେ ଅନେକ ଦେଶର କଣ୍ଢେଇବ୍ୟବସାୟ ବିପଦରେ। ବର୍ତ୍ତମାନ ଅଭିଯୋଗ ଉଠୁଛି ବ୍ୟାବସାୟିକ ଆକ୍ରମଣ ସହିତ ଏହା ଦେଶମାନଙ୍କ ଉପରେ ଚୀନ୍‌ର ସାଂସ୍କୃତିକ ଆକ୍ରମଣ। ଦେଶମାନଙ୍କର ଲୋକକଥା ଓ ସଂସ୍କୃତିକୁ ନେଇ ଯେଉଁ କଣ୍ଢେଇ ତିଆରି ହେଉଥିଲା ତାହାର ଚାହିଦା ରହୁନି। ଫଳରେ ନିଜସ୍ୱ କଳା, ସଂସ୍କୃତି ଏବଂ ଲୋକକଥା ଧୀରେଧୀରେ ଲୋପ ପାଇଯାଉଛି। ଯୁବପିଢ଼ିଙ୍କ ପାଖରେ ଏହି କଣ୍ଢେଇ ପାଇଁ ଏକ ପ୍ରକାରର ପାଗଳାମି ଦେଖିବାକୁ ମିଳୁଛି। ଲବୁବୁର ଦାମ୍ ଅତି ଅଧିକ ଥିବା ସତ୍ତ୍ୱେ ଏହାର ଚାହିଦା ଦେଖିଲେ ଲାଗୁଛି ଆଜିର ଯୁବପିଢ଼ି ବାସ୍ତବତା ଠାରୁ ଦୂରେଇ ଯାଇ ଗୋଟିଏ କାଳ୍ପନିକ ଦୁନିଆରେ ବାସ କରୁଛନ୍ତି ଏବଂ ଠିକ୍ ଭୁଲ୍ ବିଚାର କରିବାର ଶକ୍ତି ହରେଇ ବସିଛନ୍ତି।

# ଓଡ଼ିଆ ଭାଗବତ କେବଳ ଧର୍ମ ଗ୍ରନ୍ଥ ନୁହଁ, ଏହା ଅଲୌକିକ ଧାରା



ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୮୨୪୯୫୦୨୭୭୬

ଭାଗବତ ପଦାବଳୀ ଆବୃତ୍ତି କରି ଓଡ଼ିଆ ଜାତିର ପ୍ରାଣସତ୍ତା ତୃପ୍ତ ହୋଇଉଠେ। ଭାଗବତ (ସଂସ୍କୃତ) ଐକାନ୍ତିକ ଶୁଦ୍ଧାଭକ୍ତି ଧର୍ମର ଶାସ୍ତ୍ର ହୋଇଥିଲେ ହେଁ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତରେ ଶୁଦ୍ଧ ଭକ୍ତିଭାବ ପରିବର୍ତ୍ତେ ଜ୍ଞାନମିଶା ଭକ୍ତିଧର୍ମ ଓ ଶୂନ୍ୟ ସାଧନା ପ୍ରବର୍ତ୍ତିତ ହୋଇଅଛି। ଏହା ମୂଳ ଭାଗବତ ସମର୍ଥିତ ନୁହେଁ। ଏହା ନବାକ୍ଷରୀ ଛନ୍ଦ ବା ଗୁଜ୍ଜରୀ ଛନ୍ଦରେ ଲିଖିତ। ଅଲୌକିକ ସାଧନା ବା ସିଦ୍ଧିସମ୍ପନ୍ନ ଅତିବଡ଼ି ରୂପେ ନୁହେଁ, ନୈସର୍ଗିକ କବିତ୍ୱର ଅଧିକାରୀ, ଓଡ଼ିଆ ଜନଜୀବନର ଅଗ୍ରପୂଜ୍ୟ ହିଁ ଜଗନ୍ନାଥ ଦାସ। ଓଡ଼ିଶାର ବେଦ ହିଁ ଜଗନ୍ନାଥ ଦାସ କୃତ ଓଡ଼ିଆ ଭାଗବତ। ଓଡ଼ିଶାର ଆଧ୍ୟାତ୍ମିକ ଜାଗରଣ, ସାଂସ୍କୃତିକ ବିକାଶ, ପାରସ୍ପରିକ ସଦ୍ଭାବ ପ୍ରତିଷ୍ଠା, ଶୃଙ୍ଖଳିତ ସମାଜ ଗଠନ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଗ୍ରାମ୍ୟ ଏକତା, ଭେଦାଭେଦ ନିରୋଧ, ଚାରିତ୍ରିକ ଶିକ୍ଷା, ପାରିବାରିକ ଏକତ୍ୱ ଏବଂ ସର୍ବୋପରି ଓଡ଼ିଆଙ୍କ ଅଭ୍ୟୁଦୟ ହିଁ ଜଗନ୍ନାଥ ଦାସ କୃତ ଭାଗବତ! ଏବଂ ସେଇଥିପାଇଁ – "ସକଳ ଶାସ୍ତ୍ର ଭାଗବତ। ଅଭ୍ୟାସ କରୁଥିବ ନିତ୍ୟ।।" ଜଗନ୍ନାଥ ଦାସ କୃତ ଭାଗବତ ସତେ ଯେମିତି ଆମର ଲୋକସାହିତ୍ୟ! ଏହାର ବହୁ ପଦ, ସଦୁକ୍ତି ବା ସୁଭାଷିତ ରୂପେ ଓଡ଼ିଶାର ଜନମାନସରେ ଦୈନନ୍ଦିନ ଜୀବନରେ ଉଚ୍ଚାରିତ ହୋଇଥାଏ, ଯଥା- ଆତ୍ମା କୌଶଳେ ସର୍ବସିଦ୍ଧି। ତରଇ ସଂସାର ଜଳଧି।। ଭାଗବତ ଶବ୍ଦର ଅର୍ଥ ହେଲା 'ଭା'ର ଅର୍ଥ ଭାବ, 'ଗ'ର ଅର୍ଥ ଜ୍ଞାନ 'ବ'ର ଅର୍ଥ ବୈରାଗ୍ୟ ଏବଂ 'ତ'ର ଅର୍ଥ ତତ୍ତ୍ୱ କିନ୍ତୁ ବ୍ୟାକରଣ ସୂତ୍ରାନୁସାରେ ଭାଗବତ କୃତଂ ଭାଗବତମ୍, ଅର୍ଥାତ୍ ଯାହା ଭଗବାନଙ୍କ କୃତ ତାହା ହିଁ ଭାଗବତ। ଏହି ଭାଗବତରେ ଭଗବାନଙ୍କ କୀର୍ତ୍ତି ଏବଂ ମାହାତ୍ମ୍ୟ ବର୍ଣ୍ଣିତ। ଷୋଡଶ ଶତାବ୍ଦୀରେ ଯେଉଁ ମହାମନିଷୀମାନେ ଶ୍ରୀମଦ ଭାଗବତକୁ ଆଧାର କରି ପ୍ରାନ୍ତୀୟ ଭାଷାରେ ନିଜନିଜ ଭକ୍ତିପୂର୍ଣ୍ଣ କୃତିସମୂହ ଦ୍ୱାରା ସମାଜରେ ଭକ୍ତିଧାରା ସୃଷ୍ଟି କରିବାରେ ମହାନ କାର୍ଯ୍ୟ କରିଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶାର ମାହାନ ସନ୍ଥ ଅତିବଡୀ ଜଗନ୍ନାଥ ଦାସ ଅନ୍ୟତମ। ତାଙ୍କ ପ୍ରଣୀତ ଓଡ଼ିଆ ଭାଗବତ ଉତ୍କଳୀୟ ଜନଜୀବନ ଓ ଉତ୍କଳୀୟ ସଂସ୍କୃତିର ଏକ ବଳିଷ୍ଠ ଅଙ୍ଗ ପାଲଟି ଯାଇଛି।

ଶ୍ରୀମଦ ଭାଗବତ ଭଗବାନଙ୍କ ମୁଖ ନିସୃତବାଣୀ ବୋଲି ସମସ୍ତେ ପ୍ରାୟତଃ ଜାଣନ୍ତି। ଭାଗବତ ପାଠ କଲେ ସମସ୍ତ ପାପ ତାପ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଆସିଛି। ଭାଗବତରେ ଭଗବାନଙ୍କ ଲୀଳା, ରୂପ, ଧାମ ଓ ମାହାତ୍ମ୍ୟ ଆଦିର ବର୍ଣ୍ଣନା କରାଯାଇଛି। ଭଗବାନ ଅନେକ ରୂପ ଧାରଣ କରି ନାନା ପ୍ରକାର ଲୀଳା କରନ୍ତି। ଭାଗବତ କଥା ଶ୍ରବଣରେ ସମସ୍ତ ପ୍ରକାର ଅଶୁଭ ତଥା ଯାବତୀୟ ଦୁଃଖ ତଥା ବହୁବିଧ ବିଘ୍ନ ଦୂର ହୋଇଥାଏ। ମହର୍ଷି ବ୍ୟାସଦେବଙ୍କ କୃତ ଶ୍ରୀମଦ୍ ଭାଗବତ ସଂସ୍କୃତ ଭାଷାରେ ଧର୍ମୋପନିଷେଦ ମଧ୍ୟରେ ଏକ ସର୍ବୋକଷ୍ଟ ପରିଣତି। ଏହାର ଆଧ୍ୟାତ୍ମିକ ମୂଲ୍ୟବୋଧ ତଥା ଏଥିରେ ବର୍ଣ୍ଣିତ ସାଧନା ଭକ୍ତି, ଜ୍ଞାନ, ବୈରାଗ୍ୟ, ସମାଜ ଗଠନ ପ୍ରଣାଳୀ ପ୍ରଭୃତି ସମଗ୍ର ବିଶ୍ୱ ପାଇଁ ଅତ୍ୟନ୍ତ ଉପାଦେୟ। ମାନବର କଲ୍ୟାଣ ନିମନ୍ତେ ବ୍ୟାସଦେବ ଏହି ଗ୍ରନ୍ଥକୁ ରଚନା କରିଥିଲେ। ଏହି ଦୃଷ୍ଟିରୁ ଶ୍ରୀମଦ ଭାଗବତ ଗ୍ରନ୍ଥ ସାକ୍ଷାତ ଭଗବାନଙ୍କର ପରମ ମଙ୍ଗଳମୟ ମୂର୍ତ୍ତି ବୋଲି କୁହାଯାଏ। ଦିନେ ବ୍ୟାସଦେବ ଅନ୍ୟମନସ୍କ ଭାବରେ ବସିଥିଲେ। ତାଙ୍କ ପାଖରେ ପହଞ୍ଚିଥିଲେ ନାରଦ ମୁନି। ନାରଦ ମୁନି ବ୍ୟାସଦେବଙ୍କ ମୁହଁକୁ ଦେଖି ପଚାରିଥିଲେ ତୁମ ମୁହଁ ଦେଖିଲେ ମନେ ହେଉଛି ତୁମେ ଦୁଃଖରେ ଅଛ ? ତୁମ ଭଳି ମହାନ ଜ୍ଞାନି, ଗୁଣୀ, ପଣ୍ଡିତ, ଋଷିବରଙ୍କର ପୁଣି ମନଦୁଃଖ କାହିଁକି ? ବେଦ, ପୁରାଣ ମହାଭାରତ ଭଳି ମହାନ ଗ୍ରନ୍ଥ ଯିଏ ରଚନା କରିଛନ୍ତି ତାଙ୍କଠାରୁ ଆଉ କିଏ ମହାନ ଅଛନ୍ତି ? ସେତେବେଳେ ନାରଦ ମୁନିଙ୍କ କଥା ଶୁଣି ବ୍ୟାସଦେବ କହିଛନ୍ତି। ହଁ ମୁନିବର ତୁମ କଥା ଅନୁସାରେ ମୁଁ ବହୁତ କିଛି ରଚନା କରିସାରିଛି। କିନ୍ତୁ କାହିଁକି କେଜାଣି ମୋ ମନରେ ଅବଶୋଷ ରହିଯାଇଛି। ଆହୁରି କିଛି ରଚନା କରିବା ପାଇଁ, ଯଦିଓ ମୁଁ ବେଦ, ମହାଭାରତ ଇତ୍ୟାଦି ରଚନା କରିଛି କିନ୍ତୁ ମୁଁ ଚାହୁଁଛି ଏଭଳି ଏକ ଗ୍ରନ୍ଥ ରଚନା କରିବା ପାଇଁ ଯାହାକୁ ସାଧାରଣ ଲୋକମାନେ ପଢିପାରିବେ, ବୁଝିପାରିବେ ଏବଂ କୃଷ୍ଣଙ୍କର ଗୁଣଗାନ କରି ସୁଖରେ ରହିପାରିବେ। ସେତେବେଳେ ନାରଦ ମୁନି ଓ ବ୍ୟାସଦେବ ଉଭୟ ଆଲୋଚନା କରି ସ୍ଥିର କଲେ ଭାଗବତ ନାମକ ମହାନ ଗ୍ରନ୍ଥ ରଚନାର କଥା। ତା'ପରେ ବ୍ୟାସଦେବ ଆରମ୍ଭ କରିଥିଲେ ଭାଗବତ ରଚନା ଏବଂ ତାକୁ ଖୁବଶୀଘ୍ର ସାରିଥିଲେ ମଧ୍ୟ। ଭାଗବତ ମାହାପୁରାଣରେ ଜନ୍ମମୃତ୍ୟୁ କଥା କୁହା ଯାଇଛି। ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତି ପାଇବାକୁ ନିର୍ବାଣ, ମୋକ୍ଷ ବା ସ୍ୱର୍ଗପ୍ରାପ୍ତି କୁହାଯାଏ। ଭାଗବତ ମହାପୁରାଣରେ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି ଯେ ଚଉରାଶି ଲକ୍ଷ ଯୋନି ଅତିକ୍ରମ କରିବା ପରେ ଦୁର୍ଲ୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ନଅ ଲକ୍ଷ ପ୍ରକାର ଜଳ ଜୀବ, କୋଡିଏ ଲକ୍ଷ ପ୍ରକାର ବୃକ୍ଷ, ଏଗାର ଲକ୍ଷ ପ୍ରକାର କୃମି କୀଟ, ଦଶଲକ୍ଷ ପ୍ରକାର ପକ୍ଷୀ, ତିରିଶଲକ୍ଷ ପ୍ରକାର ପଶୁ ଓ ଚାରିଲକ୍ଷ ପ୍ରକାର ମନୁଷ୍ୟ ଯୋନି ଇତ୍ୟାଦି।

ପୌରାଣିକ କଥା ଅନୁସାରେ ମୃତ୍ୟୁ ଭୟରୁ ରାଜା ପରୀକ୍ଷିତଙ୍କୁ ଉଦ୍ଧାର କରିବାକୁ ଶୁକମୁନି ତାଙ୍କୁ ଭଗବାନ ଶ୍ରୀକୃଷ୍ଣଙ୍କର ଯେଉଁ ଅମୃତ ଆଖ୍ୟାନ ସାତଦିନ ଧରି ଶୁଣାଇଥିଲେ ତାହା ହେଉଛି 'ଶ୍ରୀମଦ୍ ଭାଗବତ'। ବ୍ୟାଖ୍ୟାକାରମାନଙ୍କ କଥନରେ ଏବଂ ଲୋକ ପରମ୍ପରାରେ ପ୍ରଚଳିତ ଅଛି, ଯେ ରାଜା ପରୀକ୍ଷିତଙ୍କୁ ଶୁକମୁନି ଭାଦ୍ରବ ଶୁକ୍ଳ ନବମୀ ଦିନ ଭଗବାନଙ୍କର ସେହି ଅମୃତ ଆଖ୍ୟାନ ଶୁଣାଇବା ଆରମ୍ଭ କରିଥିଲେ ଏବଂ ତାହା ଭାଦ୍ରବ ପୂର୍ଣ୍ଣିମା ଦିନ ସଂପୂର୍ଣ୍ଣ ହୋଇଥିଲା। ସେଇଥିପାଇଁ 'ଭାଦ୍ରବ ପୂର୍ଣ୍ଣମୀ'କୁ 'ଭାଗବତ ଜନ୍ମ' ଭାବରେ କାହିଁ କେଉଁ କାଳରୁ ପାଳିନ କରାଯାଉଛି। ଶ୍ରୀମଦ ଭାଗବତ ଭଗବାନଙ୍କ ମୁଖ ନିସୃତବାଣୀ ବୋଲି ସମସ୍ତେ ପ୍ରାୟତଃ ଜାଣନ୍ତି। ଭାଗବତ ପାଠ କଲେ ସମସ୍ତ ପାପତାପ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଆସିଛି। ଭାଗବତରେ ଭଗବାନଙ୍କ ଲୀଳା, ରୂପ, ଧାମ ଓ ମାହାତ୍ମ୍ୟ ଆଦିର ବର୍ଣ୍ଣନା କରାଯାଇଛି। ଭଗବାନ ଅନେକ ରୂପ ଧାରଣ କରି ନାନା ପ୍ରକାର ଲୀଳା କରନ୍ତି। ଭାଗବତ କଥା ଶ୍ରବଣରେ ସମସ୍ତ ପ୍ରକାର ଅଶୁଭ ତଥା ଯାବତୀୟ ଦୁଃଖ ତଥା ବହୁବିଧ ବିଘ୍ନ ଦୂର ହୋଇଥାଏ। ମହର୍ଷି ବ୍ୟାସଦେବଙ୍କ କୃତ ଶ୍ରୀମଦ୍ ଭାଗବତ ସଂସ୍କୃତ ଭାଷାରେ ଧର୍ମୋପନିଷେଦ ମଧ୍ୟରେ ଏକ ସର୍ବୋତ୍କୃଷ୍ଟ ପରିଣତି। ଏହାର ଆଧ୍ୟାତ୍ମିକ ମୂଲ୍ୟବୋଧ ତଥା ଏଥିରେ ବର୍ଣ୍ଣିତ ସାଧନା ଭକ୍ତି, ଜ୍ଞାନ, ବୈରାଗ୍ୟ, ସମାଜ ଗଠନ ପ୍ରଣାଳୀ ପ୍ରଭୃତି ସମଗ୍ର ବିଶ୍ୱ ପାଇଁ ଅତ୍ୟନ୍ତ ଉପାଦେୟ। ମାନବର କଲ୍ୟାଣ ନିମନ୍ତେ ବ୍ୟାସଦେବ ଏହି ଗ୍ରନ୍ଥକୁ ରଚନା କରିଥିଲେ। ଏହି ଦୃଷ୍ଟିରୁ ଶ୍ରୀମଦ ଭାଗବତ ଗ୍ରନ୍ଥ ସାକ୍ଷାତ ଭଗବାନଙ୍କର ପରମ ମଙ୍ଗଳମୟ ମୂର୍ତ୍ତି ବୋଲି କୁହାଯାଏ।

ଓଡ଼ିଆ ଭାଗବତକୁ କେବଳ ଧର୍ମତତ୍ତ୍ୱ ସମ୍ବଳିତ ଏକ ପୁରାଣ ଭାବରେ ଗ୍ରହଣ କରାଯାଇ ନପାରେ। ଏହା ଭକ୍ତିଭାବ, ଜନଚେତନା, ସାହିତ୍ୟିକ ବୈଶିଷ୍ଟ୍ୟ ବହନକାରୀ ଏକ ଗ୍ରନ୍ଥ ମଧ୍ୟ। କବିତ୍ୱ ଚାତୁରୀ, ଛନ୍ଦ ସଂଯୋଜନା, ଅଳଙ୍କାର, ଶବ୍ଦ ନିର୍ବାଚନ, ସୁଭାଷିତ ପଦାବଳୀ ଏକ ଐନ୍ଦ୍ରଜାଲିକ ବିଭୂତି ଆହରଣ କରିଛି ଏହି ଗ୍ରନ୍ଥ। ଏଥିରେ ଯେଉଁ ରୂପଲୋକ, ଭାବଲୋକ ସୃଷ୍ଟି ହୋଇପାରିଛି, ତାହା ସବୁ ବିଚାର ଓ ବିଶ୍ଳେଷଣର ଉର୍ଦ୍ଧ୍ୱରେ ଏକ ଅପୂର୍ବ କାବ୍ୟ ସୁଷମାର ଗନ୍ତାଘର। ଏହାର ମୌଳିକତା ଅନନ୍ୟ।କାବ୍ୟମୟ କୋମଳତା ହିଁ 'ଓଡ଼ିଆ ଭାଗବତ'। ପାଠକର ଭାବଲୋକରେ କେବଳ ଉପଲବ୍ଧି କରାଯାଇପାରେ ଭାଗବତକୁ, "ସମଗ୍ର ଭାଗବତ ଏହିପରି ବହୁ ଅନବଦ୍ୟ କବିତ୍ୱରେ ପୂର୍ଣ୍ଣ। ଭକ୍ତମାନଙ୍କର ଚନ୍ଦନଛିଟା ତଳେ, ପୁଣି ବଲୀକମାନଙ୍କର ଗର୍ଭରେ 'ଭାଗବତ'ର ଅପୂର୍ବ କବିତ୍ୱ ଅଧୁନା ଲୁପ୍ତ ହୋଇଅଛି। ତାହାର ପୁନରୁଦ୍ଧାନ ହୋଇପାରିଲେ, ସାରସ୍ୱତ ଉପବନରେ ଏହା ପୁଣି ଏକ ଅମ୍ଳାନ କମଳ ପରି ପ୍ରସ୍ଫୁଟିତ ହୋଇପାରିବ।

# ଇଷ୍ଟପ୍ରାଣ ମଣିଷ

ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ସହ-ପ୍ରତିରତ୍ୱିକ ଓ ବିଭାଗୀୟ ମୁଖ୍ୟ
ହେପାଟୋଲୋଜି ବିଭାଗ, ଏସ୍‌ସିବି ମେଡିକାଲ କଲେଜ
କଟକ, ମୋ : ୯୪୩୭୦୫୧୯୫୭

ମଣିଷ ଇଷ୍ଟପ୍ରାଣ ହେଲେ ତା'ର ଚଳନ-ଚରିତ୍ର ସୁନିୟନ୍ତ୍ରିତ ହୁଏ, ତାର ବୁଦ୍ଧିବୃତ୍ତି, ଦକ୍ଷତା, ଯୋଗ୍ୟତା, ସେବାବୁଦ୍ଧି, କର୍ମକ୍ଷମତା ପୁଷ୍ଟ ହୋଇଉଠେ। ଏତେକରେ ସେ ଲୋକର ପ୍ରୟୋଜନପୂରଣୀ ସ୍ୱଭାବ ସମ୍ପନ୍ନ ହୋଇଉଠେ, ସେଥିରେ ତା'ର ଅର୍ଥନୈତିକ ସମସ୍ୟାର ସମାଧାନ ହେବା ହିଁ ତ ଉଚିତ୍। ତା'ଛଡ଼ା ମଣିଷ ହିଁ ମଣିଷର ସବୁଠାରୁ ବଡ଼ ସମ୍ପଦ, ସେ ଦିଗକୁ ଯାଜନ ମୁଖର, ସେବାପ୍ରାଣ, ଇଷ୍ଟାନୁରାଗୀ ଯେ, ଯା'ର ଚଳନା ସୁସମଞ୍ଜସ, ବ୍ୟବହାର ହୃଦ୍ୟ ଓ ମନୋଜ୍ଞ, ତା'ର ଲୋକ-ସମ୍ପଦ ତ ବଢ଼ିଯିବା ହିଁ ସ୍ୱାଭାବିକ। ତା'ର ଦରିଦ୍ର ରହିବାର ତ କାରଣ ଖୋଜି ପାଇ ହୁଏନା। କାରଣ, ଅର୍ଥନୈତିକ ଉନ୍ନତିର ବୁନିୟାଦ ଯେ ଦକ୍ଷତା, ଯୋଗ୍ୟତା, କ୍ଷୀପ୍ରତା, ଚରିତ୍ର, ନିରଳସ-ସେବାବୁଦ୍ଧି, ସୁସଙ୍ଗତ ଚଳନ ତା'ର କୌଣସିଟାର ହିଁ ଅଭାବ ରହେନା ସେଥିରେ। ଅବଶ୍ୟ ସେମାନେ ହୁଏତ ପ୍ରୟୋଜନାତିରିକ୍ତ କନଜ୍ୟୁମ (ବ୍ୟବହାର) ନ ବି କରିପାରନ୍ତି। ତେବେ ଅର୍ଥ ପ୍ରତି ତା'ର ଲୋଭ ନଥିବାରୁ ଅର୍ଥକରୀ ପ୍ରୟାସ ଦିଗରେ ଝୁଙ୍କ ଦେଲା, ଯା'ର ଫଳ ନଗଦାନଗଦି ପାଇବାର ନୁହେଁ, ଅଥଚ ସେଇଟା କି ନା ଭବିଷ୍ୟତରେ ଦିନେ ହୁଏତ ପରିବେଶ ସୁଦ୍ଧା ତାକୁ ପ୍ରଭୂତ ସମୃଦ୍ଧ କରି ତୋଳିବ। ଏପରିବି ହୁଏତ ହୋଇପାରେ ଯେ, ତା'ର ଫଳ ସେ ନିଜ ଜୀବନରେ ପାଇଲାନି, ଉପକୃତ ହେଲେ ଭବିଷ୍ୟତ ବଂଶଧରଗଣ। ଏ ଅବସ୍ଥାରେ ତାକୁ କ'ଣ କହିବାକୁ ହେବ ଯେ ସେ ଅର୍ଥନୈତିକ ଜୀବନରେ ଅକୃତକାର୍ଯ୍ୟ ହେଲା ?

ବିପୁଳ ସୃଷ୍ଟିର, ବୃହତ୍ ସଂଗଠନର ଦାୟ ଓ ଦାୟିତ୍ୱ ଯେଉଁମାନେ ବହନ କରନ୍ତି, ଅନେକ ଦୁଃଖର ନିଆଁରେ ପୋଡ଼ିଯାଇ, ଅନେକଙ୍କ ପାଇଁ ପ୍ରାୟଶ୍ଚିତ କରି, ଅନେକଙ୍କ କ୍ଷମତାର ବିପଦ ବହନ କରି ସେମାନଙ୍କୁ ଆଗେଇବାକୁ ହୁଏ। ସେମାନଙ୍କର ପୁରା ଗତି ଓ ପରିଣତିଟା ଲକ୍ଷ୍ୟ ନକରି ମଝିର କୌଣସି ଗୋଟେ ଅବସ୍ଥାକୁ ଦେଖି ଗୋଟେ ରାୟ ଦେବା ସବୁବେଳେ ବୁଦ୍ଧିମାନର କାମ ନୁହେଁ। ଆଜି ଆମ ମାନଙ୍କର ଋତ୍ୱିକମାନଙ୍କୁ ଯେଉଁ ମାନଙ୍କୁ ହୁଏତ ଦେଖୁଛ – କେତେ ଅର୍ଥନୈତିକ କୃଚ୍ଛତା, ସେମାନଙ୍କର ନିରଳସ ସେବା ଫଳରେ ହୁଏତ ଦେଖିବ ଦିନେ ସମଗ୍ର ଜାତି କେତେ ଦୂର ସମୃଦ୍ଧ ହୋଇ ଉଠିଛି – ଯେ ଏମାନେ କିଛି ହିଁ ପାଇଲେନି, କିଛିହିଁ ପାଇଲେନି, କିଛିହିଁ କରିଲେନି ? ବ୍ୟକ୍ତିଗତ ଭାବେ ଦୁଇଚାରି ଜଣଙ୍କ ସମ୍ବନ୍ଧରେ ସେ କଥା ଖଟାଇଲେ ବି, ଏମାନଙ୍କ ମଧ୍ୟରୁ ବେଶୀ ଭାଗ ସମ୍ବନ୍ଧରେ ସେ କଥା ଖାଟେନା। ମୁଁ କହିବି, ଗୋଟେ ମରଣୋନ୍ମୁଖ ଜାତିକୁ ବଞ୍ଚାଇବା ପାଇଁ ମଣିଷ କରିବା ପାଇଁ ଏମାନେ ପ୍ରତ୍ୟେକ ଯଦି ଲକ୍ଷେ କଷ୍ଟଦାରିଦ୍ର୍ୟ ବରଣ କରି ନିଅନ୍ତିକି, ତାହାହିଁ ସେମାନଙ୍କର ପରମ ଐଶ୍ୱର୍ଯ୍ୟ। ଆଉ ଏମାନେ ଯଦି ମଣିଷ ପଛରେ (ଆନ୍ତରିକ ଭାବେ) ଖଟନ୍ତି, ତେବେ ଏମାନଙ୍କର ଦୁଃଖ ଘୁଞ୍ଚିବାକୁ ଡେରି ଲାଗିବନି – ଏମାନେ ତା' ଚାହାନ୍ତୁ ବା ଚାହାନ୍ତୁ। ମଣିଷର ଐଶ୍ୱର୍ଯ୍ୟର ଗୋଟେ କଣାବି ସେମାନଙ୍କୁ ପ୍ରଚୁର କରି ହେବ। ତେବେ ମଣିଷ ଯଦି ମୁହେଁ ମୁହେଁ ଇଷ୍ଟପ୍ରାଣ ହୁଏ, ଅଥଚ ବାସ୍ତବରେ ସେପରି ନହୁଏ, ତା'ହେଲେ ବି ସେ ଅର୍ଥନୈତିକ ଜୀବନରେ କୃତୀ ହେବନି, ଏକଥା କହିପାରେନା। ପୁଣି ଚୋରା କାରବାର କରି ବା ଫାଙ୍କିବାଜିର ଭିତର ଦେଇ କେହି ଯଦି ବେଶ ଦୁଇପଇସା କମାଏ ତା'ହେଲେ ହିଁ ଯେ ସେ ଖୁବ ଗୋଟେ ଯୋଗ୍ୟ ହୋଇଉଠିଲା, ଏକଥା ବି ମୁଁ କହିବାକୁ ଚାହେଁନା। ମୋର କଥା ହେଲା, ମଣିଷର ଇଷ୍ଟପ୍ରାଣତା ସଙ୍ଗେ ଜଡ଼ିତ ଅଛି ତା'ର ସୁନିୟନ୍ତ୍ରିତ ଯୋଗ୍ୟତା ଏବଂ ଏହା ସଙ୍ଗେ ଜଡ଼ିତ ଅଛି ତା'ର ଅର୍ଥନୈତିକ ଅବସ୍ଥା। (ଆଲୋଚନା – ପ୍ରସଙ୍ଗ, ୧ମ ଖଣ୍ଡ ତା୦୭/୧୨/୪୧)

ଗୁରୁଙ୍କ ଠାରୁ ଜ୍ଞାନ ଲାଭ କରିବାକୁ ହେଲେ ତାଙ୍କ ପ୍ରତି ଶ୍ରଦ୍ଧାନ୍ୱିତ ହେବା ଦରକାର। ଜ୍ଞାନ ଠାରୁ ପବିତ୍ର ଜିନିଷ ଆଉ କିଛି ନାହିଁ ଏବଂ ଶ୍ରଦ୍ଧା ବିନା ଜ୍ଞାନଲାଭ ହୋଇପାରେ ନାହିଁ। ଗୀତାରେ କୁହାଯାଇଛି – 'ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ ତତ୍ପରୋ ସଂଯତେନ୍ଦ୍ରିୟଃ। ଜ୍ଞାନଂ ଲବ୍ଧା ପରାଂ ଶାନ୍ତିମଚିରେଣାଧିଗଚ୍ଛତି।' ସୁତରାଂ ସୁଖ ପଛରେ ନ ଗୋଡ଼ାଇ ମଣିଷକୁ ସଦଗୁରୁଙ୍କ ଦୀକ୍ଷା ଗ୍ରହଣ କରି ତନ୍ନିଷ୍ଠ ଚଳନରେ ଚାଲିବାକୁ ହେବ। ତା'ହେଲେ ଯାଇ ଜ୍ଞାନ, ଅର୍ଥ, ଧର୍ମ, ସୁଖ, ଶାନ୍ତି, ଆନନ୍ଦ ସବୁକିଛି ଲାଭ ହୋଇପାରିବ।

## ସାମ୍ବାଦିକଙ୍କୁ ପ୍ରୋତ୍ସାହନ ଓ ପେନସନ ପ୍ରଦାନ ନେଇ ବ୍ୟବସ୍ଥା ହେଉ

ପାଠକଙ୍କ ମତ

ସାମ୍ବାଦିକ ମାନଙ୍କୁ ଚତୁର୍ଥସ୍ତମ୍ଭ ବୋଲି ପରିଚୟ ମିଳିବା ସତ୍ତ୍ୱେ ମଧ ସରକାରଙ୍କ ଏତେ ଉପେକ୍ଷା କାହିଁକି ? ଏହା ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁ ସ୍ତମ୍ଭ ଥାଇ ଯଦି ଗୋଟାଏ ସ୍ତମ୍ଭ ଦୁର୍ବଳ ହୋଇଯାଏ, ତା'ହେଲେ ଭାରସାମ୍ୟ ରହି ନ ଥାଏ। ଯୋଉ ଗଣମାଧ୍ୟମର ପ୍ରତିନିଧି ମାନେ ଦିନ ଓ ରାତିକୁ ଏକ କରି ବିଭିନ୍ନ ପ୍ରାନ୍ତରୁ ଲୋକମାନଙ୍କ ସମସ୍ୟା ସରକାରଙ୍କ ଠାରେ ଉପସ୍ଥାପନ କରୁଛନ୍ତି, ନିଜର ପରିବାରକୁ ଉପେକ୍ଷା କରି ଖରା, ବର୍ଷା, ଶୀତକୁ ଖାତିର ନ କରି ସରକାର ଓ ଜନତାଙ୍କ ମଧ୍ୟରେ ଏକ ବନ୍ଧ ଭଳି କାର୍ଯ୍ୟ କରୁଛନ୍ତି ତାଙ୍କ ପାଇଁ ନାହିଁ ନାହିଁରେ ଚାଲିଛି। ବିଭିନ୍ନ ପ୍ରକାର ମହାମାରୀରେ ଲୋକମାନେ ଘରୁ ବାହାରକୁ ବାହାରିବା ପାଇଁ ସାହସ କରୁ ନ ଥିବା ସମୟରେ ନିଜ ଜୀବନକୁ ପାଣି ଛଡାଇ ନିରନ୍ତର ଭାବେ ଏକ ସୁସ୍ଥ ସମାଜ ଗଠନ କରିବାର ପ୍ରୟାସ ନେଇ ଆଗେଇ ଚାଲିଛନ୍ତି। ସକାଳୁ ବାହାରି ରାତି ବାର କି ଗୋଟାଏରେ ଘରକୁ ଫେରନ୍ତି। ସବୁବେଳେ ଲୋକମାନଙ୍କ ସେବାରେ ନିଜକୁ ସମର୍ପିତ କରନ୍ତି ବିନା ପାରିଶ୍ରମିକରେ। ନା ମିଡିଆ ହାଉସ୍‌ରୁ ପାଆନ୍ତି, ନା ସରକାରଙ୍କ ତରଫରୁ। ବହୁତ୍ ଧମକ, ଘଟଣା, ଦୁର୍ଘଟଣାକୁ ଦୃଢ଼ତାର ସହିତ ମୁକାବିଲା କରି ନିଜର ଜୀବନକୁ ପାଣି ଛଡାଇ ସେମାନେ ସମାଜ ପାଇଁ ଦେବଦୂତ ସାଜିଛନ୍ତି। ଲୋକ ମାନଙ୍କର ନିନ୍ଦାକୁ ଖାତିର ନକରି ସେମାନେ ନିରନ୍ତର ଭାବେ ସମ୍ବାଦ ପରିବେଷଣ କରି ଚାଲିଛନ୍ତି। ନିଜ ଦୁଃଖ, କୋହକୁ ଛାତି ଭିତରେ ଚାପି ରଖି ସୁସ୍ଥ ଓ ସୃଙ୍ଖଳିତ ସମାଜ ଗଢିବାର ପ୍ରୟାସ ଜାରି ରଖିଛନ୍ତି। ଜୀବନର କଣ୍ଟକିତ ଚଲାପଥରେ ଯେତେ ଝଡ଼ଝଞ୍ଜା ଆସୁନା କାହିଁକି ସେମାନେ କାହାକୁ ମୁହଁ ଖୋଲନ୍ତି ନାହିଁ କାରଣ କିଏ ଶୁଣିବ ? ମୋର ଲେଖିବାର ଉଦ୍ଦେଶ୍ୟ ହେଲା ସରକାରଙ୍କର ଦୃଷ୍ଟି ଆକର୍ଷଣ ହେଲେ ତାଙ୍କର ଆଗ୍ରହ ଦିଗୁଣିତ ହେବ, ଏଥିରେ ସନ୍ଦେହ ନାହିଁ। ଅଥଳ ସମୁଦ୍ରରୁ କାଣିଚାଏ ଜଳ ପଡ଼ିଲେ ସେମାନେ ନିଜକୁ ଆଗକୁ ବଢ଼ିବାରେ ଚେଷ୍ଟା ଜାରି ରଖିବେ। ସେମାନଙ୍କୁ ପ୍ରୋତ୍ସାହନ ଓ ପେନସନ ବ୍ୟବସ୍ଥା ସରକାରଙ୍କ ତରଫରୁ କଲେ କିଛିଟା ଉପକୃତ ହୁଅନ୍ତେ ବୋଲି ମୋର ଆଶା ଓ ବିଶ୍ୱାସ।

***ଦେବାଶିଷ ଶତପଥୀ, ସାରସକଣା***

# କେବଳ ଶୁଦ୍ଧ ଭକ୍ତି ଦ୍ୱାରା ଭଗବାନ ସନ୍ତୁଷ୍ଟ ହୁଅନ୍ତି



କିଶୋର କୁମାର ଜେନା
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋ : ୭୩୭୭୪୩୯୦୭୭

କାଳ ହେଉଚି ଈଶ୍ୱରଙ୍କ ମୂର୍ତ୍ତି। ଏହି କାଳବଶତଃ ବୃକ୍ଷରେ ଯେପରି ଫଳ ଜନ୍ମେ, ରହେ, ବଢ଼େ, ପାଚେ, ଶୁଖିଯାଏ ଓ ଝଡ଼ିପଡ଼େ, ସେହିପରି ଶରୀରରେ ମଧ ଛ'ଟି ଅବସ୍ଥା ଦେଖାଯାଏ। ଯଥା ଜନ୍ମ, ସ୍ଥିତି, ବୃଦ୍ଧି, ପରିଣତି, କ୍ଷୟ ଓ ବିନାଶ। ଆତ୍ମା ସହିତ ଏହାର କୌଣସି ସମ୍ପର୍କ ନଥାଏ। ଆତ୍ମା ନିତ୍ୟ, ଅବିନାଶୀ, ଶୁଦ୍ଧ, ଅଦ୍ୱିତୀୟ ସମସ୍ତ ବସ୍ତୁର ଜ୍ଞାତା ଓ ଆଶ୍ରୟ, ନିର୍ବିକାର, ସ୍ୱୟଂ ପ୍ରକାଶ, ସବୁର କାରଣ, ବ୍ୟାପକ, ଅନାସକ୍ତ ଓ ଆବରଣ ରହିତ। ବିଦ୍ୱାନ ବ୍ୟକ୍ତି ଆତ୍ମାର ଏହି ଦ୍ୱାଦଶ ଲକ୍ଷଣକୁ ଜାଣି 'ମୁଁ ଏବଂ ମୋର' ବୋଲି ଯେଉଁ ମୋହବୁଦ୍ଧି ଜାତ ହେଉଛି, ତାହା ପରିତ୍ୟାଗ କରିବା ଉଚିତ୍। ସୁନାଖଣିରୁ ବାହାରିଥିବା ପଥରରୁ ଚକ ଚକ କରୁଥିବା ସୁନାକୁ ଅଭିଜ୍ଞ ସୁନାରି ଯେପରି ଯନ୍ତ୍ର ସାହାଯ୍ୟରେ ବାହାର କରିଆଣେ, ସେହିପରି ଅଧ୍ୟାତ୍ମ ତତ୍ତ୍ୱ ଜାଣିଥିବା ପୁରୁଷ ଆତ୍ମପ୍ରାପ୍ତି ପାଇଁ ଯୋଗସାଧନା ଦ୍ୱାରା ଶରୀରରୂପ କ୍ଷେତ୍ରରେ ବ୍ରହ୍ମଗତି ଲାଭ କରେ।

ଆଚାର୍ଯ୍ୟଗଣ, ଅଷ୍ଟପ୍ରକୃତି (ମୂଳ ପ୍ରକୃତି, ପଞ୍ଚତନ୍ମାତ୍ର, ମହତ୍ତତ୍ତ୍ୱ ଓ ଅହଙ୍କାର), ତିନିଗୁଣ (ସତ୍ତ୍ୱ, ରଜ ଓ ତମ) ଓ ତାର ଷୋଳ ବିକାର (ପଞ୍ଚ କର୍ମେନ୍ଦ୍ରିୟ, ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚମହାଭୂତ ଏବଂ ମନ) ଏ ସବୁର ସାକ୍ଷୀରୂପେ ଏକ ପୁରୁଷଙ୍କୁ ନିରୂପଣ କରିଛନ୍ତି। ଏ ସମସ୍ତର ସମନ୍ୱୟରେ ଦେହ ହୋଇଛି। ଏହା ପୁଣି ଦୁଇ ପ୍ରକାର ସ୍ଥାବର ଓ ଜଙ୍ଗମ। ଏଥିରେ ଆତ୍ମା ଠାରୁ ଅଲଗା ସମସ୍ତ ବସ୍ତୁକୁ ଏହା ଆତ୍ମା ନୁହେଁ, ଏହା ଆତ୍ମା ନୁହେଁ ନେତି ନେତି ବୋଲି କହି ଅସଲ ଆତ୍ମାକୁ ଖୋଜି ବାହାର କରିବା ଆବଶ୍ୟକ।

ମଣି ମାନଙ୍କ ମଧ୍ୟରେ ସୂତ୍ର ପ୍ରବେଶ କରି ବାହାରିଯିବା ପରି ପୁରୁଷ ବା ଆତ୍ମା ଦେହ ମଧ୍ୟରେ ପ୍ରବେଶ କରେ ଓ ବାହାରିଯାଏ। ସେହି ଶୁଦ୍ଧ ବିବେକବୁଦ୍ଧିରେ ସୃଷ୍ଟି ଓ ସଂହାର ବିଷୟ ଧୀର ଭାବରେ ବିଚାର କରିବା ଉଚିତ। ଗାଢ଼ ନିଦ୍ରା, ସ୍ୱପ୍ନ ଓ ଜାଗରଣ ଏ ତିନୋଟି ହେଉଛନ୍ତି ବୁଦ୍ଧିର ବୃତ୍ତି। ଯାହାଙ୍କ ଦ୍ୱାରା ଏହା ଅନୁଭୂତ ହୁଏ, ସେ ହେଉଛନ୍ତି ଦେହାଦିର ସ୍ରଷ୍ଟା ପରମ ପୁରୁଷ, ପରମାତ୍ମା। ଜାଗରଣ, ସ୍ୱପ୍ନ ଏବଂ ସୁଷୁପ୍ତି ହେଉଛି ବୁଦ୍ଧିର ପରିଣତି। ଏହାର ଆତ୍ମାର ଧର୍ମ ନୁହେଁ। କର୍ମଜନିତ ହୋଇଥିବାରୁ ଏହା ତ୍ରିଗୁଣାତ୍ମକ। ଯେପରି କୌଣସି ଗନ୍ଧର ସ୍ପର୍ଶରେ ବାୟୁ ଗନ୍ଧଯୁକ୍ତ ହୁଏ, ସେହିପରି ନିର୍ଗୁଣ ବ୍ରହ୍ମ ବୁଦ୍ଧିଯୋଗରେ ଗୁଣଯୁକ୍ତ ବୋଲି ମନେ ହୁଏ। ଏହି ବୁଦ୍ଧି ହେଉଛି ଗୁଣ ଓ କର୍ମର ବନ୍ଧନରୂପ ସଂସାରର ଦ୍ୱାର। ଏହା ଅଜ୍ଞାନମୂଳକ ଓ ମିଥ୍ୟା ହେଲେ ମଧ୍ୟ ସ୍ୱପ୍ନ ପରି ଜୀବକୁ ପ୍ରତୀତ ହୋଇଥାଏ। ସେଥିପାଇଁ ତୁମ ମାନଙ୍କୁ ପ୍ରଥମେ ଏହି ଗୁଣମାନଙ୍କ ଯୋଗୁଁ ହେଉଥିବା କର୍ମର ବୀଜକୁ ନଷ୍ଟ କରି ଦେବାକୁ ହେବ। ଏହାଦ୍ୱାରା ବୁଦ୍ଧିର ବୃତ୍ତିମାନଙ୍କର ପ୍ରବାହ ବନ୍ଦ ହୋଇଯିବ। ଅନ୍ୟ ଅର୍ଥରେ ଏହାକୁ ଯୋଗ କୁହାଯିବ। ଏହି ବୁଦ୍ଧିର ପ୍ରବାହ ବା ଜନ୍ମ ମରଣ ରୂପ ସଂସାରଚକ୍ରର ବୀଜ ବିନାଶ ପାଇଁ ସହସ୍ର ଉପାୟ ଶାସ୍ତ୍ରରେ କୁହାଯାଇଛି। ତାହା ମଧ୍ୟରୁ ମହର୍ଷି ନାରଦ ଭକ୍ତଯୋଗାତ୍ମକ ଏହି ଉପାୟକୁ ଶ୍ରେଷ୍ଠ ବୋଲି କହିଛନ୍ତି। କାରଣ ଭକ୍ତିଯୋଗ ଦ୍ୱାରା ଭଗବାନଙ୍କ ଠାରେ ନିଷ୍କାମ ପ୍ରେମ ଜାତ ହୁଏ।

ଗୁରୁସେବା, ଭଗବତଭକ୍ତି, ସମସ୍ତ ଲବ୍ଧ ଦ୍ରବ୍ୟକୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସମର୍ପଣ, ସାଧୁ ଭକ୍ତମାନଙ୍କର ସଙ୍ଗ, ଈଶ୍ୱରଙ୍କର ଆରାଧନା, ଶ୍ରଦ୍ଧାପୂର୍ବକ ଶ୍ରୀହରିଙ୍କ କଥା ଗୁଣ ଓ କର୍ମର ଶ୍ରବଣ କୀର୍ତ୍ତନ, ଶ୍ରୀଗୋବିନ୍ଦଙ୍କ ପାଦପଦ୍ମର ଧ୍ୟାନ, ଶ୍ରୀହରିଙ୍କ ମୂର୍ତ୍ତିର ଦର୍ଶନ ଓ ପୂଜନ, ସମସ୍ତ ପ୍ରାଣୀଙ୍କ ମଧ୍ୟରେ ସର୍ବଶକ୍ତିମାନ ଭଗବାନ ଶ୍ରୀହରି ବିରାଜମାନ ବୋଲି ମନେ କରି ସମସ୍ତ ପ୍ରାଣୀଙ୍କୁ ସମ୍ମାନ ପ୍ରଦାନ ଏବଂ କାମ, କ୍ରୋଧ, ଲୋଭ, ମୋହ ମଦ ଓ ମାତ୍ସର୍ଯ୍ୟ ଇତ୍ୟାଦି ଏହି ଷଡ଼ରିପୁଙ୍କୁ ଜୟ କରି ଯେଉଁ ବ୍ୟକ୍ତି ଭଗବାନ ବାସୁଦେବଙ୍କୁ ଭକ୍ତି କରେ ସେ ଭଗବାନଙ୍କର ଅନନ୍ତ ପ୍ରେମ ଲାଭ କରିବା ପାଇଁ ସମର୍ଥ ହୁଏ।

ଓଡ଼ିଶା ଭାସ୍କର
ରାଜ୍ୟ ଖବର



କଣିହାଁ, (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲ୍ଲା କଣିହାଁ ଥାନା ଅନ୍ତର୍ଗତ ଦଣ୍ଡସିଂହା ଗ୍ରାମରେ ପୁଲିସ ଚଢ଼ାଉ କରି ଧଳା ଜହର ଜବତ କରିଛି। ଗତ ୮ ଅଗଷ୍ଟ ଦିନ ଅପରାହ୍ନ ୩ଘଟିକା ସମୟରେ ଅନୁଗୋଳ ସ୍ପେଶାଲ ସ୍କ୍ୱାଡ ପୁଲିସ କଣିହାଁ ଓ ଏନଟିପିସି ଥାନା ପୁଲିସ ସହାୟତାରେ କଣିହାଁ ଥାନା ଦଣ୍ଡସିଂହା ଗ୍ରାମର ଗଣେଶ୍ୱର ମହାନ୍ତିଙ୍କ ଘରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ପୁଲିସ ତାଙ୍କ ଘରୁ ୫୪.୪୮୦ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ନଗଦ ୪୮ହଜାର ୭ ଶହ ଟଙ୍କା, ଏକ ମାରୁତି ସୁଇଫ୍ଟ ଡିଜାୟାର କାର, ଏକ ବୁଲେଟ, ସୁନା ଅଳଙ୍କାର, ମୋବାଇଲ ଫୋନ, ବ୍ୟାଙ୍କ କାଗଜ ପତ୍ର ଇତ୍ୟାଦି ତାଙ୍କ ଘରୁ ଜବତ କରାଯାଇଛି। ପୁଲିସ ଉକ୍ତ କାରବାରରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରି ଶନିବାର ଅଦାଲତ ଚାଲାଣ କରିଛି। ସେମାନେ ହେଲେ କଣିହାଁ ଥାନା ଦଣ୍ଡସିଂହା ଗ୍ରାମର ଗଣେଶ୍ୱର ମହାନ୍ତି (୩୦) ଓ କଣିହାଁ ଥାନା କମରେଇ ଗ୍ରାମର ଜ୍ଞାନରଞ୍ଜନ ସାହୁ (୩୨)। ତଦନ୍ତ ବେଳେ ଉକ୍ତ ଧଳା ଜହର ସେମାନେ ନୟାଗଡ଼ ଅଞ୍ଚଳରୁ ଆଣୁଥିବା ଜଣାଯାଇଛି।



# ଖର୍ଚ୍ଚ ହୋଇପାରୁନି ୩.୭୬କୋଟି ଟଙ୍କା ସହାୟତା

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକକୁ ବାତ୍ୟା ଦାନା ପାଇଁ ସହାୟତା ଯୋଗାଇ ଦିଆଯାଇଥିଲା। ଇତି ମଧ୍ୟରେ ୯ମାସ ବିତି ଯାଇଥିଲେ ମଧ୍ୟ ୨୪୪ ପ୍ରକଳ୍ପର କାର୍ଯ୍ୟ ହୋଇପାରିନାହିଁ। ଏଥିପାଇଁ ମିଳିଥିବା ୩.୭୬ କୋଟି ବାତ୍ୟା ଦାନା ସହାୟତା ରାଶି ବିନିଯୋଗ ହୋଇନପାରି ପଡ଼ି ରହିଛି। ବିଶେଷ କରି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ତିହିଡ଼ି ବ୍ଲକ ଅଧୀନ ୯ଗୋଟି ପଞ୍ଚାୟତର ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହୋଇପାରି ନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଇଁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ପାରିନଥିବା ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ୯ ପଞ୍ଚାୟତର କିଛି ପ୍ରକଳ୍ପର କାର୍ଯ୍ୟ ହୋଇଥିବା ବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଆସିବା ପରେ ଅବଶିଷ୍ଟ ପ୍ରକଳ୍ପର କାର୍ଯ୍ୟ ହୋଇ ପାରିନଥିବା ଜଣାପଡ଼ିଛି। ଗତ ବର୍ଷ ସେପ୍ଟେମ୍ବର ମାସରେ ବାତ୍ୟା ଦାନାରେ ବ୍ଲକର ବହୁ କ୍ଷୟକ୍ଷତି ହୋଇଥିଲା। ବାତ୍ୟା ପରେ କ୍ଷୟକ୍ଷତିର ଅଟକଳ କରାଯାଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ପରେ ଏହି ରିପୋର୍ଟ ଅନୁସାରେ ବ୍ଲକର ୯୨୯ ପ୍ରକଳ୍ପକୁ ଅନୁମୋଦନ କରାଯାଇ ଅନୁଦାନ ଯୋଗାଇ ଦିଆଯାଇଥିଲା। ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ ୪୬୫ଟି ରାସ୍ତା, ୧୯୦ ସ୍କୁଲ, ୧୩୦ ଅଙ୍ଗନୱାଡ଼ି କେନ୍ଦ୍ର, ୩୮ ଗ୍ରାମ ପଞ୍ଚାୟତ ଗୃହ, ୬୭ଟି ଗୋଷ୍ଠୀ କେନ୍ଦ୍ର ଓ ୪୦ଟି କଲଭର୍ଟର ମରାମତି ପାଇଁ ମୋଟ ୧୬ କୋଟି ୬୧ଲକ୍ଷ ୭୦ ହଜାର ଟଙ୍କା ଅନୁଦାନ ମିଳିଥିଲା। ରାସ୍ତା ମରାମତି ପାଇଁ ୧ଲକ୍ଷ ୯୮ ହଜାର, ସ୍କୁଲ ଗୃହ ମରାମତି ପାଇଁ ୨ଲକ୍ଷ, ଅଙ୍ଗନୱାଡ଼ି ଗୃହ ମରାମତି ପାଇଁ ୧ଲକ୍ଷ ୫୦ହଜାର, ଗ୍ରାମ ପଞ୍ଚାୟତ ଗୃହ ମରାମତି ପାଇଁ ୨ଲକ୍ଷ, ଗୋଷ୍ଠୀ କେନ୍ଦ୍ର ଗୃହ ମରାମତି ପାଇଁ ୧ଲକ୍ଷ ୫୦ହଜାର ଓ କଲଭର୍ଟ ନିର୍ମାଣ ପାଇଁ ୧ଲକ୍ଷ ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା। ଅନୁଦାନ ଯୋଗା ଯାଇଥିବା ପ୍ରକଳ୍ପ ମଧ୍ୟରୁ ୩୧୩ ରାସ୍ତା, ୨୨୮ ସ୍କୁଲ ଗୃହ, ୪୪ଟି ଅଙ୍ଗନୱାଡ଼ି କେନ୍ଦ୍ର, ୩୨ ଗ୍ରାମ ପଞ୍ଚାୟତ ଗୃହ, ୪୫ଟି ଗୋଷ୍ଠୀ କେନ୍ଦ୍ର ମରାମତି ହୋଇଥିବା ବେଳେ ମାତ୍ର ୩ଟି କଲଭର୍ଟ ନିର୍ମାଣ ହୋଇଥିବା ଜଣାପଡ଼ିଛି। ଏହି ସବୁ ପ୍ରକଳ୍ପ ପାଇଁ ରାସ୍ତା ମରାମତି ପାଇଁ ୬ କୋଟି ୭୮ଲକ୍ଷ ୧୪ହଜାର, ସ୍କୁଲ ଗୃହ ମରାମତି ପାଇଁ ୨କୋଟି ୫୬ଲକ୍ଷ, ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ୧କୋଟି ୨୬ଲକ୍ଷ, ଗ୍ରାମ ପଞ୍ଚାୟତ ଗୃହ ପାଇଁ ୬୪ଲକ୍ଷ, ଗୋଷ୍ଠୀ କେନ୍ଦ୍ର ପାଇଁ ୬୭ ଲକ୍ଷ ୫୦ହଜାର ଓ କଲଭର୍ଟ ନିର୍ମାଣ ପାଇଁ ୩ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ମୋଟ ପ୍ରକଳ୍ପ ମଧ୍ୟରୁ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ତିହିଡ଼ି ବ୍ଲକ ଅଧୀନ ୭ ପଞ୍ଚାୟତ ଓ ଧାମନଗର ନିର୍ବାଚନ ମଣ୍ଡଳୀ ତିହିଡ଼ି ବ୍ଲକ ଅଧୀନ ୧୩ ପଞ୍ଚାୟତର କେତେଗୁଡ଼ିଏ ପ୍ରକଳ୍ପର କାର୍ଯ୍ୟ ହୋଇନପାରି ଅନୁଦାନ ପଡ଼ି ରହିଛି। ତେବେ ରାଜନୈତିକ ବିବାଦ ଯୋଗୁ ଏହି ଦୁଇ ନିର୍ବାଚନ ମଣ୍ଡଳୀର ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟ ହୋଇ ପାରିନଥିବା ଜଣାପଡ଼ିଛି। ସେହିପରି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ତିହିଡ଼ି ବ୍ଲକ ଅଧୀନ ୯ ପଞ୍ଚାୟତର ସମୁଦାୟ ପ୍ରକଳ୍ପ ମଧ୍ୟରୁ କେତେକ କାର୍ଯ୍ୟ ହୋଇ ଅନୁଦାନ ବିନିଯୋଗ ହୋଇଥିବା ବେଳେ ବହୁ ପ୍ରକଳ୍ପ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଇଁ କାର୍ଯ୍ୟ ଅଧାଅଧି ହୋଇ ପାରିନଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଏ ସମ୍ପର୍କରେ ବିଡ଼ିଓ ନିରଞ୍ଜନ ବାରିକଙ୍କୁ ପଚାରିବାରୁ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ୯ ପଞ୍ଚାୟତ ପ୍ରକଳ୍ପ କାର୍ଯ୍ୟ ହାଇକୋର୍ଟଙ୍କ ପରବର୍ତ୍ତୀ ଶୁଣାଣି ଅନୁଯାଇ କରାଯିବ। କାର୍ଯ୍ୟ ହୋଇପାରି ନଥିବା ଅନ୍ୟ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ କରାଯିବା ଦିଗରେ ପଦକ୍ଷେପ ନିଆଯାଉଛି।

# ପଲସର ଚୋରି: ଥାନାର ଜଣେ ଅଟକ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଞ୍ଚଳରେ ବାଇକ ଲୁଟେରା ସକ୍ରିୟ ହୋଇଥିବା ବେଳେ ଗୋଟିଏ ପରେ ଗୋଟିଏ ବାଇକ ଚୋରି କରିନେଇ ପଳାଉଛନ୍ତି। ଅଲଣ୍ଡା ଗ୍ରାମର ଜଣେ ବ୍ରାହ୍ମଣ ସମ୍ପ୍ରଦାୟର ବ୍ୟକ୍ତିଙ୍କ ଘର ଆଗରେ ଥୁଆ ହୋଇଥିବା ଦୁଇଗୋଟି ପଲସର ବାଇକ୍‌କୁ ଜୁଲାଇ ମାସ ୧୬ ତାରିଖରେ କୌଣସି ଚୋର ଚୋରିକରି ନେଇଯାଇଥିଲା। ଏ ସମ୍ପର୍କରେ ନିମାପଡ଼ା ଥାନାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ବାଇକରେ ଥିବା ଏକ ଚିହ୍ନରୁ ଚୋର ଧରାପଡ଼ି ନିମାପଡ଼ା ଥାନାରେ ଅଟକ ରହିଛି। ଆଉ କେଉଁ କେଉଁ ବାଇକ୍ ଚୋରୀରେ ସମ୍ପୃକ୍ତ ପୋଲିସ ତାହାର ତଦନ୍ତ ଜାରିରଖିଛି। ମିଳିଥିବା ସୂଚନା ଅନୁଯାୟୀ,




ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅଲଣ୍ଡା ଗ୍ରାମର ଅଜିତ କୁମାର ପଣ୍ଡା ତାଙ୍କ ପଲସର ବାଇକ୍‌କୁ ଘର ବାରଣ୍ଡା ଉପରେ ରଖି ଘରେ ଶୋଇଥିଲେ। ବିଳମ୍ବିତ ରାତ୍ରରେ କୌଣସି ଚୋର ବାଇକଟିକୁ ଚୋରାଇ ନେଇଥିଲା। ଅଜିତ ବାଇକଟିକୁ ଅନୁସନ୍ଧାନ କରୁଥିବା ବେଳେ ବଳଙ୍ଗା ଥାନା କାଳିଆପଦା ଗ୍ରାମରେ ବାଇକ ରହିଥିବା ପୋଲିସର ସୂଚନା ହସ୍ତଗତ ହୋଇଥିଲା। ପୋଲିସ ସେଠାରେ ପହଞ୍ଚ ବାଇକଟିକୁ ଜବତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଦୀପକ ମଲିକ ନାମକ ଯୁବକକୁ ଧରିବାରେ ସକ୍ଷମ ହୋଇଛି। ଦୀପକ ଠାରୁ କିଛି ତଥ୍ୟ ପୋଲିସ ହାସଲ କରିଛି। ବାଇକ୍‌ଟିକୁ ଚୋରି କରିନେଇ ଇଞ୍ଜିନ୍ ବଦଳାଇ ଥିବାବେଳେ ନମ୍ବର ପ୍ଲେଟ୍ ମଧ୍ୟ ବଦଳାଯାଇଛି। ବର୍ତ୍ତମାନ ଏହି ବାଇକ୍‌ଟି ନିମାପଡ଼ା ଥାନାରେ ରହିଥିବା ଜଣାପଡ଼ିଛି।

## ରାକ୍ଷୀ ପୂର୍ଣ୍ଣିମାରେ ଅଘଟଣ

# ବାଇକ୍-ସ୍କୁଟି ଦୁର୍ଘଟଣାରେ ୭ ଆହତ

ନିମାପଡ଼ା, (ଭାସ୍କର ନ୍ୟୁଜ): ନିମାପଡ଼ା ରାକ୍ଷୀ ପୂର୍ଣ୍ଣିମାରେ ମଦ୍ୟପାନ କରି ବାଇକ୍ ଚଳାଇବା ଚାରିଜଣ ଯୁବକଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଚାରିଜଣ ଯୁବକଙ୍କ ମଧ୍ୟରୁ ତିନିଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବା ବେଳେ ଅଧିକ ଚିକିତ୍ସା ପାଇଁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି। ଏହି ଘଟଣାରେ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ବାଇକ୍‌ଟିକୁ ଜବତ କରି ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଶନିବାର ସନ୍ଧ୍ୟା ସମୟରେ ନିମାପଡ଼ା ଥାନା ଧୀରପୁର ଗ୍ରାମର ଅନୀଲ ବେଠିଆ (୨୪), ସୁନୀଲ ବେଠିଆ (୨୨), ମିଥୁନ ବେହେରା(୨୩), ପିପିଲି ଥାନା ଭଗବାନପୁର ଗ୍ରାମର ଦୀପକ ବେହେରା (୨୫) ଏକ ବାଇକ୍ ଯୋଗେ ପିପିଲି ଅଭିମୁଖେ ଯାଉଥିବା ବେଳେ ତଳଅଣ୍ଡିଆ ପୋଲ ନିକଟରେ ସମ୍ମୁଖ ପାଖରୁ ଆସୁଥିବା ଏକ ସ୍କୁଟିକୁ ଧକ୍କା ଦେଇଥିଲା। ସ୍କୁଟିରେ ଥିବା ସ୍ୱାମୀ, ସ୍ତ୍ରୀ ଓ ଶିଶୁ ପୁତ୍ର ସାମାନ୍ୟ ଆହତ ହୋଇଥିବା ବେଳେ



ବାଇକ୍‌ରେ ଥିବା ଚାରିଜଣ ଯୁବକ ରାସ୍ତାରେ ପଡ଼ି ୫୦ମିଟରରୁ ଊର୍ଦ୍ଧ୍ୱ ଘୁଷୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକମାନେ ସେଠାରେ ଗଦା ହୋଇଥିବା ବେଳେ ଚାରିଜଣଙ୍କୁ ଉଦ୍ଧାର କରି ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଅନୀଲ, ସୁନୀଲ, ମିଥୁନ୍‌ର ଅବସ୍ଥା ଗୁରୁତର ଥିବା ବେଳେ ଦୀପକ ସାମାନ୍ୟ ଆହତ ହୋଇଛି। ତୁରନ୍ତ ସେମାନଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି। ପୋଲିସ ବାଇକ୍‌ଟିକୁ ଜବତ କରିଥିବା ବେଳେ ଘଟଣାର ତଦନ୍ତ ଜାରିରଖିଛି। ରାକ୍ଷୀ ପୂର୍ଣ୍ଣିମାରେ ଦ୍ରୁତ ଗାଡ଼ି ଚାଳନାରୁ ଏପରି ଦୁର୍ଘଟଣା ଘଟିଛି ବୋଲି ସ୍ଥାନୀୟ ଲୋକମାନେ ପ୍ରକାଶ କରିଛନ୍ତି।

# କେନାଲରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ପାରାଦୀପ, (ଭାସ୍କର ନ୍ୟୁଜ୍): ଭଉଣୀର ଶାଶୁଙ୍କ ଦଶାହ ତୁଠ କାର୍ଯ୍ୟର ଯୋଗଦେବାକୁ ଯାଇ ଜନୈକ ଯୁବକ ତାଳଦଣ୍ଡା କେନାଲରେ ବୁଡ଼ି ନିଖୋଜ ହୋଇଯାଇଛନ୍ତି। ଘଟଣାରୁ ପ୍ରକାଶ ଯେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ଗ୍ରାମର ଦୀପ୍ତି ରଞ୍ଜନ ପରିଡା ଶନିବାର ଦିନ ଚାନ୍ଦପୁର ଗ୍ରାମ ସ୍ଥିତ ତାଙ୍କ ଭଉଣୀ ଶାଶୁଙ୍କ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଯାଇଥିଲେ। ତେବେ ନିକଟସ୍ଥ ତାଳଦଣ୍ଡା କେନାଲ ରେ ତୁଠ କାର୍ଯ୍ୟରେ ଦୀପ୍ତି ନିଜ ଭିଣୋଇଙ୍କ ସମେତ ପରିବାର ଲୋକଙ୍କ ସହିତ ମୁଣ୍ଡନ ଓ ସ୍ନାନ କର୍ମରେ ସାମିଲ ହୋଇଥିଲେ। କେନାଲରେ ଦୀପ୍ତି ରଞ୍ଜନ ଗାଧୋଉଥିବା ବେଳେ ଥଳକୂଳ ନପାଇ ବୁଡ଼ିଯାଇ ନିଖୋଜ ହୋଇଯାଇଥିଲେ। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ପୋଲିସ କର୍ମଚାରୀ ପହଞ୍ଚି ଦୀର୍ଘ ଖୋଜାଖୋଜି କରି ଦୀର୍ଘ ସମୟ ପରେ ଦୀପ୍ତିଙ୍କୁ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏଭଳି ହୃଦୟବିଦାରକ ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୧୮ଟି ଭାରତୀୟ ଫ୍ଲାପସେଲ୍ କଇଁଛ ଉଦ୍ଧାର, ଜଣେ ଗିରଫ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ମୋଟୁ ବନାଞ୍ଚଳ ଫରେଷ୍ଟର ମୁରଲୀଧର ଅନୁଗୁଳିଆ ଏବଂ ମୋଟୁ ତହସିଲର ରାଜସ୍ୱ ନିରୀକ୍ଷକ ସୁରେଶ ପୂଜାରୀଙ୍କ ନେତୃତ୍ୱରେ ମୋଟୁ ବନ ବିଭାଗ କର୍ମଚାରୀଙ୍କ ସହ ଏକ ମିଳିତ ଅଭିଯାନରେ ଆନ୍ଧ୍ରପ୍ରଦେଶର ସିଲେରୁ ନଦୀରେ ମାଛ ଧରିବା ହୁକ୍ ବ୍ୟବହାର କରି ୧୮ଟି ଭାରତୀୟ ଫ୍ଲାପସେଲ୍ କଇଁଛ ଶିକାର କରିବା ଏବଂ ସେମାନଙ୍କୁ ଏମ ପିଭି-୮୧ ଗାଁ'କୁ ପରିବହନ କରିବା ପାଇଁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏକ ଐତିହାସିକ କାର୍ଯ୍ୟରେ, ମାଲକାନଗିରି ବନ ବିଭାଗ ପ୍ରଥମ ଥର ପାଇଁ ଭାରତୀୟ ଫ୍ଲାପସେଲ୍ କଇଁଛଙ୍କ ସହ ଜଡ଼ିତ ଏକ ଶିକାର ମାମଲା ପଞ୍ଜିକରଣ କରିଛି। ଗିରଫଦାରୀ ମୋଟୁ-କୋଣ୍ଟା ସେତୁରେ ଘଟିଥିବା ଏହି ଘଟଣା ଅଭିଯୁକ୍ତଙ୍କ ସ୍ୱତନ୍ତ୍ର କବଜାରୁ କଇଁଛ ଏବଂ ପରିବହନ ପାଇଁ ବ୍ୟବହୃତ ମୋଟରସାଇକେଲ ଜବତ



କରାଯାଇଥିଲା। ତଦନ୍ତ ଅଧିକାରୀ ମନସୁନ ଖେମୁଣ୍ଡୁ ଉପଯୁକ୍ତ ତଦନ୍ତ ପରେ ନିଶ୍ଚିତ କରିଛନ୍ତି ଯେ ଏହା ଭାରତୀୟ ଫ୍ଲାପ୍ ସେଲ୍ କଇଁଛର ଶିକାର ଏବଂ ବେଆଇନ ବାଣିଜ୍ୟ ମାମଲା। ମୋଟୁ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଏମପିଭି-୮୧ ଗ୍ରାମର ଅଭିଯୁକ୍ତ ବିପନ ରାୟଙ୍କୁ ତଦନ୍ତ ଅଧିକାରୀ ୦୮.୦୮.୨୫ ତାରିଖରେ ମାନ୍ୟବର ଜେଏମଏଫସି-୭୯ କୋର୍ଟକୁ ବନ୍ୟପ୍ରାଣୀ ସୁରକ୍ଷା ଆଇନର ଉଲ୍ଲଂଘନ ପାଇଁ ପଠାଇଛନ୍ତି, ଯେଉଁଥିରେ ସିଡ୍ୟୁଲ୍-୧ ପ୍ରଜାତିର ଶିକାର ଏବଂ ବାଣିଜ୍ୟ ସାମିଲ ଅଛି। ଡିଭିଜନରେ ଏହି ପ୍ରଥମ ପ୍ରକାରର ମାମଲା ଏକ ଦୃଢ଼ ବାର୍ତ୍ତା ପଠାଏ ଯେ ଅବୈଧ ଶିକାରକୁ ବରଦାସ୍ତ କରାଯିବ ନାହିଁ। ମାଲକାନଗିରି ବନ ବିଭାଗ ବନ୍ୟପ୍ରାଣୀ ଅପରାଧ ରୋକିବା ଏବଂ ଏପରି ଅପରାଧିକ ରାକେଟକୁ ଭାଙ୍ଗିବା ପାଇଁ ପ୍ରତିବଦ୍ଧ ବୋଲି ପ୍ରକାଶ କରିଛନ୍ତି।

# ବିତରଣ ପ୍ରକ୍ରିୟାକୁ ସହଜ ଓ ସରଳ କରିବା ଦିଗରେ ଟିପିଏନଓଡିଏଲର ଗୁରୁତ୍ୱ

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ଉପଭୋକ୍ତାଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ଓ ସେମାନଙ୍କ ହାତ ପାଆନ୍ତାରେ ସମସ୍ତ ସୁବିଧା ସୁଯୋଗ ପହଞ୍ଚାଇବାକୁ ଗୁରୁତ୍ୱ ଦେଉଛି ଟିପିଏନଓଡ଼ିଏଲ। ବିଦ୍ୟୁତ ସେବା ସମ୍ପର୍କିତ ଯେ କୌଣସି ସମସ୍ୟାର ସମାଧାନ ପାଇଁ ୨୪ଘଣ୍ଟିଆ ଦେୟ ମୁକ୍ତ ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮/ ୧୯୧୨ ସୁବିଧା କରାଯିବା ସହ ୧୬ଟି ଗ୍ରାହକ ସେବା କେନ୍ଦ୍ର ଓ ୧୩୯ଟି ଅନୁଭବ କେନ୍ଦ୍ର ମଧ୍ୟ ଖୋଲିଛି। ଗ୍ରାହକ ସେବା କେନ୍ଦ୍ରଗୁଡ଼ିକ ଟିପିଏନଓଡିଏଲର ସମସ୍ତ ଡିଭିଜନରେ ଖୋଲିଥିବା ବେଳେ ଅନୁଭବ କେନ୍ଦ୍ରଗୁଡ଼ିକ ଗ୍ରାମାଞ୍ଚଳର ଉପଭୋକ୍ତାମାନଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ଖୋଲିଛି। ଏହି କେନ୍ଦ୍ରଗୁଡ଼ିକରେ ଉପଭୋକ୍ତା ବିଦ୍ୟୁତ ସେବା ସମ୍ପର୍କିତ ନିଜର ଦ୍ୱନ୍ଦ୍ୱ ଦୂର କରିବା, ସମସ୍ୟାର ସମାଧାନ କରିବା ସହିତ ବିଲ ପଇଠ କରିବାର ସୁବିଧା ପାଉଛନ୍ତି। ଗ୍ରାହକ ସେବା କେନ୍ଦ୍ର ଓ ଅନୁଭବ କେନ୍ଦ୍ରଗୁଡ଼ିକ ଛୁଟିଦିନ ବ୍ୟତୀତ ପ୍ରତିଦିନ ସକାଳ ୯.୩୦ରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ଖୋଲା ରହୁଥିବା ବେଳେ ସମସ୍ତ ସେକ୍ସନ,ସବ-ଡିଭିଜନ୍ ଓ ଡିଭିଜନ ଅଫିସରେ ମଧ୍ୟ ଉପଭୋକ୍ତା ନିଜର ଅଭିଯୋଗ ଦାଖଲ କରିବାର ସୁଯୋଗ ପାଉଛନ୍ତି। ସେହିପରି ବିଦ୍ୟୁତ ବିଲ ପଇଠ ପ୍ରକ୍ରିୟାକୁ ସହଜ କରିବା ପାଇଁ




ଟିପିଏନଓଡିଏଲର ସମସ୍ତ ଡିଜିଟାଲ ପଦ୍ଧତି ଜରିଆରେ ବିଲ ଗ୍ରହଣ କରୁଥିବାବେଳେ ସ୍ୱାଇସ ମନି କେନ୍ଦ୍ର, ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ, ଏସବିଆଇ କଷ୍ଟମର ଟଚ ପଏଣ୍ଟ ଭଳି ବିଭିନ୍ନ ତୃତୀୟ ପକ୍ଷ ସଂସ୍ଥା ଦ୍ୱାରା ବିଦ୍ୟୁତ ବିଲ୍ ପଇଠ ପାଇଁ ସୁବିଧା ଉପଲବ୍ଧ କରିଛି। ବିଜୁଳି ସେବା ସମ୍ବନ୍ଧିତ ସମସ୍ତ ସହାୟତା ପାଇଁ 'ମାଇଁ ଟାଟା ପାୱାର ଆପ'କୁ ବ୍ୟବହାର କରିବାକୁ ଟିପିଏନଓଡିଏଲ ନିଜର ଉପଭୋକ୍ତାମାନଙ୍କୁ ପରାମର୍ଶ ଦେଇଛି। ଅପରପକ୍ଷେ ସଚେତନତାକୁ ଗୁରୁତ୍ୱ ଦେଇ ଟିପିଏନଓଡିଏଲ୍ ପକ୍ଷରୁ "ଡିଜିଟାଲ୍ ଦିବସ" ପାଳିତ ହୋଇଯାଇଛି। ବିଦ୍ୟୁତ୍ ସେବା କ୍ଷେତ୍ରରେ ଡିଜିଟାଲ୍ ମାଧ୍ୟମଗୁଡ଼ିକୁ ପ୍ରୋତ୍ସାହନ ଦେବା ଓ ଉପଭୋକ୍ତା ତଥା କର୍ମଚାରୀଙ୍କ ମଧ୍ୟରେ ଏ ସମ୍ପର୍କିତ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ 'ଡିଜିଟାଲ ମାସ' ମଧ୍ୟ ପାଳିତ ହୋଇଥିଲା। ଏହି ଅବସରରେ କମ୍ପାନୀର ଭବିଷ୍ୟତ ଦୃଷ୍ଟିକୋଣ ସମ୍ପର୍କରେ ଉଲ୍ଲେଖ କରି ସିଇଓ ଗଜାନନ କାଲେ କହିଥିଲେ ଯେ, ଉପଭୋକ୍ତାଙ୍କୁ ଏକ ଆଧୁନିକ, ସହଜ ତଥା ସୁବିଧାଜନକ ବିଦ୍ୟୁତ୍ ସେବା ବିତରଣ ପାଇଁ ଟିପିଏନଓଡ଼ିଏଲ ସର୍ବଦା ଗୁରୁତ୍ୱ ଦେଇ ଆସିଛି। ଡିଜିଟାଲ୍ ମାସରେ ଆଭ୍ୟନ୍ତରୀଣ ଡିଜିଟାଲ୍ ଭିତ୍ତିଭୂମିକୁ ସୁଦୃଢ଼ୀକରଣ ଉଦ୍ଦେଶ୍ୟରେ ଟିପିଏନଓଡିଏଲ୍ କର୍ମଚାରୀଙ୍କ ପାଇଁ ଜ୍ଞାନ-ବିନିମୟ କର୍ମଶାଳା ଆୟୋଜନ ସହ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଆଦି ଆୟୋଜନ କରିଥିଲା।

## ଏକତରଫା ପ୍ରେମ ଘଟଣା

# ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରୀ ମୃତ୍ୟୁ ହୋଇଥିବା ସୂଚନା

ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଏକତରଫା ପ୍ରେମ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଜେରା ପରେ କୋର୍ଟ ଫରୱାର୍ଡ କରିଥିବା ପୋଲିସ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲା। ପ୍ରକାଶ ଥାଉ କି ଜୀବନ ଓ ମୃତ୍ୟୁର ଦୋ'ଛକିରେ ଯୁବତୀ-ଯୁବତୀଙ୍କ ମୃତ୍ୟୁକୁ ଅପେକ୍ଷା କରି ରାଇଘର ଠାରୁ ଉମରକୋଟ ପରେ ନବରଙ୍ଗପୁର ଜିଲ୍ଲା ହସ୍ପିଟାଲରେ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇ ଥିଲା। ଯୁବତୀ ଜଣକ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ସହି ନପାରି ଛାତ୍ରୀଙ୍କ ବିଷଖାଇ ଆତ୍ମହତ୍ୟା ଉଦ୍ୟମ, କରିଥିଲେ। ପରିବାର ଲୋକ ନିଜ ଝିଅ କୁ ବଞ୍ଚାଇବାକୁ ଚେଷ୍ଟା କରି ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସା କରିବାକୁ ନେଇ ନିରାଶ ହୋଇ ଫେରିଥିଲେ ଯାହା ଏବେ ନବରଙ୍ଗପୁର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟି ଥିଲା। ରାଇଘର ଅଞ୍ଚଳର ଝିଅ ଜୟପୁର ଠାରେ ଏକ କଲେଜରେ ବିଏସ୍‌ସି ନର୍ସିଂ ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ହଷ୍ଟେଲ ରହି ପାଠ ପଢୁଥିଲେ। ଝିଅର ପୋଡ଼ଶୀ ସତ୍ୟଜିତ ସରକାର, କୃଷି ବିଜ୍ଞାନ ଛାତ୍ର ପୀଡିତା ଛାତ୍ରୀଙ୍କୁ ଏକ ତରଫା ପ୍ରେମ କରୁଥିଲେ। ସେ ବାରମ୍ବାର ପୀଡ଼ିତାଙ୍କୁ ହଇରାଣ କରୁଥିଲେ। ଗତ ଜୁଲାଇ ୧୩ ତାରିଖ ଦିନ ଜୟପୁର ସହରରେ ଛାତ୍ରୀ ଜଣକ ବଜାରକୁ ସଉଦା କିଣିବାକୁ ଯାଇଥିବା ବେଳେ ଏକ ସତ୍ୟଜିତ ବିଚ ବଜାରରେ ଛାତ୍ରୀଙ୍କୁ ମାରପିଟ କରିଥିଲେ। ସତ୍ୟଜିତ ଛାତ୍ରୀଙ୍କୁ ଏତେ ମାଡ଼ ମାରିଥିଲେ ଯେ ତାଙ୍କ ଆଖି ଓ ମୁହଁ ଫୁଲି ଯାଇଥିଲା, ଯାହାପଳରେ ଜୟପୁର ଟାଉନ ଥାନା ପର୍ଯ୍ୟନ୍ତ କଥା ଗଲା। କିନ୍ତୁ ପୋଲିସ ଉଭୟଙ୍କୁ ବୁଝାସୁଝା କରି ଛାଡିଦେଇ ଥିଲେ। ୧୫ ଜୁଲାଇରେ ଜୟପୁର ଟାଉନ ଥାନାରେ ପୀଡିତା ନିଜ ତରଫରୁ ଏକ ଏଫଆଇଆର୍ ଦେଇଥିଲେ ଓ ନିଜ ଅଭିଭାବକଙ୍କ ସହ ଘରକୁ ଫେରି ଆସିଥିଲେ। ଜୟପୁର ପୋଲିସ କିନ୍ତୁ ଘଟଣାକୁ ଅତି ହାଲକାରେ ନେଇଥିଲେ। ସତ୍ୟଜିତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ। ଅନ୍ୟ ପଟେ ସତ୍ୟଜିତ ପୀଡିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କ କିଛି ଫୋଟ ଓ ଭିଡିଓ ସୋସିଆଲ ମିଡ଼ିଆରେ ଭାଇରଲ କରିଥିଲେ। ଏଥିରେ ପୀଡିତା ଲୋକାଲଜ୍ୟା ସହି ନ ପାରି ୧୭ ଜୁଲାଇରେ ଘରେ ଥିବା ଘାସମରା ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଘର ଲୋକ ଘାସମରା ବିଷ ଖାଇବା ଜାଣି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରବର୍ତ୍ତୀ ଅବସ୍ଥାରେ କୋଣ୍ଡାଗାଁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅବସ୍ଥା ଗୁରୁତର ହେବାରୁ ରାୟପୁର ନେଇଥିଲେ। କିନ୍ତୁ ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ନ ହେବା ଯୋଗୁଁ ୨୧ ଜୁଲାଇରେ ଚିକିତ୍ସାଳୟ ପକ୍ଷରୁ ଘରକୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ। ପୀଡିତାଙ୍କ ପରିବାର ତାଙ୍କୁ ଘରକୁ ନେଇ ଆସିଥିଲେ। ବର୍ତ୍ତମାନ ପୀଡିତା ଜଣକ ଘରେ ମରଣ ସହ ସଂଗ୍ରାମ କରୁଛନ୍ତି। ଏ ସମ୍ବନ୍ଧରେ ଶନିବାର ରାଇଘର ଥାନାରେ ପୀଡିତାଙ୍କ ଦାଦା ଏକ ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗ କରିଥିଲେ ଯେ ଜୟପୁର ଠାରେ ସତ୍ୟଜିତ ପୀଡିତାଙ୍କୁ ବିଚ ବଜାରରେ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଲାପରେ ପୋଲିସ ସତ୍ୟଜିତଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ନ ନେବା ଯୋଗୁଁ ସତ୍ୟଜିତ ଗାଁ'କୁ ଆସି ବାହାଦୁରି ମାରି ସୋସିଆଲ ମିଡ଼ିଆରେ ପୀଡିତାଙ୍କ ଚରିତ୍ର ସଂହାର ପାଇଁ ଉଦ୍ୟମ କରିଥିଲା। ଯାହା ଫଳରେ ପୀଡିତା ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ଓ ଅତ୍ୟାଚାରର ନ୍ୟାୟ ନ ପାଇବା ଆଶଙ୍କାରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିଲେ। ଜୟପୁର ପୋଲିସ ଯଦି ସତ୍ୟଜିତଙ୍କୁ ଅଟକ ରଖିଥାନ୍ତେ କିମ୍ବା ଗିରଫ କରିଥାନ୍ତେ ତେବେ ଆଜି ଆମ ଝିଅ ଅବସ୍ଥା ଏମିତି ହୋଇ ନଥାନ୍ତା ବୋଲି ଅଭିଯୋଗ କରିଥିଲେ। ଦୁଇ ଅଭିଯୁକ୍ତ ସତ୍ୟଜିତ ସରକାରକୁ ଦଶପଲ୍ଲାରୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ବନ୍ଧୁ ଉଦ୍ଧବ ନାୟକ ଜୟପୁର ମୁଖ୍ୟ ଚିକିତ୍ସାଳୟରେ ସୁରକ୍ଷା ଭାବେ କାମ କରୁଥିବା ବେଳେ ସେଠାରୁ ତାକୁ ଗିରଫ କରି ରାଇଘର ଆଣିଥିଲେ। ଏହା ନେଇ ମାତୃ ଆଶ୍ରମର ଅଧକ୍ଷା କାଦମ୍ବିନି ତ୍ରିପାଠୀ ସାମ୍ବାଦିକ ସମ୍ମିଳନୀ କରି ଦିଲ୍ଲୀ ଏମ୍ସକୁ ଏୟାର ଲିଫ୍ଟ କରି ନେବାକୁ ଦାବି କରିଥିଲେ। ଝିଅର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାକୁ ଭୁବନେଶ୍ୱର ଏମସ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଝିଅ ଅବସ୍ଥା ସଙ୍କଟାପନ୍ନ ଥିବା ଖବର ମିଳିଥିଲା। ଏମ୍ସ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ଛାତ୍ରୀର ମୃତୁ ହୋଇଥିବା ସୂଚନା ମିଳିପାରିଛି।

# ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ଅଭିଯୋଗ



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଅଧୀନ ମଳ ଉପଚାର କେନ୍ଦ୍ରରେ କେତେକ ଆସାମାଜିକ ବ୍ୟକ୍ତି ପ୍ରବେଶ କରି ମ୍ୟୁନିସିପାଲିଟିର ଟ୍ରାନ୍ସଜେଣ୍ଡର କର୍ମଚାରୀଙ୍କୁ ବଳାତ୍କାର ଓ ହତ୍ୟା ଉଦ୍ୟମ କରିଥିଲେ। ଶନିବାର ଦିନ ପ୍ରାୟ ୧୨.୩୦ ମିନିଟ ସମୟରେ ତିନି ଜଣ ଅସାମାଜିକ ବ୍ୟକ୍ତି ଜୋରଜବରଦସ୍ତ ମଳ ଉପଚାର କେନ୍ଦ୍ରର ପ୍ଲାଣ୍ଟରେ ପ୍ରବେଶ କରିଥିଲେ ଏବଂ କାର୍ଯ୍ୟରତ କର୍ମଚାରୀଙ୍କୁ ଅପମାନଜନକ ଭାଷା ବ୍ୟବହାର କରି ଗାଳି ଗୁଲଜ କରିଥିଲେ। ତା ସହିତ କାର୍ଯ୍ୟାଳୟର ଆସବାବପତ୍ର ମଧ୍ୟ ଭାଙ୍ଗି ଦେଇଥିଲେ। କର୍ମଚାରୀମାନେ ଏହା ନ କରିବାକୁ ଅନୁରୋଧ କରିଥିଲେ ମଧ୍ୟ ସେମାନେ ଅନୁରୋଧକୁ ନ ଶୁଣି ଟ୍ରାନ୍ସଜେଣ୍ଡର କର୍ମଚାରୀଙ୍କୁ ବଳାତ୍କାର ଏବଂ ହତ୍ୟା କରିବାକୁ ଚେଷ୍ଟା କରିଥିଲେ। ତା'ସହିତ କର୍ମଚାରୀଙ୍କ ମୋବାଇଲ୍ ମଧ୍ୟ ଭାଙ୍ଗି ଦେଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି କମ୍ପ୍ୟୁଟର ନେଇ କାନ୍ଥ ଡେଇଁ ପଳାଇ ଯାଇଥିଲେ। ମଳ ଉପଚାର କେନ୍ଦ୍ରର କାର୍ଯ୍ୟରତ କର୍ମଚାରୀଙ୍କ ଦ୍ୱାରା ଦାଖଲ କରା ଯାଇଥିବା ଆବେଦନ ଅନୁଯାୟୀ ଆସାମାଜିକ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜଳେଶ୍ୱର ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ଜଳେଶ୍ୱର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ବର୍ଷାଋତୁରେ ଚାଲିଛି ବାଲିଖନନ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ଖଣି ଉପନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକୁ ବାଲି ମାଫିଆମାନେ ଫୁ କରି ଉଡାଇ ଦେଇଛନ୍ତି। ବାଲି ମାଫିଆମାନେ ବର୍ଷା ଋତୁରେ ସମସ୍ତ ସରକାରୀ କଟକଣାକୁ ଉଲଘଂନ କରି ଖୁଲମ ଖୁଲା ଭାବେ ବାଲି ଖନନ କରୁଥିବାର ଅଭିଯୋଗ ହୋଇଛି। ଯାହାକୁ ନେଇ ନଦୀ ବନ୍ଧ ପ୍ରତି ବିପଦର ଆଶଙ୍କା ସୃଷ୍ଟି ହୋଇଛି। ଗତ ଜୁଲାଇ ୨ତାରିଖ ଦିନ କଟକ ଜିଲ୍ଲା ଖଣି ଉପନିର୍ଦ୍ଦେଶକ ଜିଲ୍ଲାର ସମସ୍ତ ବାଲିଘାଟ ଲିଜଧାରୀ ଓ ସମସ୍ତ ଥାନାକୁ ନଦୀ ବାଲି ଉତୋଳନ ନକରିବା ନିମନ୍ତେ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଖଣି ନିର୍ଦ୍ଦେଶକଙ୍କ ଏହି ନିର୍ଦ୍ଦେଶକୁ ବାଲି ମାଫିଆମାନେ ଫୁ କରି ଉଡାଇ ଦେଇଛନ୍ତି। ଏହି ବ୍ଲକର କେଂଟାଲୋ ଗ୍ରାମ ପଞ୍ଚାୟତ କୁଲସୁକରପଡା ଗ୍ରାମର ବାମପାର୍ଶ୍ୱରେ ଥିବା ଲୁଣା ନଦୀରୁ ପୋକଲିନ ମେସିନ ସାହାଯ୍ୟରେ ବାଲି ଉଠାଯାଇ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠାଯାଉଥିବାର ଅଭିଯୋଗ ହୋଇଛି। ସାମ୍ପ୍ରତିକ ପରିସ୍ଥିତିରେ ସ୍ଥାନୀୟ ଅଂଚଳରେ ବାଲିର ଯଥେଷ୍ଟ ଚାହିଦା ଥିବା କାରଣରୁ ଚଢା ଦରରେ ବାଲି ବିକ୍ରୟ କରାଯାଉଥିବାର ଅଭିଯୋଗ ହୋଇଛି। ତେବେ ଏହି ବ୍ଲକର ବରପଡା ଠାରୁ ଅସୁରେଶ୍ୱର ପର୍ଯ୍ୟନ୍ତ ଲୁଣା ନଦୀର ବାମ ପାର୍ଶ୍ୱବନ୍ଧ ଅତ୍ୟନ୍ତ ଦୁର୍ବଳ ଥିଲା ବେଳେ ଏହି ବନ୍ଧ ଉପରେ ଭାରିଯାନ ବାଲି ନେଇ ଯାଆସ କରୁଥିବା କାରଣରୁ ନଦୀ ବନ୍ଧ ପ୍ରତି ବିପଦର ଆଶଙ୍କା ସୃଷ୍ଟି ହୋଇଛି। ତେବେ ଏଦିଗରେ ନିଶ୍ଚିନ୍ତକୋଇଲି ତହସିଲ ଓ ଥାନା ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।

# ବିଞ୍ଝାରପୁର ବିଧାୟିକା ପ୍ରମିଳା ପାଳିଲେ ରକ୍ଷାବନ୍ଧନ



ବିଞ୍ଝାରପୁର, (ଭାସ୍କର ନ୍ୟୁଜ୍): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ସ୍ଥିତ ସୋନି ମଣ୍ଡପ ଠାରେ ବିଜୁ ଜନତା ଦଳ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ କର୍ମୀ ମାନଙ୍କ ହାତରେ ରାକ୍ଷୀ ବାନ୍ଧି ଶୁଭ ମନାସି ଥିଲେ। ଭାରତୀୟ ସଂସ୍କୃତି ରେ ଭାଇ ଭଉଣୀର ପବିତ୍ର ସମ୍ପର୍କର ଏହି ପର୍ବ ଅତ୍ୟନ୍ତ ନିଆରା। ଭଉଣୀଟିଏ ଭାଇ ହାତରେ ରାକ୍ଷୀ ବାନ୍ଧି ଭାଇର ମଙ୍ଗଳ ମନାସିଥାଏ। ଅନ୍ୟପକ୍ଷରେ ଭାଇ ତାର ଭଉଣୀର ସୁରକ୍ଷା ପାଇଁ କଥା ଦେଇଥାଏ। ବିଂଝାରପୁର ନିର୍ବାଚନ ମଣ୍ଡଳୀର ସବୁ ଭାଇ ମାନଙ୍କ ହାତରେ ରାକ୍ଷୀ ବାନ୍ଧି ପ୍ରତିବର୍ଷ ସେମାନଙ୍କ ଶୁଭମନାସିବା ନିଶା ପାଣି ବ୍ୟବହାର ନକରିବାକୁ ବିଧାୟିକା ପ୍ରମିଳା ମଲ୍ଲିକ ରାଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରଞ୍ଜିତା ଦାସ, ଉପାଧ୍ୟକ୍ଷ ସେକ ଇର୍ସାଦ, ଜିଲ୍ଲାପରିଷଦ ସଭ୍ୟ ନନ୍ଦ କିଶୋର ସାମଲ, କୈଳାଶ ସେଠୀ, ପ୍ରଦୀପ ମହାନ୍ତି, ଯୁବ ବିଜେଡି ସଭାପତି ଦିଲୀପ ରାଉଳ, ଛାତ୍ର ବିଜେଡି ସଭାପତି ଲେନିନ ଦାସ, ସତ୍ୟଭୁଷଣ ମଲିକ, ଷୌଭାଗ୍ୟ ନାୟକ ତପନ ସଂଜୟ କୁମାର ପଡିଆରିଙ୍କ ସମେତ ବହୁ କର୍ମୀ ଓ ଶୁଭେଚ୍ଛୁ ଯୋଗ ଦେଇଥିଲେ। ରାଖୀ ବାନ୍ଧି ସମସ୍ତଙ୍କୁ ମିଠା ଖୁଆଇ ଭଲ ମଣିଷ ହେବାକୁ କହିଥିଲେ ବିଧାୟିକା।

# ବାଲି ବୋଝେଇ ହାଇୱା ଜବତ

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା କଣ୍ଟାପଡ଼ା ତହସିଲ ଅନ୍ତର୍ଗତ ଦେବୀ ଓ କନ୍ଦଳ ନଦୀର ଉଭୟରୁ ବାଲି ମାଫିଆ ମାନେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଭାଙ୍ଗି ଶହଶହ ଟ୍ରିପ ବାଲି ମେସିନ୍ ସାହାର୍ଯ୍ୟରେ ଲୁଟି ନେଉଥିଲେ ଏବଂ ତାହାକୁ କଳାବଜାର ଦରରେ ଖାଉଟି ମାନଙ୍କୁ ବିକୁଥିଲେ। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଆଖି ଠାର ଏକ ସନ୍ଦେହ ପରିସ୍ଥିତି ସୃଷ୍ଟି କରିଥିଲା। ପୋଲିସ ଏବଂ ଖଣି ବିଭାଗ ଗତ କାଲି ସନ୍ଧ୍ୟାରୁ ସଜାଗ ହେବାରୁ ବାଲି ମାଫିଆ ମାନଙ୍କୁ ନିରାଶ ହେବାକୁ ପଡୁଛି। ବେଆଇନ ଭାବରେ ବାଲି ବୋଝେଇ କରି ନେଉଥିବା ଗୋଟିଏ ହାଇୱାକୁ କଟକ ସଦର ଉପଖଣ୍ଡ ଅଧିକାରୀ କିରଣ ହ୍ରେମମ, ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ ଓ ଗୋବିନ୍ଦପୁର ଥାନା ପୋଲିସ ଜବତ କରି ଗୋବିନ୍ଦପୁର ଥାନାରେ ରଖିଥିବା ନେଇ ସୂଚନା ମିଳିଛି। ଏହା ପରଠାରୁ ହାଇୱା ଗାଡି ଲୁଚିବା ଆରମ୍ଭ କରିଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ ବିଜେଡି ସରକାର ଅମଳରେ ଦେବୀ ଓ କନ୍ଦଳ ନଦୀ ସମେତ ଏବଂ ଏହାର ଶାଖା ନଦୀ ମାନଙ୍କରେ ବହୁ ସଂଖ୍ୟକ ବେଆଇନ ବାଲି ଘାଟ ଖୋଲି କୋଟି କୋଟି ଟଙ୍କା ବାଲିକୁ ମାଫିଆମାନେ ଲୁଟି ନେଉଥିଲେ। ସରକାର ବଦଳିବା ପରେ ବିପୁଳ ପରିମାଣର ନଦୀ ବାଲି ଚୋରା ଚାଲାଣ କମିବା ବଦଳରେ ବହୁ ଗୁଣିତ ହୋଇଥିଲା। ଏପରିକି ନଦୀର ବନ୍ୟା ସମୟରେ ବାଲି ଉଠାଣ ନଦୀ ବନ୍ଧ ପ୍ରତି ବିପଦ ସାଙ୍ଗକୁ ରାଜ୍ୟ ରାଜକୋଷକୁ କ୍ଷତି ପହଞ୍ଚାଇବା ସତ୍ତ୍ୱେ ଏହାକୁ ନିୟନ୍ତ୍ରଣ କରିବାରେ ସରକାର ଅସଫଳ ହେଉଥିବା ସର୍ବତ ଆଲୋଚନା ଜୋର ଧରିଥିଲା। ଏପରିକି ଜିଲ୍ଲା ପ୍ରଶାସନ ଓ ଖଣିବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶା ବଳିକୁ ଭଙ୍ଗ କରି ବାଲି ଉଠାଯାଉଥିବା ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସରକାର ବିଭିନ୍ନ ଥାନା, ଜିଲ୍ଲା ପୋଲିସ କର୍ତ୍ତୃପକ୍ଷ ଓ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ବାଲି ମାଫିଆ ମାନେ ଏହାକୁ ଭୃକ୍ଷେପ ନକରି ବାଲି ଉଠାଣ ଜାରି ରଖିଥିବା ବେଳେ ଗତକାଲି ସନ୍ଧ୍ୟାରୁ ଗୋବିନ୍ଦପୁର ପୋଲିସ ଓ କଟକ ଜିଲ୍ଲା ଖଣି ବିଭାଗ ଏବଂ କେତେକ ଗଣମାଧ୍ୟମର ପ୍ରତିନିଧି ଓ ବାଲି ମାଫିଆ ମଧ୍ୟରେ ଛକାପଞ୍ଝା ହୋଇଥିଲା। ଫଳରେ ସଶସ୍ତ୍ର ପୋଲିସ ବଳ ବିଭିନ୍ନ ନଦୀ ଘାଟକୁ ରାସ୍ତା ନିକଟରେ ଜଗି ରହିଥିଲେ। ମାଫିଆମାନଙ୍କ ପକ୍ଷରୁ ନିଯୁକ୍ତ ଲୋକେ ବିଭିନ୍ନ ଯାନବାହାନରେ ପରିସ୍ଥିତିକୁ ଅନୁଧ୍ୟାନ କରୁଥିଲେ। କଟକ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତିକ ସିଂଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପକ୍ଷରୁ ଚୋରା ବାଲିଘାଟ ଉପରେ ନଜର ରଖିଥିଲେ। ଫଳରେ ବାଲି ମାଫିଆଙ୍କୁ ନିରାଶ ହେବାକୁ ପଡିଥିଲା।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ବୌଦ୍ଧ(ଭାସ୍କର ନ୍ୟୁଜ୍): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବୌଦ୍ଧରେ ୩୭ ତମ ବିଦ୍ୟାଳୟ ସ୍ତର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଅଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଉଦ୍ଭିଦ ବିଭାଗର ବିଜ୍ଞାନ ଅଧ୍ୟାପକ ପ୍ରକାଶ ଦାସ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୃସିଂହ ଜାଲ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ନିରୋଦ ମେହେର, ଗୌରୀ ଶଙ୍କର ପବ୍ଲିକ ସ୍କୁଲର ବିଜ୍ଞାନ ଶିକ୍ଷକ ସୌମିତ୍ରି ବାରିକ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦଣ୍ଡଧର ସାହୁ, ସମ୍ପାଦକ ସୁଦାମ ପ୍ରଧାନ ମଞ୍ଚ ଉପରେ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀବସ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର କୋଷାଧ୍ୟକ୍ଷ ଅଭିଷେକ ଅଗ୍ରୱାଲ, ସଦସ୍ୟା ଶ୍ରୀମତୀ ପୁଷ୍ପାଞ୍ଜଳି ନାୟକ , ତୃପ୍ତିମୟୀ ପଟ୍ଟନାୟକ ମଞ୍ଚରେ ଉପସ୍ଥିତ ଥିଲେ । ବିଚାରକ ଭାବରେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ନୃସିଂହ ଜାଲ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶ୍ରୀଯୁକ୍ତ ନିରୋଦ ମେହେର, ଗୌରୀ ଶଙ୍କର ପବ୍ଲିକ ସ୍କୁଲର ବିଜ୍ଞାନ ଶିକ୍ଷକ ଶ୍ରୀମାନ ସୌମିତ୍ରି ବାରିକ ଦାୟିତ୍ୱ ତୁଲାଇଥିଲେ । ଉକ୍ତ ଜ୍ଞାନ ବିଜ୍ଞାନ ମେଳାରେ ପ୍ରାକ୍ ଶିଶୁ, ଶିଶୁ, ବାଲ ଓ କିଶୋର ବର୍ଗରେ ବିଜ୍ଞାନ ବିଭାଗରେ ୧୩୩ ଟି ଓ ଗଣିତ ବିଭାଗରେ ୧୫ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ମୁଖ୍ୟ ଅତିଥି ଡ. ପ୍ରକାଶ କୁମାର ଦାସ ଶିଶୁ ଭାଇ ଭଉଣୀମାନଙ୍କୁ ବିଜ୍ଞାନ ଓ ଗଣିତର ଗୁରୁତ୍ୱ ସହ ଉଦ୍ଭାବନୀ ଶକ୍ତିରେ କିଭଳି ଜଣେ ଜଣେ ବୈଜ୍ଞାନିକ ହେବେ ଉତ୍ସାହିତ କରିଥିଲେ । ବିଦ୍ୟାଳୟସ୍ତରରେ ଚୟନ ହୋଇଥିବା ଶିଶୁ ଭାଇ ଭଉଣୀ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଯୋଗଦାନ କରିବେ । ଶେଷରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଅଶୋକ କୁମାର ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ ।



## ଜିଲ୍ଲାସ୍ତରୀୟ 'ଆସ ସ୍କୁଲ ଯିବା ଅଭିଯାନ' ବୈଠକ




ବୌଦ୍ଧ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଯୋଗେନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଜିଲ୍ଲାସ୍ତରୀୟ ଆସ ସ୍କୁଲ ଯିବା ଅଭିଯାନ ଯୋଜନା ବୈଠକ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୋଜନା ସଂଯୋଜକ ଦେବାଶିଷ ଦ୍ୱାରୀ ଅତିଥି ପରିଚୟ ସହିତ ସ୍ୱାଗତ ଜଣାଇଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଦୁବେ ଆସ ସ୍କୁଲ ଯିବା ଯୋଜନାର ବିସ୍ତୃତ ଆଲୋଚନା କରିଥିଲେ । ୦ ରୁ ୧୮ ବର୍ଷର ଯେଉଁପିଲାମାନଙ୍କର କୌଣସି କାରଣରୁ ସ୍କୁଲରେ ନାମଲେଖା ହୋଇନାହିଁ କିମ୍ବା ନାମ ଲେଖା ହୋଇଛି କିନ୍ତୁ ସ୍କୁଲ ଆସୁନାହାନ୍ତି ସେମାନଙ୍କ ଚିହ୍ନଟପ୍ରକ୍ରିୟା ସରିଯାଇଛି, ସେହି ପିଲାଙ୍କ ଘରକୁ ଯାଇ, ସରକାରଙ୍କ ସମସ୍ତ ଯୋଜନା ବୁଝାଇ ସ୍କୁଲକୁ ଆଣିବା, ମୁଖ୍ୟ ସ୍ରୋତରେ ସାମିଲ କରିବା, ଏଥିପାଇଁ ବିଦ୍ୟାଳୟ, କ୍ଲଷ୍ଟର, ବ୍ଲକ ଓ ଜିଲ୍ଲା ସ୍ତରରେ କମିଟି ଗଠନ ହୋଇ ସାରିଛି । ପ୍ରତି ବିଦ୍ୟାଳୟରେ ସ୍ୱତନ୍ତ୍ର ଅଭିଭାବକ ବୈଠକ, ଗ୍ରାମରେ ଗ୍ରାମସଭା ଓ କ୍ଲଷ୍ଟରରେ ଶିକ୍ଷା ସଭା କରି ଉକ୍ତ କାର୍ଯ୍ୟକୁ କରିବାକୁ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ବୃକ୍ଷ ରୋପଣ, ବିଦ୍ୟାଳୟ ଜମିପଟ୍ଟା ସହିତ ବିଭାଗୀୟ ବିଷୟକୁ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବୌଦ୍ଧ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା, ସହଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବିଆରସିସି ବୌଦ୍ଧ କାମଳକାନ୍ତ ଦଳବେହେରା, ଭାରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରଭଙ୍ଗା ଭୁବନେଶ୍ୱର ସେଠୀ,କଣ୍ଟାମଳ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଦୁର୍ଗାଚରଣ ପ୍ରଧାନ ସମସ୍ତ ସି ଆର ସି ସି ତଥା ବିଭିନ୍ନ ବିଭାଗୀୟ ସଂଯୋଜକ ଉପସ୍ଥିତ ଥିଲେ କ୍ଷ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳକାନ୍ତ ଦଳବେହେରା ଧନ୍ୟବାଦ ଦେଇଥିଲେ ।

## ଯାଇଥିଲେ ଦାଦନ ଖଟି, ଫେରିଲେ ଶବ ହୋଇ



କୋଷାଗୁମୁଡା(ଭାସ୍କର ନ୍ୟୁଜ୍): ସରକାର କୁଶଳୀ ଓ ଅଣକୁଶଳୀ ଶ୍ରମିକ ତଥା ଖଟିଖିଆ ଓ ଦିନ ମଜୁରିଆମାନଙ୍କୁ ନିଜ ପଞ୍ଚାୟତ ଭିତରେ ଶହେ ଦିନର କାମ ଯୋଗେଇ ଦେବା ସଂକଳ୍ପ ନେଇ ଏନଆରଇଜିଏସ ଯୋଜନା କରିଛନ୍ତି । ହେଲେ ଏହି ଯୋଜନା ସାଧାରଣ ଲୋକଙ୍କ ପାଖରେ ନପହଞ୍ଚି କେବଳ କାଗଜ କଲମରେ ହିଁ ସୀମିତ ରହୁଛି ।କୌଣସି ବି ଏନଆରଇଜିଏସ କାର୍ଯ୍ୟରେ ଶ୍ରମିକମାନଙ୍କୁ ନିୟୋଜିତ ରହିଥିବା ଦେଖିବାକୁ ମିଳୁନି । ଜେସିବି, ଟ୍ରାକ୍ଟର ଓ ଅନ୍ୟାନ୍ୟ ଯନ୍ତ୍ରପାତି ଲଗେଇ କାମ ଗୁଡିକୁ ସାରି ଦେଉଛନ୍ତି ମଧ୍ୟସ୍ଥି ଦଲାଲମାନେ ଶ୍ରମିକ ମାନଙ୍କ ଠାରୁ ଲେବର କାର୍ଡ ସବୁ ସଂଗ୍ରହ କରି ତହିଁରେ ବିଲ କରି ସବୁ ଏନଆରଜିଏସ ଟଙ୍କା ଆତ୍ମସାତ କରିଖାଉଛନ୍ତି ।ତେଣୁ ଶ୍ରମିକମାନେ ନିଜ ଅଞ୍ଚଳରେ କାମଧନ୍ଦା କିଛି ନପାଇ ବାଧ ହୋଇ ବାହାର ଜିଲ୍ଲା, ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକଥନୀୟ କଷ୍ଟ ସହୁଛନ୍ତି । ଦାଦନ ଯାଇ କିଏ ହାତ ହରାଉଛନ୍ତି ତ କିଏ ଗୋଡ଼ ହରେଇ ପଙ୍ଗୁ ହୋଇ ଗାଁକୁ ଫେରୁଛନ୍ତି । କେହି କେହି ପରିବାର ପୋଷିବା ସ୍ୱପ୍ନ ନେଇ ଦାଦନ ଖଟିବାକୁ ଯାଇ ଶବ ହୋଇ ଗାଁକୁ ଫେରୁଛନ୍ତି । କିଛି ଶ୍ରମିକଙ୍କ ମୃତଦେହ ମଧ୍ୟ ଗାଁକୁ ପହଞ୍ଚି ପାରୁନି । ମୃତକଙ୍କ ପରିବାର ବର୍ଗ ନିଜ ବାପଭାଇର ଶେଷ ଦର୍ଶନ ମଧ୍ୟ କରି ପାରୁନାହାନ୍ତି । ଏମିତି ଏକ ଦୁଃଖଦ ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମାର ମାଝୀଗୁଡ଼ା ଗ୍ରାମରେ । ଗ୍ରାମର ୭ନଂ ୱାର୍ଡର ୱାର୍ଡ ମେମ୍ବର ମକରନ୍ଦ ଭତରା (୩୦) ୧୨ ଦିନ ତଳେ ନିଜ ପରିବାରର ପ୍ରତିପୋଷଣ ପାଇଁ କୋରାପୁଟ ଜିଲ୍ଲା ଦାମନଯୋଡିକୁ ଦାଦନ ଖଟିବାକୁ ଯାଇଥିଲା । ଏପଟେ ମକରନ୍ଦଙ୍କ ସ୍ତ୍ରୀ ଚାରି ପୁଅଝିଅଙ୍କୁ ଧରି ଘରେ ରହୁଥିଲେ । ସମସ୍ତଙ୍କ ମନରେ ଗୋଟିଏ ହିଁ ଆଶା ଥିଲା ବାପା ପଇସା କମେଇକରି ଆସିଲେ ଆମର ସବୁ ସ୍ୱପ୍ନ ସାକାର ହେବ । ହେଲେ ସେସବୁ ସ୍ୱପ୍ନ ସ୍ୱପ୍ନରେ ହିଁ ରହିଯିବ ଓ ତାଙ୍କ ନିକଟରୁ ବାପା ସବୁଦିନ ପାଇଁ ଦୂରେଇଯିବେ ଏ କଥା କେହିହେଲେ ସ୍ୱପ୍ନରେ ବି ଭାବିନଥିଲେ । ଗତକାଲି ରାତିରେ ମକରନ୍ଦ ଖାଇପିଇ ନିଜ କ୍ୟାମ୍ପରେ ଶୋଇପଡ଼ିଥିଲେ ଓ ସକାଳୁ ଆଉ ଉଠିନଥିଲେ ।ଏ ଖବରଟି ଗାଁରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଆଜି ଦିନ ୧୨ଘଟିକାରେ କମ୍ପାନୀ ଏକ ଆମ୍ବୁଲାନ୍ସରେ ମକରନ୍ଦର ମରଶରୀରକୁ ପଠେଇ ଦେଇଛି । ଗାଁରେ ଶବ ପହଞ୍ଚିଲା ପରେ କାନ୍ଦବୋବାଳିରେ ଗାଁ ଦାଣ୍ଡ ଫାଟି ପଡିଛି । ପୂର୍ବତନ ସରପଞ୍ଚ ହରିବନ୍ଧୁ ମାଝୀ ଖବର ପାଇଁ ଘଟଣା ସ୍ଥଳରେ ପହଞ୍ଚି ଦୁଃଖ ପ୍ରକାଶ କରିବା ସହିତ କ୍ଷତିପୂରଣ ଓ ପରିବାରର ଭରଣପୋଷଣ ପାଇଁ ଦାବି କରିଛନ୍ତି । ବର୍ତ୍ତମାନ ମୃତ ଶ୍ରମିକଙ୍କ ପରିବାରକୁ ସରକାର କ୍ଷତି ପୂରଣ ଯୋଗାଇବା ସହ ପରିବାର କୁ ଆବାସ ଓ ପେନସନ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ବିଦ୍ୟୁତ୍ ତାର ଚୋରି
### ଗଡ଼ିଶାଗୋଦା ଅନ୍ଧାର

କଣାସ(ଭାସ୍କର ନ୍ୟୁଜ୍): କଣାସ ବ୍ଲକର ଗଡିଶାଗୋଦା ଅଞ୍ଚଳ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବା ବେଳେ କଣାସ ବିଦ୍ୟୁତ ସବ ଷ୍ଟେସନରୁ ଗଡିଶାଗୋଦା ଅଞ୍ଚଳକୁ ବିଦ୍ୟୁତ ଯୋଗାଣ କରାଯାଉଥିବାବେଳେ ବିଦ୍ୟୁତ ତାର ଚୋରି କରୁଥିବା ବ୍ୟକ୍ତିମାନେ କିପରି ଖୋର୍ଦ୍ଧା ଗ୍ରୀଡ୍‌ରୁ ବିଦ୍ୟୁତ କାଟ ସମୟର ଖବର ପାଇ ବିଦ୍ୟୁତ ତାର ବସନ୍ତପୁର ନିକଟରେ କାଟି ନେଉଥିବାରୁ ଗଡିଶାଗୋଦ, ଯାମଳଗୋଦା, ଆଳିବାଡ, ଗୋପୀନାଥପୁର,କାଦୁଆ,ବଡାଲ ଗ୍ରାମପଞ୍ଚାୟତ ଦୀର୍ଘ ସମୟ ଧରି ଅନ୍ଧାର ହେଉଛି । ଗତ ଜୁଲାଇ ମାସ ୧୬ ତାରିଖ ଦିନ ରାତ୍ରରେ ୪ସ୍ଥାନ ଦୁଇ ଫେଜ ତାର କାଟି ନେଇଥିବା ବେଳେ ଗତକାଲି ବର୍ଷା ଓ ବଜ୍ରପାତ ହୋଇଥିଲା ସେଥିଯୋଗୁଁ ବିଦ୍ୟୁତ ସରବରାହ ସନ୍ଧ୍ୟା ସମୟରେ ବନ୍ଦ ରହିଥିଲା । ତାର ସୁଯୋଗ ନେଇ ଚୋରମାନେ ଦୁଇ ସ୍ଥାନ ଦୁଇଫେଜ ତାର କାଟି ନେଇଛନ୍ତି । ସେହି ବାଟଦେଇ ଗଡିଶାଗୋଦା ଥାନା ଗାଡି ରାତ୍ରରେ ପେଟ୍ରୋଲିଙ୍ଗ କରୁଥିଲେ ମଧ୍ୟ ନିର୍ଭୟରେ ଚୋରମାନେ ତାର କାଟି ନେଉଛନ୍ତି ।

## ନୂତନ ଜିଲ୍ଲାପାଳଙ୍କ ତେନ୍ତୁଳିଖୁଣ୍ଟି ବ୍ଲକ ଗସ୍ତ



ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରେ ନୂତନ ଭାବେ ଯୋଗ ଦେଇ ଥିବା ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇ ତେନ୍ତୁଳିଖୁଣ୍ଟି ବ୍ଲକ ଗସ୍ତ କରିଛନ୍ତି । ଗସ୍ତରେ ଆସି ପଞ୍ଚାୟତ ସମିତି କାର୍ଯ୍ୟାଳୟ,ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ, ପ୍ରକଳ୍ପ ହସ୍ପିଟାଲ,ପ୍ରସ୍ତାବିତ ଇକୋ ପାର୍କ ସ୍ଥାନ ପରିଦର୍ଶନ ତଥା ସମୀକ୍ଷା କରିଛନ୍ତି । ପ୍ରଥମେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡ଼ିଓ ମନୋଜ କୁମାର ପାଣିଗ୍ରାହୀ ତଥା କାର୍ଯ୍ୟଳୟ କର୍ମଚାରୀ ଜିଲ୍ଲାପାଳ ଡକ୍ଟର ସ୍ୱାଇଁଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତିରେ ସମୀକ୍ଷା କରିବା ପରେ ଖାତିଗୁଡ଼ା ସ୍ଥିତ ଇନ୍ଦ୍ରାବତୀ ପ୍ରକଳ୍ପ ଦ୍ୱାରା ପରିଚାଳିତ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ରେ ଯାଇ ସମୀକ୍ଷା କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ସମସ୍ୟା , ଶ୍ରେଣୀ ଗୃହ ସମସ୍ୟା, ପାଣି ସମସ୍ୟା,ରୋଷେଇ ଗୃହ, ଡାଇନିଂ ଗୃହ,ଖେଳ ପଡିଆ ପାଇଁ ପାଚେରୀ ବିଷୟରେ ଆଲୋଚନା ହୋଇଥିଲା । କିଛି ସମସ୍ୟାକୁ ବିଡ଼ିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ବ୍ଲକର ବିଭିନ୍ନ ଉତ୍ସର ଅର୍ଥରେ ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ବ୍ଲକ ଶିକ୍ଷାଧିକାରୀ ସୁଦୀପ୍ତ ଦାସ, ସରପଞ୍ଚ ବନ୍ଦିତା ନାୟକ, ମୋହନ ମଧୁସୂଦନ ବାଗ, ପୋଡ଼ାଗଡ଼ ବନ୍ଧ ବିଭାଗ ନିର୍ବାହୀ ଯନ୍ତ୍ରୀ ନେଲସନ ତାଡିଙ୍ଗି, ସହକାରୀ ଯନ୍ତ୍ରୀ ରଜତ କୁମାର ପାତ୍ର , ସେକ୍ସନ ଅଫିସର ଏସ ଚନ୍ଦ୍ରଶେଖର, ପ୍ରଧାନ ଶିକ୍ଷକ ସର୍ବେଶ୍ୱର ବେହେରା, ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ କହଁର, କନିଷ୍ଠ ଯନ୍ତ୍ରୀ ଉମାଶଙ୍କର ସାହାଣୀ,ବ୍ରଜ ଶଙ୍କର ମହାକୁଡ ଉପସ୍ଥିତ ଥିଲେ । ଏହାପରେ ପ୍ରକଳ୍ପ ଡାକ୍ତରଖାନା ଯାଇ ସମୀକ୍ଷା କରିବା ସହ ସମସ୍ୟା ସମ୍ପର୍କରେ ପଚାରି ବୁଝି ଥିଲେ ।୩୨ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ହୋଇଥିବାରୁ ଏହାକୁ ଏରିଆ ଡାକ୍ତରଖାନା ମାନ୍ୟତା ଦେବା ସହ ଏହାକୁ ଚବିଶ ଘଣ୍ଟିଆ କରିବା, ଜନନୀ ସୁରକ୍ଷା ଯୋଜନା ସେଲ ଖୋଲି ଗର୍ଭବତୀ ଙ୍କ ପାଇଁ ଚିକିତ୍ସା ସୁବିଧା କରିବା, ଅତିରିକ୍ତ ଦୁଇ ଜଣ ଡାକ୍ତର ଓ ଏକ୍ସରେ ଟେକ୍ନିସିଆନ, ଆଟେଡାଣ୍ଟ ଆଦି ଯୋଗାଇବା ପାଇଁ ମତ ରଖିଥିଲେ । ଏଥି ସହ ଇନ୍ଦ୍ରାବତୀ ଶ୍ମଶାନ ସମସ୍ୟା ସମ୍ପର୍କରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସଦାଶିବ ଜାନୀ କହିବାରୁ ଜିଲ୍ଲାପାଳ ଡକ୍ଟର ସ୍ୱାଇଁ ଆଦର୍ଶ ଶ୍ମଶାନ ଯୋଜନା ରେ ବିକଶିତ କରିବାକୁ କହିଥିଲେ । ଖାତିଗୁଡା ମେଡିକାଲରେ ଆଲୋଚନା ବେଳେ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷ ଡ଼ଃ ସମଲେଇ ପ୍ରସାଦ ପଣ୍ଡା, ବି ପି ଓ ପୀତବାସ ଗାହାଣ , ଡିପିଏମଙ୍କ ସମେତ ସମିତି ସଭ୍ୟ ସୁଧୀର ଖୁରା , ପ୍ରଫୁଲ୍ଲ କୁମାର ନାଗ, ବାବୁନି ନାୟକ ପ୍ରମୁଖ ଆଲୋଚନା କରିଥିଲେ ।

## ସଚେତନତା ଶିବିର



ରାୟଗଡ଼ (ଭାସ୍କର ନ୍ୟୁଜ୍): ବିକଳ୍ପ ଅନୁଷ୍ଠାନ ତରଫରୁ ବାଇସିଙ୍ଗ ଗ୍ରାମ ପଞ୍ଚାୟତର ଜୁରୁଡି ଗାମଦାଣ୍ଡରେ ଶୁକ୍ରବାର ସନ୍ଧ୍ୟାରେ ଏକ ଜନସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଲ୍ୟ ବିବାହ ନିରୋଧ ତଥା ଗୁଣିଗାରେଡ଼ି ଭଳି ଅନ୍ଧ ବିଶ୍ୱାସ ଠାରୁ ଦୂରେଇ ରହିବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରା ଯାଇଥିଲା । ଜୁରୁଡି ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କୁ ନିଜର ସୁରକ୍ଷା, ସଂଯମତା, ଚରିତ୍ର ଗଠନ ଏବଂ ନାରୀଙ୍କୁ ବଳତ୍କାର, ନିର୍ଯାତନା ଓ ଶୋଷଣରୁ ମୁକ୍ତି ସହ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଆଦି ବିଷୟରେ ସଚେତନ କରାଯାଇଥିଲା । ଶେଷରେ ବିକଳ୍ପ ପକ୍ଷରୁ ଗ୍ରାମବାସୀଙ୍କୁ ଆମ୍ବ, ଲେମ୍ବୁ, ମୁନିଗା, ଅମୃତଭଣ୍ଡା, ପିଜୁଳି, ସୀତାଫଳ ଆଦି ଫଳଗଛ ଚାରା ବଣ୍ଟନ ଓ ବୃକ୍ଷରୋପଣ କରାଯାଇଥିଲା । ସଚେତନତା ଶିବିରରେ ବିକଳ୍ପର ସଭାପତି ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଦୁଷ୍ମନ୍ତ କୁମାର ମହାନ୍ତି, ସମ୍ପାଦକ ଜଗଦୀଶଚନ୍ଦ୍ର ଦୋରା, ସଦସ୍ୟ ଡ. ପ୍ରସନ୍ନ କୁମାର ଗନ୍ତାୟତ, ଶଶିଭୂଷଣ ପଟ୍ଟନାୟକ, କୃଷ୍ଣପ୍ରିୟା ସାହାଣୀ, ତ୍ରିବେଣୀ ମିଶ୍ର, ରାଜେନ୍ଦ୍ର ସାହୁ,ଡ. ବିପିନ ବିହାରୀ ବିଶ୍ୱାଳ, ମନ୍ମଥ ତୁଳ,କୁମୁଦ ଚନ୍ଦ୍ର ସାମନ୍ତରାୟ, ନୀଳାଞ୍ଚଳ ମିଶ୍ର, ବାବୁଲାଲ ଗନ୍ତାୟତ, ରବି ଶତପଥି ଆଦି ବିକଳ୍ପର ସକ୍ରୀୟ ସଦସ୍ୟ, ବାଇସିଙ୍ଗି ଗ୍ରାମ ପଞ୍ଚାୟତର ନିର୍ବାହୀ ଅଧିକାରୀ ବିଜୟ କୁମାର ନାୟକ, ୱାର୍ଡ଼ ସଭ୍ୟା କମ୍ବରୁ ସିରିକା ପ୍ରମୁଖ ଉପସ୍ଥିତ ରହି ନିଜର ସଚେତନତାମୂଳକ ବକ୍ତବ୍ୟ ରଖିଥିଲେ । ଗ୍ରାମବାସୀ ସମସ୍ତ ସଦସ୍ୟଙ୍କୁ ସାଦରେ ସ୍ୱାଗତ କରିଥିଲେ ଓ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ।ବାଇସିଙ୍ଗି ସରପଞ୍ଚ ବିରିମାମାଝୀ ତାଡିଙ୍ଗିଙ୍କ ସହଯୋଗରେ ଆୟୋଜିତ ଏହି ଶିବିରରେ ଉକ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ସୁବାରାଓ, ବାଚେଲି, ଉମେଶ ହୁଇକା, ପ୍ରଣତି ହିମିରିକା, ମମତା ପ୍ରଧାନ, ସୁବାସ ବିଡିକା ଓ ଚିରଙ୍ଗିନୀ ନାୟକ, ତଥା ଗ୍ରାମବାସୀ ସେନ୍ତାଦେବୀ, ପ୍ରଦୀପ ତାଡିଙ୍ଗି ଓ ଗୌରୀ ସିରିକା ପ୍ରମୁଖ ଶିବିର ଆୟୋଜନ ଓ ବୃକ୍ଷରୋପଣରେ ସହଯୋଗ କରିଥିଲେ । ଶେଷରେ ନୀଳାଞ୍ଚଳ ମିଶ୍ର ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁର୍ଘଟଣାରେ ୫ ଆହତ



କଣାସ (ଭାସ୍କର ନ୍ୟୁଜ୍): ଦିନ ୧୨ ଟା ସମୟରେ ପୁରୀରୁ ଜଗନ୍ନାଥ ଦର୍ଶନ ସାରି ବରାଳ ବାଲୁଙ୍କେଶ୍ୱର ମନ୍ଦି ଦର୍ଶନ କରି ସାରିବା ପରେ ଖଲିକୋଟ ନିକଟ ଲଙ୍ଗଳେଶ୍ୱର ଗ୍ରାମକୁ ଓଡି ୩୪ ଜେ ୨୮୧୬ ଅଟୋ ରିକସାରେ ୫ ଜଣ ଫେରୁଥିବା ସମୟରେ ଡ୍ରାଇଭର ଭାରସାମ୍ୟ ହରାଇ ନୂଆ ଜଗନ୍ନାଥ ସଡକର ବରୁଣେଇ ଶଙ୍ଖ ନିକଟରେ ଅଟୋଟି ରାସ୍ତା କଡକୁ ଓଲଟି ପଡିଥିଲା । ସେଥିରେ ୫ ଜଣ ବ୍ୟକ୍ତି ଥିବାବେଳେ ସମସ୍ତେ ଆହତ ହୋଇଥିଲେ । ସେମାନଙ୍କୁ ପ୍ରଥମେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଅଣା ଯାଇଥିଲା । ସେମାନଙ୍କ ମଧ୍ୟରୁ ତିନି ଜଣଙ୍କର ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ଡାକ୍ତରଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତରୀତ କରାଯାଇଛି । କଣାସ ପୋଲିସ ଘଟଣା ସ୍ଥଳରେ ପହଁଚି ଅଟୋକୁ ଜବତ କରିବା ସହିତ ଡ୍ରାଇଭରକୁ ଅଟକ ରଖିଛନ୍ତି ।

## ସଡ଼କ ଦୁର୍ଘଟଣାରେ ଚାଲିଗଲା ଜୀବନ
## ରାକ୍ଷୀ ବାନ୍ଧି ପାରିଲାନି ଭାଇ

ସଇଁତଲା (ଭାସ୍କର ନ୍ୟୁଜ୍) : ରାକ୍ଷୀ ପୂର୍ବରୁ ଭଉଣୀକୁ ଛାଡି ଚାଲିଗଲେ ଭାଇ । ସକାଳ ପାହିଲେ ଭାଇ ହାତରେ ଭଉଣୀ ବାନ୍ଧିଥାନ୍ତା ରାକ୍ଷୀ ହେଲେ ଦୁର୍ଘଟଣାରେ ଚାଲିଗଲା ଜୀବନ । ଏଭଳି ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲ୍ଲା ସଇଁତଲା ଥାନା ଜାତୀୟ ରାଜପଥ ୨୬ କରେଲଧୁଆ ବ୍ରିଜ ନିକଟରେ । ଭବାନୀପାଟଣା ଗଡ଼ରୁ ବଲାଙ୍ଗୀର ରାଜେନ୍ଦ୍ର କଲେଜର ଅଧ୍ୟାପକମାନେ ଚାରି ଚକିଆ ଗାଡିରେ ଫେରୁଥିବା ବେଳେ ବାଇକ୍‌ରେ ଆସୁଥିବା ୩ଜଣ ଯୁବକଙ୍କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି । ଘଟଣାସ୍ଥଳରୁ ଚାରି ଚକିଆ ଗାଡିରେ ଥିବା ରାଜେନ୍ଦ୍ର କଲେଜର ଅଧ୍ୟାପକ ମାନେ ଗାଡି ଛାଡି ଫେରାର ମାରିଥିବା ଜଣାପଡିଛି । ସୂଚନା ମୁତାବକ ସଇଁତଲା ଥାନା ବଡ଼ମାଳର ସରୋଜ ମୀନା, ଛବି ମୀନା ଓ ସାବିତ୍ରି ରାଉତ ବରଗଡ଼ସ୍ଥିତ ପଦମପୁରରେ ଠିକା କାରିଗର ଭାବେ କାମ କରନ୍ତି । ତେବେ ଆସନ୍ତା କାଲି ରାକ୍ଷୀପୂର୍ଣ୍ଣିମା ପାଇଁ ତିନି ଭାଇ ଘରକୁ ଫେରୁଥିଲେ । ଜାତୀୟ ରାଜପଥ ୨୬ କରେଲ ଧୁଆ ବ୍ରିଜରେ ସଇଁତଲା ପଟୁ ଆସୁଥିବା ତାମିଲନାଡୁ ନମ୍ବର ଥିବା ଏକ ନାଲି ରଙ୍ଗର କାର୍ ଦ୍ରୁତଗତିରେ ଆସି ଏମାନଙ୍କୁ ପିଟି ଦେଇଥିଲା । ତେବେ ଘଟଣାସ୍ଥଳରେ ଜଣେ ବ୍ୟକ୍ତି ସାବିତ୍ରୀ ରାଉତଙ୍କ ପ୍ରାଣ ଚାଲି ଯାଇଥିବା ବେଳେ ଦୁଇଜଣ ଅତି ଗୁରୁତର ଅଛନ୍ତି । ଖବର ପାଇ ସଇଁତଲା ଅଗ୍ନିଶମ ବିଭାଗ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ସଇଁତଲା ହସ୍ପିଟାଲକୁ ଆଣିଥିଲେ ହେଲେ ଅବସ୍ଥା ଗୁରୁତର ହେବାରୁ ଦୁଇଜଣଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜକୁ ଗୁରୁତର ଅବସ୍ଥାରେ ସ୍ଥାନାନ୍ତର କରାଯାଇଛି । ପୋଲିସ ମୃତଦେହକୁ ଜବତ କରି ତଦନ୍ତ ଜାରି ରଖିଛି ।

## ସୁଭଦ୍ରାର ତୃତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ



ମାଲକାନଗିରି (ଭାସ୍କର ନ୍ୟୁଜ୍) : ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ସୁଭଦ୍ରାର ତୃତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି କୋରାପୁଟ ଜିଲ୍ଲାର ଜୟପୁର ସହରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି । ଆଭାସି ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପ ଜିଲ୍ଲାପାଳ ଅଶ୍ୱିନ ଏ ଏଲ୍, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧରୁଆ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ସଦର ବିଡିଓ ତପନ ସେନାପତି ଓ ଡା ସୌଭାଗ୍ୟ ରଞ୍ଜନ ରଣସିଂହ ଉପସ୍ଥିତ ଥିଲେ । ଜିଲ୍ଲାପାଳ ସମସ୍ତଙ୍କୁ ରାକ୍ଷୀ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇବା ସହ ସୁଭଦ୍ରା ଯୋଜନାରେ ମିଳୁଥିବା ଆର୍ଥିକ ରାଶିରୁ ମାଆ ମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ଉତ୍ସାହିତ କରିଥିଲେ । ଏହି ଅବସରରେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ମାଆ ମାନେ କିଭଳି କ୍ଷୁଦ୍ର ବ୍ୟବସାୟ ମାଧ୍ୟମରେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିଛନ୍ତି ସେ ବିଷୟରେ ଜିଲ୍ଲାପାଳ କହିଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶବର ଏହି ଅବସରରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଦୁଇ ସୁଭଦ୍ରା ଭଉଣୀ କୋରକୁଣ୍ଡାର ମେରୀ ହରିଜନ ଓ ଖଇରପୁଟର ରାଧିକା ଖରା ନିଜ ସଫଳତାର କାହାଣୀ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଜିଲ୍ଲାରେ ୧ ଲକ୍ଷ ୫୧ ହଜାର ୪୭୪ ସୁଭଦ୍ରା ଫର୍ମ ଆବେଦନ କରାଯାଇଛି । ତନ୍ମଧ୍ୟରୁ ପ୍ରଥମ କିସ୍ତିରେ ୧ ଲକ୍ଷ ୩୯ ହଜାର ୮୫୧ ଫର୍ମକୁ ଅନୁମୋଦନ କରାଯାଇ ୧ ଲକ୍ଷ ୩୯ ହଜାର ୭୨୭ ଜଣଙ୍କୁ ସୁଭଦ୍ରା ଟଙ୍କା ଦିଆଯାଇଛି । ସେହିପରି ଦ୍ୱିତୀୟ କିସ୍ତିରେ ୧ ଲକ୍ଷ ୩୮ ହଜାର ୬୬୨ ଫର୍ମ ଅନୁମୋଦନ କରାଯାଇ ୧ ଲକ୍ଷ ୩୮ ହଜାର ୩୫୧ ଜଣ ହିତାଧୀକାରୀ ଅର୍ଥ ରାଶି ପାଇଛନ୍ତି । ଆଜି ସୁଭଦ୍ରା ଭଉଣୀମାନେ ଅତିଥି ମାନଙ୍କୁ ରାକ୍ଷୀ ବାନ୍ଧିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଆୟୋଜନ କରିବାରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ଅଧିକାରୀ କର୍ମଚାରୀ ଓ ସଦର ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ଲକ୍ଷ୍ମୀପୁରରେ ବିଶ୍ୱ ଆଦିବାସୀ ଦିବସ ପାଳିତ




ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ଆଜି ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ବି ମହା ଆଡ଼ମ୍ବ ସହକାରେ ବିଶ୍ୱ ଆଦିବାସୀ ଦିବସ ପାଳନ ହୋଇଯାଇଛି । ଲକ୍ଷ୍ମୀପୁର ବ୍ଲକ୍ ଆଦିବାସୀ ସଂଘର କାର୍ଯ୍ୟକାରୀ ସଭାପତି ଆପାରାଓ ୱାଡେକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ୍‌ରେ ବସବାସ କରୁଥିବା ବହୁ ସଂଖ୍ୟାରେ ଆଦିବାସୀ ମାନେ ଯୋଗ ଦେଇଥିଲେ । ଏଇ କ୍ଷେତ୍ରରେ ଆଦିବାସୀ ସମ୍ପ୍ରଦାୟର ଯୁବକ ଯୁବତୀ ପାରମ୍ପାରିକ ବେଶଭୂଷାରେ ସୁସଜ୍ଜିତ ହୋଇ ସ୍ଥାନୀୟ ରେଲୱେ ଛକ ଠାରୁ ଏକ ଶୋଭାଯାତ୍ରାରେ ବାହାରି ଢେମସା ନୃତ୍ୟର ତାଳେ ବ୍ଲକ ପଡିଆ ଠାରେ ଆୟୋଜିତ ସମାବେଶ ସ୍ଥଳରେ ପହଞ୍ଚି ଥିଲେ । ଏହି ଦିବସ ଅବସରରେ ଆଦିବାସୀ ସଂଘ ସଂପାଦକ ରାଧେଶ୍ୟାମ ଜାନୀ, ଲକ୍ଷ୍ମୀପୁର ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେଶିକାଙ୍କ ସମେତ ବ୍ଲକରେ ଥିବା ସମସ୍ତ ପଞ୍ଚାୟତର ଲୋକ ପ୍ରତିନିଧି ଉପସ୍ଥିତ ଥିଲେ । ଏହି ଦିବସ କେବେ ଠାରୁ ଆରମ୍ଭ ହେଲା, ଆମେ ଏହି ଦିବସ କ'ଣ ପାଇଁ ପାଳନ କରୁଛେ ଓ ଆଗାମୀ ଦିନରେ କିପରି ପଞ୍ଚାୟତ ସ୍ତରରୁ ଏହି ଦିବସ ପାଳନ କରାଯିବ ସେ ବିଷୟରେ ଶ୍ରୀଯୁକ୍ତ କୁଲେସିକା ବୁଝାଇ ଥିଲେ । ଏହି ଦିବସ ଉପଲକ୍ଷେ ବହୁ ସଂଖ୍ୟାରେ ଆଦିବାସୀ ଲୋକଙ୍କ ସମାଗମ୍ ହୋଇଥିବା ଦେଖି ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଲକ୍ଷ୍ମୀପୁର ଥାନା ତରଫରୁ ବ୍ୟାପକ ପୋଲିସ କର୍ମୀ ନିୟୋଜିତ କରାଯାଇ ଥିଲା । ପୂର୍ବତନ କୋରାପୁଟ ସାଂସଦ ଝିନ୍ନ ହିକକା ଏଥିରେ ମଞ୍ଚ ପରିଚାଳନା ଦାଇତ୍ୱ ତୁଲାଇ ଥିବା ବେଳେ ବ୍ଲକରେ ଥିବା ସମସ୍ତ ସରପଞ୍ଚ, ସମିତି ସଭ୍ୟ ମାନେ ଏଥିରେ ଯୋଗ ଦେଇ ସହଯୋଗ କରିଥିଲେ ।

## ସ୍କୁଲ କଲେଜ ଶିକ୍ଷକ ସମନ୍ୱୟ ସମିତିର ସ୍ମାରକପତ୍ର ପ୍ରଦାନ

ମାଲକାନଗିରି (ଭାସ୍କର ନ୍ୟୁଜ୍) : ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ସମନ୍ୱୟ ସମିତି ମାଲକାନଗିରି ଜିଲ୍ଲା ଶାଖା ତରଫରୁ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ମାଲକାନଗିରି ଜିଲ୍ଲା ଓଷ୍ଟା ସଂଘର ସଭାପତି ଅଲେଖ ଚନ୍ଦ୍ର ମହାପାତ୍ର ସଂପାଦକ ମନୋଜ କୁମାର ମହାପାତ୍ର, ଉପ ସଭାପତି ସୂର୍ଯ୍ୟକାନ୍ତ ପାଣିଗ୍ରାହୀ ଇସି ମେମ୍ବର ଅଜୟ ସ୍ୱାଇଁ, ଦୀନବନ୍ଧୁ ବେଜ, ସୂର୍ଯ୍ୟନାରାୟଣ ନାୟକ, ଜଗବନ୍ଧୁ ମିଶ୍ର, ଗୋଦାବରୀଶ ଦାସ, ଜିତୁରଞ୍ଜନ ସ୍ୱାଇଁ, ହେମନ୍ତ କୁମାର ସାହୁ, ତପନ କୁମାର ପାତ୍ର, ପ୍ରଶାନ୍ତ ପ୍ରଧାନ, ଅନୁପ କୁମାର ଆଚାରୀ, ରଞ୍ଜିତ କୁମାର ମଣ୍ଡଳଙ୍କ ସମେତ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଏକ ଶୋଭାଯାତ୍ରାର ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟରେ ଉପଜିଲ୍ଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ । ବ୍ଲକଗ୍ରାଣ୍ଟ ଉଚ୍ଛେଦ, ୧୯୪ ବିଦ୍ୟାଳୟକୁ ଅନୁଦାନ, ପେନସନ ପ୍ରଦାନ ସହ ଚାକିରି ସର୍ତ୍ତାବଳୀ ଲାଗୁ ପରି ଦାବି ସାମିଲ ଥିବାର ଜଣାପଡିଛି । ଏଥିରେ ଜିଲ୍ଲାର ସବୁ ବର୍ଗର ବ୍ଲକଗ୍ରାଣ୍ଟ ଶିକ୍ଷକ କର୍ମଚାରୀ ସାମିଲ ରହିଥିଲେ ।

## ରକ୍ଷା ବନ୍ଧନ ଓ ନିଶା ନିବାରଣ କାର୍ଯ୍ୟକ୍ରମ



କନ୍ଧମାଳ (ଭାସ୍କର ନ୍ୟୁଜ୍) : ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ରାକ୍ଷୀ ବନ୍ଧନ ଓ ନିଶା ନିବାରଣ କାର୍ଯ୍ୟକ୍ରମ କନ୍ଧମାଳ ବ୍ଲକ ବିଚଣାପାଟି ସ୍ଥିତ ଲୋପାମୁଦ୍ରା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଲେଜ ସମ୍ପାଦକ ଉତ୍ତମ ମହଲା ଉପସ୍ଥିତ ରହି ଏକ ସୁସ୍ଥ ସମାଜ ଗଠନ ପାଇଁ ଏହା ଏକ ନିଆରା ପଦକ୍ଷେପ ବୋଲି କହିବା ସହିତ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ସମାଜସେବୀ ସୁଶୀଳ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ଧାରଣା ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉପସ୍ଥିତ ଅଧ୍ୟାପକ, ଛାତ୍ର ତଥା କଲେଜର ପୁରୁଷ କର୍ମଚାରୀଙ୍କ ହାତରେ ଅଧ୍ୟାପିକା, ଛାତ୍ରୀ ଓ ମହିଳା କର୍ମଚାରୀ ମାନେ ରାକ୍ଷୀ ବାନ୍ଧି ପ୍ରତିବଦଳରେ ନିଶାଦ୍ରବ୍ୟ ଓ ତମାଖୁ ସେବନ ନ କରିବାକୁ ଶପଥ ନେବାକୁ କହିଥିଲେ । ଉପସ୍ଥିତ ପୁରୁଷମାନେ ନିଶାଦ୍ରବ୍ୟ ଓ ତମାଖୁ ବର୍ଜନ କରିବାକୁ ସଂକଳ୍ପ ନେଇଥିଲେ । ପରେ ପରସ୍ପରକୁ ଚକୋଲେଟ ଖୁଆଇ ଥିଲେ । ଏଥିରେ ମୋଟ ୧୦୫ ଜଣ ଯୋଗ ଦେଇଥିଲେ । ସୁଶୀଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ନୂତନ ଜିଲ୍ଲାପାଳଙ୍କୁ ୭ ଦଫା ଦାବିପତ୍ର ପ୍ରଦାନ



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଜି ନୂତନ ଜିଲ୍ଲାପାଳଙ୍କୁ ଶୁଭେଚ୍ଛା ସହିତ ସାତ ଦଫା ଦାବି ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଛି । ପାରଳାଖେମୁଣ୍ଡି ସହର ଅତି ପୁରାତନ ଐତିହ୍ୟ ସମ୍ପନ୍ନ ସହର । ଓଡ଼ିଶାର ୨ୟ ପୌରପରିଷଦ ପାରଳାଖେମୁଣ୍ଡି ସହରରେ ଅବହେଳା ଯୋଗୁଁ ବାରମ୍ବାର ଅଭିଯୋଗ ଜଣାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଅବହେଳିତ ଅବସ୍ଥାରେ ହିଁ ପଡ଼ିରହିଛି, ଯାହା ଫଳରେ ସହରର ଜନଜୀବନ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ବିଷୟରେ ବହୁବାର ଅଭିଯୋଗ ଜଣାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପ୍ରକାରର ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଯୋଗୁଁ ପୁଣି ଆଉଥରେ ୭ଦଫା ଦାବିକୁ ନେଇ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଏଥିରେ ଉଲ୍ଲେଖ ରହିଛି - ସହରର ଗୋଲେଇ ରାସ୍ତା ଫରେଷ୍ଟ ଗେଟ ଠାରୁ ମେଡିକାଲ ଛକ-ନୀଳବନ୍ଧ-ପୁରୁଣା କୋର୍ଟ ଛକ ଓ ରାଣୀପେଣ୍ଠ ଛକ ଠାରୁ -ନୂଆ ବସ୍‌ଷ୍ଟାଣ୍ଡ-ବଜାରଛକ-କଲେଜ ଛକ-ପୁଲିସ ଷ୍ଟେସନ ଛକକୁ ଡବଲ ରାସ୍ତା, ରାସ୍ତାର ଓସାର ୬୬ ଫୁଟ ଓସାରିଆ ରାସ୍ତା ସରକାରଙ୍କ ଠାରୁ ଆସିଥିବା ଅନୁଦାନ ରାଶିକୁ ସତ୍‌ମାର୍ଗରେ ଖର୍ଚ୍ଚ ଉପରେ, ଏବଂ ରାସ୍ତାକଡ଼ର ଅସ୍ଥାୟୀ ଦୋକାନ ଗୁଡ଼ିକୁ ହଟେଇବା ଉପରେ ଗୁରୁତ୍ୱ ଦେବେ । ପାରଳାଖେମୁଣ୍ଡିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସେଙ୍ଗସେନ ଡାକ୍ତର ପଦବୀ ୩୨୩ ଡାକ୍ତର ସ୍ଥଳରେ୧୪୧ଡାକ୍ତର ଅଛନ୍ତି, ଇତିମଧ୍ୟରେ ୫୯ ସ୍ପେଶାଲିଷ୍ଟ ଆବଶ୍ୟକ ସ୍ଥଳେ ବର୍ତ୍ତମାନ ୧୧ଅଛନ୍ତି ଏଥିମଧ୍ୟରୁ ପାରଳାଖେମୁଣ୍ଡି ସ୍ଥିତ ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ମୁଖ୍ୟ ଚିକିତ୍ସାଳୟ ୧୨୬ ସେଙ୍ଗସେନ ପୋଷ୍ଟ ମଧ୍ୟରେ ବର୍ତ୍ତମାନ ସର୍ବମୋଟ ୩୪ ଡାକ୍ତର ଅଛନ୍ତି, ଖାଲି ପଡ଼ିଛି ୯୨ ପଦ । ଏହି ଡାକ୍ତର ମାନେ ରୋଗୀଙ୍କୁ ସ୍ପେଶାଲିଷ୍ଟ ନଥିବା ଅଳରେ ଆନ୍ଧ୍ର ପ୍ରଦେଶକୁ ପଠାଇଦେବା ଛଡ଼ା ଅନ୍ୟ କୌଣସି ରାସ୍ତା ନାହାନ୍ତି, ଏହି ଚିକିତ୍ସାଳୟରେ ରକ୍ତପରୀକ୍ଷା ଠାରୁ ଆରମ୍ଭ କରି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଦୃଷ୍ଟି ଆକର୍ଷଣ କରିବା ଏହା ସହିତ ପାରଳାଖେମୁଣ୍ଡି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆକାଉଣ୍ଟାଣ୍ଟ କରିଥିବା ଆର୍ଥିକ ଦୁର୍ନୀତିର କାର୍ଯ୍ୟକଳାପ, ଉପରେ ଭିଜିଲାନ୍ସ/କ୍ରାଇମବ୍ରାଞ୍ଚ ତଦନ୍ତ କରିବା ଆମର ଦାବି । ଗଜପତି ଜିଲ୍ଲା ଶିକ୍ଷା ବିଭାଗରେ ଜାଲ୍ ଶିକ୍ଷକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ସହରରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୂର୍ବରୁ ଦେବା ଭଳି ଦୁଇବେଳା ଘରମାନଙ୍କୁ ପାଣି ଦିଆଯାଉ । ପାରଳା ପୌରପରିଷଦର ଜବର ଦଖଲ ପୁରୁଣା କୋର୍ଟ ଛକ ଠାରୁ ଆରମ୍ଭ କରି କ୍ରୀଷ୍ଣା ହଲ୍ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ, ବଜାର ଛକ ଓ ସୁନା ଦୋକାନ ରାସ୍ତା ସହିତ କଲେଜ ଛକ, ପୁଲିସ ଥାନା ଛକ, ମେଡିକାଲ ଛକ, ରାଜଦାଣ୍ଡ ଇତ୍ୟାଦି ସ୍ଥାନରୁ ସଂପୂର୍ଣ୍ଣ ରୂପେ ଜବରଦଖଲ ହଟାଯାଉ ଓ ଭେଣ୍ଡିଂଜୋନ୍‌ରେ ତିଆରି ହୋଇଥିବା ଦୋକାନ ଘର ଯଥାଶୀଘ୍ର ପ୍ରଦାନ କରାଯାଉ ଭଳି ୭ଟି ପ୍ରମୁଖ ଦାବି ରହିଛି । ଏହି ସମସ୍ତ ଅଭିଯୋଗ ଉପରେ ଯଦି ଗୁରୁତ୍ୱ ନଦିଆଯାଏ ତେବେ ନଗର କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବ । ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ ସଭାପତି ସୂର୍ଯ୍ୟ ନାରାୟଣ ପାତ୍ର, ମୁନା ମହାରଣା, ଲକି ପାତ୍ର, ମିଟୁ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ ।



ଫୁଲନଖରା (ଭାସ୍କର ନ୍ୟୁଜ୍) : ଆମ ପରିବେଶ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ପରିବେଶ ସୁରକ୍ଷା ଜୀବନ ରକ୍ଷା ନୀତିକୁ ପାଥେୟ କରି ପରିବେଶ ସପ୍ତାହ ପାଳନ ଅବସରରେ ପୋତାପୋଖରୀ ନୂଆବଜାର ସ୍ଥିତ ସେଣ୍ଟ ଜେଭିଅର୍ସ ହାଇସ୍କୁଲରେ ମଣ୍ଟେଶ୍ୱରୀ ୱାନ ଏବଂ ଅନ୍ୟ ଶିଶୁ ଶ୍ରେଣୀ ପିଲାମାନେ ବିଭିନ୍ନ ଚିତ୍ରାଙ୍କନ କରି ଓ ଏହାର ସୁନ୍ଦର ପ୍ରଦର୍ଶନ ସହ ମହନୀୟ ବାର୍ତ୍ତା ପ୍ରଦାନ ଆଦି ମାଧ୍ୟମରେ ପାଳନ କରିଛନ୍ତି । ବିଦ୍ୟାଳୟସ୍ତରୀୟ ଏହି କାର୍ଯ୍ୟକ୍ରମକୁ ବିଭାଗୀୟ ମୁଖ୍ୟ ଶିକ୍ଷାବିତ୍ ସୁମିଳା ମହାନ୍ତି, ଶ୍ରେଣୀ ଶିକ୍ଷୟିତ୍ରୀ ଶିକ୍ଷାବିତ୍ ପ୍ରିୟଙ୍କା ସ୍ୱାଇଁ, ଶିକ୍ଷାବିତ୍ ରୁବିନା ବିନତେ ମହାନ୍ତି ଏବଂ ସମସ୍ତ ଅଫିସ୍ ସହକାରୀ କର୍ମଚାରୀ ଉପସ୍ଥିତ ରହି ପାଳନ କରିବା ସହ କୁନିକୁନି ବିଦ୍ୟାର୍ଥୀ ମାନଙ୍କୁ ପରିବେଶ ସପ୍ତାହ ପାଳନ ଓ ଏହାର ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଶିଶୁ ଶ୍ରେଣୀରୁ ଛୋଟଛୋଟ ପିଲାମାନଙ୍କୁ ଶିକ୍ଷାଦାନ ସହ ବିଭିନ୍ନ ମହତ୍ ତଥା ସ୍ୱତନ୍ତ୍ର ଦିବସ ମାନ ପାଳନ ଏବଂ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ଦିଗରେ ବହୁ କାର୍ଯ୍ୟକ୍ରମ ମାନ ପାଳନ ଆଦି କରାଯାଉଥିବାରୁ ଅଭିଭାବକ ମହଲରୁ ସ୍କୁଲ ଅଧ୍ୟକ୍ଷ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ପ୍ରଦୀପ କୁମାର ତ୍ରିପାଠୀ ଓ ସ୍କୁଲ ପରିଚାଳନା ବିଭାଗକୁ ସାଧୁବାଦ ଜଣାଯାଇଛି।

## ଥାନା ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

# ପୋଲିସ ଡିଜିଙ୍କ ଦୃଷ୍ଟି ପାଇଁ ଦାବି




ବାଙ୍କୀ (ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲା ବାଙ୍କୀ ବୈଦେଶ୍ୱର ଥାନା ଏବେ ଡକାୟତଙ୍କର ରାଜ୍, ଆଣ୍ଟିସୋସିଆଲ ମାନଙ୍କ ଆଡ୍ଡାସ୍ଥଳୀ, ଥାନାରେ ବସି କେସ୍ କରୁଛନ୍ତି ସମାଧାନ, ଇଏ କି ପ୍ରକାର ଆଇନ, ଯଦି ଥାନାରେ ଲାଗିଥିବା ଏହାର ସିସି ଟିଭି ଫୁଟେଜ ଚେକ୍ କରିବେ ଖୋଦ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଅନ୍ୟପଟେ କଟକ ଏସ୍‌ପି ପୋଲିସ ମହାନିର୍ଦ୍ଦେଶକ ତେବେ ନିଶ୍ଚିତ ବୈଦେଶ୍ୱର ଥାନା ଲୋକଙ୍କ ଥାନା ନା ଏହା ଆଣ୍ଟିସୋସିଆଲିଷ୍ଟଙ୍କ ଆଡ୍ଡାସ୍ଥଳୀ ଜାଣିପାରିବେ। ରାତି ନଟା ପରେ ବୈଦେଶ୍ୱର ଥାନା ଭିତରକୁ ପ୍ରବେଶ କରୁଛନ୍ତି ବାଲି ମାଫିଆ, ଖଣି ମାଫିଆ ଆଉ ମଦ ମାଫିଆମାନେ। ମାସିକିଆ ଚାନ୍ଦା ଦେଇ କରୁଛନ୍ତି ବେପାର। ମାଫିଆ ମାନଙ୍କୁ ରୋକ୍ ଲଗାଇବ କିଏ। ଗୁହାରି କରିବା କାହାକୁ ବାଡ଼ ଯଦି କ୍ଷେତ ଖାଏ କ୍ଷେତ ଜଗିବ ବା କିଏ ? ଏଭଳି ଚର୍ଚ୍ଚା ସାଧାରଣରେ ଏବେ ଜୋର୍ ଧରିଛି। ଦେଖିବାକୁ ରହିଲା ଲୋକଙ୍କ ସରକାରଙ୍କ ଦୃଷ୍ଟି କେବେ ପଡୁଛି ଏ ବୈଦେଶ୍ୱର ଥାନାର ଗତିବିଧି କାର୍ଯ୍ୟକଳାପ ଉପରେ। ଏ ଖବର ପ୍ରସାରଣ ପରେ ଏସ୍‌ପି କିମ୍ବା ଡିଜି ପୁଙ୍ଖାନୁପୁଙ୍ଖ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଜନସାଧାରଣରେ ଦୃଢ଼ ଦାବି ହେଉଛି।

# ରାଜରାସ୍ତାର ଦୂରାବସ୍ଥା ପାଇଁ ବଳି ପଡୁଛି ଜୀବନ



ପାରାଦୀପ (ଭାସ୍କର ନ୍ୟୁଜ) : ବନ୍ଦର ଓ ଶିଳ୍ପ ସହରକୁ ସଂଯୋଗ କରୁଛି ରାଜ୍ୟ ଓ ଜାତୀୟ ଦୁଇଟି ରାଜପଥ। ସମ୍ପ୍ରତି ଚଣ୍ଡିଖୋଲରୁ ପାରାଦୀପ ପର୍ଯ୍ୟନ୍ତ ଜାତୀୟ ରାଜପଥର ଗୋଟିଏ ପଟେ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଅନ୍ୟପଟେ ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ବିଭିନ୍ନ ଯାନ କ୍ଷତିଗ୍ରସ୍ତ ହେବା ଅଭିଯୋଗ ହେଉଥିବାବେଳେ ଏଥିଯୋଗୁଁ ଦୁର୍ଘଟଣାରେ ଅନେକ ଧନ ଜୀବନ ହାନୀ ହେବାରେ ଲାଗିଛି। ତେବେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ବାହାନାରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଅନେକ ଦିନରୁ ପୁରୁଣା ଯାତାୟତ ରାସ୍ତା ମରାମତି କରୁନଥିବାରୁ ଅନେକ ଗାଡି ଭାଙ୍ଗିବା ସହ ଦୁର୍ଘଟଣାରେ ଅନେକ ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳୁଛି। ଏହିପରି ରାସ୍ତାର ଏକ ଶୋଚନୀୟ ଚିତ୍ର ଦେଖିବାକୁ ମିଳିଛି ପାରାଦୀପ ଅଠରବାଙ୍କି ଠାରୁ ଦୁଇ ରାଜପଥର ମିଳନ ସ୍ଥଳ ଦୋଛକି ପର୍ଯ୍ୟନ୍ତ। ଟ୍ରାଫିକ ଜାମ ପ୍ରତିହତ ପାଇଁ ପାରାଦୀପକୁ ଆସୁଥିବା ଆଇରନ ଟ୍ରକ ଗୁଡିକ ବାମପଟେ ଏକ ସ୍ୱତନ୍ତ୍ର ରାସ୍ତାରେ ଯିବାର ବ୍ୟବସ୍ଥା ରହିଥିବା ବେଳେ ଏହି ରାସ୍ତାରେ ପୋଖରୀ ଭଳି ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଆଇରନ ବୋଝେଇ ଟ୍ରକ ଗୁଡିକ ଯିବାରେ ଘୋର ଅସୁବିଧା ସୃଷ୍ଟି ହେବା ସହ ବହୁ ଗାଡି ଜଖମ ହେବା ଯୋଗୁଁ ମାଲିକମାନେ ଘୋର ଆର୍ଥିକ କ୍ଷତି ସହୁଥିବା ଅଭିଯୋଗ ହୋଇଛି। କିନ୍ତୁ ପରିତାପର ବିଷୟ ହେଉଛି ଏ ବାବଦରେ କୌଣସି ଟ୍ରକ ସଙ୍ଘ କିମ୍ବା ଗାଡି ମାଲିକମାନେ ମିଳିତ ଭାବେ ପ୍ରଶାସନର ଦୃଷ୍ଟି ଆକର୍ଷଣ କିମ୍ବା ପ୍ରତିବାଦ କରୁନଥିବାରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଗାଳେଇ ଶୋଇଥିବା ନେଇ ଚର୍ଚ୍ଚା ହେଉଛି। ତେବେ ଏଥିପ୍ରତି ସମ୍ପୃକ୍ତ କର୍ତ୍ତୃପକ୍ଷ ଓ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ଗୁଡିକର ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

# ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ଜିଲ୍ଲାପାଳଙ୍କୁ ନିବେଦନ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅଞ୍ଚଳରେ ରହିଥିବା ଭାଗବତ ଟୁଙ୍ଗିମାନଙ୍କର ପୁନରୁଦ୍ଧାର କରିବା ପାଇଁ ଭାଗବତ ଟୁଙ୍ଗି ପ୍ରଚାର ସମିତିର ସଦସ୍ୟମାନେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟି ଅନୁରୋଧ କରିଛନ୍ତି। ଏହି ଉପଲକ୍ଷେ ଗତକାଲି ଭାଗବତ ଟୁଙ୍ଗି ପ୍ରଚାର ସମିତିର ରାଜ୍ୟ ସଭାପତି ନଙ୍ଗୁଳି ବାବାଙ୍କ ନେତୃତ୍ୱରେ ରାଜ୍ୟ ଉପସଭାପତି ସୁବ୍ରତ କୁମାର ରାଉତ, ଜିଲ୍ଲା ସଭାପତି ସୁରେନ୍ଦ୍ର ନାଥ ଶତପଥି, ପ୍ରକୃତିବନ୍ଧୁ ଜେନାମଣି ବଳ, ଡେରାବିଶ ବ୍ଲକ ସଭାପତି ଯଶୋବନ୍ତ ନାରାୟଣ ପଣ୍ଡା ପ୍ରମୁଖ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ଭେଟି ଉତ୍ତରୀୟ ଓ ପୁଷ୍ପବୃକ୍ଷ ପ୍ରଦାନ କରିଥିଲେ। ଏଥିସହିତ ଡେରାବିଶ ବ୍ଲକ ସମେତ କେନ୍ଦ୍ରାପଡ଼ା ଜିଲ୍ଲାର ୯ଟି ବ୍ଲକ ଅଞ୍ଚଳରେ ରହିଥିବା ଭାଗବତ ଟୁଙ୍ଗି ଗୁଡ଼ିକର ପୁନରୁଦ୍ଧାର କରିବା ପାଇଁ ମଧ୍ୟ ଜିଲ୍ଲାପାଳଙ୍କୁ ଅନୁରୋଧ କରଥିଲେ। ଗ୍ରାମାଞ୍ଚଳରେ ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରାଗଲେ ଗ୍ରାମବାସୀ ସନ୍ଧ୍ୟାରେ ଟୁଙ୍ଗିରେ ଏକତ୍ରିତ ହୋଇ ପୁରାଣ ଚର୍ଚ୍ଚା କରିବା ଦ୍ୱାରା ସେମାନଙ୍କ ଠାରେ ଧର୍ମୀୟ ଚେତନା ଜାଗ୍ରତ ହେବା ସହ ପରସ୍ପର ମଧ୍ୟରେ ସହୃଦୟତା ସୃଷ୍ଟି ହୋଇପାରିବ। ଏଥିଯୋଗୁ ଗ୍ରାମରେ ପରସ୍ପର ମଧ୍ୟରେ ଘଟୁଥିବା ଛୋଟଛୋଟ ଘଟଣାକୁ ନେଇ ଉପୁଜୁଥିବା ବିବାଦମାନ ମଧ୍ୟ ଆପୋଷ ସମାଧାନ ହୋଇପାରିବ। ଏଥିସହିତ ସଂଘର ସଦସ୍ୟମାନେ ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରୀଙ୍କୁ ଭେଟି ସେମାନଙ୍କର ଦାବି ଜଣାଇଥିଲେ।

# ବଜରଙ୍ଗ ଦଳ ପକ୍ଷରୁ ଗୋ-ପୂଜନ ଓ ରକ୍ଷା ବନ୍ଧନ



ବଡ଼ଚଣା (ଭାସ୍କର ନ୍ୟୁଜ୍): ବଡ଼ଚଣା ବିଶ୍ୱ ହିନ୍ଦୁ ବଜରଙ୍ଗ ଦଳ ପକ୍ଷରୁ ଗୋ ପୂଜନ ଓ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଓରନ୍ଦା ସ୍ଥିତ ଗୋଶାଳାରେ ସଭାପତି ହେମଶ କୁମାର ଜେନାଙ୍କ ତତ୍ତ୍ୱାବଧାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମାତୃଶକ୍ତି ସଂଯୋଜିକା ପ୍ରଜ୍ଞା ମିଶ୍ର ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ବଡ଼ଚଣା ଥାନା ଅଧିକାରିଣୀ ମଧୁସ୍ମିତା ବେହେରା ଯୋଗ ଦେଇଥିଲେ। ପ୍ରଥମେ ଜିଲ୍ଲା ବଜରଙ୍ଗ ଦଳ ବଳ ପ୍ରମୁଖ କ୍ରିତିରଞ୍ଜନ ରାଉତ ଅତିଥିମାନଙ୍କୁ ଗେରୁଆ ଉତ୍ତରୀୟ ପ୍ରଦାନ କରିଥିଲେ, ପରେ ଗୋ ମାତାଙ୍କୁ ପୂଜା ଅର୍ଚ୍ଚନା କରାଯାଇ ରକ୍ଷା ବନ୍ଧନ କରାଯାଇଥିଲା ଏବଂ ବିଭିନ୍ନ ପ୍ରକାର ଫଳ ଓ ଗୋ ଖାଦ୍ୟ, ନଡା ଚକୁଳି ଗୋ ମାତାଙ୍କୁ ଅର୍ପଣ କରାଯାଇଥିଲା। ପ୍ରତେକ ଗୋ ମାତାଙ୍କୁ ରାକ୍ଷୀ ବାନ୍ଧି ଗୋ ସୁରକ୍ଷାକୁ ନିଜର ବ୍ରତ ଭାବେ ପାଳନ କରିବାକୁ ଅତିଥି ଓ ସମସ୍ତ ବଜରଙ୍ଗ ଦଳ ସଭ୍ୟମାନେ ଶପଥ କରିଥିଲେ। ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧି ଭଉଣୀର ସୁରକ୍ଷା କରେ ଆମେ ସମସ୍ତେ ଗୋମାତାଙ୍କ ସୁରକ୍ଷା କରିବା ପାଇଁ ଆଜି ବିଶ୍ୱ ହିନ୍ଦୁ ପରିଷଦ ସଭାପତି ହେମସ କୁମାର ଜେନା, ସମସ୍ତଙ୍କୁ ଶପଥ କରାଇଥିଲେ। ଶେଷରେ ସମସ୍ତେ ଭାଇ ଓ ଭଉଣୀମାନେ ମିଶିକରି ଉଭୟେ ଉଭୟଙ୍କୁ ରାକ୍ଷୀ ବାନ୍ଧି ଶୈବପୀଠ ମହାବିନାୟକଙ୍କ ଠାରେ ଏକତ୍ର ପ୍ରସାଦ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟ ଗୋବିନ୍ଦ ବେହେରା, ପ୍ରଦୀପ କୁମାର ସାହୁ, ରଶ୍ମି ରଞ୍ଜନ ରାଉତ, ଦିଲ୍ଲୀପ ସାମଲ, ଆରତ ସାହୁ ସୁରେନ୍ଦ୍ର ସାମଲ, ସମିର ସ୍ୱାଇଁ, ଅଜିତ ମିଶ୍ର, ବିଶ୍ୱଜିତ ଗୋଛାୟତ, ପ୍ରଫୁଲ୍ଲ ଜେନା, ଲାଲଟୁ ପଟ୍ଟନାୟକ, ଦିବାକର ସିଂ, ଜ୍ଞାନ ରଞ୍ଜନ ପଣ୍ଡା, ଉଦୟନାଥ ସାହୁ, ବଳରାମ ସାହୁ, ଜଗନ ସାହୁ, ଅନାମ ମଲ୍ଲିକ, ସ୍ୱାଧୀନ ମଲ୍ଲିକ, କଳ୍ପତରୁ ସାହୁ, ଦିଗାମ୍ବର ମହାପାତ୍ର, ଚିନ୍ମୟୀ ପୃଷ୍ଟି, ପ୍ରୀତମ ରଞ୍ଜନ ସାହୁ, ସୁଶାନ୍ତ ସାମଲ, ହେମନ୍ତ ଗୁରୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଅଗଷ୍ଟ କ୍ରାନ୍ତି ଓ ଯୁବ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ଅଖିଳ ଭାରତ ଯୁବ କଂଗ୍ରେସ ପ୍ରତିଷ୍ଠା ଦିବସ ଓ ଅଗଷ୍ଟ କ୍ରାନ୍ତି ଦିବସ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଳେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଯୋଗଦେଇ ଅଗଷ୍ଟ କ୍ରାନ୍ତି ଦିବସର ମହତ୍ତ୍ୱ ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଅବଦାନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ଜିଲ୍ଲା ସଭାପତି ଇଂ ବେଦଦ୍ୟୁତି ପୃଷ୍ଟି, ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଇମତିୟାଜ ଅହମ୍ମଦ ଖାଁ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଯୁବ ନେତା ହିଫଜୁଲ୍ ରହେମାନ, ଶଙ୍କରେଶ୍ୱର ଦାସ, ଉମେଶ ସ୍ୱାଇଁ, ସୁକାନ୍ତ ମହାପାତ୍ର, ସୁବ୍ରତ କୁମାର ପଣ୍ଡା, ବିଶ୍ୱଜିତ ଦାସ, ରାଜେନ୍ଦ୍ର ସ୍ୱାଇଁ, ଈଶ୍ୱର ଚନ୍ଦ୍ର ସ୍ୱାଇଁ, ଭାଗବତ ପ୍ରସାଦ ସାମଲ, ସୁଶାନ୍ତ କୁମାର ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ବୋଲଗଡ (ଭାସ୍କର ନ୍ୟୁଜ୍) : ବୋଲଗଡ଼ ବେଗୁନିଆ ନିର୍ବାଚନ ମଣ୍ଡଳୀ ବିଜେପି ତରଫରୁ ଆଜି ବୋଲଗଡ଼ ଗୋଶାଳାଠାରେ ଗୋପୂଜନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ମା' ପାଇଁ ଗଛଟିଏ ଉଦ୍ଦେଶ୍ୟରେ ପଚାଶ ଗୋଟି ନିମ୍ବ, ବର, ଅଶ୍ୱତ୍ଥ ଆଦି ଗଛ ଚାରାମାନ ରୋପଣ କରାଯାଇଥିଲା। ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତା ଆଇନଜୀବୀ ଲୋତକ ବିନ୍ଦୁ ପଟ୍ଟନାୟକ, ଇଂ କର୍ପୁର ସାହୁ, ସଞ୍ଜୟ ବେହେରା, ଅଜିତ୍ ପଟ୍ଟନାୟକ, ସଞ୍ଜୟ ମହାପାତ୍ରଙ୍କ ସମେତ ଗୋସେବକ ରବୀନ୍ଦ୍ର ବରାଡ଼, ପବନା ପ୍ରଧାନ ଓ କାଳିଆ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଶୋକ ରାଉତ, ଶଶାଙ୍କ ଭୁଜବଳ, ନିରଞ୍ଜନ କର, ପ୍ରକାଶ ବେହେର, ଦୀପନ ବିଶ୍ୱାଳ, ଲକ୍ଷ୍ମୀଧର ବଳିୟାର ସିଂ, ଅଭିମନ୍ୟୁ ପଟ୍ଟନାୟକ, ବିନୋଦ ମହାରଣା, ଜଗବନ୍ଧୁ ମୁଦୁଲି, ସହଦେବ ସୁବୁଦ୍ଧି, ଉପେନ୍ଦ୍ର କୁମାର ସୁବୁଦ୍ଧି, ପ୍ରମୋଦ ମହାପାତ୍ର, ଭାଗିରଥି ସାହୁ, କେଶବ ଚନ୍ଦ୍ର ସାହୁ , ଅଜିତ୍ ମହାପାତ୍ର, ବୀର ଜେନା ଓ ବସନ୍ତ ପରିଡ଼ା, ବିଜୟ ବଳିୟାର ସିଂ, ଲକ୍ଷ୍ମୀଧର ରାଉତ ପ୍ରମୁଖ ସହଯୋଗ କରିଥିଲେ। ପୂଜ୍ୟପୂଜା ଭୀମପଡ଼ା ତରଫରୁ ଗୋ ଶାଳାକୁ ଗୋଖାଦ୍ୟ ପ୍ରଦାନ କରାଯାଇଥିଲା।

# 'ବିଶ୍ୱ ଆଦିବାସୀ ଦିବସକୁ ଛୁଟି ଘୋଷଣା ପାଇଁ ଦାବି'

ମୁରିବାହାଲ (ଭାସ୍କର ନ୍ୟୁଜ) ମୁରିବାହାଲ ବ୍ଲକର ବୀର ମାଏଟ ଦେବଙ୍ଗ ଗ୍ରାମ ଠାରେ ବିଶ୍ୱ ଆଦିବାସୀ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଆରାଧ୍ୟ ଦେବୀ ମାଁ ଜାଡେନଙ୍କୁ ପୂଜାର୍ଚ୍ଚନା କଲା ପରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର, ବେଶଭୁଷା, ଡାକାବାଦ୍ୟ ସହ ଏକ ବିଶାଳ ଶୋଭଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ବିଶ୍ୱ ଆଦିବାସୀ ଦିବସ ଉତ୍ସାହର ସହ ପାଳିତ ହୋଇଥିବା ବେଳେ ଏକା ସଭା କାର୍ଯ୍ୟ ଆୟୋଜିତ ହୋଇଥିଲା। ଗ୍ରାମ୍ୟ କନ୍ଧ ସମାଜ ସଭାପତି ଜଗବନ୍ଧୁ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁରିବାହାଲ ଥାନା ଅଧିକାରୀ ସିପୋରା ସରାୟା ଲୁଗୁନ, ମୁଖ୍ୟ ବକ୍ତା




ଭାବେ ଟୁପା ପ୍ରଗଣା ସଭାପତି ପଦ୍ମନ ପ୍ରଧାନୀ, ସମ୍ମାନିତ ଅତିଥି ଭାବେ ବୁଢୁକା ପ୍ରଗଣା ବଙ୍ଗୋମୁଣ୍ଡା ସଭାପତି ଚକ୍ରଧର ଯାନୀ, ଜିଲ୍ଲା ଉପସଭାପତି ଶରତ ଚନ୍ଦ୍ର ସିଂ ଭୋଇ, ପ୍ରଫୁଲ୍ଲ ପ୍ରଧାନୀ, ଟିଟିଲାଗଡ ନଗର ଆଦିବାସୀ ସଂଘ ସଭାପତି ନିତ୍ୟାନନ୍ଦ ମାଝୀ, ସୁନୀଲ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଆଦିବାସୀ କନ୍ଧ ଯୁବଶକ୍ତି ଦେବଙ୍ଗର ସଭାପତି ନେତ୍ରମଣି ଭୋଇ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଆଦିବାସୀ ସଂସ୍କୃତି, କନ୍ଧାନ ପ୍ରଥା, ପରମ୍ପରା, ଭାଷା, ସଂସ୍କୃତି ଆଦି ମହାନ ଏବଂ ସ୍ୱତନ୍ତ୍ରତା ରହିଛି। ଏହାର ସୁରକ୍ଷା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଶିକ୍ଷାକୁ ଗୁରୁତ୍ୱ ଦେବା ସହ ସୁସ୍ଥ, ନିଶାମୁକ୍ତ ସମାଜ ଗଠନ ପାଇଁ ସଂକଳ୍ପ ନେଇଥିଲେ। ବିଶ୍ୱ ଆଦିବାସୀ ଦିବସ ଅଗଷ୍ଟ ୯କୁ ଛୁଟି ଘୋଷଣା ପାଇଁ ଦାବି ଉଠିଥିଲା। ନକୁଳ ମାଝୀ, ଆଦିବାସୀ କନ୍ଧ ଯୁବ ଶକ୍ତି ଦେବଙ୍ଗର ଉପସଭାପତି ଜ୍ୟୋତିମୟ ଭୋଇ, ସମ୍ପାଦକ ଲୋକେଶ୍ୱର ଭୋଇ, ସହ ସମ୍ପାଦକ ହରେକୃଷ୍ଣ ଭୋଇ, କୋଷାଧ୍ୟକ୍ଷ ପ୍ରଦୀପ ଭୋଇ, ଚୁଡାମଣି ଭୋଇ, ଉପଦେଷ୍ଟା ରାଜେନ୍ଦ୍ର ଭୋଇ, ଅକ୍ଷୟ ଭୋଇ, ଈଶ୍ୱର ଭୋଇ, ବସନ୍ତ ଭୋଇ, ସୁଧାଂଶୁ ଶେଖର ଭୋଇ, ଧନଞ୍ଜୟ ଭୋଇ, ରୁକମନ ଭୋଇ, ଶକ୍ତିମାନ ଭୋଇ, ମାନସ ଭୋଇ, ସୁନୀଲ ଭୋଇ, ହରେକୃଷ୍ଣ ଭୋଇ, ଶୁକ୍ର ଭୋଇ, ଜନ୍ମେଜୟ ଭୋଇ, ରଞ୍ଜିତ ଭୋଇ, ପଞ୍ଚାନନ ଭୋଇ, ପ୍ରବୀଣ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଶତାଧିକ ପୁରୁଷ ମହିଳା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଜିନ୍ଦାବାଦ ସଂଗଠନ ପକ୍ଷରୁ ୧୭ ଦଫା ଦାବି ନେଇ ଫରେଷ୍ଟ ଅଫିସ ଘେରାଉ



ମୁରିବାହାଲ (ଭାସ୍କର ନ୍ୟୁଜ୍): ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ ୨୦୦୬, ସଂଶୋଧିତ ନିୟମ ୨୦୧୨କୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ଦାବି ନେଇ ଜିନ୍ଦାବାଦ ସଂଗଠନ ପକ୍ଷରୁ ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି । ଜଳ, ଜମି, ଜଙ୍ଗଲ ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ଦାବିରେ ଜିନ୍ଦାବାଦ ସଂଗଠନ ପକ୍ଷରୁ ଆଜି ବିକ୍ଷୋଭ ଶୋଭାଯାତ୍ରା ଓ ପ୍ରତିବାଦ ସମାବେଶ ଅନୁଷ୍ଠିତ ହୋଇଥିଲା। ୧୭ଦଫା ଦାବି ନେଇ ଜିନ୍ଦାବାଦ ସଂଗଠନର ଉପଦେଷ୍ଟା ତ୍ରିଲୋଚନ ପୁଞ୍ଜିଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତ୍ତାଙ୍କ ସହ ଶହ ଶହ ସଂଖ୍ୟାରେ ଯୋଗଦେଇ ସ୍ଥାନୀୟ ଦୁର୍ଗା ମଣ୍ଡପ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରି ଏକ ପ୍ରତିବାଦ ସଭା କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୭ ଦଫା ଦାବିପତ୍ର ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧୁକାର ସ୍ୱୀକୃତି) ଆଇନ-୨୦୦୬ ଓ ସଂଶୋଧିତ ନିୟମ-୨୦୧୨କୁ ସଠିକ୍ ଭାବରେ କାର୍ଯ୍ୟକାରୀ କରାଯାଉ, ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନର ଧାରା-୪ ର ଉପଧାରା-୫ ମୁତାବକ ଜଙ୍ଗଲ ଅଧିକାର ସ୍ୱୀକୃତି ଓ ଯାଞ୍ଚ ପ୍ରକ୍ରିୟା ଶେଷ ନହେବା ଯାଏ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଭୋଗଦଖଲ କରୁଥିବା ଜଙ୍ଗଲ ଜମିରୁ ଉଚ୍ଛେଦ କିମ୍ବା ବିତାଡିତ ହେବେନାହିଁ ବୋଲି ଉଲ୍ଲେଖ ରହିଛି। ତେଣୁ ଭୋଗଦଖଲ କରୁଥିବା ଜଙ୍ଗଲ ଜମିରେ ବଳପୂର୍ବକ ବୃକ୍ଷରୋପଣ କରିବା କାର୍ଯ୍ୟକୁ ବନ୍ଦ କରାଯାଉ, ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାର ଗୋଷ୍ଠୀ ସମ୍ବଳ ଅଧିକାର କାର୍ଯ୍ୟକୁ ସୁନିଶ୍ଚିତ କରାଯାଉ ଏବଂ ଗ୍ରାମ ସଭାକୁ ଗୁରୁତ୍ୱ ଦିଆଯାଉ, ଜଙ୍ଗଲ ଜମି ଅଧିକାର ପ୍ରଦାନ କରିବା ସହିତ ୧୭ଦଫା ପୂରଣ କରାଯାଉ। ଆଗାମୀ ଦିନରେ ଏ ଉପରେ କୌଣସି ପଦକ୍ଷେପ ନିଆନଗଲେ ଜିନ୍ଦାବାଦ ସଂଗଠନ ଆନ୍ଦୋଳନକୁ ଓହ୍ଲେଇବ ବୋଲି ଚେତାବନୀ ଦିଆଯାଇଥିଲା । ଜିନ୍ଦାବାଦ ସଂଗଠନର ମୁରିବାହାଲ ବ୍ଲକ ସମ୍ପାଦକ କେଶବ ଧରୁଆ, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ଜୁଗରାଜ ଧରୁଆ, ଠଣ ସୁନ୍ଦର ସଗରିଆ, ତୁରେକେଲା ବ୍ଲକ ସଭାପତି ଗଙ୍ଗାଧର ମାଝୀ ସମ୍ପାଦକ ଦୁର୍ଯ୍ୟଧନ ମାଝୀ ଟିଟିଲାଗଡ଼ ସଭାପତି ଟଙ୍କଧର ପ୍ରଧାନୀ, ଆଞ୍ଚଳିକ ସଭାପତି ଦୁର୍ଯ୍ୟଧନ ମାଝୀ, ଟଙ୍କ ଶବର, ନରେଶ ମାଝୀ, ବୈଷ୍ଣବ ହଂସ, ଡମ୍ବରୁ ଭରାସଗରିଆ, ମୁଖ୍ୟ ପଟେଲ, ଚିଚକ ମାଝୀ, ଟିକେଚନ ପୁଟେଲ, ସୁରୁସିଂ ମାଝୀ, ଶୁକ୍ଳ ଶବର, ଦେବନାଶନ ଛତ୍ରିଆ, ନିରଞ୍ଜନ ବରିହା, ଖଗପତି ମାଝୀ, ହୀରାଲାଲ ହଂସ, ମଧୁସୂଦନ ଆଡଜୁଆଡ଼, ସୁନ୍ଦର ମାଝୀ, ପଦ୍ମଲୋଚନ ଶାଣ୍ଡ, ଲକ୍ଷପତି ବାଗ, ନକୁଳ ବାଗ, ପର୍ଶୁରାମ ମାଝୀ ପ୍ରମୁଖଙ୍କ ସହ ବହୁ ଲୋକ ସାମିଲ ହୋଇଥିଲେ।

## ଶ୍ରୀଅରବିନ୍ଦ ଏଜୁକେସନ ସେଣ୍ଟରରେ ରକ୍ଷା ବନ୍ଧନ ଉତ୍ସବ

ଫୁଲନଖରା (ଭାସ୍କର ନ୍ୟୁଜ୍) : ପବିତ୍ର ରକ୍ଷା ବନ୍ଧନ ଭାଇ ଭଉଣୀର ଅତୁଟ ସମ୍ପର୍କ ଆଉ ପବିତ୍ର ବନ୍ଧନକୁ ରାକ୍ଷୀର ଡୋରରେ ବନ୍ଧିବାର ଆଜି ସ୍ମରଣୀୟ ଦିନଟିଏ । ଏହି ଅବସରେ ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ ଏଜୁକେସନ ସେଣ୍ଟର୍ ନେତାଜୀ ନଗର ଘାଟକୂଳ କଟକ ପକ୍ଷରୁ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ଓ ସମସ୍ତ ଅପା ଭାଇ ବର୍ଗ ଏକ ହୃଦୟସ୍ପର୍ଶୀ ଓ ଆନନ୍ଦମୟ ମନୋଜ୍ଞ ପରିବେଶ ମଧ୍ୟରେ ପାଳନ କରିବା ସହ ଉତ୍ସବ ସଂପର୍କରେ ଆଲୋକପାତ କରିଥିଲେ । ବିଦ୍ୟାର୍ଥୀ ମାନଙ୍କୁ ଶିକ୍ଷାଦାନ ସହ ବିଭିନ୍ନ ମହତ୍ ତଥା ସ୍ୱତନ୍ତ୍ର ଦିବସ ମାନ ପାଳନ ଏବଂ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ଦିଗରେ କାର୍ଯ୍ୟକ୍ରମ ମାନ ପାଳନ ଆଦି କରାଯାଉ ଥିବାରୁ ଅଭିଭାବକ ଅଭିଭାବିକା ମହଲରୁ ସ୍କୁଲ ନିର୍ଦ୍ଦେଶକ ବିଶିଷ୍ଟ ଶିକ୍ଷାବିତ୍ ଅମ୍ବରିଶ ମିଶ୍ର,ଅଧ୍ୟକ୍ଷ ତଥା ବିଦ୍ୟାଳୟ ପରିଚାଳନା କମିଟିଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

# ଦାନିଏଲ୍ ପବ୍ଲିକ ସ୍କୁଲରେ ରକ୍ଷା ବନ୍ଧନ ଉତ୍ସବ




ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ରାକ୍ଷୀପୂର୍ଣ୍ଣିମା ଅବସରରେ ବ୍ରଜରାଜନଗର ଗାୟତ୍ରୀ ନଗର ଠାରେ ଥିବା ଦାନିଏଲ୍ ପବ୍ଲିକ ସ୍କୁଲ ପରିସରରେ ଶନିବାର ଦିନ ରକ୍ଷା ବନ୍ଧନ ଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲା ସାମ୍ବାଦିକ ସଂଘ (ଓୟୁଜେ)ର ସଭାପତି ଉପନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ନାଇସ କମ୍ପ୍ୟୁଟର ଏଜୁକେସନର ନିର୍ଦ୍ଦଶକ ସୁଶୀଲ ପୁରୋହିତ, ରାଜ୍ୟ ସାମ୍ବାଦିକ ସଂଘ (ଓୟୁଜେ)ର ସାଂଗଠନିକ ସଂପାଦକ ତ୍ରିଲୋଚନ ଦାଶ, ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତା ଅମରେନ୍ଦ୍ର ରାୟ, ବ୍ରଜରାଜନଗର ପ୍ରେସ କ୍ଲବ କୋଷାଧ୍ୟକ୍ଷ ବିରଞ୍ଚି ଚରଣ ସ୍ୱାଇଁ, ଉପ ସଭାପତି ବିଜୟ କୁମାର ସାହୁ, ସହ ସମ୍ପାଦକ ସଞ୍ଜୟ ବାହୁବଳେନ୍ଦ୍ର ଯୋଗଦେଇଥିଲେ। ରକ୍ଷା ବନ୍ଧନ ଉତ୍ସବ ଭାଇ ଓ ଭଉଣୀଙ୍କ ମଧ୍ୟରେ ଏକ ସୁସମ୍ପର୍କର ସେତୁ ବୋଲି ମଞ୍ଚାସିନ ଅତିଥିମାନେ ଭାଷଣରେ ମତବ୍ୟକ୍ତ କରିଥିଲେ। ଶେଷରେ ଜୁଏଲସ ଛାତ୍ରଛାତ୍ରୀ ମାନେ ମଞ୍ଚାସୀନ ଅତିଥି ଓ ନିମନ୍ତ୍ରିତ ଅତିଥିମାନଙ୍କୁ ରାକ୍ଷୀ ବାନ୍ଧି ଆଶୀର୍ବାଦ ପ୍ରାପ୍ତ କରିଥିଲେ। ଆୟୋଜିତ ରକ୍ଷା ବନ୍ଧନ ଉତ୍ସବରେ ଡାନିଏଲ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ଡ଼ଃ ବିଜୟ ପଟ୍ଟନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶିକ୍ଷୟିତ୍ରୀ ମଧୁସ୍ମିତା ମାଇତି ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରବୀଣ ବାଗ୍, ପ୍ରେମା ମଞ୍ଜରୀ ସୁନା, ହରିପ୍ରିୟା ପ୍ରଧାନ, ରଘୁନାଥ ମଜୁମଦାର, ସ୍ନେହା ପ୍ରସାଦ, କାଜଲ ସିଂହ, ପ୍ରୀତି, ଅନିତା ରାଣୀ ସୁନା, ସୁପ୍ରିୟା ମଣିରା, ଭାରତୀ କିଶାନ, ତନୁଜା ନାଏକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାଶିଫଳ


ରବିବାର, ୧୦ ଅଗଷ୍ଟ ୨୦୨୫




**ମେଷ:** ଆଜି ଶତ୍ରୁମାନଙ୍କ ପ୍ରତି ସାବଧାନ ରୁହନ୍ତୁ। କୌଣସି ବିଚାରାଧୀନ କାର୍ଯ୍ୟ ଉପରେ ଅଧିକ ଚାପ ନିଅନ୍ତୁ ନାହିଁ, ଏହା ସମାପ୍ତ ହେବ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। କାରବାର ସମୟରେ ସତର୍କ ରହିବାକୁ ପଡିବ। ଗାଡି ଚଳାଇବା ସମୟରେ ସତର୍କତା ବ୍ୟବହାର କରନ୍ତୁ।




**ବୃଷ:** ଆୟ ବୃଦ୍ଧି ପାଇବ। ଛାତ୍ରମାନେ ଅତୁଳନୀୟ ସଫଳତା ପାଇବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ବ୍ୟବସାୟ ପାଇଁ ଭଲ ସମୟ। ଆଜି ସ୍ୱାସ୍ଥ୍ୟ ଭଲ ରହିବ ଚାକିରି ପାଇପାରିବେ। ରିସ୍କ ଏବଂ ଚାପ ନିଅ ନାହିଁ। ନିଜ ଜୀବନସାଥୀଙ୍କ ପ୍ରତି ଭଲ ହୁଅନ୍ତୁ।



**ମିଥୁନ:** ସମୟ ଆପଣଙ୍କ ପାଇଁ ଅନୁକୂଳ ଅଟେ। ଆର୍ଥିକ ବିନିଯୋଗ ବିଷୟରେ ଚିନ୍ତା କରିପାରନ୍ତି। ସମାଜରେ ମାନବିକ ସମ୍ମାନ ବୃଦ୍ଧି ପାଇବ। ଅଜ୍ଞାତ ଲୋକଙ୍କ ଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟୀମାନେ ଉପକୃତ ହେବେ।




**କର୍କଟ:** ଆଜି ଆପଣଙ୍କର କାମ ଚାପ ରହିବ। ଆପଣ ସକାରାତ୍ମକ ହେବେ। ଆୟ ବୃଦ୍ଧି ପାଇବ। ଆର୍ଥିକ ପରିସ୍ଥିତି ମଜବୁତ ରହିବ। କାର୍ଯ୍ୟାଳୟର ପରିବେଶ ଅନୁକୂଳ ହେବ। ଆପଣ ନିଜ ସାଥୀଙ୍କ ସହିତ ବୁଲିବାକୁ ଯାଇପାରିବେ। ବନ୍ଦ ହୋଇଥିବା ଟଙ୍କା ମିଳିପାରିବ।




**ସିଂହ:** ଆଜି ଆପଣ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବେ। ଆର୍ଥିକ ପରିସ୍ଥିତି ଭଲ ହେବ। ସାମାଜିକ ଏବଂ ପାରିବାରିକ ଜୀବନ ଭଲ ହେବ। ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଯୁବକମାନେ ଉପକୃତ ହେବାର ସମ୍ଭାବନା ରହିଛି। ସ୍ଥାନାନ୍ତର ବିଜ୍ଞପ୍ତି ମିଳିପାରିବ। ଆପଣଙ୍କର କାମ ଆଗକୁ ବଢ଼ିବ।




**କନ୍ୟା:** ଆଜି ଘରୋଇ ଦାୟିତ୍ୱ ବୃଦ୍ଧି ପାଇବ। ଏହା ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଛାତ୍ରମାନେ କଠିନ ପରିଶ୍ରମ କରିବା ଆବଶ୍ୟକ ରହିଛି। ଜଣେ ସମ୍ପର୍କୀୟଙ୍କଠାରୁ ରିଅଲ୍ ଇଷ୍ଟେଟ୍ ସମ୍ବନ୍ଧରେ ଟେନସନ ହୋଇପାରେ। ସ୍ୱାସ୍ଥ୍ୟ ଭଲ ରହିବ। ରୁଟିନ୍ ପରିବର୍ତ୍ତନ କରିପାରିବେ।



**ତୁଳା:** ଆପଣଙ୍କର କାର୍ଯ୍ୟଗୁଡ଼ିକ ଭଲ ଭାବରେ ସମାପ୍ତ ହେବ। ଆପଣ କାମ ଭଲ କରିବେ। ଅଫିସରେ ଅଧିକାରୀଙ୍କ ସହିତ ବିବାଦ ହୋଇପାରେ। ଯୁବକମାନେ ସଫଳତା ପାଇବେ। ଆପଣ ଋଣ ରାଶି ଫେରସ୍ତ କରିବାକୁ ସମର୍ଥ ହେବେ ନାହିଁ। କିଛି କାମକୁ ନେଇ ଟେନସନ ହେବ। ଛାତ୍ରମାନେ ସଫଳତା ପାଇବେ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଧନ ଲାଭ ପାଇଁ ସୁଯୋଗ ଆସିବ। ଚାକିରୀରେ ସ୍ଥାନାନ୍ତର ଏବଂ ପଦୋନ୍ନତି ମିଳିବ। ସମସ୍ତ ଦାୟିତ୍ୱ ସହଜରେ ପୂରଣ କରିବାକୁ ସକ୍ଷମ ହେବେ। ନୂଆ କାମ ଦ୍ୱାରା ଉପକୃତ ହେବେ। ମଧୁରତା ଆପଣଙ୍କ ସାଥୀଙ୍କ ସହିତ ରହିବ। ବୃଥା ବିବାଦ ଧରନ୍ତୁ ନାହିଁ।



**ଧନୁ:** ଆଜି କୌଣସି କାର୍ଯ୍ୟ ସମାପ୍ତ କରିବାରେ ଅଳସୁଆ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଶତ୍ରୁମାନଙ୍କଠାରୁ ସାବଧାନ ରୁହ। ବ୍ୟବସାୟ ସ୍ୱାଭାବିକ ହେବ। ଭଗବାନଙ୍କୁ ଉପାସନା କର। ଆତ୍ମବିଶ୍ୱାସ ଏବଂ ସକରାତ୍ମକତା ବଜାୟ ରଖ। ପ୍ରଗତି ପାଇଁ ଆପଣ ନୂତନ ସୁଯୋଗ ପାଇବେ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ ମନୋନିବେଶ କରିବେ ନାହିଁ। ଅଳସୁଆ ପଣ ଦେଖାଇବେ।



**ମକର:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଭଲ ଖବର ଗ୍ରହଣ କରିବେ। ଏକ ଯାନ କିମ୍ବା ଜମି କିଣିବାକୁ ବିଚାର କରିପାରନ୍ତି। ଆଜି ଅଟକି ରହିଥିବା କାମ ଶେଷ ହେବ। ଅବିବାହିତଙ୍କ ପାଇଁ ସମ୍ପର୍କ ବିଷୟରେ ଆଲୋଚନା ଆଗକୁ ବଢ଼ିବ। ଅଯଥା ବିପଦରେ ପଶନ୍ତୁ ନାହିଁ। ପାଦ ଯନ୍ତ୍ରଣା ଦ୍ୱାରା ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ବ୍ୟବସାୟ ଭଲ କରିବ।



**କୁମ୍ଭ:** ଛାତ୍ରମାନେ ଅଧ୍ୟୟନରେ ଆଗ୍ରହୀ ହେବେ। ଜଣେ ବନ୍ଧୁ କିମ୍ବା ଘନିଷ୍ଠ ସମ୍ପର୍କୀୟଙ୍କୁ ଭେଟିପାରନ୍ତି। ଆଜି ଏକ ସାଧାରଣ ଦିନ ହେବ। ସ୍ଥଗିତ କାର୍ଯ୍ୟ ସମାପ୍ତ ହେବ । ଆଜି କିଛି ନୂଆ କାମ କରିପାରିବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ଦାମ୍ପତ୍ୟ ଜୀବନରେ ମଧୁରତା ରହିବ। ଶରୀର ସୁସ୍ଥ ରହିବ।ଛାତ୍ରଛାତ୍ରୀମାନେ ପାଠପଢ଼ାରେ ମନ ଦେବେ।



**ମୀନ:** ଆଜି ଏକ ଭଲ ଦିନ ହେବ। ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଜୀବନ ସାଥୀ ସମର୍ଥନ ପାଇବେ। ନିଯୁକ୍ତ ଲୋକଙ୍କ ପଦୋନ୍ନତି ବାଧାପ୍ରାପ୍ତ ହୋଇପାରେ। ନୂତନ କାର୍ଯ୍ୟରେ ଆଗ୍ରହୀ ହୋଇପାରନ୍ତି। ଭଲ ରୋଜଗାର ରହିବ। ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ।



ଜ୍ୟୋତିଷ୍ଣ ଦ୍ରଷ୍ଟା

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାପାଳଙ୍କ ସଭାଗୃହ ଠାରେ ଉଦ୍ୟାନ ବିଭାଗ ଆୟୋଜନରେ ନୂତନ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ଫଳ ଓ ପନିପରିବା ଚାଷ ଉନ୍ନତି ନିମନ୍ତେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଯୋଗେନ୍ଦ୍ର ନାଥ ମହାପାତ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନା କରିଥିଲେ । ନୂତନ ଜିଲ୍ଲାପାଳ ଜିଲ୍ଲାରେ ଚାଷ ନିମନ୍ତେ ମାଟି, ପାଣି ଓ ଜଳବାୟୁ ଅନୁକୂଳ ଥିବାଯୋଗୁଁ ସମସ୍ତଙ୍କର ସହଯୋଗ ଓ ଆନ୍ତରିକତା ରହିଲେ ଚାଷୀମାନେ ଉନ୍ନତି କରିପାରିବେ ବୋଲି କହିଥିଲେ । ଫଳ ଓ ପନିପରିବାର ଉଚିତ ମୂଲ୍ୟ ନିର୍ଦ୍ଧାରଣ, ପ୍ରକ୍ରିୟା କରଣ, ବଳକା ଫଳ ଓ ପନିପରିବାକୁ ଶୀତଳ ଭଣ୍ଡାର ସ୍ଥାପନ କରି ସଂରକ୍ଷଣ,ପର୍ଯ୍ୟାପ୍ତ ଭାବରେ ଜଳ ସେଚନ କେମିତି ହୋଇପାରିବ ବୋଲି କହିଥିଲେ । ଏହି ଆଲୋଚନାଚକ୍ରରେ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପି ରି ଭେଙ୍କଟ ରାଓ, ଡ଼ିଡ଼ିଏମ ନାବାର୍ଡ ଡ. ସତ୍ୟ ସ୍ୱରୂପ ବିଦାନ୍ତ, କୃଷି ବିଜ୍ଞାନକେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ତପନ କୁମାର ଦାସ, ଅନନ୍ତମ କୃଷି ବୈଜ୍ଞାନିକ ଡ. ମୟୁରୀ ସିଂ ସର୍ଦ୍ଦାର, ଡ. ସମାପିକା ଦଳେଇ, ସସ୍ମିତା ପାଳ, ମିଶନ ଶକ୍ତି ଜିଲ୍ଲା ସଂଯୋଜକ ରଶ୍ମି ରଞ୍ଜନ ସେଠି, ଓରମାସର ସୌମ୍ୟରଞ୍ଜନ ପଣ୍ଡା, ଜିଲ୍ଲାର ଛଅଗୋଟି ଅଗ୍ରଣୀ କୃଷକ ଉତ୍ପାଦକ କମ୍ପାନୀର ନିର୍ଦ୍ଦେଶକ ଓ ସିଇଓ କୃତିବାସ ପଲିଆ, ଉତ୍ତମ ମହାକୁଡ଼, ମଞ୍ଜୁଲତା ଦାସ, ଭଗବାନ ସାହୁ, ସୁଶୀଲ ଦେହୁରୀ, ପୂର୍ଣ୍ଣଚନ୍ଦ୍ର ଖଟୁଆ, ପ୍ରଫୁଲ୍ଲ ମହାକୁଡ଼, ଦିବ୍ୟଲୋଚନ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ହରଭଙ୍ଗା ବ୍ଲକ ଉଦ୍ୟାନ ଅଧିକାରୀ ଜ୍ଞାନ ରଞ୍ଜନ ଦିଗାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ଥାୟୀ ମଣ୍ଡି ପାଇଁ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ



ମାଥିଲି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ଗସ୍ତରେ ଚିତ୍ରକୋଣ୍ଡା ବିଧାୟକ ଥିବା ବେଳେ ଏହି ପରିପ୍ରେକ୍ଷୀରେ ସହର ସ୍ଥିତ ଇରିଗେସନ ବିଭାଗ ଡାକବଙ୍ଗଳାରେ ବିଧାୟକଙ୍କୁ ଭେଟିଲେ ଭଣ୍ଡାରିପାଙ୍ଗାମ ପଞ୍ଚାୟତବାସୀ। ମାଥିଲି ବ୍ଲକ ଅନ୍ତର୍ଗତ ଭଣ୍ଡାରିପାଙ୍ଗାମ ପଞ୍ଚାୟତ ସରପଞ୍ଚ ଭାରତୀ କାଲାକୁରାଙ୍କ ନେତୃତ୍ୱରେ ପଞ୍ଚାୟତର ୱାର୍ଡ ମେମ୍ବର ସମେତ କିଛି ଗ୍ରାମବାସୀ ଆସି ଚିତ୍ରକୋଣ୍ଡା ବିଧାୟକଙ୍କୁ ଭେଟି ସିଧାସଳଖ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଏହି ପଞ୍ଚାୟତବାସୀଙ୍କ କହିବାନୁଯାୟୀ ତାଙ୍କ ପଞ୍ଚାୟତରେ ଅସ୍ଥାୟୀ ମଣ୍ଡି ଥିବା ହେତୁ ତାହା ଗ୍ରାମବାସୀଙ୍କ କାର୍ଯ୍ୟରେ ଆସୁନାହିଁ। ଏହି ପଂଚାୟତବାସୀ ବାଧହୋଇ ନିକଟସ୍ଥ ମେକା ପଞ୍ଚାୟତରେ ଥିବା ସ୍ଥାୟୀ ମଣ୍ଡି ଉପରେ ନିର୍ଭର କରୁଛନ୍ତି। ଅଥବା କିଛି ଚାଷୀ ବାଧହୋଇ ଛତିଶଗଡ଼ କିମ୍ବା ଆନ୍ଧ୍ରପ୍ରଦେଶରୁ ଆସୁଥିବା ବ୍ୟବସାୟୀଙ୍କୁ ଅଳ୍ପ ଦରରେ ନିଜର ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି। ତେଣୁ ଆଜି ପଞ୍ଚାୟତବାସୀ ସିଧାସଳଖ ବିଧାୟକ ଶ୍ରୀ ଖିଲଙ୍କୁ ଭେଟି ନିଜର ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାୟକ ଶ୍ରୀ ଖିଲ ମଧ ତୁରନ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଇ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଗାନ୍ଧୀ ପବ୍ଲିକ ସ୍କୁଲରେ ରକ୍ଷାବନ୍ଧନ ଉତ୍ସବ

ଗୁଣପୁର(ଭାସ୍କର ନ୍ୟୁଜ୍): ଗୁଣପୁର ସ୍ଥିତ ଗାନ୍ଧି ପବ୍ଲିକ ସ୍କୁଲରେ ଆନନ୍ଦ ଉତ୍ସାହର ସହିତ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ନର୍ସରୀ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀର ସମସ୍ତ ଛାତ୍ରୀମାନେ ଛାତ୍ରଭାଇମାନଙ୍କ ମଥାରେ ଚନ୍ଦନ ଓ ସିନ୍ଦୁର ଟୀକା ଲଗାଇ ହାତରେ ରାକ୍ଷୀ ବାନ୍ଧି ସେମାନଙ୍କର ସୁଖ ଶାନ୍ତି କାମନା କରିଥିଲେ । ସେହିପରି ଭାଇମାନେ ଭଉଣୀମାନଙ୍କୁ ମିଷ୍ଟାନ୍ନ ଖୁଆଇ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ବିଦ୍ୟାଳୟର ଖେଳ ପଡିଆରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଏହି ସାମୁହିକ ରକ୍ଷା ବନ୍ଧନ ଓ ମିଷ୍ଟାନ୍ନ ବଣ୍ଟନ ଦୃଶ୍ୟରେ ବିଦ୍ୟାଳୟଟି ଉତ୍ସବ ମୁଖର ହେବା ସହିତ ଆମ ସଂସ୍କୃତି, ପରମ୍ପରା ଓ ଭାତୃତ୍ୱ ଭାବର ମିଳନ ସ୍ଥଳୀରେ ପରିଣତ ହୋଇଥିଲା। ଏହା ପରେ 'ପରିବେଶ ସୁରକ୍ଷା ଜୀବନ ରକ୍ଷା' ବାର୍ତ୍ତା ଦେବାପାଇଁ ଛାତ୍ରୀମାନେ ବିଦ୍ୟାଳୟ ନିକଟବର୍ତ୍ତୀ ବୃକ୍ଷଗୁଡିକରେ ରାକ୍ଷୀ ବାନ୍ଧିଥିଲେ । ଆଜିର ଶୁଭ ଦିନକୁ ଧ୍ୟାନରେ ରଖି ଛାତ୍ରଛାତ୍ରୀଙ୍କୁ ନେଇ ପୂର୍ବରୁ ରାକ୍ଷୀ ତିଆରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କେତେକ ଛାତ୍ରଛାତ୍ରୀ ବର୍ଜ୍ୟ ବସ୍ତୁରେ ମଧ୍ୟ ସୁନ୍ଦର ରାକ୍ଷୀ ତିଆରି କରିବା ସହିତ ଭଳିକି ଭଳି ସୁନ୍ଦର ରାକ୍ଷୀ ମଧ୍ୟ ତିଆରି କରିଥିଲେ। ରକ୍ଷା ବନ୍ଧନର ପୌରାଣିକ , ଐତିହାସିକ କିମ୍ବଦନ୍ତୀକୁ ଛାତ୍ରଛାତ୍ରୀ,ଶିକ୍ଷକ ଶିକ୍ଷୟିତ୍ରୀ ବକ୍ତୃତା ମାଧ୍ୟମରେ ପରିପ୍ରକାଶ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ ରକ୍ଷା ବନ୍ଧନ ଦିବସର ତାତ୍ପର୍ଯ୍ୟ ଓ ଆମ ସଂସ୍କୃତି ବିଷୟରେ କହିଥିଲେ । ଏହି ପରିପ୍ରେକ୍ଷୀରେ ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼ଃ ଜଗଦୀଶ ପଣ୍ଡା କହିଥିଲେ ଆଜିର ଏହି ପବିତ୍ର ଦିବସ ଆମ ଓଡ଼ିଶାର ଘରେଘରେ ଗହ୍ମା ପୂର୍ଣ୍ଣିମା ସହିତ ଗୋମାତା ପୂଜନ କରାଯାଏ । ଏହି କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ ।

## ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଆଳି, (ଭାସ୍କର ନ୍ୟୁଜ୍): ପବିତ୍ର ଗହ୍ମା ପୂର୍ଣ୍ଣମୀ ରକ୍ଷାବନ୍ଧନ ଅବସରରେ ଆଳିର ଅଗ୍ରଣୀ ସାମାଜିକ ସଂଗଠନ ଆଳି ନାଗରିକ ମଞ୍ଚର ଦ୍ୱାଦଶତମ ବାର୍ଷିକ ଉତ୍ସବ ଆଳି ଡାକବଙ୍ଗଳା ନିକଟ ଏମାର୍ଟ ମଣ୍ଡପ ଠାରେ ପୂର୍ବାହ୍ନ ୧୦ ଘଟିକା ରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମଞ୍ଚର ସଭାପତି ଧନେଶ୍ୱର ରାଉତଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଉତ୍ସବର ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଭୀମସେନ ଭୂୟାଁ, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ପ୍ରଧାନଶିକ୍ଷକ, ସାମ୍ବାଦିକ ତଥା କବି, ସାହିତ୍ୟିକ ପ୍ରମୋଦ ମଲ୍ଲିକ, ବରିଷ୍ଠ ଉପଦେଷ୍ଟା ମାୟାଧର ରାଉତ ପ୍ରମୁଖ ଯୋଗଦେଇ ସଚେତନ ନାଗରିକ ଓ ବୁଦ୍ଧିଜୀବୀ ମାନଙ୍କୁ ନେଇ ଗଢ଼ାଯାଇଥିବା ନାଗରିକ ମଞ୍ଚ ଗୋଟିଏ ଅଞ୍ଚଳର ସମସ୍ୟା ସମାଧାନ, ଶାନ୍ତି ଶୃଙ୍ଖଳା ଓ ଭାଇଚାରା ରକ୍ଷା କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ପରେ ବରିଷ୍ଠ ନାଗରିକ ଓ ଅତିଥି ମାନଙ୍କୁ ଉପସ୍ଥିତ ଭଉଣୀମାନେ ମିଠା ଖୁଆଇ ରାକ୍ଷୀ ବାନ୍ଧିବା ପରମ୍ପରା ଏକ ନିଆରା ପରିବେଶ ସୃଷ୍ଟି କରିଥିଲା। ଉତ୍ସବରେ ମଞ୍ଚର ସମ୍ପାଦକ ଅକ୍ଷୟ କୁମାର ମଲ୍ଲିକ ସମ୍ପାଦକୀୟ ବିବରଣୀ ପାଠ କରି ନାଗରିକ ମଞ୍ଚର ଦୀର୍ଘ ୧୨ ବର୍ଷର କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଡ଼କ ବନ୍ଧୁ ସୁଶାନ୍ତ ତରାଇ, କାର୍ଯ୍ୟକାରି ସଭାପତି ଦଶରଥ ମଲିକ, କବି ଗୋବିନ୍ଦ ଚନ୍ଦ୍ର ନନ୍ଦ, ଅବସରପ୍ରାପ୍ତ ଶିକ୍ଷକ ବୀରକିଶୋର ପଣ୍ଡା, ମଞ୍ଜୁଲତା ସାମଲ, କବିୟତ୍ରୀ ସନ୍ନିଭା ମିଶ୍ର ଦାଶ, ମିନତୀ ମହାନ୍ତି, ପୁଷ୍ପିତା ମହାନ୍ତି,ବବିତା ଦାସ ଙ୍କ ସମେତ ଅନ୍ୟ ଶତାଧିକ ପ୍ରମୁଖ ସଦସ୍ୟ ସଦସ୍ୟା ଉପସ୍ଥିତ ରହି ଉତ୍ସବରେ ଅଂଶଗ୍ରହଣ କରିଥିବା ବେଳେ ମଞ୍ଚର ଯୁଗ୍ମ ସମ୍ପାଦକ ସହଦେବ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ଷାବନ୍ଧନ ଉତ୍ସବ ପାଳିତ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପାରଳାଖେମୁଣ୍ଡି ଠାରେ ପବିତ୍ର ରକ୍ଷାବନ୍ଧନ କାର୍ଯ୍ୟକ୍ରମଟି ବହୁ ଆନନ୍ଦର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀମାନେ ପରସ୍ପରକୁ ରକ୍ଷାସୂତ୍ରର ପ୍ରତୀକ ରାକ୍ଷୀ ବାନ୍ଧି ସମସ୍ତଙ୍କର ଶୁଭ ମନାସିଛନ୍ତି । କାର୍ଯ୍ୟକ୍ରମର ଶେଷରେ ଛାତ୍ରଛାତ୍ରୀମାନେ ସହରରେ ଥିବା ସରକାରୀ କାର୍ଯ୍ୟାଳୟ, ବିଶିଷ୍ଟ ବ୍ୟକ୍ତି ,ଶୁଭେଚ୍ଛୁ,ବିଭିନ୍ନ ବସ୍ତି ଯଥା ସୁବାସ ନଗର, କଣ୍ଡରା ସାହି, ଶ୍ରୀ ଜଗନ୍ନାଥ ନିକେତନ,ନବଜୀବନ ଅନାଥ ଆଶ୍ରମ ପ୍ରଭୃତି ସ୍ଥାନକୁ ଯାଇ ରାକ୍ଷୀ ବାନ୍ଧିଥିଲେ। ବିଦ୍ୟାଳୟର ମାତୃଭାରତୀର ମହିଳା ସଦସ୍ୟାମାନେ ଉପକାରାଗାରର ସମସ୍ତ ଅନ୍ତେବାସୀମାନଙ୍କୁ ରାକ୍ଷୀ ବାନ୍ଧିଥିଲେ। ଏଇ କାର୍ଯ୍ୟକ୍ରମ ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଆଚାର୍ଯ୍ୟ ଦୂର୍ଗା ପ୍ରସାଦ ସାହୁ ଓ ମୂରଲୀ ମୋହନ ପ୍ରଧାନଙ୍କ ନିର୍ଦ୍ଦେଶନାରେ ସମସ୍ତ ଗୁରୁଜୀ ଗୁରୁମା ତଥା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହଯୋଗରେ ସଫଳ ହୋଇଥିଲା । ଆଜିକାର ପବିତ୍ର ଦିବସରେ ଛାତ୍ରଛାତ୍ରୀ ତଥା ଗୁରୁଜୀଗୁରୁମା ମାନେ ବିଦ୍ୟାଳୟ ପରିସର ମଧ୍ୟରେ ଥିବା ବୃକ୍ଷକୁ ରାକ୍ଷୀ ବାନ୍ଧି ବୃକ୍ଷରୋପଣ ଓ ପରିବେଶ ସୁରକ୍ଷାର ବାର୍ତ୍ତା ସମାଜକୁ ଦେଇଥିଲେ।

## ଚୂନ ମାରି ଲକ୍ଷ ଲକ୍ଷ ଟଙ୍କା ଚଳୁ ଅଭିଯୋଗ




ଉମରକୋଟ(ଭାସ୍କର ନ୍ୟୁଜ୍): ଚୂନ ମାରି କନିଷ୍ଠ ଯନ୍ତ୍ରୀ ଓ ଠିକାଦାର ଲକ୍ଷ ଲକ୍ଷ ଟଙ୍କା ହଡପ କରି ପକେଟ ଗରମ କରିବାରେ ଲାଗିଛନ୍ତି। ଅଧା ସ୍ଥାନରେ ଚୂନ ମରାଯାଇଛି ତ ଅଧା ସ୍ଥାନରେ ଖାଲି, ପାଚେରୀ ରେ ଶିଉଳି ଭରପୁର ରହିଥିବାବେଳେ କନିଷ୍ଠ ଯନ୍ତ୍ରୀ ସବୁକିଛି କରାଯାଇଛି ବୋଲି କହୁଛନ୍ତି। ଏଭଳି ଚୂନ ମାରି ଲକ୍ଷ ଲକ୍ଷ ଟଙ୍କା ହଡପ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧୀନରେ ଥିବା ଭାମିନି ଠାରେ। ସୂଚନା ପ୍ରକାରେ ଭାମିନିରେ ଥିବା ବାତ୍ୟା ଆଶ୍ରୟ ସ୍ଥଳୀରେ ସରକାରଙ୍କ ଦ୍ୱାରା ମରାମତି କାର୍ଯ୍ୟ ନିମନ୍ତେ ଛଅ ଲକ୍ଷ ଟଙ୍କା ଅନୁମୋଦିତ କରାଯାଇଛି କିନ୍ତୁ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ଉଦୟନାଥ ମୁର୍ମୁ ଓ ଠିକାଦାରଙ୍କ ମିଳିତ ମଧୁଚନ୍ଦ୍ରିକାରେ ବାତ୍ୟା ସ୍ଥଳୀରେ କେବଳ ଚୂନ ମାରିବା ଛଡା ଅନ୍ୟ କୌଣସି କାର୍ଯ୍ୟ କରାଯାଇନାହିଁ। ଚୂନ ମଧ୍ୟ ଅଧା ପାଚେରୀରେ ମାରି ଛାଡିଦିଆଯାଇଛି ଏବଂ ସେଠାରେ କେବଳ ଶିଉଳି ହିଁ ଦେଖିବାକୁ ମିଳିଛି। ଏବିଷୟରେ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ଚୂନ ମାରିବା ସହ କିଛି ସ୍ଥାନରେ ଲାଇଟର ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି। କିନ୍ତୁ କିଛି କାମ ହୋଇନାହିଁ, ସେପଟେ ସ୍ଥାନୀୟ ବିଡ଼ିଓ ମନୋଜ କୁମାର ମେହେରଙ୍କୁ ଏ ବିଷୟରେ ଅବଗତ କରାଯିବାରୁ ମୁଁ ତଦନ୍ତ କରିବି ଏବଂ ରିପୋର୍ଟ ମାଗିବି ବୋଲି କହିଥିଲେ। କିନ୍ତୁ ବିଡ଼ିଓ ପ୍ରତ୍ୟେକ କାର୍ଯ୍ୟର ତଦନ୍ତ ହିଁ କରୁଛନ୍ତି କିନ୍ତୁ ସଠିକ କୌଣସି ତଦନ୍ତର ସୁଫଳ ପାଇପାରୁନାହାନ୍ତି। ପୁରା ବ୍ଲକ କେବଳ ତଦନ୍ତରେ ଚାଲିଛି ଏବଂ ଅଧିକାଂଶ ସମୟରେ ବ୍ଲକରେ କେବଳ ମିଟିଙ୍ଗ ହିଁ ଚାଲିଥାଏ କିନ୍ତୁ କାମ ଶୂନ। ଏଭଳି ଆଉ କେତେ ଦିନ ଚାଲିବ ? ଆଉ କେତେ ତଦନ୍ତ ଚାଲିବ ବୋଲି ଆଲୋଚନା ହେଉଛି ?

## 'ଆସ ସ୍କୁଲ ଯିବା' ସଚେତନତା କାର୍ଯ୍ୟକ୍ରମ



ଉମରକୋଟ(ଭାସ୍କର ନ୍ୟୁଜ୍) :ଶିକ୍ଷା ବିଭାଗ ଦ୍ୱାରା ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ରେ ପ୍ରଥମ ଥର ପାଇଁ କୁସୁମଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଆସ ସ୍କୁଲ ଯିବା ସଚେତନତା ଶୋଭାଯାତ୍ରା କାର୍ଯ୍ୟକ୍ରମ କରାଯାଇଥିଲା କ୍ଷ ଏଥିରେ ବିଦ୍ୟାଳୟର ଛାତ୍ରୀ, ଛାତ୍ର ମାନଙ୍କ ସହ ଅଭିଭାବକ ଓ ବିଦ୍ୟାଳୟର ଶିକ୍ଷକ,ଗୁରୁମା ମାନଙ୍କ ଦ୍ୱାରା ବିଦ୍ୟାଳୟ ଠାରୁ ଏକ ଶୋଭାଯାତ୍ରାରେ କରାଯାଇଥିଲା।ଏହା ଉମରକୋଟ ପୌରାଅଞ୍ଚଳ ର ୱାର୍ଡ୍ ୭ କୁସୁମଗୁଡା ସାହି ପରିକ୍ରମା କରାଯାଇ ପ୍ରତ୍ୟେକ ଘର ଘରକୁ ଯାଇ ଅଭିଭାବକ ମାନଙ୍କୁ ପିଲା ମାନଙ୍କୁ ସ୍କୁଲ ଛାଡ଼ିବାକୁ ନିବେଦନ କରିଥିଲେ !ତତ୍ ସହିତ ସରକାରଙ୍କ ଦ୍ୱାରା ସ୍କୁଲ ପିଲାଙ୍କୁ ଯେଉଁ ସୁବିଧା ଯୋଗାଇ ଦିଆଯାଉଥିବା ବିଷୟରେ ମଧ ବୁଝାଇଥିଲେ କ୍ଷ ଉକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଜିରୋ ଡ୍ରପଆଉଟ ସବୁ ପିଲାଙ୍କୁ କିପରି ସ୍କୁଲ ଆସିବେ ଓ ଡ୍ରପଆଉଟ ପିଲା ମଧ ବିଦ୍ୟାଳୟରେ ନାମ ଲେଖାଇ ପାଠ ପଢିବେ । ଉକ୍ତ କାର୍ଯ୍ୟକ୍ରମ ରେ ଗଣଶିକ୍ଷା ମନ୍ତ୍ରୀ ଙ୍କ ପ୍ରତିନିଧି ଅଶୋକ ପାଢ଼ୀ, ସାଂସଦ ପ୍ରତିନିଧି ରାମ ନାୟକ ,ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବେନ୍ଦ୍ର ବାଘ,ୱାର୍ଡ ମେମ୍ବର ନେତ୍ର ହରିଜନ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## କୋଟିଆରେ ଉପମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା



କୋରାପୁଟ(ଭାସ୍କର ନ୍ୟୁଜ୍): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କୋରାପୁଟ ଜିଲ୍ଲାଗସ୍ତରେ ଆସି କୋଟିଆ ପଞ୍ଚାୟତରେ ପହଞ୍ଚି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଜୟପୁର ବିମାନ ବନ୍ଦରରେ ପହଞ୍ଚିବା ପରେ ସେମିଳିଗୁଡା କଲେଜ ପ୍ରତିଷ୍ଠା ଦିବସରେ ଯୋଗଦେଇଥିଲେ । ଏହାପରେ କୋଟିଆରେ ନିର୍ଦ୍ଧାରିତ ସମୟର ୨ଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ । ସେଠାରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତିର ଲାଭ ପାଇଥିବା ୧୭୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କାରେ ସେମାନେ କଣ କଣ କାର୍ଯ୍ୟ କରିଛନ୍ତି ପଚାରି ବୁଝିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ରହିଛି । ସୁଭଦ୍ରା ଯୋଜନାରୁ ବଞ୍ଚିତ ଥିବା ମହିଳାମାନଙ୍କ ସମସ୍ୟା ସମାଧାନ କରିବାକୁ ରାଜ୍ୟ ସରକାର ତତ୍ପର ଥିବା ସେ କହିଛନ୍ତି । ଏଥିସହ କୋଟିଆରେ ଲକ୍ଷପତି ଦିଦି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ସହ ଆଲୋଚନା କରି ସରକାରୀ ବାସଗୃହ ସହ ପ୍ରାଣୀ ଚିକିତ୍ସାଳୟ ଉଦ୍‌ଘାଟନ କରିଥିଲେ । ପରେ ଦେଓମାଳି ଯାଇ ସେଠାରେ ପର୍ଯ୍ୟଟନର ବିକାଶ ନେଇ ସମୀକ୍ଷା କରଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଥିବା ଢେମସା ନାଚରେ ଉପମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ । ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ସଭାମଞ୍ଚରେ ମାଡକାର ଗ୍ରାମର ପ୍ରଗତି ନାମକ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ମକା ଚାଷ ପାଇଁ ୫ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ଜାନିଗୁଡା ଗ୍ରାମ ନୂତନ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ଝାଡୁ ଚାଷ ପାଇଁ ୫ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ଏହାପରେ ପଞ୍ଚାୟତର ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ଗେଷ୍ଟ ହାଉସରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ସିଡିଓ ବେଣୁଧର ଶବର, ପଟାଙ୍ଗି ବିଡିଓ ରାମକୃଷ୍ଣ ନାୟକ ଓ ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ପ୍ରମୁଖଙ୍କ ସହ ସୀମା ବିବାଦ ଓ ଉନ୍ନୟନମୂଳକ କାର୍ଯ୍ୟ ନେଇ ଆଲୋଚନା କରିଥିଲେ । ଦେଓମାଳିରେ ଚାଲିଥିବା ରାସ୍ତା ଉନ୍ନତିକରଣ ଓ ପର୍ଯ୍ୟଟକମାନଙ୍କ ପାଇଁ ହୋଇଥିବା କଟେଜ ସୁରକ୍ଷା ନେଇ ସମୀକ୍ଷା କରିଥିଲେ। କଟେଜ କାର୍ଯ୍ୟାଳୟ ଭିତରେ ଜଙ୍ଗଲ ବିଭାଗର ଡିଏଫଓ କେ. ଭି. ଭାସ୍କରଙ୍କ ସହ ଉଚ୍ଚ ନ୍ୟାୟାଳୟରେ ରୁଜୁ ହୋଇଥିବା ଏନଜିଟି ସମ୍ପର୍କରେ ପଚାରି ବୁଝିଥିଲେ । ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗିଙ୍କ ସହ ଦେଓମାଳିର ପାରିପାର୍ଶ୍ୱିକ ସ୍ଥିତି ନେଇ ପଚାରି ବୁଝିଥିଲେ । ଏହି ସମୟରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସଚିବ ସୁଭା ଶର୍ମା, ଡବ୍ଲ୍ୟୁସିଡି ଅତିରିକ୍ତ ସଚିବ କୃତିବାସ ରାଉତ ପ୍ରମୁଖ ଉପସ୍ଥିତ ରହିଥିବାବେଳେ ବିଜେପିର ଦଳୀୟ କର୍ମୀ ଯଥା କାଳିରାମ ମାଝି, ଜିଲ୍ଲାସଭାପତି ଶିବ ମୁଦୁଲି, ସୁମନ୍ତ ପ୍ରଧାନ, ଗୌତମ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା ।

## 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମରେ ଜିଲ୍ଲା ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ



ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଦିଗୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚରାମୁଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦିପ୍ତି ରାଣୀ ନାଗଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏହି କାର୍ଯ୍ୟକ୍ରମ ଜରିଆରେ ଡ୍ରପଆଉଟ ପିଲାମାନେ କିପରି ସ୍କୁଲ ବାହୁଡ଼ା ହୋଇପାରିବେ ସେଥିପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ଏକ ସଚେତନ ରାଲିର ଆୟୋଜନ ହୋଇଥିଲା। ଏଥିରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ବିଦ୍ୟାଳୟ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଆସ ସ୍କୁଲ ଯିବା ଏକ ସୁସ୍ଥ ସମାଜ ଗଠନ କରିବା ଆଦି ବିଷୟରେ ସଚେତନ ବାର୍ତ୍ତା ଦିଆଯାଇଥିଲା।କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋହନ ମଧୁ ସୁଧନ ବାଗ,ଆଞ୍ଚଳିକ ସାଧନ ସଂଯୋଜକ ଡମ୍ବୁରୁ ଧର ହରିଜନ, ସହକାରୀ ଶିକ୍ଷକ ପି.ମହେନ୍ଦ୍ର କୁମାର,ଏମ. ମିନା କୁମାରୀ,ସୁମିତ୍ରା ଜାନି, ଭୁବନ ସନ ଦୀନବନ୍ଧୁ, ମନୋଜ କୁମାର ବାଘ,ମହେନ୍ଦ୍ର କୁମାର ସାମନ୍ତରାୟ, ରାଧା କୃଷ୍ଣ ବିଶ୍ୱାସରାୟ, ୱାର୍ଡେନ ଉର୍ମିଳା ମଲ୍ଲିକ, ପରିଚାଳନା କମିଟି ସଭାପତି ସୁନୀଲ କୁମାର,ୱାର୍ଡ ସଭ୍ୟ ନକୁଳ ସାନ୍ତା, ଅଙ୍ଗନବାଡି କର୍ମୀ ଏମ.ରୋଜା,ପୂର୍ଣ୍ଣିମା ସାନ୍ତା,ଆଶାକର୍ମୀ ପି.ରାବଣା ଆମ୍ମାଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆସ ସ୍କୁଲ ଯିବା ନାରା ଦେଇ ଗ୍ରାମ୍ୟ ଭ୍ରମଣ କରିଥିଲେ। ପରିଶେଷରେ ନବରଙ୍ଗପୁର ଜିଲ୍ଲା ଶିକ୍ଷାଅଧିକାରୀ ଛତ୍ରପତି ସାହୁ,ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ ଦାଶ କାର୍ଯ୍ୟକ୍ରମରେ ଯୋଗଦେଇ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମକୁ ସଫଳ କରିବା ନେଇ ପରାମର୍ଶ କରିଥିଲେ। ଶେଷରେ ଡିଇଓ ଶ୍ରୀ ସାହୁ ଓ ବିଇଓ ଶ୍ରୀ ଦାଶଙ୍କ ଉପସ୍ଥିତିରେ ପ୍ରଥମ ଦିନ ରେ ୩ ଜଣ ଡ୍ରପଆଉଟ ପିଲାଙ୍କ ନାମ ଲେଖାଯାଇଥିଲା। ଏହିଭଳି ନିଆରା କାର୍ଯ୍ୟକ୍ରମ ପ୍ରଥମଥର ହୋଇଥିବାରୁ ଗ୍ରାମବାସୀ ଖୁସି ବ୍ୟକ୍ତ କରିବା ସହ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଗ୍ରାମବାସୀ ସାଧୁବାଦ ଜଣାଇଛନ୍ତି ।

## ସ୍ୱାଧୀନତା ଦିବସ ପାଇଁ ବିଭିନ୍ନ ପ୍ରତିଯୋଗିତା

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ଆସନ୍ତା ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଏହି ପ୍ରତିଯୋଗିତାରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପ୍ରବନ୍ଧ, ବକ୍ତୃତା, ଦେଶାତ୍ମକ ବୋଧକ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଗଜପତି ଷ୍ଟାଡିୟମ ଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଦିନ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ଆଜିର ପ୍ରତିଯୋଗିତାର ବିଚାରକ ମଣ୍ଡଳୀ ଭାବରେ ଶ୍ରୀ ଅମେଶ ଲିମ୍ମା, ରମାକାନ୍ତ ପଟ୍ଟନାୟକ, ମନୋଜ ପଟ୍ଟନାୟ, ପଦ୍ମିନିକୁମାରୀ ପଣ୍ଡା, ଗାୟତ୍ରୀ ଦାଶ, ଇଶ୍ୱର ରାଓ ଗୁମ୍ପା, ସୁଜ୍ଞାନୀ ପ୍ରଭା ପାଣିଗ୍ରାହୀ, ସନ୍ତୋଷ କୁମାର ଶତପଥୀ, ଭବାନୀ କୁମାରୀ ଦାଶ, ମୁରଲୀଧର ପରିଛା, ସୁନୀତା ମହାରଣା ପୂର୍ଣ୍ଣଚନ୍ଦ୍ର ପାଲକ୍, ବବିତା ପୁରୋହିତ ଓ ବିଜୟଲକ୍ଷ୍ମୀ ପ୍ରମୁଖ ବିଚାରକ ମଣ୍ଡଳୀ ଭାବରେ ଉପସ୍ଥିତ ଥିଲେ। ଏହି ସବୁ ପ୍ରତିଯୋଗିତା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଆୟୋଜିତ ହେଇଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ପିଇଟି ସୁରେନ୍ଦ୍ର କୁମାର ପାତ୍ର ଓ ରମାକାନ୍ତ ବରାଡ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।

## ଚାରାରୋପଣ କାର୍ଯ୍ୟକ୍ରମ



ବରଗଡ଼(ଭାସ୍କର ନ୍ୟୁଜ୍): ଶୁକ୍ରବାର ଦିନ ପୂର୍ବାହ୍ନ ୧୦. ୩୦. ମି. ସମୟରେ ଖୁଣ୍ଟପାଲି ସ୍ଥିତ ବାଳିକା ବିଦ୍ୟାଳୟ ଠାରେ, 'ମା'ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ବିଭିନ୍ନ କିସମର ବୃକ୍ଷ ବିଦ୍ୟାଳୟ ପରିସରରେ ରୋପଣ କରାଯାଇଥିଲା । ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ, ଏଟିଭର୍ସ ହେଲପିଙ୍ଗ ଫାଉଣ୍ଡେସନର ସଭାପତି ତଥା ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଦିବାକର ମାଝୀ, ମୁଖ୍ୟ ଅତିଥି ଭାବରେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ଅନ୍ତର୍ଗତ ମାନସିକ ଦିବ୍ୟାଙ୍ଗ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମେଘନାଦ ସାହୁ ମଞ୍ଚାସୀନ ଥିଲେ । ଶ୍ରୀ ମାଝୀ ଏବଂ ମୁଖ୍ୟ ଅତିଥି ଶ୍ରୀ ସାହୁ ବୃକ୍ଷରୋପଣ ଏବଂ ତାହାର ଯତ୍ନ ସମ୍ବନ୍ଧରେ ଆଲୋଚନା କରି, ବୃକ୍ଷ ଆମର ବନ୍ଧୁ, ବୃକ୍ଷ ଆମକୁ କିଭଳି ଅମ୍ଳଜାନ ଦେଉଛି, ଯତ୍ନ କଲେ ରତ୍ନ ମିଳେ ଇତ୍ୟାଦି ସମ୍ପର୍କରେ ଆଲୋକପାତ କରିଥିଲେ । ମାଆ ପାଇଁ ଗଛଟିଏ, ଶିଶୁ ପାଇଁ ଗଛଟିଏ ନାରା ଦେଇ ଶ୍ରୀ ମାଝୀ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ପରିଶେଷରେ ଶିକ୍ଷୟିତ୍ରୀ ସରସ୍ୱତୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାୟଗଡ଼ରେ ଘର ଘର ତ୍ରିରଙ୍ଗା, ଘର ଘର ସ୍ୱଚ୍ଛତା ଯାତ୍ରା




ରାୟଗଡ଼ (ଭାସ୍କର ନ୍ୟୁଜ୍): ରାୟଗଡ଼ ଜିଲ୍ଲା ପ୍ରଶାସନ ତଥା ରାୟଗଡ଼ ବ୍ଲକ ତରଫରୁ ଶୁକ୍ରବାର ଘରେ ଘରେ ତ୍ରିରଙ୍ଗା , ଘରେ ଘରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଅଛି। ଏଥିନିମନ୍ତେ ଏକ ଶୋଭାଯାତ୍ରା ଜିଲ୍ଲା ପରିଷଦ ଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରାସ୍ତା, ଗାନ୍ଧୀନଗର ବନଖଣ୍ଡ ଅଧିକାରୀଙ୍କ ବାସଭବନ, ଆରକ୍ଷୀ ଅଧିକ୍ଷକଙ୍କ ବାସଭବନ ରାସ୍ତା ଦେଇ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚିଥିଲା। ବ୍ୟାନର, ତ୍ରିରଙ୍ଗା, ପ୍ଲାକାର୍ଡ ଓ ସ୍ଲୋଗାନରେ ମୁଖରିତ ଶୋଭାଯାତ୍ରା ସ୍ୱଚ୍ଛତାର ବାର୍ତ୍ତା ବହନ କରି ଜନସଚେତନତା ସୃଷ୍ଟି କରିଥିଲା । ସମସ୍ତ ଅଂଶଗ୍ରହଣକାରୀଙ୍କୁ ନେଇ ପଞ୍ଚାୟତ ସମିତି ସଦଭାବନା ଗୃହରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୀବନରେ ଓ ସମାଜରେ ସ୍ୱାଧୀନତା ଓ ସ୍ୱଚ୍ଛତାର ଆବଶ୍ୟକତା ବିଷୟରେ ସଚେତନ କରିଥିଲେ। ବରେଣ୍ୟ ଅତିଥି ଭାବେ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ମନିଷା ଦାସ, ବିଜୟ କୁମାର ନାୟକ, ରଶ୍ମି ରଞ୍ଜନ ପରିଡା, ପ୍ରଭାତ ଲେଙ୍କା, ନିହାର ରଞ୍ଜନ ତ୍ରିପାଠୀ, ଲକ୍ଷ୍ମୀନାରାୟଣ ଦୋରା, ରାୟଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକ ପ୍ରାରମ୍ଭରେ ଛାତ୍ରୀଙ୍କ ଦ୍ୱାରା ସ୍ୱଚ୍ଛତା ସମ୍ପର୍କିତ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଛାତ୍ର ଛାତ୍ରୀ ଘରେ ଘରେ ତ୍ରିରଙ୍ଗା ଓ ସ୍ୱଚ୍ଛତା ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ସ୍ୱଚ୍ଛତା ଶପଥପାଠ କରାଇଥିଲେ। ଅତିଥି ବୃନ୍ଦ ନିଜ ଶରୀର ସହ ଘର, ଗାଁ ଓ ପରିବେଶକୁ ସ୍ୱଚ୍ଛ ରଖିବାର ଆବଶ୍ୟକତା କିପରି ଦେଶର ବିକାଶରେ ସହାୟକ ହୋଇଥାଏ, ଘରେ ଘରେ ତ୍ରିରଙ୍ଗାର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଆଠ ତାରିଖ ଠାରୁ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ପାଳନ କରାଯିବ ବୋଲି ବିଡିଓ ସୁଜିତ କୁମାର ମିଶ୍ର କହିଛନ୍ତି । ଉଭୟ ରାୟଗଡ ବ୍ଲକ ଓ ଜିଲ୍ଲା ପରିଷଦର କର୍ମକର୍ତ୍ତା, ବିଦ୍ୟାଳୟର ଛାତ୍ରଛାତ୍ରୀ ବୃନ୍ଦ ଏଥିରେ ଯୋଗ ଦେଇଥିଲେ ।

## ଓକିଲ ସଂଘ ପକ୍ଷରୁ ନୂତନ ଜିଲ୍ଲାପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାର ଆସୋସିଏସନର ସଭାପତି, ପ୍ରୀତପାଲ ସିଂଙ୍କ ନେତୃତ୍ୱରେ ସମ୍ପାଦକ ସାଗର ପାଣିଗ୍ରାହୀ, ଉପସଭାପତି ସରୋଜ କୁମାର ମହାନ୍ତି ସହସମ୍ପାଦକ ଉମାଶଙ୍କର ନାୟକ, କୋଷାଧକ୍ଷ ବିଭୁ ଆଶିଷଦାନ ଶଗଡିଆ ମାଲକାନଗିରି ଜିଲ୍ଲାରେ ନୂତନ ଭାବରେ ଯୋଗ ଦେଇଥିବା ମାଲକାନଗିରିର ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଶ୍ରମ କର୍ମଚାରୀ କ୍ଷତିପୂରଣ କମିଶନର ସହ ବିଭାଗୀୟ ଉପଖଣ୍ଡ ଶ୍ରମ କମିଶନର, ମାଲକାନଗିରିଙ୍କୁ ତୁରନ୍ତ ନିଯୁକ୍ତି ଦେବା ଏବଂ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଆଇସିଆଇସିଆଇ ବ୍ୟାଙ୍କ ମାଲକାନଗିରିରେ ଜମା ହୋଇଥିବା ରାଶି ନଗଦକୁ ଯେକୌଣସି ଜାତୀୟକରଣ ବ୍ୟାଙ୍କକୁ ସ୍ଥାନାନ୍ତର କରିବା ପାଇଁ ଅନୁରୋଧ କରିଥିଲେ। ମାଲକାନଗିରି ଜିଲ୍ଲା ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ଛତିଶଗଡକୁ ଲାଗି ରହିଥିବା ରାଜ୍ୟର କୋଣରେ ଅବସ୍ଥିତ। ଏହି ଜିଲ୍ଲାର ସର୍ବାଧିକ ଶ୍ରମିକ ସେମାନଙ୍କର କାମ ପାଇଁ ଏହି ରାଜ୍ୟଗୁଡ଼ିକ ଉପରେ ନିର୍ଭର କରନ୍ତି ଏବଂ ସାଧାରଣତଃ ବିଭିନ୍ନ ପ୍ରକାରର ସମସ୍ୟାର ସମ୍ମୁଖୀନ ହୁଅନ୍ତି ଯାହାର ସମାଧାନ କେବଳ କର୍ମଚାରୀ କ୍ଷତିପୂରଣ କମିଶନର ସହ ବିଭାଗୀୟ ଶ୍ରମ କମିଶନର ମାଲକାନଗିରିଙ୍କୁ ସ୍ୱାଧୀନ ଭାବରେ ନିଯୁକ୍ତି ଦେଇହେବ। ତେଣୁ ଡିଷ୍ଟ୍ରିକ୍ଟ ବାର୍ ଆସୋସିଏସନ୍ ମାଲକାନଗିରି ତରଫରୁ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଆବଶ୍ୟକୀୟ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି। ମାଲକାନଗିରି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଡିଷ୍ଟ୍ରିକ୍ଟ ବାର୍ ଆସୋସିଏସନର ପରାମର୍ଶଗୁଡ଼ିକୁ ସ୍ୱାଗତ କରିଥିଲେ ଏବଂ ସେମାନଙ୍କୁ ସମସ୍ତ ପ୍ରକାରର ସମର୍ଥନ ପାଇଁ ପ୍ରତିନିଧିମଣ୍ଡଳକୁ ପ୍ରତିଶ୍ରୁତି ଦେଇଥିଲେ। ସେ ଆଇନଗତ ସମ୍ପ୍ରଦାୟର ଉନ୍ନତି ପାଇଁ କାର୍ଯ୍ୟ କରିବାରେ ବାର ଆସୋସିଏସନର ସକ୍ରିୟ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ। ଆଲୋଚନା ସମୟରେ, ବାର ଆସୋସିଏସନର ପଦାଧିକାରୀମାନଙ୍କ ପ୍ରତିନିଧିମଣ୍ଡଳ ବାର ସଦସ୍ୟଙ୍କ କଲ୍ୟାଣ ଏବଂ ବିକାଶ ସହିତ ଜଡିତ ସଦରର ବସଷ୍ଟାଣ୍ଡଠାରୁ ମୁଖ୍ୟ ସଡ଼କ, ସୁବାସଛକ ଠାରୁ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା, ସହରର ମୁଖ୍ୟ ରାସ୍ତା ଉପରେ ଗାଈଗୋରୁଙ୍କ ପ୍ରାର୍ଦୁର୍ଭାବ ଅନେକ ପ୍ରମୁଖ ପ୍ରସଙ୍ଗ ଉପରେ ଦୃଷ୍ଟିଗୋଚର କରିଥିଲେ।

## ବିପଦ ସଂକୁଳ ଅବସ୍ଥାରେ ଗାଇବା ନାଳ ବ୍ରିଜ

### ଭାରିଯାନ ଯା'ଆସ ଯୋଗୁଁ ଦବିବାକୁ ଲାଗିଲାଣି

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ଓ ଗୁମ୍ମା ବ୍ଲକକୁ ସଂଯୋଗ କରୁଥିବା ବ୍ରିଜଟି ଏବେ ବିପଦ ସଂକୁଳ ଅବସ୍ଥାରେ ରହିଛି। ଦୀର୍ଘ ୫୦ ବର୍ଷ ରୁ ଉର୍ଦ୍ଧ୍ୱହେଲା ଏହି ବ୍ରିଜ ନିର୍ମାଣ ହୋଇଛି। ବର୍ତ୍ତମାନ ଏହି ବ୍ରିଜର ଅବସ୍ଥା ଅତି ଶୋଚନୀୟ ଅବସ୍ଥାରେ ଅଛି। ଯେତେବେଳେ ବ୍ରିଜ ଉପର ଦେଇ ଭାରିଯାନ ଯାଏ ସେତେବେଳେ ବ୍ରିଜ ଦୋହଲିବା ପରି ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। କେତେବେଳେ ଭୁଶୁଡ଼ି ଯିବ କେହି ଜାଣନ୍ତି ନାହିଁ ଗ୍ରାମବାସୀଙ୍କ କହିବା ଅନୁଯାୟୀ ଏହି ସିଙ୍ଗଲ ରାସ୍ତାରେ ୧୦ ଚକିଆ ଭାରିଯାନ ଇଟା, ସିମେଣ୍ଟ, ବାଲି ଓ ଗୋଡ଼ି ବୋଝେଇ ଦୈନନ୍ଦିନ ବହୁମାତ୍ରାରେ ଯିବା ଆସିବା କରୁଥିବା ଯୋଗୁଁ ବ୍ରିଜ ଉପରେ ଅଧିକ ଚାପ ପଡୁଛି ବଡ଼ ଗାଡ଼ି ଯିବା ଦ୍ୱାରା ବ୍ରିଜର ତଳ ଭାଗରୁ ସିମେଣ୍ଟ କଙ୍କ୍ରିଟ ଧୀରେ ଧୀରେ ଖସି ଲୁହା ରଡ଼ ଦେଖାଗଲାଣି। ଏଭଳି ପରିସ୍ଥିତ ରହିଥିବାବେଳେ ଏହି ନାଳକୁ ସକାଳୁ ସକାଳୁ ନିଜ ନିତ୍ୟ କର୍ମ କରିବା ପାଇଁ ଗ୍ରାମବାସୀ ଆସନ୍ତି। ଏହି ବ୍ରିଜ ତଳେ ଗାଧୋଇବା ପାଇଁ ଉପଯୋଗୀ ପାଣି ଥିବାହେତୁ ଛୋଟ ଛୋଟ ପିଲାମାନେ ଗାଧୋଇବା ପାଇଁ ଆସନ୍ତି। ବ୍ରିଜର ଦୟନୀୟ ଅବସ୍ଥା ଦେଖି ବାପା ମା ପିଲାମାନଙ୍କ ପାଇଁ ସବୁବେଳେ ଭୟଭୀତ ଚିନ୍ତିତ ଥିବା ସୂଚନା ଦେଇଛନ୍ତି। ଏଣୁ ଯଥାଶୀଘ୍ର ଏହି ବ୍ରିଜକୁ ସମ୍ପୂର୍ଣ୍ଣ ଭାଙ୍ଗି ପୁନଃ ନିର୍ମାଣ କରିବା ପାଇଁ ଜିଲ୍ଲାପରିଷଦ ସଭ୍ୟା ରେଣୁକା ପାତ୍ର, ସରପଞ୍ଚ ତିଷ୍ଠ ଭୂୟାଁ, ସମିତି ସଭ୍ୟା ବାସନ୍ତୀ ପାଣି ଅମର ପାତ୍ର, ନରସିଂହ ବିଷୟ, ମଧୁପାତ୍ର ଲୁଲୁ ଲିମା ଓ ମାନୁଏଲ ମାଛ ପ୍ରମୁଖ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।

ଓଡ଼ିଶା ଭାସ୍କର ODISHA BHASKAR

# ରାଜ୍ୟ ଖବର



ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ଅନ୍ତର୍ଗତ ବଡ଼କୁମାରୀ ପଞ୍ଚାୟତର ଡିହଖଉରୁଣୀ ଓ ବିଲ ଖଉରୁଣୀଠାରେ ମା ମଙ୍ଗଳା ମନ୍ଦିରର ମାଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଶ୍ରାବଣ ଶୁକ୍ଳପକ୍ଷ ଗମ୍ଭା ପୂର୍ଣ୍ଣମୀ ତିଥିରେ ମା'ଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା । ପ୍ରାତଃ ସମୟରେ ମା'ଙ୍କ ପୂଜାନୀତି ଉପଚାର ସମ୍ପନ୍ନ କରାଯାଇଥିଲା । ଗ୍ରାମର ସଭାପତି ଓ ତାଙ୍କ ସହଧର୍ମିଣୀ କର୍ତ୍ତାକର୍ତ୍ତୀ ଭାବେ ଉପସ୍ଥିତ ଥିଲେ । ବଡ଼କୁମାରୀ ଗ୍ରାମପଞ୍ଚାୟତର ଯୁବ ସମାଜସେବୀ ବାସୁଦେବ ସାହୁଙ୍କ ପ୍ରଚେଷ୍ଟାରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶତାଧିକ ମହିଳାପୁରୁଷ ୧୦୮ କଳସ ଯାତ୍ରାରେ ସାମିଲ ହୋଇ ସାହି ପରିକ୍ରମା କରିଥିଲେ । ୭ ଜଣ ବ୍ରାହ୍ମଣମାନଙ୍କୁ ନେଇ ରୀତି ନୀତି ଅନୁଯାୟୀ ହୋମକାର୍ଯ୍ୟ ହୋଇଥିଲା । ସନ୍ଧ୍ୟାରେ ଶକ୍ତିପୀଠ ଲୋକାରଣ୍ୟ ତଥା ଶ୍ରଦ୍ଧାଳୁମୟ ପରିବେଶ ମଧ୍ୟରେ ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା । ଯୁବ ସମାଜ ସେବୀ ବାସୁଦେବ ସାହୁଙ୍କୁ ଗ୍ରାମବାସୀମାନେ ଫୁଲମାଳ ଦେଇ ଉତ୍ତରୀୟ ପ୍ରଦାନ କରି ବାଜା ବଜାଇ ଗ୍ରାମ ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣକୁ ପାଛୋଟି ଆଣିଥିଲେ । ସମାଜସେବୀ ଶ୍ରୀ ସାହୁ ପୁଷ୍ପାହୁତି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବଡ଼ କୁମାରୀ ଗ୍ରାମପଞ୍ଚାୟତର ବିଲ ଖଉରୁଣୀ, ଡିହ ଖଉରୁଣୀ, ସାନକୁମାରୀ, ବଡ଼କୁମାରୀ, କୋଟପଲ୍ଲୀ, ହାଟବସ୍ତ, ହରିକେଶର ଆଦି ଗ୍ରାମଗୁଡିକରୁ ପ୍ରାୟ ତିନି ହଜାରରୁ ବହୁ ଶ୍ରଦ୍ଧାଳୁ ଭକ୍ତମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମର ଯୁବକ ଓ ଗ୍ରାମବାସୀ ସହଯୋଗ କରି ପରିଚାଳନା କରିଥିଲେ ।



## ଆଇଜରର ୫ମ ସମାବର୍ତ୍ତନ ସମାରୋହରେ କେନ୍ଦ୍ରମନ୍ତ୍ରୀ

# 'ଅତ୍ୟାଧୁନିକ ଜ୍ଞାନର ସରସ୍ୱତୀ ମନ୍ଦିର ହେଉଛି ଆଇଜର'



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ବିଶ୍ୱରେ ବର୍ଦ୍ଧିତ ଭୂ-ରାଜନୈତିକ ପରିବର୍ତ୍ତନର ଦୃଶ୍ୟପଟରେ ଶିକ୍ଷା ଏବଂ ବିଜ୍ଞାନ ହେଉଛି ଉତ୍ତମ ଭବିଷ୍ୟତ ଗଠନ ପାଇଁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ । ଏହା ଆମ ପାଇଁ ସମୃଦ୍ଧି ଏବଂ ଖୁସିକୁ ସୁରକ୍ଷିତ କରେ ବୋଲି ଶନିବାର ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ(ଆଇଜର) ବ୍ରହ୍ମପୁରର ପଞ୍ଚମ ସମାବର୍ତ୍ତନ ସମାରୋହରେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ସହ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସ୍ନାତକୋତ୍ତର ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ ଆଇଜର ବ୍ରହ୍ମପୁର ଦେଶର ଏକ ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନ ଭାବେ ପରିଣତ ହୋଇଛି । ୨୦୧୬ରେ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆଇଜର ବ୍ରହ୍ମପୁର ଧୀରେ ଧୀରେ ଏକ ପୂର୍ଣ୍ଣାଙ୍ଗ ରୂପ ନେଉଛି । ଏହା ଅତ୍ୟାଧୁନିକ ଜ୍ଞାନର ସରସ୍ୱତୀ ମନ୍ଦିର ଭାବେ ଗଢିଉଠିଛି । ଗତବର୍ଷ ଫେବୃୟାରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କ୍ୟାମ୍ପସର ୧୫ଟି ନୂତନ କୋଠା ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । ଏହା କେବଳ ବ୍ରହ୍ମପୁର ପାଇଁ ନୁହେଁ ବରଂ ଶିକ୍ଷା-ନେତୃତ୍ୱାଧୀନ ରାଷ୍ଟ୍ର ନିର୍ମାଣ ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ। ଭାରତର ବୈଜ୍ଞାନିକ କ୍ଷମତାକୁ ସୁଦୃଢ଼ କରିବା ପାଇଁ ହେଲେ ଆଇଜରରେ ଅଧିକ ନିବେଶ କରିବାକୁ ହେବ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ଆଇଜର ବ୍ରହ୍ମପୁର ଜ୍ଞାନ ପରମ୍ପରାର ମହାନ ଐତିହ୍ୟକୁ ଆଗକୁ ବହନ କରୁଛି । ପ୍ରତିଷ୍ଠା ପର ଠାରୁ ଏହି ଅନୁଷ୍ଠାନର ଛାତ୍ରଛାତ୍ରୀ ବିଶ୍ୱର ପ୍ରମୁଖ ଗବେଷଣା ପ୍ରତିଷ୍ଠାନ ଓ ନବସୃଜନ ପରିସଂସ୍ଥାନରେ ଯୋଗଦାନ ଦେଉଛନ୍ତି। ଏହି ଅନୁଷ୍ଠାନରେ ବିଭିନ୍ନ ବିଷୟରେ ୧,୦୦୦ ରୁ ଅଧିକ ଛାତ୍ରଛାତ୍ରୀ ଶିକ୍ଷାଗତ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ମହିଳା । କ୍ୱାଣ୍ଟମ ସାଇନ୍ସ, ସଷ୍ଟେନେବଲ ମ୍ୟାଟେରିଆଲ, ସ୍ୱାସ୍ଥ୍ୟସେବାରେ ଏଆଇ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ରରେ ଆଇଜର ବ୍ରହ୍ମପୁର ପ୍ରତିଷ୍ଠାନର ଅଗ୍ରଣୀ କାର୍ଯ୍ୟ ଭାରତର ରଣନୈତିକ ଲକ୍ଷ୍ୟ ସହିତ ଜଡ଼ିତ ହୋଇଛି । ଅନ୍ୟପକ୍ଷରେ ଦେଶରେ ଜାତୀୟ ଶିକ୍ଷା ନୀତିକୁ ପାଞ୍ଚ ବର୍ଷ ପୂର୍ତ୍ତି ହୋଇଛି । ଏହି ଶିକ୍ଷା ନୀତି ଶିକ୍ଷା କ୍ଷେତ୍ରରେ କେବଳ ଏକ ସଂସ୍କାର ନୁହେଁ, ବରଂ ଏକ ନବଜାଗରଣ । ଏହା ଏକବିଂଶ ଶତାବ୍ଦୀର ବିଦ୍ୟାର୍ଥୀଙ୍କ ଆବଶ୍ୟକତାକୁ ପୂରଣ କରିବ । ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ମସିହାରେ ବିକଶିତ ଭାରତ ପାଇଁ ଏକ ସ୍ପଷ୍ଟ ଆହ୍ୱାନ ଦେଇଛନ୍ତି । ତେବେ ଏହା ଏକ ସ୍ଲୋଗାନ ନୁହେଁ ବରଂ ଏକ ମିଶନ । ଗବେଷଣା, ପ୍ରତିଭା ଏବଂ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ଏକ ଆତ୍ମବିଶ୍ୱାସୀ, ଆତ୍ମନିର୍ଭର ଭାରତ ପାଇଁ ଏକ ରୋଡମ୍ୟାପ୍ । ଆଗାମୀ ଦିନରେ ଏହି ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଲୋକ କଲ୍ୟାଣ ସହ ବିକଶିତ ଭାରତ ଏବଂ ରାଷ୍ଟ୍ରୀୟ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଆଗରେ ରହିବେ । ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଚାକିରି ଅନ୍ୱେଷଣରେ ନରହି ଚାକିରିଦାତା ହେବା ପାଇଁ ଆହ୍ୱାନ କରିଥିଲେ । ଏହାସହ ଆଇଜର ବ୍ରହ୍ମପୁର ଛାତ୍ରଛାତ୍ରୀଙ୍କୁ ପଖାଳ, ଗିରିଜା ରେଷ୍ଟୁରାଣ୍ଟର ସ୍ନାକ୍ସର ସ୍ୱାଦ ଚାଖିବା ସହ ବ୍ରହ୍ମପୁର ଏବଂ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ବୁଲିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ ଶିକ୍ଷାନୁଷ୍ଠାନ ପରିସରରେ ସେଣ୍ଟରାଲ୍ ଆଡଭାନ୍ସଡ ଇନଷ୍ଟ୍ରୁମେନଟେନସନ (ସିଏଆଇଏଫ) ସୁବିଧା, ରିସର୍ଚ୍ଚ ବ୍ଲକ, ଲାଇବ୍ରେରୀ ଏବଂ କର୍ମଚାରୀ ଆବାସର ଉଦଘାଟନ କରିବା ସହ ବୃକ୍ଷରୋପଣ କରିଥିଲେ । ଏକ ସମୀକ୍ଷା ବୈଠକରେ ଯୋଗଦେଇ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ, ଆଇଜର ବ୍ରହ୍ମପୁରର ନିର୍ଦ୍ଦେଶକ ଅଶୋକ କୁମାର ଗାଙ୍ଗୁଲି, ଚେୟାରମ୍ୟାନ ତଥା ବୋର୍ଡ ଅଫ୍ ଗଭର୍ଣ୍ଣର ପ୍ରଫେସର ଅରବିନ୍ଦ ଏ ନାଟୁ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରବଳ ବର୍ଷାରେ ଦିଲ୍ଲୀ ବେହାଲ, ୮ ମୃତ

ନୂଆଦିଲ୍ଲୀ : ମୌସୁମୀ ବର୍ଷାରେ ବେହାଲ ହୋଇପଡ଼ିଛି ରାଜଧାନୀ ଦିଲ୍ଲୀ। ଯୁଆଡ଼େ ଦେଖିବ ଖାଲି ପାଣି ଆଉ ପାଣି। ରାସ୍ତାରେ ପାଣି, ଘର ଭିତରେ ବି ପାଣି। ଜଳବନ୍ଦୀ ଭିତରେ ଲୋକ ଜୀବନ ଜୀଉଁଛନ୍ତି। ସବୁକିଛି ପାଣିରେ ବୁଡ଼ିଥିବାବେଳେ ଲୋକେ ଘରୁ ବାହାରିବା ମଧ୍ୟ ମୁସ୍କିଲ ହୋଇପଡ଼ିଛି। ଯଦିଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜଳ ନିଷ୍କାସନ ପାଇଁ ପ୍ରୟାସ ଆରମ୍ଭ ହୋଇଛି, ତେବେ ଏହା ସଫଳ ହୋଇପାରି ନାହିଁ। ଲୋକେ ଏବେ ବି ଜଳବନ୍ଦୀ ହୋଇ ରହିଛନ୍ତି। ତେବେ ବର୍ଷା ସମୟରେ ଦିଲ୍ଲୀରେ ଏକ ବଡ଼ ଅଘଟଣ ଘଟିଛି। ଦିଲ୍ଲୀର ଜୈତପୁରରେ ଏକ ବଡ଼ ଧରଣର ଅଘଟଣ ଘଟିଛି। ଘରର କାନ୍ଥପଡ଼ି ୮ଜଣଙ୍କର ମୃତ୍ୟୁ ଘଟିଛି। ୮ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ମୃତକଙ୍କ ମଧ୍ୟରେ ୩ ପୁରୁଷ, ୨ ମହିଳା ଏବଂ ୩ ଶିଶୁ ସାମିଲ ରହିଛନ୍ତି। ଦୁର୍ଘଟଣାରେ ଆହତ ହୋଇଥିବା ୮ଜଣଙ୍କ ମଧ୍ୟରୁ ୫ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ସଫଦରଜଙ୍ଗ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ମଧ୍ୟରେ ୩୦ ବର୍ଷୀୟ ସାବିବୁଲ୍, ୩୦ ବର୍ଷୀୟ ରବିବୁଲ, ୪୫ ବର୍ଷୀୟ ମୁଟୁ ଅଲ୍ଲୀ ଅନ୍ତର୍ଭୁକ୍ତ। ସେହିପରି ମହିଳାଙ୍କ ମଧ୍ୟରେ ରୁବିନା(୨୫) ଏବଂ ଡଲି (୨୫) ରହିଛନ୍ତି। ଝିଅମାନଙ୍କ ମଧ୍ୟରେ ୬ ବର୍ଷର ରୁକ୍ସାନା ଏବଂ ୭ ବର୍ଷର ହସିନା ରହିଥିବାବେଳେ ଅନ୍ୟଜଣକର ପରିଚୟ ମିଳିପାରି ନାହିଁ।

## ଜିଏସ୍‌ଟି ଆପେଲେଟ୍ ଟ୍ରିବ୍ୟୁନାଲରେ ନ୍ୟାୟିକ ସଦସ୍ୟ ନିଯୁକ୍ତ

ନୂଆଦିଲ୍ଲୀ: ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ଦେଶର ବିଭିନ୍ନ ରାଜ୍ୟରେ ଥିବା ଜିଏସ୍‌ଟି ଆପେଲେଟ୍ ଟ୍ରିବ୍ୟୁନାଲରେ ନ୍ୟାୟିକ ସଦସ୍ୟ ନିଯୁକ୍ତି ପ୍ରଦାନ କରିଛନ୍ତି। ମୋଟ ୫୨ଜଣ ନ୍ୟାୟିକ ସଦସ୍ୟଙ୍କୁ ନିଯୁକ୍ତି ମିଳିଛି। ସେମାନଙ୍କ କାର୍ଯ୍ୟକାଳ ଅବଧି ୪ବର୍ଷ ଅର୍ଥାତ୍ ସେମାନଙ୍କୁ ୬୭ବର୍ଷ ହେଲେ ଅବସର ଦିଆଯିବ। ଏହି କ୍ରମରେ ଆଇନଜୀବୀ ଏ.ପି.ରବି, ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଅଜୟ କୁମାର ଶ୍ରୀବାସ୍ତବ, ଅରୁଣ କୁମାର ସିଂଗଲ, ଧର୍ମେନ୍ଦ୍ର କୁମାର ରାଣା, ଗିରିଶ କୁମାର ବୈଶ୍ୟ, ଜିତେନ୍ଦ୍ର କୁମାର ସିଂ, ମହତାବ ଅହମ୍ମଦ, ମନୋଜ ଶଙ୍କର, ନରେନ୍ଦ୍ର ମାହାଦୁର ଯାଦବ ପ୍ରମୁଖଙ୍କ ସମେତ ୫୨ଜଣଙ୍କୁ ନିଯୁକ୍ତି ମିଳିଛି।

## ଲୋକାର୍ପିତ ହେଲା 'ବ୍ରେନସ୍ ଆଇକନିକ୍ ଟ୍ରଷ୍ଟ'

# ୫ ଆଦିବାସୀ ଜିଲ୍ଲାରେ ଆରମ୍ଭ ହେବ ପାଇଲଟ୍ ପ୍ରୋଜେକ୍ଟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ମହିଳା, ଛାତ୍ର ଓ ଶାରିରୀକ ଭିନ୍ନକ୍ଷମଙ୍କୁ ସାମାଜିକ ଓ ଆର୍ଥିକସ୍ତରରେ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟବ୍ୟାପୀ କାର୍ଯ୍ୟକରିବ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ବ୍ରେନସ୍ ଆଇକନିକ୍ ଚାରିଟେବୁଲ୍ ଟ୍ରଷ୍ଟ । ଏନେଇ ଆଜି ଗୀତଗୋବିନ୍ଦ ସଦନ ଠାରେ ଆନୁଷ୍ଠାନିକ ଭାବେ ଟ୍ରଷ୍ଟର ଲୋଗୋ ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ରୋଡମ୍ୟାପ୍ ଲୋକାର୍ପିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ଇଂ ଅଶୋକ କୁମାର ଭୂୟାଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଫେସର ଡାଃ ଅଶୋକ ମହାପାତ୍ର ଯୋଗଦେଇ କହିଥିଲେ ଯେ, ରାଜ୍ୟରେ ଆଦିବାସୀ ଅଂଚଳରେ ରହୁଥିବା ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଟ୍ରଷ୍ଟ ଗ୍ରହଣ କରିଥିବା ମହତ୍ୱାକାଂକ୍ଷା ଏକ ନିଶ୍ଚିତ ରୂପେ ସ୍ୱାଗତଯୋଗ୍ୟ ପ୍ରୟାସ। ଏଥିପାଇଁ ସମାଜର ସବୁ ବର୍ଗର ଲୋକ ଆଗକୁ ଆସିଲେ ଏହା ସୁଦୂରପ୍ରସାରି ଓ ସଫଳ ହେବ। ଆହୁରି ମଧ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରଥମେ ତାଙ୍କ ଭିତରେ ଥିବା ଅନ୍ତର୍ନିହିତ ଦକ୍ଷତାକୁ ଚିହ୍ନଟ ଓ ବିକାଶ କରିପାରିଲେ ନିଃସନ୍ଦେହରେ ମହିଳାମାନେ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ ହୋଇପାରିବେ ବୋଲି ପଦ୍ମଶ୍ରୀ ମହାପାତ୍ର କହିଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ଫକିରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଯୋଗଦେଇ କହିଥିଲେ ଯେ ସମାଜରେ ଶିକ୍ଷା ଓ ଦକ୍ଷତାକୁ ମିଶାଇକରି ଯଦି ମାନବସମ୍ବଳର ସଠିକ୍ ଭାବେ ସଦୁପଯୋଗ କରିପାରିବା ତେବେ ସକ୍ଷମ ଓ ଭିନ୍ନକ୍ଷମ ଭିତରେ ଦୂରତା ରହିବ ନାହିଁ। ସମାଜସେବାକୁ ସ୍ଲୋଗାନରେ ନରଖି ପ୍ରତ୍ୟେକ ବ୍ୟକ୍ତି ଏହାକୁ ଜୀବନର ଅଭିନ୍ନ ଅଙ୍ଗ ଭାବେ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡା. ବୈରାଗୀ ଚରଣ ପଟ୍ଟନାୟକ ଯୋଗଦେଇ ରାଜ୍ୟର କୋରାପୁଟ, କନ୍ଧମାଳ, ବୌଦ୍ଧ,କେଉଁଝର ଏବଂ ଭଦ୍ରକ ଜିଲ୍ଲାରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଟ୍ରଷ୍ଟ ତା କାମ ଆରମ୍ଭ କରିବ ବୋଲି ସେ ସୂଚନା ଦେଇଛନ୍ତି। ଉତ୍ସବରେ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ବରିଷ୍ଠ ପ୍ରଶାସକ ଡ ଗଣେଶ୍ୱର ଜେନା ଯୋଗଦେଇ ଟ୍ରଷ୍ଟର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ମୁଖ୍ୟ ଉପଦେଷ୍ଟା ଡ. ଗିରୀଶ ରଞ୍ଜନ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ଅନୁଷ୍ଠାନର ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ ଡକ୍ଟର ବିଜୟ କୁମାର ଜେନା।

## ସ୍ୱାୟତ୍ତ ଶାସନ ଦିବସକୁ ଧୁମଧାମରେ ପାଳନ କରିବାକୁ ନିଷ୍ପତ୍ତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅଗଷ୍ଟ ୩୧ ତାରିଖ ହେଉଛି ସ୍ୱାୟତ୍ତ ଶାସନ ଦିବସ ଓ ଚଳିତ ବର୍ଷ ଏହି ସ୍ୱାୟତ୍ତ ଶାସନ ଦିବସକୁ ସ୍ମରଣୀୟ ଭାବେ ପାଳନ କରିବାକୁ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିଷ୍ପତ୍ତି ନେଇଛି। ଏହି ଉତ୍ସବର ଏକ ଅଂଶ ଭାବରେ, ଅଗଷ୍ଟ ୨୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି)ରେ ଏକ ସପ୍ତାହ ବ୍ୟାପି ସାର୍ବଜନୀନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଦ୍ୱାରା ଜାରି କରାଯାଇଥିବା ପରାମର୍ଶ ଏବଂ ମାର୍ଗଦର୍ଶୀକା ଅନୁଯାୟୀ, ନାଗରିକଙ୍କ ଅଂଶଗ୍ରହଣ, ପରିବେଶ ସଚେତନତା, ସ୍ୱଚ୍ଛତା ଏବଂ ଗୋଷ୍ଠୀ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସତ ଖୋଲିବ...

ପଟ୍ଟାମୁଣ୍ଡାଇ ଯାଇଥିଲେ ଓ କେତେବେଳେ ଫେରିଥିଲେ ସେ ନେଇ ପୋଲିସର ଦ୍ୱନ୍ଦ୍ୱ ରହିଛି। ତେଣୁ ସିସି କ୍ୟାମେରା ସେହି ଦ୍ୱନ୍ଦ୍ୱ ଉପରୁ ପରଦା ହଟାଇବ ବୋଲି କୁହାଯାଉଛି। ଏ ନେଇ ସାଧାରଣରେ ମଧ୍ୟ ନାନା ପ୍ରଶ୍ନ ମୁଣ୍ଡ ଟେକିଛି। ବାପା-ମାଆ ନିଜ ବୟାନରେ କହିଥିବା ସମୟ ଏବଂ ସିସି କ୍ୟାମେରାରେ ରେକର୍ଡ ହୋଇଥିବା ସମୟର କିଛି ଅସାମଞ୍ଜସ୍ୟ ରହିଛି କି? ବାପା-ମାଆ ଗୋଟିଏ କଥା କହିଥିବାବେଳେ ସିସି କ୍ୟାମେରାରେ କିଛି ଭିନ୍ନ ଘଟଣା ରେକର୍ଡ ହୋଇଛି କି? ନା ପୋଲିସ ସିସି କ୍ୟାମେରାରେ ଛାତ୍ରୀ ଆତ୍ମଦାହ ନେଇ କିଛି ଚମକାଇବା ଭଳି ପ୍ରମାଣ ପାଇଛି

#### ପୋଲିସକୁ ମିଳିଛି ନୂଆ ସୁରାକ୍
#### ଜଳିଗଲେ ନା ଜାଳି ଦିଆଗଲା ନେଇ ଛାନ୍‌ଭିନ୍
#### ଗ୍ରାମାଞ୍ଚଳ ଥାନାରେ ମୃତ ଛାତ୍ରୀଙ୍କ ବାପା,ଭାଇ
#### ଏସ୍‌ପିଙ୍କ ଅଫିସରେ କେନ୍ଦ୍ରାଞ୍ଚଳ ଆଇଜିଙ୍କ ତଦାରଖ

କି? ତେବେ ଅନ୍ୟପକ୍ଷରେ ମୃତା ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କ ପରିବାର ଗଣମାଧ୍ୟମରେ ଦେଇଥିବା ବୟାନ ଏବେ ପୋଲିସ ପାଇଁ ତଦନ୍ତର ଆଉଏକ ଦିଗ ଖୋଲି ଦେଇଛି। ପୁରୁଷ ବନ୍ଧୁଙ୍କ ପରିବାର ମୃତା ଛାତ୍ରୀଙ୍କ ପରିବାର ଉପରେ ପାଲଟା ଅଭିଯୋଗ ଆଣିଛନ୍ତି। ଛାତ୍ରୀଙ୍କୁ ତାଙ୍କ ପରିବାର ଲୋକେ ମାନସିକ ଓ ଶାରୀରିକ ନିର୍ଯାତନା ଦିଅନ୍ତି ବୋଲି ପୁରୁଷ ବନ୍ଧୁଙ୍କ ପରିବାର ଲୋକ କହିବା ସହ ଛାତ୍ରୀଜଣକ ଏକଥା ପୁରୁଷ ବନ୍ଧୁଙ୍କ ପରିବାରକୁ ଫୋନ୍‌ଯୋଗେ କହିଥିବା ସୂଚନା ମିଳିଛି। ତେବେ ପୋଲିସ ପୁରୁଷ ବନ୍ଧୁଙ୍କ ପରିବାରକୁ ଏବେ ତଦନ୍ତ ପରିସରକୁ ଆଣିବା ପାଇଁ ଉଦ୍ୟମ ଆରମ୍ଭ କରିଛି। ପୁରୁଷ ବନ୍ଧୁଙ୍କ ପରିବାର ଲୋକଙ୍କ ମୋବାଇଲ ଫୋନ୍ ଜବତ ହେବା ପରେ ଛାତ୍ରୀଙ୍କ ପରିବାର ଲୋକ ଦେଇଥିବା ନିର୍ଯାତନା ଉପରୁ ପରଦା ହଟିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଶନିବାର କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର କେନ୍ଦ୍ରାପଡ଼ା ଏସ୍‌ପିଙ୍କ ଅଫିସରେ ପହଞ୍ଚି ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଛନ୍ତି।

### ୨୦ ତାରିଖ ପରେ...

ଏହା ଓଡ଼ିଶାରେ କରାଯାଇଥାଏ। ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ ସାଂସଦମାନଙ୍କ ସମେତ ଅନ୍ୟ ନେତୃବୃନ୍ଦଙ୍କ ସହ ବୈଠକ ହୋଇଛି। ଦଳୀୟ ନେତାଙ୍କ ସହ ଚର୍ଚ୍ଚା, ଆଲୋଚନା ପରେ ନିଷ୍ପତ୍ତି ନିଆଯିବ। ସୂଚନାଯୋଗ୍ୟ ଯେ ରାଜ୍ୟରେ ଖାଲି ପଡ଼ିଥିବା ନିଗମ ଓ ବିଭିନ୍ନ ବୋର୍ଡର ଅଧ୍ୟକ୍ଷ ହେବାପାଇଁ ଏବେ ବିଜେପିର ଅନେକ ନେତା ଆଶାୟୀ ରହିଛନ୍ତି।

### ଆଶାର କିରଣ...

କରିପାରିଛନ୍ତି, ଆଉ କିଛି ଅଧିକ ପୁଞ୍ଜି ବିନିଯୋଗ କରି ନିଜ ନିଜର କ୍ଷୁଦ୍ର ବ୍ୟବସାୟକୁ ବୃଦ୍ଧି କରିଛନ୍ତି। ଆମ ସରକାର ନିଜର ଆନ୍ତରିକ ପ୍ରଚେଷ୍ଟାରେ କୋଟିଆ ଗ୍ରାମ ପଞ୍ଚାୟତ ରେ ବସବାସ କରୁଥିବା ମହିଳା ମାନଙ୍କୁ ସଫଳ ଭାବେ 'ସୁଭଦ୍ରା' ଯୋଜନା ସହ ଯୋଡି ପାରିଛନ୍ତି । କୋଟିଆ ଗ୍ରାମ ପଞ୍ଚାୟତରେ ମୋଟ ୨୦୭୮ଟି ଆବେଦନ ମଧ୍ୟରୁ ୧୭୯୭ ଜଣ ପ୍ରଥମ କିସ୍ତି ଓ ୧୭୯୫ ଜଣ ଦ୍ୱିତୀୟ କିସ୍ତି ଅର୍ଥ ରାଶି ପାଇଛନ୍ତି । ଶନିବାର ତୃତୀୟ କିସ୍ତି ବାବଦରେ କୋଟିଆର ୧୭୮୩ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଏହି ସହାୟତା ରାଶି ସିଧାସଳଖ ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେ, ଆମ ସରକାରଙ୍କ ପାଇଁ ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ ନୁହେଁ, ସେମାନେ କେବଳ ଏକ ଭୋଟ ବ୍ୟାଙ୍କ ନୁହନ୍ତି। ପ୍ରାୟ ଦୁଇ ଦଶନ୍ଧି ଧରି ମହିଳା ସଶକ୍ତିକରଣ ନାଁ ରେ ରାଜ୍ୟର କୋଟି କୋଟି ମହିଳାଙ୍କୁ କେବଳ ରାଜନୈତିକ ପଶାପାଲିରେ ଗୋଟି ଭାବେ ବ୍ୟବହାର କରାଯାଉଥିଲା। ଏହା ସମଗ୍ର ନାରୀ ସମାଜ ପାଇଁ ଅପମାନ। ଆମ ସରକାର ଆସିବାର ପ୍ରାୟ ଏକ ବର୍ଷ ମଧ୍ୟରେ ମହିଳା ସଶକ୍ତିକରଣକୁ ଏକ ନୂତନ ଦିଗନ୍ତ ଦେବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏହାର ଉଦାହରଣ ହେଉଛି, 'ଲକ୍ଷପତି ଦିଦି'। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପିତ ଏହି ସଶକ୍ତିକରଣ କାର୍ଯ୍ୟକ୍ରମରେ ଆଜି ପର୍ଯ୍ୟନ୍ତ ଆମ ଓଡ଼ିଶାରେ ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି। ସୁଭଦ୍ରା ଯୋଜନା ଅଧିନରେ ଆମର ମା'ମାନଙ୍କୁ ସଶକ୍ତ କରିବା ପାଇଁ ସୁଭଦ୍ରା ପ୍ଲସ, ଉଦ୍ୟୋଗୀ କରିବା ପାଇଁ ସୁଭଦ୍ରା ଶକ୍ତି ମେଳା କାର୍ଯ୍ୟକାରୀ କରାଯାଇଥିବା ବେଳେ କିଶୋରୀମାନଙ୍କ ପାଇଁ ସୁଭଦ୍ରା କିଶୋରୀ, ସଞ୍ଚୟ ପାଇଁ ସୁଭଦ୍ରା ସଞ୍ଚୟ, ସୁରକ୍ଷା ପାଇଁ ସୁଭଦ୍ରା ସୁରକ୍ଷା ଏବଂ ସାମୁହିକ ନେତୃତ୍ୱର ବିକାଶ ପାଇଁ ସୁଭଦ୍ରା ସଖୀ ଯୋଜନା କାର୍ଯ୍ୟକାରୀ କରାଯାଇଛି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ କୋରାପୁଟର କୋଟିଆ ଗ୍ରାମ ପଞ୍ଚାୟତରେ ମୋଟ ୨୦୭୮ଟି ଆବେଦନ ମଧ୍ୟରୁ ୧୭୯୭ ଜଣ ପ୍ରଥମ କିସ୍ତି ଓ ୧୭୯୫ ଜଣ ଦ୍ୱିତୀୟ କିସ୍ତି ଅର୍ଥ ରାଶି ପାଇଛନ୍ତି । ଆଜି ତୃତୀୟ କିସ୍ତି ବାବଦରେ କୋଟିଆର ୧୭୮୩ ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଏହି ସହାୟତା ରାଶି ସିଧାସଳଖ ପ୍ରଦାନ କରାଯାଇଛି। ଖୁସିର କଥା ଆମ ସରକାରଙ୍କ ଆନ୍ତରିକ ପ୍ରଚେଷ୍ଟାରେ କୋଟିଆ ଗ୍ରାମ ପଞ୍ଚାୟତର ମହିଳାମାନେ ମଧ ଆମ ସୁଭଦ୍ରା ଯୋଜନା ସହିତ ଯୋଡି ହୋଇଛନ୍ତି । ସୁଭଦ୍ରା ମାଧ୍ୟମରେ ଆମେ କେବଳ ଆର୍ଥିକ ସ୍ୱାଧୀନତା ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରୁନାହୁଁ ବରଂ ଶିକ୍ଷା, ଦକ୍ଷତା, ଏବଂ ରୋଜଗାରର ସୁଯୋଗ ମଧ୍ୟରେ ଥିବା ବ୍ୟବଧାନକୁ ମଧ ଦୂର କରୁଛୁ । ସୁଭଦ୍ରା ଯୋଜନାରେ ପ୍ରଦାନ କରାଯାଉଥିବା ସହାୟତାକୁ ପୁଞ୍ଜି ଭାବେ ବ୍ୟବହାର କରି ଆଜି ରାଜ୍ୟର ଲକ୍ଷ ଲକ୍ଷ ମା' ଓ ଭଉଣୀମାନେ ଛୋଟ ବଡ ବ୍ୟବସାୟ ଆରମ୍ଭ କରି ନିଜ ପରିବାରର ଆର୍ଥିକ ସ୍ଥିତିକୁ ବଦଳାଇ ପାରିଛନ୍ତି ବୋଲି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ନିଜ ଅଭିଭାଷଣରେ କହିଛନ୍ତି। ଗୋଟିଏ ବର୍ଷ ତଳେ ମହିଳାଙ୍କ ଆଖିରେ ଯେଉଁ ବିଶ୍ୱାସ ଆମେ ଦେଖିଥିଲୁ, ସେ ବିଶ୍ୱାସ ଆଜି ଫଳପ୍ରଦ। ସରକାରଙ୍କ ଲକ୍ଷ୍ୟ ସେହି ସମସ୍ତ ମହିଳାଙ୍କୁ ସଶକ୍ତ କରି ଆତ୍ମନିର୍ଭର କରିବା । ଏହି ଯୋଜନା ମାଧ୍ୟମରେ ସରକାର ମହିଳାମାନଙ୍କ ଜୀବନର ଏକାଧିକ ଦିଗରୁ ଉନ୍ନତ କରିବାର ଲକ୍ଷ୍ୟ ରଖିଛନ୍ତି ଏବଂ ଏହା ସେମାନଙ୍କ ସାମାଜିକ ଅବସ୍ଥାକୁ ମଜବୁତ କରିବା, ସଫଳତା ପାଇଁ ସାଧନ ଓ ସୁଯୋଗ ଆଦି ଯୋଗାଇବା ଦିଗରେ ସରକାରଙ୍କ ଦୃଢ଼ ସଂକଳ୍ପକୁ ପ୍ରତିପାଦନ କରୁଅଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ଅବସରରେ କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମୁଖ୍ୟମନ୍ତ୍ରୀଙ୍କ ହାତରେ ସୁଭଦ୍ରା ରାକ୍ଷୀ ବାନ୍ଧିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଏକ କୋଟି ମହିଳା ମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୁଭଦ୍ରା ସହାୟତା ରାଶି ପ୍ରଦାନ କରିଥିଲେ। ଏଥି ସହିତ ମଞ୍ଚ ଉପରେ ସୁଭଦ୍ରା ଯୋଜନାରୁ ସଫଳତା ପାଇଥିବା ମହିଳାଙ୍କୁ ଓ ଏହି ଯୋଜନାକୁ ସଫଳ କରାଉଥିବା ମହିଳାଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ନାୟକ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି, ବିଧାୟକ ରଘୁରାମ ମାଛ, ନରସିଂହ ମାଡକାମୀ, ଗୌରୀ ଶଙ୍କର ମାଝୀ, ମହିଳା ଓ ଶିଶୁ ବିକାଶ ବିଭାଗ, ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ସ୍ୱାଗତ ଭାଷଣ ଦେଇଥିବା ବେଳେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଧନ୍ୟବାଦ ଦେଇଥିଲେ।

## ସାହିତ୍ୟିକା ସରଳା ଦେବୀଙ୍କ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସାହିତ୍ୟିକା ସରଳା ଦେବୀଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସାହିତ୍ୟିକା ସରଳା ଦେବୀଙ୍କ ଜୟନ୍ତୀ ଅବସରରେ ଭକ୍ତିପୂତ ପ୍ରଣାମ।

## 'ସ୍ୱଭାବ କବି'ଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): 'ସ୍ୱଭାବ କବି' ଗଙ୍ଗାଧର ମେହେରଙ୍କ ଜୟନ୍ତୀରେ ତାଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ତଥା ସାରସ୍ୱତ ସାଧକ 'ସ୍ୱଭାବ କବି' ଗଙ୍ଗାଧର ମେହେରଙ୍କ ଜୟନ୍ତୀରେ ବିନମ୍ର ଶ୍ରଦ୍ଧାଞ୍ଜଳି ।

## ବୀର ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବୀର ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପାଇକ ବିଦ୍ରୋହର ମହାନ ସଂଗ୍ରାମୀ ବୀର ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ବଳିଦାନ ଦିବସରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

# ରାଜ୍ୟ ଅଭିଲେଖାଗାରରେ ଅଗଷ୍ଟକ୍ରାନ୍ତି ଦିବସ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଅଗଷ୍ଟକ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ଓଡିଶାରେ ଅଗଷ୍ଟ ବିପ୍ଳବ ସମ୍ବନ୍ଧୀୟ ଏକ ଅଭିଲେଖ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଅଛି ଯାହା ଏକ ସପ୍ତାହ ନିମନ୍ତେ ଜନସାଧାରଣ ତଥା ଗବେଷକମାନଙ୍କ ନିମନ୍ତେ ଉନ୍ମୁକ୍ତ ରହିବ । ଏଥିସହ ଆଜିର ପବିତ୍ର ବଳଭଦ୍ରଙ୍କ ଜନ୍ମ ରକ୍ଷାବନ୍ଧନ ପର୍ବ ଅବସରରେ ଓଡିଶା ରାଜ୍ୟ ଅଭିଲେଖାଗାର ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଉତ୍କଳ ଦୀପିକାରେ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ପ୍ରସଙ୍ଗ ପୁସ୍ତକର ଉନ୍ମୋଚନ କରାଯାଇଛି । ପ୍ରତିବର୍ଷ ପରି ଅଗଷ୍ଟ ୯ ତାରିଖରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନର ସ୍ମୃତି ଚାରଣ ନିମନ୍ତେ ଏକ ସେମିନାରର ଆୟୋଜନ କରାଯାଇ ଥାଏ। ଚଳିତ ବର୍ଷର ବିଷୟ ଓଡିଶାରେ ଅଗଷ୍ଟ କ୍ରାନ୍ତିର କେତୋଟି ଦିଗ ଉପରେ ଡ. ଅଭୟ କୁମାର ବେହେରା, ଅବସର ପ୍ରାପ୍ତ ପ୍ରାଧାପକ, ରେଭେନ୍ସା ବିଶ୍ୱବିଦ୍ୟାଳୟ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଉନ୍ମୋଚିତ ପୁସ୍ତକଟିର ସମ୍ପାଦକ ମଣ୍ଡଳୀର ସଦସ୍ୟ ମହୀମୋହ ତ୍ରିପାଠୀ ଏବଂ ଡ. ପିତାବାସ ରାଉତରାଏଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ଅନ୍ୟତମ ସମ୍ପାଦକ ସ୍ୱର୍ଗତ ପଦ୍ମଶ୍ରୀ ରଜତ କରଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇ ଥିଲା । ସମ୍ମାନନୀୟ ଅତିଥି ଭାବରେ ଯୋଗ ଦାନ କରିଥିଲେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ। ସମ୍ମାନରେ ସ୍ୱାଗତ ଭାଷଣ ଦେଇଥିଲେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ । ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ରେଭେନ୍ସା ମହାବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରାଧାପକ ଅଭୟ କୁମାର ବେହେରା ଓଡ଼ିଶାରେ ଅଗଷ୍ଟ କ୍ରାନ୍ତିର କେତୋଟି ଦିଗ ବିଷୟରେ ଆଲୋକ ପାତ କରିଥିଲେ । ସମ୍ମାନନୀୟ ଅତିଥି ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ଓଡ଼ିଶା ଏବଂ ଭାରତ ଛାଡ଼ ଆନ୍ଦୋଳନ କିପରି ଦେଶ ସ୍ୱାଧୀନ ହେବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲା ସେ ବିଷୟରେ ପ୍ରତିପାଦନ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଭୋଟ ଜାଲିଆତି ହୋଇଛି: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୋଟ ଜାଲିଆତି ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ମିଡ଼ିଆ ସଂଯୋଜକ ଲେନିନ ମହାନ୍ତି କହିଛନ୍ତି ଯେ କାହାର ବିଶ୍ୱାସ ନଥିବ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ, ଆମେ ସେହି ଭାଷାରେ କହିବା ଠିକ ହେବନି। ବିଜେଡି ପକ୍ଷରୁ ଅମର ପଟ୍ଟନାୟକ ପୂର୍ବରୁ କହିଥିଲେ ଯେ ଭୋଟ ଜାଲିଆତି ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରରେ ବି ହୋଇଛି। ଫର୍ମ ୧୭ ସି ଏଯାଏଁ ଦିଆଗଲାନି। ଏହାକୁ ଦେବାକୁ ଦାବି କରିଛି ବଜେଡି। ଏହାକୁ ନ ଦେଖି ଲାଞ୍ଛନା ଆଣିବା ପିଲାଳିଆମି। ଯେ କୌଣସି ଦଳର ହୁଅନ୍ତୁ କିନ୍ତୁ ଗଣତନ୍ତ୍ରକୁ ସମ୍ମାନ ଦିଅନ୍ତୁ। ଆଶ୍ଚର୍ଯ୍ୟରେ କଥା ହେଉଛି ଏହି ପ୍ରସଙ୍ଗରେ ଦୁଇ ରାଷ୍ଟ୍ରୀୟ ଦଳ ଚୁପ।ବିଜେପି କୋଟିଆ ନେଇ କିଛି କହୁନି । ସେପଟେ କଂଗ୍ରେସ ଏତେ ପ୍ରେସ ମିଟ କଲାଣି କିନ୍ତୁ ଫଳ କିଛି ନାହିଁ। କଂଗ୍ରେସ ନିଜେ ବଳିୟାନ ହଉ , ବିଜେଡି କାନ୍ଧରେ ଲାଉ ହୁଅନ୍ତୁ ନାହିଁ।ଇସିଆଇଙ୍କୁ ଆମେ ସମ୍ମାନ କରୁ। ଆସନ୍ତା ୧୯ ତାରିଖରେ ପୁଣି ବିଜେଡି ଇସିଆଇ ଯିବ। ପିସିସି ସଭାପତି ଭକ୍ତ ଦାସ ବିଜେପି ଉପରେ କିଛି ନ କହି କେବଳ ବିଜେଡିକୁ ଟାଣୁଛନ୍ତି ବୋଲି କହିଛନ୍ତି ଲେନିନ ମହାନ୍ତି।




ଧର୍ମଶାଳାରେ ଆଜି ନିଆରା ଢଙ୍ଗରେ ରକ୍ଷା ବନ୍ଧନ ପର୍ବ ପାଳନ କରୁଥିବା ଦେଖିବାକୁ ମିଳିଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିକଟରେ ପହଂଚିଥିଲେ ହଜାର ହଜାର ମହିଳା ହାତରେ ଚନ୍ଦନ, ଫୁଲ ସହ ରକ୍ଷୀ ଧରି ପହଂଚିଥିଲେ ବିଧାୟକଙ୍କ ନିକଟରେ ।

**AFFIDAVIT**

By virtue of an affidavit sworn before the Executive Magistrate, Kabisuryanagar, dated: 07.08.2025, I Anasuya Barada, Address: Village- Deogam, PO- Budhamba, PS- Kabisuryanagar, Dist- Ganjam, Odisha, PIN- 761104, declare that I have changed my name from anuchhaya Swain to Anasuya Barada. Henceforth, I shall be known as Anasuya Barada for all purposes.

**Sd/- Anasuya Barada**

**ପୂର୍ବ ତଟ ରେଳପଥ**

**ଦୁଲାଖାପାଟଣା ଏବଂ ବଡ଼ପଡ଼ାଗାଁ ପାସେଞ୍ଜର ହଲ୍ଟ ନିମନ୍ତେ ପାସେଞ୍ଜର ହଲ୍ଟ ଏଜେଣ୍ଟଙ୍କ ନିଯୁକ୍ତି ପାଇଁ ଅଧିସୂଚନା**

ସଂ. G.51/P.H/DLPT & BDPG/Notification/3066 ତା.01.08.2025 ରିଖ

ଖୋର୍ଦ୍ଧା ରୋଡ଼ ମଣ୍ଡଳ ପରିସୀମା ଅଧୀନସ୍ଥ ବଡ଼ପଡ଼ାଗାଁ(BDPG) ପାସେଞ୍ଜର ହଲ୍ଟ (ଚାରବଟିଆ (CBT) ଏବଂ ଗୁରୁଡ଼ିଝାଟିଆ (GJTA) ରେଳ ଷ୍ଟେସନ ମଧ୍ୟରେ BDPG PH) ଏବଂ ଦୁଲାଖପାଟଣା(DLPT) ପାସେଞ୍ଜର ହଲ୍ଟ (ମଞ୍ଜୁରୀ ରୋଡ଼ (MZZ) ଏବଂ ବୈତରଣୀ ରୋଡ଼ (BTV) ମଧ୍ୟରେ DLPT PH) ନିମନ୍ତେ ଟିକଟ ବିକ୍ରୟ ନିମନ୍ତେ ପାସେଞ୍ଜର ହଲ୍ଟ ଏଜେଣ୍ଟ ଭାବେ ନିଯୁକ୍ତି ପାଇଁ ଆଗ୍ରହୀ ପ୍ରାର୍ଥୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି ।

**ହଲ୍ଟ ଏଜେଣ୍ଟମାନଙ୍କୁ ପ୍ରଦାନଯୋଗ୍ୟ କମିଶନ ନିମ୍ନପ୍ରକାର କରାଯିବ :**

ମାସିକ ଟିକଟ ବିକ୍ରୟ ପରିମାଣ ଏବଂ ପ୍ରାପ୍ୟ କମିଶନ : • ₹ 1-15,000/- : 15%, • ₹ 15,001 - 50,000/- : 12%, • ₹ 50,001 - 1,00,000/- : 9%, • ₹ 1,00,001 - 2,00,000/- : 6%, • ₹ 2,00,001 ଏବଂ ତଦୂର୍ଦ୍ଧ : 3% ।

ଉପରୋକ୍ତ ହଲ୍ଟ ନିମନ୍ତେ ସୁରକ୍ଷା ଜମା ରାଶି (Security Deposit) : ₹ 2,000/- (ଦୁଇ ହଜାର ଟଙ୍କା ମାତ୍ର) ।

ଉପଯୁକ୍ତ ଭାବେ ପୂରଣ କରାଯାଇଥିବା ଦରଖାସ୍ତଗୁଡ଼ିକ ଏହି କାର୍ଯ୍ୟାଳୟରେ ତା.03.09.2025 ରିଖ (ବୁଧବାର) 1500 ଘଟିକା ସୁଦ୍ଧା କିମ୍ବା ତା' ପୂର୍ବରୁ ପହଞ୍ଚିବା ଆବଶ୍ୟକ । ଯଦି ଅନ୍ତିମ ଦିବସ ଅର୍ଥାତ୍ ତା.03.09.2025 ରିଖ ଦିନ ଛୁଟି ଦିବସ ପଡ଼େ କିମ୍ବା ଘୋଷିତ ହୁଏ, ତେବେ ଦରଖାସ୍ତଗୁଡ଼ିକ ପରବର୍ତ୍ତୀ କାର୍ଯ୍ୟ ଦିବସର ସେହି ସମୟରେ ଗ୍ରହଣ କରାଯିବ। ଟେଣ୍ଡରଗୁଡ଼ିକ ସେହି ଦିନ ଅର୍ଥାତ୍ ତା.03.09.2025 ରିଖ 1530 ଘଟିକାରେ ଖୋଲାଯିବ ।

ସବିଶେଷ ବିବରଣୀ, ଦରଖାସ୍ତ ପୂରଣ କରିବା ଏବଂ ଦରଖାସ୍ତ ଫର୍ମାଟ ନିମନ୍ତେ ଦୟାକରି ୱେବ୍‌ସାଇଟ୍ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

PR-447/Q/25-26 — ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼

e-mail : eerw_sunabeda@yahoo.co.in

GOVERNMENT OF ODISHA
OFFICE OF THE SUPERINTEDNING ENGINEER
RURAL WORKS DIVISION, SUNABEDA

O-563

e-Procurement Notice for Building works
Identification No Online Tender /01/RWD-SBD/2025-26

Letter No. 3052 / Date: 07.08.2025 /

| | | |
|---|---|---|
| 01. | Name of the work | :: Building works Semiliguda, Nandapur, Lamtaput Laxmipur, Bandhugaon block |
| 02. | Total Number of works | :: 14 nos works |
| 03. | Estimated cost | :: 7.00 to 43.00 lakhs |
| 04. | Class of Contractor | :: "B", "C" & "D" Class |
| 05. | Period of Completion | :: 06 months |
| 06. | Other Details | |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Sunabeda | Online Tender/01/ RWD-SBD /2025-26 | 14.08.2025 at 11.00 a.m | 29.08.2025 upto 17.00 Hours |

Further details can be seen from the website www.tendersorissa.gov.in

Superintending Engineer,
Rural Works Division: Sunabeda

OIPR 25059/11/0015/2526



ମୁମ୍ବାଇ: ଦିନକୁ ଦିନ ପାରିବାରିକ ବିବାଦ ବଢ଼ିବାରେ ଲାଗିଛି । କଥା କଥାରେ ଲାଗୁଛି ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା । ମାମଲା ପହଞ୍ଚୁଛି କୋର୍ଟରେ । ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ବମ୍ବେ କୋର୍ଟରେ । ସ୍ତ୍ରୀଙ୍କ ପୋଷାକ ଏବଂ ଖାଦ୍ୟ ଉପରେ ତାସଲ୍ୟ କରିବା ନିଷ୍ଠୁରତା କି? ଏହାକୁ ନେଇ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି ବମ୍ବେ ହାଇକୋର୍ଟର ଔରଙ୍ଗାବାଦ ଖଣ୍ଡପୀଠ । ଜଣେ ମହିଳାଙ୍କ ଦ୍ୱାରା ତାଙ୍କ ସ୍ୱାମୀ ଏବଂ ଶ୍ୱଶୁର ଘର ଲୋକଙ୍କ ବିରୁଦ୍ଧରେ ଦାୟର କରାଯାଇଥିବା ଏଫଆଇଆର ଏବଂ ଫୌଜଦାରୀ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିଦେଇଛନ୍ତି କୋର୍ଟ । କୋର୍ଟ କହିଛନ୍ତି, ନ୍ତଜଣେ ସ୍ତ୍ରୀଙ୍କୁ ତାଙ୍କ ପୋଷାକ ଉପରେ ଟାଣିବା କିମ୍ବା ରୋଷେଇ କରିବା ସମୟରେ ତାଙ୍କୁ ଟାଣିବା ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ୪୯୮ଇ ଅନୁଯାୟୀ 'ଗମ୍ଭୀର ନିଷ୍ଠୁରତା' କିମ୍ବା 'ଉତ୍ପୀଡ଼ନ' ଭାବରେ ବିବେଚନା କରାଯାଇପାରିବ ନାହିଁ । ୨୪ ମାର୍ଚ୍ଚ ୨୦୨୨ରେ ଦମ୍ପତି ବିବାହ କରିଥିଲେ । ଏହା ମହିଳାଙ୍କ ଦ୍ୱିତୀୟ ବିବାହ ଥିଲା । ୨୦୧୩ରେ ଉଭୟେ ସମ୍ମତିରେ ତାଙ୍କ ପ୍ରଥମ ସ୍ୱାମୀଙ୍କୁ ଛାଡପତ୍ର ଦେଇଥିଲେ । ମହିଳା ଅଭିଯୋଗ କରିଥିଲେ ଯେ ବିବାହର ଦେଢ଼ ମାସ ମଧ୍ୟରେ ନିର୍ଯାତନା ଆରମ୍ଭ ଦିଆଯାଇଥିଲା ।

# ଉତ୍ତରକାଶୀ ପୀଡ଼ିତଙ୍କୁ ପତଞ୍ଜଳି ପକ୍ଷରୁ ରିଲିଫ୍ ପ୍ରଦାନ

ହରିଦ୍ୱାର: ଉତ୍ତରାଖଣ୍ଡର ଉତ୍ତରକାଶୀରେ ଦେଖାଦେଇଥିବା ପ୍ରଚଣ୍ଡ ଭୂସ୍ଖଳନ ଓ ବାଦଲଫଟା ବର୍ଷାରେ ପ୍ରଭାବିତ ଲୋକମାନଙ୍କୁ ସହଯୋଗର ହାତ ବଢ଼ାଇଛି ପତଞ୍ଜଳି ଯୋଗପୀଠ । ପତଞ୍ଜଳି ଯୋଗପୀଠର ଅଧ୍ୟକ୍ଷ ସ୍ୱାମୀ ରାମଦେବ ଜୀ, ମହାମନ୍ତ୍ରୀ ଆଚାର୍ଯ୍ୟ ବାଳକୃଷ୍ଣଜୀ ତଥା ପତଞ୍ଜଳି ଫୁଡ୍ସର ପରିଚାଳନା ନିର୍ଦ୍ଦେଶକ ରାମଭରତ ଜୀ ପୀଡ଼ିତଙ୍କ ପାଇଁ ୩ ଟ୍ରକ୍ ଭର୍ତ୍ତି ବିଭିନ୍ନ ସାମଗ୍ରୀ ସହାୟତା ଆକାରରେ ପ୍ରଦାନ କରିଛନ୍ତି । ଏହି ଅବସରରେ ସ୍ୱାମୀ ରାମଦେବଜୀ କହିଛନ୍ତି ଯେ, ଏହି ବିପର୍ଯ୍ୟୟ ଅତିବ ସାଂଘାତିକ ଓ ଦୁଃଖଦ । ଏହା ଫଳରେ ବହୁ ଲୋକ ପ୍ରଭାବିତ ହୋଇଛନ୍ତି । ପ୍ରାୟ ୫୦୦ ପରିବାର ନିକଟରେ ଅଟା, ଚାଉଳ, ଡାଲି, ଲୁଣ, ମସଲା, ବ୍ରସ୍, ଟୁଥପେଷ୍ଟ ଇତ୍ୟାଦି ସାମଗ୍ରୀ ଯୋଗାଇ ଦିଆଯାଇଛି । ରାମଦେବ ଆହୁରି କହିଛନ୍ତି ଯେ, ବର୍ଷା କମିବା ପରେ




ଅନ୍ୟ ପୀଡ଼ିତ ପରିବାରଙ୍କୁ ରିଲିଫ୍ ସାମଗ୍ରୀ ଯୋଗାଇ ଦିଆଯିବ । ଏଥିସହ ବହୁ ସ୍ୱଦେଶୀ କମ୍ପାନୀ ମଧ୍ୟ ସହାୟତାର ହାତ ବଢ଼ାଇଥିବା ସେ କହିଥିଲେ । ପବିତ୍ର ରକ୍ଷା ବନ୍ଧନ ଅବସରରେ ଶନିବାର ସ୍ୱାମୀ ରାମଦେବ ଦେଶବାସୀଙ୍କୁ ଆମେରିକାର ଗୁଣ୍ଡାଗର୍ଦ୍ଦି ପାଇଁ ଏକଜୁଟ୍ ହେବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ସାରା ବିଶ୍ୱରେ ଭାରତ ଏକ ମହାନ୍ ଗଣତାନ୍ତ୍ରିକ ରାଷ୍ଟ୍ରର ମର୍ଯ୍ୟାଦା ପାଇଥିବା ବେଳେ ଟ୍ରମ୍ପଙ୍କ ଭଳି ବ୍ୟକ୍ତି ଭାରତର ଇତିହାସକୁ ବିକୃତ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି । ଭାରତ ବ୍ରିକ୍ସ ଦେଶ ସମୂହରେ ସାମିଲ୍ ହୋଇଥିବାରୁ ଟ୍ରମ୍ପଙ୍କ କ୍ଷୋଭ ବୃଦ୍ଧି ପାଇଛି । ଏହି ଦେଶ ସମୂହରେ ଭାରତ, ଋଷିଆ, ଚୀନ୍, ମଧ୍ୟପ୍ରାଚ୍ୟ ଓ ୟୁରୋପ ଭଳି ୭ଟି ଦେଶ ସାମିଲ୍ ହୋଇଛନ୍ତି । ସ୍ୱାମୀଜୀ ଆହୁରି କହିଛନ୍ତି ଯେ, ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ସମୟରେ ପାହାଡ଼ରୁ ଭୂସ୍ଖଳନ ହେବା ପର୍ଯ୍ୟଟକମାନଙ୍କ ପାଇଁ ବିପଦର କାରଣ ପାଲଟୁଛି । ଯଦିଓ ଏହାର ନୈସର୍ଗିକ ଶୋଭାରାଜି ପର୍ଯ୍ୟଟକମାନଙ୍କୁ ବେଶ୍ ଆକୃଷ୍ଟ କରୁଛି । ତଥାପି ଭୂସ୍ଖଳନ ପାଇଁ ପଦକ୍ଷେପ ପାଇଁ ପଦକ୍ଷେପ ନିଆଯିବା ଜରୁରି ବୋଲି ସେ କହିଛନ୍ତି ।

PATANJALI

# କୁନି ଶିଶୁର ଅନୁରୋଧ ରକ୍ଷା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ଶନିବାର ସାରା ଦେଶରେ ରକ୍ଷା ବନ୍ଧନ ପର୍ବକୁ ଖୁବ ଉତ୍ସାହର ସହିତ ପାଳନ କରାଯାଉଛି । ଏହି ଅବସରରେ ଦିଲ୍ଲୀର ୭ଲୋକ କଲ୍ୟାଣ ମାର୍ଗରେ ଥିବା ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦିଲ୍ଲୀର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତରେ ରାଖୀ ବାନ୍ଧି ତାଙ୍କ ଦୀର୍ଘ ଜୀବନ କାମନା କରିଥିଲେ । ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଇଁ ରାଖୀ ନେଇ ଆସିଥିବା କୁନିଶିଶୁ ଜଣକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଜଣକ ପରେ ଜଣେ ମୋଦିଙ୍କ ହାତରେ ରାଖୀ ବାନ୍ଧି ଯାଉଥିବା ବେଳେ ଯେତେବେଳେ ଉକ୍ତ କୁନି ଶିଶୁର ପାଳି ପଡ଼ିଥିଲା ସେ ମୋଦି ନିକଟକୁ ଆସି କହିଥିଲା, 'ମୋଦି ଜି ମୋର ଏକ ଛୋଟିଆ ଅନୁରୋଧ ରକ୍ଷା କରିବେ । ହାତରେ ଆପଣ ମା ପାଇଁ ହୃଦୟ ଚିହ୍ନ ତିଆରି କରିପାରିବେ ।

# ରକ୍ଷାବନ୍ଧନ ଭାଇ-ଭଉଣୀର ସ୍ନେହର ପ୍ରତୀକ: ବିଷ୍ଣୁଦେବ




ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ନିଜ ଗ୍ରାମ ବଗିଆସ୍ଥିତ କ୍ୟାମ୍ପ କାର୍ଯ୍ୟାଳୟରେ ରକ୍ଷାବନ୍ଧନ ଅବସରରେ ବିଭିନ୍ନ ଯୋଜନାରେ ଲାଭାନ୍ୱିତ ହୋଇଥିବା ଭଉଣୀମାନଙ୍କଠାରୁ ରାକ୍ଷୀ ବାନ୍ଧି ନିଜକୁ ଧନ୍ୟ ମନେ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଭାଇ-ଭଉଣୀ ମଧ୍ୟରେ ଥିବା ସ୍ନେହର ପ୍ରତୀକ । ଯୋଜନାର ହିତାଧିକାରୀ ଭଉଣୀମାନେ ବିଷ୍ଣୁଦେବଙ୍କୁ ରାକ୍ଷୀ ବାନ୍ଧି ମିଠା ଖୁଆଇବା ସହ ତାଙ୍କର ଆଶୀର୍ବାଦ ମଧ୍ୟ ଭିକ୍ଷା କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମହତାରୀ ବନ୍ଦନ ଯୋଜନାରେ ଲାଭାନ୍ୱିତ ହିତାଧିକାରୀଙ୍କ ସହ ବିଭିନ୍ନ ଅଙ୍ଗନନବାଡି କାର୍ଯ୍ୟକର୍ତ୍ତା ଓ ସହାୟିକା ମଧ୍ୟ ରାକ୍ଷୀ ବାନ୍ଧି ତାଙ୍କର ଦୀର୍ଘାୟୁ କାମନା କରିଥିଲେ । ଅନୁରୂପ ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ମଧ୍ୟ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଭାଇ-ଭଉଣୀଙ୍କ ମଧ୍ୟରେ ଥିବା ଅତୁଟ ସ୍ନେହ ଓ ସମ୍ମାନକୁ ମନେ ପକାଇବାର ଦିନ ବୋଲି କହିଥିଲେ । ଏହି ଅବସରରେ ଯଶପୁରରେ ବିକାଶ କାର୍ଯ୍ୟର ଉଲ୍ଲେଖ କରି ଶ୍ରୀ ସାଏ କହିଥିଲେ ଯେ, ଜିଲ୍ଲାରେ ମେଡିକାଲ କଲେଜ, ନର୍ସିଂ କଲେଜ, ୨୦୦ ଶଯ୍ୟା ବିଶିଷ୍ଟ ଏକ ହସ୍ପିଟାଲ ଏବଂ ପାୱାର ପ୍ଲାଣ୍ଟ ସ୍ଥାପନ ପାଇଁ ମଞ୍ଜୁରି ମିଳିଥିବା କହିଥିଲେ । ଏହି କାର୍ଯ୍ୟକ୍ରମରେ ଉପେନ୍ଦ୍ର ଯାଦବ, ସୁନିଲ ଗୁପ୍ତା, ସରଗୁଜା କମିଶନର ନରେନ୍ଦ୍ର ଦୁଗା, ଆଇଜି ଦୀପକ କୁମରା ଝା, ଜିଲ୍ଲା ପଞ୍ଚାୟତ ସିଇଓ ଅଭିଷେକ କୁମାର, ବିଧାୟକ ଏବଂ ଜନସାଧାରଣ ଉପସ୍ଥିତ ଥିଲେ ।

# ଶିଳ୍ପ-ବିଧାନସଭା ଆଲୋଚନା ଓଡ଼ିଶାର ବିକାଶ ପାଇଁ ପଥ ପ୍ରଦର୍ଶକ




ନୂଆଦିଲ୍ଲୀ: ଭାରତୀୟ ଶିଳ୍ପ ମହାସଂଘ ଓଡ଼ିଶା, ନୂଆଦିଲ୍ଲୀରେ ଓଡ଼ିଶାର ସାଂସଦଙ୍କ ସହ ଏକ ପାରସ୍ପରିକ ଆଲୋଚନା ଅଧିବେଶନର ଆୟୋଜନ କରିଥିଲା, ଯେଉଁଥିରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ରସଦସ୍ୟଙ୍କ ସହ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ୧୪ ସାଂସଦ ଅଂଶଗ୍ରହଣ କରିଥିଲେ । ଅଧିବେଶନରେ ଦୃଢ଼ ଶିଳ୍ପ ଏବଂ ସରକାରୀ ସହଯୋଗ ମାଧ୍ୟମରେ ଓଡ଼ିଶାର ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ୪ ପ୍ରମୁଖ ପ୍ରାଥମିକତା ଉପରେ ଆଲୋକପାତ କରାଯାଇଥିଲା – ଐତିହ୍ୟ ଏବଂ ପ୍ରାକୃତିକ ସମ୍ପତ୍ତିର ଉପଯୋଗ କରି ପର୍ଯ୍ୟଟନକୁ ବୃଦ୍ଧି କରିବା, ମୂଲ୍ୟବୃଦ୍ଧି ଏବଂ ଗ୍ରାମୀଣ ଆୟ ବୃଦ୍ଧି ପାଇଁ କୃଷିଭିତ୍ତିକ ଶିଳ୍ପକୁ ପ୍ରୋତ୍ସାହିତ କରିବା, ଅର୍ଥ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରବେଶ ମାଧ୍ୟମରେ ସମର୍ଥନ କରିବା, ନିବେଶ ସୁଯୋଗ ସୃଷ୍ଟି କରିବା ଏବଂ ସନ୍ତୁଳିତ ଆଞ୍ଚଳିକ ଅଭିବୃଦ୍ଧିକୁ ଆଗେଇନେବା ପାଇଁ ଜିଲ୍ଲାଭିତ୍ତିକ ଶିଳ୍ପ ସମ୍ଭାବନାର ମାନଚିତ୍ର ପ୍ରସ୍ତୁତ କରିବା । ଅନ୍ତର୍ଭୁକ୍ତ ସରକାର, ଶିଳ୍ପ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ସାଂସଦ, ଉଓଓ ଓଡ଼ିଶା ରାଜ୍ୟ ପରିଷଦ ସଦସ୍ୟ ଏବଂ ବରିଷ୍ଠ ଶିଳ୍ପନେତାଙ୍କ ସକ୍ରିୟ ଯୋଗଦାନ ଦେଖିବାକୁ ମିଳିଥିଲା ଏବଂ ଅଧିବେଶନକୁ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ସୁନୀଲ ଗୁପ୍ତା ପରିଚାଳନା କରିଥିଲେ । ଓଡ଼ିଶାର ଅର୍ଥନୈତିକ ପ୍ରାଥମିକତାକୁ ତ୍ୱରାନ୍ୱିତ କରିବା ଏବଂ ସହାୟକ ନିବେଶ ପରିବେଶକୁ ପ୍ରୋତ୍ସାହିତ ପାଇଁ ନୀତି ନିର୍ଦ୍ଧାରକଙ୍କ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ପ୍ରତିବଦ୍ଧତାକୁ ପୁନଃ ଦୋହରାଇଛି ।

## ଇସିଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ

# ତାଲିକାରୁ ବାଦ୍ ପଡ଼ିଲେ ୩୩୪ ଦଳ




ନୂଆଦିଲ୍ଲୀ: ୨୦୧୯ରୁ ୬ ବର୍ଷ ମଧ୍ୟରେ ଗୋଟିଏ ବି ନିର୍ବାଚନ ଲଢ଼ି ନ ଥିବା ଓ ଅନ୍ୟାନ୍ୟ ସର୍ତ୍ତ ପୂରଣ କରିବାରେ ବିଫଳ ହୋଇଥିବା ୩୩୪ଟି ପଞ୍ଜୀକୃତ ଅଣସ୍ୱୀକୃତ ରାଜନୈତିକ ଦଳକୁ ନିର୍ବାଚନ କମିଶନ (ଇସି) ଶନିବାର ତାଲିକାରୁ ବାଦ୍ ଦେଇଛନ୍ତି । ଏହି ଦଳଗୁଡ଼ିକର କୌଣସିଠାରେ କାର୍ଯ୍ୟାଳୟ ମଧ୍ୟ ନାହିଁ । ମୋଟ ୨,୮୫୪ ପଞ୍ଜୀକୃତ ଅଣସ୍ୱୀକୃତ ରାଜନୈତିକ ଦଳ ମଧ୍ୟରୁ ୩୩୪ ବାଦ୍ ପଡ଼ିବା ପରେ ଏବେ ୨,୫୨୦ ଦଳ ରହିଛନ୍ତି । ବର୍ତ୍ତମାନ ୬ଟି ଜାତୀୟ ଦଳ ସହ ୬୭ଟି ରାଜ୍ୟ ଦଳ ରହିଛି । ଗତ ଜୁନ୍‌ରୁ ଇସି ୩୪୫ଟି ଦଳ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପରେ ଶେଷରେ ୩୩୪ ଦଳଙ୍କୁ ତାଲିକାରୁ ବାଦ୍ ଦେଇଛି ।

# ବାଣିଜ୍ୟ

DSP
ASSET MANAGERS

ମୁମ୍ବାଇ: ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ ଗତିଶୀଳ ବିଷୟ ଉପରେ ଆଧାରିତ କେବଳ ଗୁଣାତ୍ମକ ଷ୍ଟକ ଏବଂ ଆକର୍ଷଣୀୟ ମାର୍କେଟ କ୍ୟାପ୍ ଆବଣ୍ଟନକୁ ସମ୍ମିଶ୍ରିତ କରୁଥିବା ଏହି ଧରଣର ପ୍ରଥମ କମ୍ ମୂଲ୍ୟ ବିଶିଷ୍ଟ ଫ୍ଲେକ୍ସିକ୍ୟାପ ରଣକୌଶଳ ଭାବରେ ଡିଏସ୍‌ପି ନିଫ୍‌ଟି ଫ୍ଲେକ୍ସିକ୍ୟାପ କ୍ୱାଲିଟି ୩୦ ଇଣ୍ଡେକ୍ସ ଫଣ୍ଡ୍ ପ୍ରଚଳନ କରିଛି । ଆମେ ପ୍ରଥମ ଫ୍ଲେକ୍ସିକ୍ୟାପ୍ ଇଣ୍ଡେକ୍ସ ଫଣ୍ଡ୍ ପ୍ରଚଳନ କରୁଛୁ ଯାହା ସମସ୍ତ ମାର୍କେଟ କ୍ୟାପ୍‌ର ୩୦ ଉଚ୍ଚ ଗୁଣମାନର କମ୍ପାନୀରେ ନିବେଶ କରୁଛି ବୋଲି କଲ୍‌ପେନ ପାରେଖ, ମ୍ୟାନେଜିଂ ଡାଇରେକ୍ଟର ଏବଂ ସିଇଓ, ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ କହିଥିଲେ । ଡିଏସ୍‌ପି ନିଫ୍‌ଟି ୫୦୦ ଫ୍ଲେକ୍ସିକ୍ୟାପ କ୍ୱାଲିଟି ୩୦ ଇଣ୍ଡେକ୍ସ ଫଣ୍ଡ୍ ଏକ ସ୍ୱଚ୍ଛ, ନିୟମ ଆଧାରିତ ଆଭିମୁଖ୍ୟକୁ ଉପଯୋଗ କରି ଉଭୟ ଗତିଶୀଳ ଫ୍ଲେକ୍ସିକ୍ୟାପ ଆବଣ୍ଟନ ଏବଂ ଉଚ୍ଚ-ଗୁଣାତ୍ମକ ଷ୍ଟକ ମନୋନୟନକୁ ଏକତ୍ରିତ କରୁଛି । କୋଳାହଳ ହ୍ରାସ, ଜଟିଳତା ଦୂର କରିବା ଏବଂ ନିବେଶକଙ୍କୁ ସମସ୍ତ ମାର୍କେଟ ଚକ୍ରରେ ଅର୍ଥପୂର୍ଣ୍ଣ ଭାବରେ ଅଂଶଗ୍ରହଣ ନିମନ୍ତେ ସହାୟତା କରିବାକୁ ଏହା ଡିଜାଇନ କରାଯାଇଛି, ବୋଲି ଅନିଲ ଘେଲାନି, ସିଏଫ୍‌ଏ- ହେଡ୍- ପାସିଭ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ୍ ପ୍ରଡକ୍ଟସ୍, ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ କହିଥିଲେ ।

# ୧୩ରେ କଟକରେ ପ୍ରଥମ ଜୟଆଲୁକାସ୍ ସୋରୁମ୍‌ର ଶୁଭାରମ୍ଭ

କଟକ, (ଭାସ୍କର ନ୍ୟୁଜ୍): ବିଶ୍ୱର ପସନ୍ଦିତ ଅଳଙ୍କାର ବିକ୍ରେତା, ଜୟଆଲୁକ୍କାସ୍ କଟକରେ ଏହାର ପ୍ରଥମ ସୋରୁମ୍ ଶୁଭାରମ୍ଭ କରିବାକୁ ଯାଇ ଆଜି ଗର୍ବିତ ଅନୁଭବ କରୁଛି, ଯାହା ଦ୍ୱାରା ସେ ବିଶ୍ୱସ୍ତରୀୟ ଅଳଙ୍କାରକୁ ଓଡ଼ିଶାର ଅଧିକରୁ ଅଧିକ ଗ୍ରାହକଙ୍କ ନିକଟକୁ ଆଣିପାରିବା ଏହି ବିଶାଳ ଶୁଭାରମ୍ଭ ୧୩ ଅଗଷ୍ଟ ସନ୍ଧ୍ୟା ୫ଟାରେ ଅନୁଷ୍ଠିତ ହେବ ଏବଂ ଏହା ସାରା ଅଞ୍ଚଳରୁ ଅଳଙ୍କାର ଉତ୍ସାହୀମାନଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଉଛି । ଏହି ବିଶେଷ ଶୁଭାରମ୍ଭକୁ ପାଳନ କରିବା ପାଇଁ, ଜୟଆଲୁକ୍କାସ୍ ଡାଇମଣ୍ଡ ଏବଂ ଅନ୍‌କଟ୍ ଡାଇମଣ୍ଡ ଅଳଙ୍କାର ଉପରେ ୨୫% ରିହାତି ଏବଂ ୧,୦୦,୦୦୦ ଟଙ୍କା ଏବଂ ତାଠାରୁ ଅଧିକ ମୂଲ୍ୟର ସୁନା ଏବଂ ମୂଲ୍ୟବାନ ଷ୍ଟୋନ୍‌ର ଅଳଙ୍କାର ଉପରେ ୫ ଗ୍ରାମ ରୂପା ବାର୍ ପ୍ରଦାନ କରୁଛି । ଆହୁରି ମଧ୍ୟ, ପ୍ରତ୍ୟେକ କ୍ରେତା କେବଳ ଅଫର ଅବଧି ମଧ୍ୟରେ ପ୍ରତ୍ୟେକ କ୍ରୟ ସହିତ ଏକ ସୁନିଶ୍ଚିତ ମାଗଣା ଉପହାର ପାଇବେ । ଯୋଜନାବଦ୍ଧ ଭାବରେ ଅବସ୍ଥିତ ଏବଂ ଆନ୍ତର୍ଜାତୀୟ ମାନଦଣ୍ଡ ଅନୁଯାୟୀ ଡିଜାଇନ୍ ହୋଇଥିବା ଆଗାମୀ ଶୁଭାରମ୍ଭ ବିଷୟରେ ନିଜର ମତାମତ ଦେଇ ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡକ୍ଟର ଜୟ ଆଲୁକ୍କାସ୍‌କ କହିଛନ୍ତି, ନ୍ତଆମେ କଟକରେ ଜୟଆଲୁକ୍କାସ୍‌କୁ ଆଣି ବହୁତ ଖୁସି, ଏହା ଏକ ପରମ୍ପରାରେ ପରିପୂର୍ଣ୍ଣ ସହର ଏବଂ ଏହା ସୂକ୍ଷ୍ମ କାରିଗରୀ ପାଇଁ ଜଣାଶୁଣା । ଜୟଆଲୁକ୍କାସ୍‌ରେ, ଆମେ ଯେ କେବଳ ଅସାଧାରଣ ଅଳଙ୍କାର ଅଫର୍ କରିବା ପାଇଁ ଉତ୍ସର୍ଗୀବ ର୍ଗୀକୃତ ତାହା ନୁହେଁ, ବରଂ ଆମର ଗ୍ରାହକମାନେ ଏହାକୁ ଅଧିକ ଭାବରେ ପସନ୍ଦ କରିବେ। ଶୁଭାରମ୍ଭ ଉତ୍ସବରେ ଆମ ସହିତ ଯେ ଏବଂ ଜୟଆଲୁକ୍କାସ୍ ରେ ସଫିର ଆନନ୍ଦ ନେବା ପାଇଁ ଆମେ ସମସ୍ତଙ୍କୁ ଆନ୍ତରିକତାର ସହ ସ୍ୱାଗତ କରୁଛୁ ।'

Joyalukkas
World's favourite jeweller


## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ

ପୁରୁଷୋତ୍ତମପୁର, (ଗଞ୍ଜାମ) ପିନ୍- ୭୬୧୦୧୮
ଇ. ମେଲ୍: eo-nacpurushottampur@gov.in / purushottampurnac@gmail.com
ଫୋନ୍ ନଂ - ୦୬୮୧୧-୨୯୪୨୨୨

**ଭାରତର ସ୍ୱାଧୀନତା ଦିବସ ଅବସରରେ ମା ତୁଝେ ସାଲାମ କାର୍ଯ୍ୟକ୍ରମ ମାଧ୍ୟମରେ ବୀର ସୈନିକଙ୍କ ସମ୍ମାନାର୍ଥେ ବାର୍ତ୍ତା**

ପବିତ୍ର ୭୯ତମ ଭାରତର ସ୍ୱାଧୀନତା ଦିବସ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ପୁରୁଷୋତ୍ତମପୁର ଦ୍ୱାରା **ଓଡ଼ିଶା ଭାସ୍କର** ସମ୍ବାଦପତ୍ର ମାଧ୍ୟମରେ **"ମାଁ ତୁଝେ ସଲାମ"** କାର୍ଯ୍ୟକ୍ରମ ପାଳନ ଅତି ଉତ୍ସାହ ଓ ଗର୍ବର ସହିତ ଆମ ଦେଶପାଇଁ ନିଜ ଜୀବନ ଅର୍ପଣ କରିଥିବା ବୀର ସୈନିକମାନଙ୍କ ତ୍ୟାଗ ଓ ସାହସକୁ ପୁରୁଷୋତ୍ତମପୁର ସହରର ସମସ୍ତ ବର୍ଗର ନାଗରିକମାନଙ୍କ ତରଫରୁ ବିଜ୍ଞାପିତ ଅଞ୍ଚଳ ପରିଷଦ, ପୁରୁଷୋତ୍ତମପୁର କାର୍ଯ୍ୟାଳୟ ଶ୍ରଦ୍ଧାଞ୍ଜଳି ଜଣାଇ ସତ ସତ ନମନ କରୁଅଛି । ଏହି ଅବସରରେ କାର୍ଯ୍ୟାଳୟ ପକ୍ଷରୁ ଉତ୍ସର୍ଗ,ସମର୍ପଣ ଓ ଦେଶ ପ୍ରେମର ମୂଲ୍ୟବାନ ସନ୍ଦେଶ ଦୈନିକ ଖବର କାଗଜ ଭାସ୍କରର ଅଗଣିତ ପାଠକ ଓ ଶୁଭେଚ୍ଛୁଙ୍କୁ ଅଭିବାଦନ ପ୍ରଦାନ କରୁଛୁ । ଯାହା ଦେଶର ବୀର ସୈନ୍ୟଙ୍କ ସମ୍ମାନାର୍ଥେ ପାଳନ କେବଳ ଏକ କାର୍ଯ୍ୟକ୍ରମ ନୁହେଁ ବରଂ ରାଷ୍ଟ୍ର ପ୍ରତି ଆମ ଦାୟିତ୍ୱର ପ୍ରତୀକ ଭାବରେ ସହରର ସମସ୍ତ ନାଗରିକ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ, ବ୍ୟବସାୟୀ, ସାମ୍ବାଦିକ, ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତା, ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷ ଓ ସାଧାରଣ ଜନତା ସୁନ୍ଦର ଓ ସବୁଜ ପୁରୁଷୋତ୍ତମପୁର ସହର ନିର୍ମାଣରେ ସହଯୋଗ ଓ ଅନନ୍ୟ ଅବଦାନ ପ୍ରଦାନ କରୁଥିବା ଯୋଗୁଁ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ କୃତଜ୍ଞତା ଜ୍ଞାପନ କରୁଅଛୁ ।

- ସର୍ବସାଧାରଣ ରାସ୍ତା, ନାଳ ଓ ସରକାରୀ ଜାଗାକୁ ବେଆଇନଭାବେ ଜବରଦଖଲ କରି ଗମନାଗମନ ଓ ସହରର ଉନ୍ନତିକରଣରେ ବାଧା ସୃଷ୍ଟି କରନ୍ତୁ ନାହିଁ ।
- ସମସ୍ତ ଗୃହଟିକସ ଦାତା ଏବଂ ବାଣିଜ୍ୟ ପ୍ରତିଷ୍ଠାନ, ଠିକ ସମୟରେ ଗୃହ ଟିକସ, ବାଣିଜ୍ୟ ଲାଇସେନ୍ସ, ୟୁଜର ଫିଜ୍ ଠିକ୍ ସମୟରେ ପୈଠ କରନ୍ତୁ ଏବଂ ନୂତନ ଭାବେ ନିର୍ମାଣ କରୁଥିବା ଗୃହର ନକ୍ସା କାର୍ଯ୍ୟାଳୟରେ ଅନୁମୋଦନ କରାଇ ନିଅନ୍ତୁ ।
- ପରିଷଦ ଅଞ୍ଚଳ ମଧ୍ୟରେ ନୂତନ ଭାବେ ନିର୍ମାଣ କରାଯାଉଥିବା ବିଭିନ୍ନ ସ୍ୱତନ୍ତ୍ର ଉନ୍ନୟନ ଅଞ୍ଚଳରେ ନୂତନ ଜାଗା କ୍ରୟ କରିବା ସମୟରେ ସ୍ୱତନ୍ତ୍ର ଉନ୍ନୟନ ଅଧିକାରୀ ପୁରୁଷୋତ୍ତମପୁରଙ୍କ ଦ୍ୱାରା ଉକ୍ତ ଅଞ୍ଚଳ ଅନୁମୋଦନ ହୋଇଥିଲେ ହିଁ ଗୃହ ଉପଯୋଗୀ ଜାଗା କ୍ରୟକରି ଗୃହ ନିର୍ମାଣ କରନ୍ତୁ।
- ସମସ୍ତ ନୂତନ ଉନ୍ନୟନ ଅଞ୍ଚଳର ଡେଭେଲପର/ ବାସଗୃହ ଉପଯୁକ୍ତ ପ୍ଲଟ ବିକ୍ରେତା ନିଜନିଜର ବିକ୍ରି ଉପଯୋଗୀ ଜାଗା ସ୍ୱତନ୍ତ୍ର ଉନ୍ନୟନ ଅଧିକାରୀ ପୁରୁଷୋତ୍ତମପୁରଙ୍କ ଠାରୁ ସମ୍ପୃକ୍ତ ଅଞ୍ଚଳ ଅନୁମୋଦନ ପରେ ହିଁ ପ୍ଲଟ ବିକ୍ରୟ କରନ୍ତୁ ।
- ସହରରୁ ନିର୍ଗତ ହେଉଥିବା ଅଳିଆ ଆବର୍ଜନାକୁ ଓଦା ଓ ଶୁଖିଲା ପୃଥକୀକରଣ ପାଇଁ ନୀଳ ଓ ସବୁଜ ନୀଳ ରଙ୍ଗର ଦୁଇଟି ଡଷ୍ଟବିନ ବ୍ୟବହାର କରି ପରିଷଦର ଅଳିଆ ସଂଗ୍ରହକାରୀ ଗାଡିରେ ପ୍ରଦାନ କରନ୍ତୁ ।
- ଗୃହ ପାଳିତ ପଶୁ ଗାଈ, ଗୋରୁ, ମଇଁଷି ଇତ୍ୟାଦି ସର୍ବସାଧାରଣ ରାସ୍ତାକୁ ଛାଡନ୍ତୁ ନାହିଁ ।
- ସର୍ବଦା ପାଇଖାନା ବ୍ୟବହାର କରନ୍ତୁ ଓ ପାଇଖାନା ସଫା ପାଇଁ ପରିଷଦର ପାଇଖାନା ସଫେଇ ଯାନ ଦ୍ୱାରା ପାଇଖାନା ମଳ ସଫା କରନ୍ତୁ ।
- ସହରରେ ଏକ ସୁନ୍ଦର ସବୁଜ ବଳୟ ସୃଷ୍ଟି କରିବାକୁ ଲଗାଯାଇଥିବା ବିଭିନ୍ନ ପ୍ରକାର ଗଛ ଡାଳର ଯତ୍ନବାନରେ ସବୁଜ ସୁନ୍ଦର ପୁରୁଷୋତ୍ତମପୁର ଗଠନରେ ସହଯୋଗ କରନ୍ତୁ ।
- ପରିଷଦର ସମସ୍ତ ସ୍ଥାବର, ଅସ୍ଥାବର ସମ୍ପତ୍ତି ଆପଣମାନଙ୍କ ସେବାରେ, ଏଣୁ ଏହାର ସୁରକ୍ଷା ଓ ଉନ୍ନତିରେ ସହଯୋଗ ପ୍ରଦାନ କରନ୍ତୁ ।

**"ଆସନ୍ତୁ ଏକତା ଓ ଉତ୍ସାହର ସହିତ ଆମ ସହରର ସୁନିୟୋଜିତ ବିକାଶରେ ନିଜେ ଅବଦାନ ଦେବା, ଆମ ସହରକୁ ଏକ ନୂତନ , ଆଧୁନିକ ଓ ସୁସଂଗଠିତ ସହର ଭାବେ ଗଢି ତୋଳିବା"**



ଶ୍ରୀ ଗୋବିନ୍ଦ ଡ଼ନସେନା, ଓ.ପ୍ର.ସେ. (ଜେ.ବି-୧)
କାର୍ଯ୍ୟ ନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଞ୍ଚଳ ପରିଷଦ, ପୁରୁଷୋତ୍ତମପୁର



ଶ୍ରୀ କୃଷ୍ଣ ଚନ୍ଦ୍ର ପଣ୍ଡା, ଅଧ୍ୟକ୍ଷ
ବିଜ୍ଞାପିତ ଅଞ୍ଚଳ ପରିଷଦ,
ପୁରୁଷୋତ୍ତମପୁର

ଏବଂ ପରିଷଦର ସମସ୍ତ ସଭ୍ୟ/ସଭ୍ୟା ବୃନ୍ଦ








'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ୍ ଏବଂ ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



ଅନ୍ୱିତା କାଡ୍ରାକା
ବ୍ଲକ୍ ଅଧ୍ୟକ୍ଷା, କଲ୍ୟାଣସିଂହପୁର




'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ୍ ଏବଂ ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

OMC
M/S. OM CONSTRUCTION
INDIRA NAGAR, RAYAGADA



'ଓଡ଼ିଶା ଭାସ୍କର'ର ମା' ତୁଝେ ସଲାମ୍ ଏବଂ ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



ଗଣେଶ ଶବର
ଗୋଷ୍ଠୀ ଶିକ୍ଷା ଅଧିକାରୀ, ଚନ୍ଦ୍ରପୁର ବ୍ଲକ୍

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତ ପ୍ରଥମ ଥର ଲାଗି ଇଣ୍ଡିଆନ୍ ଓପନ୍ ବିଶ୍ୱ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ବ୍ରୋଞ୍ଜ ପ୍ରତିଯୋଗିତା ଆୟୋଜନ କରୁଛି। ଏହି ପ୍ରତିଯୋଗିତାର ଆୟୋଜନ କଳିଙ୍ଗ ଷ୍ଟାଡିୟମ୍‌ରେ ରବିବାର ଅନୁଷ୍ଠିତ ହେବ। ଏଥିଲାଗି ଭାରତ ସହ ୧୭ ଦେଶର ୧୬୦ ପ୍ରତିଯୋଗୀ ଭୁବନେଶ୍ୱର ପହଞ୍ଚି ସାରିଲେଣି। ଓଡ଼ିଶା ସରକାର ଏହି ପ୍ରତିଯୋଗିତା ଆୟୋଜନ ଅଧିକାର ପାଇଥିବାରୁ ରାଜ୍ୟବାସୀ ମଧ୍ୟ ବହୁଦିନ ପରେ ଏକ ଅନ୍ତର୍ଜାତୀୟ ଆଥ୍‌ଲେଟିକ୍ସ ପ୍ରତିଯୋଗିତା ଦେଖିବାର ସୁଯୋଗ ପାଇଛନ୍ତି। ସରକାର ମଧ୍ୟ ଷ୍ଟାଡିୟମ୍‌ର ପ୍ରବେଶ ଦେୟମୁକ୍ତ ରଖିଛନ୍ତି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଆସି ନଥିଲେ ମଧ୍ୟ ଅଲିମ୍ପିକ୍ସ ବିଜେତା ଜାଭଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା ନିଜର ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି। ଆୟୋଜନ ଲାଗି ଭାରତ ସରକାର, ଓଡ଼ିଶା ସରକାର ଓ ସର୍ବଭାରତୀୟ ଦୌଡ଼କୁଦ ମହାସଂଘକୁ ଧନ୍ୟବାଦ ଦେଇଛନ୍ତି। ସମସ୍ତ ପ୍ରତିଯୋଗୀଙ୍କୁ ସଫଳତା ଲାଗି ଶୁଭକାମନା ଜଣାଇଛନ୍ତି। ଏଥିସହ ବହୁ ସଂଖ୍ୟାରେ ଷ୍ଟାଡିୟମ୍ ଆସି ଏହି ଅନ୍ତର୍ଜାତୀୟ ଇଭେଣ୍ଟର ମଜା ଉଠାଇବା ସହ ଖେଳାଳିଙ୍କୁ ସମର୍ଥନ କରିବାକୁ ଦର୍ଶକମାନଙ୍କୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ କଳିଙ୍ଗ ଷ୍ଟାଡିୟମ୍ ପୂର୍ବରୁ ୨୦୧୭ ମସିହାରେ ଏସିଆନ୍ ଆଥ୍‌ଲେଟିକ୍ସ ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରିସାରିଛି।

## ଓସିଏ ସ୍କୋରର ଏଜୁକେଶନ ଏବଂ ଆସେସ୍‌ମେଣ୍ଟ କର୍ମଶାଳା




କଟକ(ଭାସ୍କର ନ୍ୟୁଜ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ସ୍କୋରର ଏଜୁକେଶନ୍ ଆଣ୍ଡ ଆସେସ୍‌ମେଣ୍ଟ ୱାର୍କସପ୍ ଗତ ୮ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ କଟକସ୍ଥିତ ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେଉଛି । ଶୁକ୍ରବାର ଏହି କାର୍ଯ୍ୟକ୍ରମରେ ଜ୍ଞାନ ଏବଂ ଦକ୍ଷତା ବୃଦ୍ଧି ପାଇଁ ପରାମର୍ଶ ଦିଆଯାଇଥିବା ବେଳେ ଭବିଷ୍ୟତର ଖେଳ ପାଇଁ ତାଲିକାଭୁକ୍ତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୋଟ ୬୮ଜଣ ସ୍କୋରର, ୪୦ ନୂତନ ସ୍କୋରର ଏବଂ ୨୮ ଜଣ ପୂର୍ବତନ ସ୍କୋରର ଓସିଏ ପକ୍ଷରୁ ବିଭିନ୍ନ ସ୍ଥାନକୁ ପ୍ରେରଣ କରାଯାଇଛି । ବିସିସିଆଇ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସ୍କୋରର ସି.ଡି.ସୁନିଲ ଏହି ପାଠ୍ୟକ୍ରମର ମୁଖ୍ୟ ଶିକ୍ଷାଦାତା ଭାବେ କାର୍ଯ୍ୟ କରୁଥିବା ବେଳେ ଅନ୍ୟଜଣେ ହେଲେ ଗଣେଶ କର । ଓସିଏର ସିଇଓ ସୁବ୍ରତ କୁମାର ବେହେରା ଯୋଗଦେଇ କ୍ରିକେଟ୍‌ର ସ୍କୋର ଉପରେ ଆଲୋଚନା କରିବା ସହ କ୍ରୀଡ଼ାର ବିକାଶ ସହ ସ୍କୋରରମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଥିଲେ ।

## ଆଜି କଳିଙ୍ଗ ଷ୍ଟାଡିୟମରେ ୱାର୍ଲ୍ଡ ଆଥଲେଟିକ କଣ୍ଟିନେଣ୍ଟାଲ ଟୁର ବ୍ରୋଞ୍ଜ


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତାକାଲି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମରେ ଅନୁଷ୍ଠିତ ହେବାକୁ ଯାଉଛି ୱାର୍ଲଡ ଆଥଲେଟିକ କଣ୍ଟିନେଣ୍ଟାଲ ଟୁର ବ୍ରୋଞ୍ଜ । ଏଥିପାଇଁ ଖେଳାଳିମାନେ ଭୁବନେଶ୍ୱରରେ ପହଞ୍ଚି ଅଭ୍ୟାସ ଆରମ୍ଭ କରିଛନ୍ତି । ଟୁର୍ଣ୍ଣାମେଣ୍ଟକୁ ନେଇ ସମସ୍ତେ ଆଶାବାଦୀ ଥିବା ସହ ଭାରତ ଘରୋଇ ମାଟିରେ ଭଲ ପ୍ରଦର୍ଶନ କରିବ ବୋଲି ଆଶାବାଦୀ ଅଛନ୍ତି ।

## ରୋହିତ-କୋହଲିଙ୍କ ବିନା ଏସିଆ କପ୍-୨୦୨୫




କୋଲକାତା: ଏସିଆ କପ୍ ୯ ସେପ୍ଟେମ୍ବରରୁ ଆରମ୍ଭ ହେବ। ଏଥର ଏସିଆ କପ୍ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ବିନା ଖେଳାଯିବ। ଭାରତୀୟ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ୧୦ ସେପ୍ଟେମ୍ବରରୁ ଅଭିଯାନ ଆରମ୍ଭ କରିବ। ଯେଉଁଠାରେ ପ୍ରଥମ ମ୍ୟାଚ୍ ୟୁଏଇ ବିପକ୍ଷରେ ହେବ। ଦ୍ୱିତୀୟ ମ୍ୟାଚ୍ ପାକିସ୍ତାନ ସହିତ ହେବ। ଏହି ମ୍ୟାଚ୍ ୧୪ ସେପ୍ଟେମ୍ବରରେ ହେବ। ଚଳିତ ବର୍ଷ ଏସିଆ କପ୍ ଟି-୨୦ ଫର୍ମାଟରେ ଆୟୋଜିତ ହେବାକୁ ଯାଉଛି। ଗତ ୨୧ ବର୍ଷ ମଧ୍ୟରେ ଏହା ପ୍ରଥମ ଥର ହେବ ଯେତେବେଳେ କୋହଲି ଏବଂ ରୋହିତଙ୍କ ବିନା ଏସିଆ କପ୍ ଖେଳାଯିବ। ଭାରତୀୟ ଦଳ ୨୦୧୮ ଏବଂ ୨୦୨୩ ରେ ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଏସିଆ କପ୍ ଟାଇଟଲ ଜିତିଥିଲା। ଭାରତୀୟ ଦଳର ଉଭୟ ଷ୍ଟାର ବ୍ୟାଟସମ୍ୟାନ୍ ରୋହିତ ଶର୍ମା ଏବଂ ବିରାଟ କୋହଲି ଟି-୨୦ ଫର୍ମାଟରୁ ଅବସର ନେଇସାରିଛନ୍ତି। ଶେଷ ଥର ପାଇଁ ୨୦୦୪ ମସିହାରେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ବିନା ଏସିଆ କପ୍ ଅନୁଷ୍ଠିତ ହୋଇଥିଲା। ଯେତେବେଳେ ଉଭୟ ଖେଳାଳି ଡେବ୍ୟୁ ମଧ୍ୟ କରି ନଥିଲେ। ସେବେଠାରୁ, ଉଭୟ ଖେଳାଳି ସବୁବେଳେ କୌଣସି ନା କୌଣସି ଏସିଆ କପରେ ଖେଳିଛନ୍ତି। ଏବେ ୨୦ ବର୍ଷ ପରେ ସେମାନଙ୍କୁ ଏହି ଟୁର୍ଣ୍ଣାମେଣ୍ଟରେ ଖେଳୁଥିବାର ଦେଖିବାକୁ ମିଳିବ ନାହିଁ। ବିରାଟ କୋହଲି ଏବଂ ରୋହିତ ଶର୍ମା ଗତ ୨୦ ବର୍ଷ ଧରି ଭାରତୀୟ ଦଳର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଆସିଛନ୍ତି। ଦୁହେଁ ନିଜ ବ୍ୟାଟିଂ ଦ୍ୱାରା ସାରା ବିଶ୍ୱକୁ ପ୍ରଭାବିତ କରିଛନ୍ତି। ଏହା ବ୍ୟତୀତ ଦୁହେଁ ଅନେକ ରେକର୍ଡ ମଧ୍ୟ କରିଛନ୍ତି। ଦୁହେଁ ମିଶି ୨୦୧୦ ମସିହାରେ ଭାରତୀୟ ଦଳକୁ ଏସିଆ କପ୍‌?ର ଚାମ୍ପିଅନ କରାଇଥିଲେ। ରୋହିତ ୨୦୧୬ ମସିହାରେ ଚାମ୍ପିଅନ ହୋଇଥିବା ଦଳର ଅଂଶ ଥିଲେ। ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ, ଭାରତୀୟ ଦଳ ୨୦୧୮ ଏବଂ ୨୦୨୩ ମସିହାରେ ଟାଇଟଲ ଜିତିଥିଲା। ୨୦୧୮ ମସିହାରେ, ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯିବା ପରେ, ରୋହିତ ଶର୍ମା ଦଳର ଦାୟିତ୍ୱ ନେଇଥିଲେ ଏବଂ ଦଳ ପାଇଁ ଟାଇଟଲ ଜିତିଥିଲେ। ୨୦୨୩ ମସିହାରେ, ଉଭୟ ଖେଳାଳି ଚମତ୍କାର ପ୍ରଦର୍ଶନ କରିଥିଲେ। ଫାଇନାଲରେ ଶ୍ରୀଲଙ୍କାକୁ ପରାସ୍ତ କରି ଟାଇଟଲ ଜିତିଥିଲେ। ଟି-୨୦ ଏସିଆ କପରେ ସର୍ବାଧିକ ରନ୍ କରିବାର ରେକର୍ଡ ବିରାଟ କୋହଲିଙ୍କ ନାମରେ ଅଛି। ସେ ଏସିଆ କପରେ ୧୦ଟି ମ୍ୟାଚ୍ ଖେଳିଛନ୍ତି। ଏହି ସମୟ ମଧ୍ୟରେ ସେ ୯ଟି ଇନିଂସରେ ୩ଟି ଅର୍ଦ୍ଧଶତକ ସହିତ ୪୨୯ ରନ କରିଛନ୍ତି। ରୋହିତ ଶର୍ମା ପ୍ରଥମ ଭାରତୀୟ ଖେଳାଳି ଯିଏ ଏକଦିବସୀୟରେ ଏସିଆ କପରେ ଦଶଥର ପଚାଶରୁ ଅଧିକ ରନ୍ କରିଛନ୍ତି। ଉଭୟ ଭାରତ ପାଇଁ ଚମତ୍କାର ପ୍ରଦର୍ଶନ କରିଛନ୍ତି। କିନ୍ତୁ ଏବେ ଏସିଆ କପ ଉଭୟଙ୍କ ବିନା ଖେଳାଯିବ।

## ରାଜସ୍ଥାନ ରୟାଲ୍ସ ଛାଡ଼ିବାକୁ ସାମସନ୍‌ଙ୍କ ଆବେଦନ




ନୂଆଦିଲ୍ଲୀ: ରାଜସ୍ଥାନ ରୟାଲ୍ସର ଅଧିନାୟକ ସଂଜୁ ସାମ୍‌ସନ୍ ଏବେ ଅନ୍ୟ କୌଣସି ଫ୍ରାଞ୍ଚାଇଜ୍ ପାଇଁ ଖେଳିବାକୁ ଯୋଜନା କରିଛନ୍ତି। ଏଥି ପାଇଁ ସେ ୨୦୨୫ ଆଇପିଏଲ୍ ପରେ ପରେ ରାଜସ୍ଥାନ ରୟାଲ୍ସ ମ୍ୟାନେଜ୍‌ମେଣ୍ଟକୁ ଆବେଦନ କରିଥିବା ଜଣାପଡ଼ିଛି। କେଉଁ କାରଣ ପାଇଁ ସାମସନ୍ ଦଳ ଛାଡ଼ିବାକୁ ଆଗ୍ରହୀ ଅଛନ୍ତି ସ୍ପଷ୍ଟ ହୋଇନାହିଁ। ଗତ ଜୁନ୍ ମାସରେ ରାଜସ୍ଥାନ ରୟାଲ୍ସର ୨୦୨୫ ସମୀକ୍ଷା ବୈଠକରେ ଏ ପ୍ରସଙ୍ଗ ଆଲୋଚନା ହୋଇଥିଲେ ବି ଫ୍ରାଞ୍ଚାଇଜ୍ ପକ୍ଷରୁ କୌଣସି ସ୍ପଷ୍ଟ ଉତ୍ତର ଦିଆଯାଇନାହିଁ। ଫ୍ରାଞ୍ଚାଇଜ୍ ମାଲିକ ମନୋଜ ବଦାଲେ କୌଣସି ପ୍ରତିକ୍ରିୟା ରଖିବାକୁ ମନା କରି ଦେଇଛନ୍ତି। ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ଼ଙ୍କୁ ତାଙ୍କ ସହ ଯୋଗାଯୋଗ ଦାୟିତ୍ୱ ଦିଆଯାଇଛି ଏବଂ ତାଙ୍କ ରିପୋର୍ଟ ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି। ସଂଜୁଙ୍କୁ ରାଜସ୍ଥାନ ରୟାଲ୍ସ ମୁକ୍ତ କରିଦେବାକୁ ନିଷ୍ପତ୍ତି ନେଲେ ସେ ଅନ୍ୟ ଫ୍ରାଞ୍ଚାଇଜ୍ ସହ ଟ୍ରେଡ୍ କରିପାରିବେ କିମ୍ବା ନିଲାମକୁ ପ୍ରେରଣ କରିପାରିବେ। ଆଇପିଏଲ୍ ଚୁକ୍ତି ଅନୁସାରେ ଚୂଡ଼ାନ୍ତ ନିଷ୍ପତ୍ତି ଫ୍ରାଞ୍ଚାଇଜ୍ ନେବେ। ଟ୍ରେଡ୍ ବ୍ୟବସ୍ଥାରେ ଦୁଇ ଫ୍ରାଞ୍ଚାଇଜ୍ ଖେଳାଳି ଅଦଳବଦଳ କିମ୍ବା ନଗଦ ଅର୍ଥ ସହ ଯୁକ୍ତି କରିପାରିବେ। ସଂଜୁ ୨୦୧୩ରୁ ୨୦୧୫ ପର୍ଯ୍ୟନ୍ତ ଆରଆର ପାଇଁ ଖେଳିବା ପରେ ଦିଲ୍ଲୀ ଡେୟାର ଡେଭିଲ୍ସ ସହ ୨ ବର୍ଷ ବିତାଇ ୨୦୧୮ରେ ଫେରିଥିଲେ। ୨୦୨୧ରେ ତାଙ୍କୁ ରାଜସ୍ଥାନ ରୟାଲ୍ସ ଅଧିନାୟକ ନିଯୁକ୍ତ କରିଥିବା ବେଳେ ୨୦୨୨ରେ ଦଳ ଫାଇନାଲ୍ ଯୋଗ୍ୟତା ଅର୍ଜନ କରିଥିଲା। ସେହିବର୍ଷ ଅରେଞ୍ଜ ଓ ପର୍ପଲ୍ କ୍ୟାପ୍ ବିଜେତା ଦୁଇ ପ୍ରମୁଖ ଖେଳାଳି ଜୋସ୍ ବଟଲର୍ ଓ ଯୁଜବେନ୍ଦ୍ର ଚହଲଙ୍କୁ ଦଳ ୨୦୨୫ ମେଗା ନିଲାମ ପୂର୍ବରୁ ଛାଡ଼ି ଦେଇଥିଲା। ଆ ?ଆ ? କିନ୍ତୁ ରଖିଥିବା ୬ ଖେଳାଳିଙ୍କ ମଧ୍ୟ ?ରେ ସଂଜୁ ସାମିଲ ଥିଲେ। ତାଙ୍କୁ ୧୮ କୋଟିରେ ରଖିଥିଲା ଆ ?ଆ ?। ଏବେ କିନ୍ତୁ ଆ ?ଆ ? ନିକଟରେ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ୨/୩ ମାସ ସମୟ ରହିଛି।

## ଏସିଆ କପ୍‌ରେ ଭାରତ-ପାକିସ୍ତାନ ଖେଳିବା ନେଇ ଦ୍ୱନ୍ଦ୍ୱ ନାହିଁ

ନୂଆଦିଲ୍ଲୀ: ସେପ୍ଟେମ୍ବର ୯ରୁ ୨୮ ତାରିଖ ପର୍ଯ୍ୟନ୍ତ ଏସିଆ କପ୍ ଟ୍ୱେଣ୍ଟି-୨୦ ପ୍ରତିଯୋଗିତା ୟୁଏଇର ଦୁବାଇ ଓ ଆବୁଧାବିରେ ଖେଳାଯିବ। ଏହାର ମୁଖ୍ୟ ଆକର୍ଷଣ ହେଉଛନ୍ତି ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଦଳ ଭାରତ ଓ ପାକିସ୍ତାନ। ପହଲଗାମ ଆତଙ୍କବାଦ ଆକ୍ରମଣ ପରେ ଭାରତ ଏହାର ଜବାବ ପାକିସ୍ତାନକୁ ଦେଇଥିଲା। ଅପରେସନ୍ ସିନ୍ଦୂର ନାମରେ ପାକିସ୍ତାନ ଉପରେ ଆକ୍ରମଣ କରିଥିଲା। ଏହାପରଠୁ ଉଭୟ ଦେଶ ମଧ୍ୟରେ ସମ୍ପର୍କ ଭଲ ନାହିଁ। ନିକଟରେ ଶେଷ ହୋଇଥିବା ବିଶ୍ୱ ଲିଜେଣ୍ଡ୍ସ ଲିଗ୍ ପ୍ରତିଯୋଗିତାରେ ଉଭୟ ଦଳ ଅଂଶଗ୍ରହଣ କରିଥିଲେ। ହେଲେ ଭାରତୀୟ ଖେଳାଳି ପାକିସ୍ତାନ ବିପକ୍ଷରେ ଖେଳିବାକୁ ମନା କରିଦେବାରୁ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ବାତିଲ ହୋଇଥିଲା। ଏହାପରେ ଉଭୟ ଦଳ ସେମିଫାଇନାଲ୍‌ରେ ମୁହାଁମୁହିଁ ହେବାର ସୂଚୀ ଚୂଡ଼ାନ୍ତ ହେଲା। ଭାରତୀୟ ଲିଜେଣ୍ଡ୍ସ 'ଦେଶ ଆଗ' କହି ଏହି ମ୍ୟାଚ୍ ମଧ୍ୟ ଖେଳିଲେନି। ଫଳରେ ପାକିସ୍ତାନ ସହଜରେ ଫାଇନାଲ୍ ସ୍ଥାନ ନିଶ୍ଚିତ କରିଥିଲା। ଭାରତରେ ଆୟୋଜିତ ଏସିଆ କପ୍ ହକିରେ ପାକିସ୍ତାନ ସୁରକ୍ଷା କାରଣ ଦର୍ଶାଇ ଓହରିଯାଇଛି। ଏସବୁ ଭିତରେ ସେପ୍ଟେମ୍ବରରେ ହେବାକୁ ଥିବା ଏସିଆ କପ୍ କ୍ରିକେଟ୍ କପ୍‌ରେ ଉଭୟ ଦଳ ଖେଳିବା ନେଇ ସନ୍ଦେହ ଉପୁଜିଛି। ଏମିରେଟ୍ସ କ୍ରିକେଟ୍ ବୋର୍ଡ ସିଓଓ ସୁଭାନ ଅହମଦ କହିଛନ୍ତି, ଏସିଆ କପ୍‌ରେ ଭାରତ-ପାକିସ୍ତାନ ମ୍ୟାଚ୍ ଖେଳାଯିବା ନେଇ ମୁଁ ଗ୍ୟାରେଣ୍ଟି ଦେଇପାରୁନି। ବିଶ୍ୱ ଲିଜେଣ୍ଡ୍ସ ଲିଗ୍ ପରି ଏସିଆ କପ୍ ଘରୋଇ ପ୍ରତିଯୋଗିତା ନୁହେଁ, ତେଣୁ ଉଭୟ ଦେଶ ଖେଳିବା ନେଇ କୌଣସି ଦ୍ୱନ୍ଦ୍ୱ ନାହିଁ। ଦୁବାଇରେ ଭାରତ ସେପ୍ଟେମ୍ବର ୧୦ ଓ ୧୪ ତାରିଖରେ ଯଥାକ୍ରମେ ୟୁଏଇ ଓ ପାକିସ୍ତାନକୁ ଭେଟିବା ସୂଚୀ ରହିଛି। ପାକିସ୍ତାନ ଖେଳିବା ସ୍ଥିର ହେଲେ ଏହି ପ୍ରତିଯୋଗିତାରେ ଉଭୟ ଦେଶ ୩ ଥର ମୁକାବିଲା କରିବା ସମ୍ଭାବନା ବି ରହିଛି।

## ରିଲିଜ୍ ପାଇଁ ସିଏସ୍‌କେ ମ୍ୟାନଜମେଣ୍ଟକୁ ନିବେଦନ କଲେ ଅଶ୍ୱିନ୍




ନୂଆଦିଲ୍ଲୀ: ଆଇପିଏଲ୍ ୨୦୨୬ ପାଇଁ ସବୁ ଫ୍ରାଞ୍ଚାଇଜ୍ ଏବେଠୁ ନିଜ ପ୍ରସ୍ତୁତି ଆରମ୍ଭ କରିଦେଲେଣି । ଖେଳାଳିମାନେ ବି ଫ୍ରାଞ୍ଚାଇଜ ଆଗରେ ନିଜର ଇଚ୍ଛା ରଖିବା ଆରମ୍ଭ କଲେଣି । କିଛି ଫ୍ରାଞ୍ଚାଇଜ ଖେଳାଳିଙ୍କୁ ଟ୍ରେଡ୍ ନକରି ରଖିବା ପାଇଁ ଚାହୁଁଥିବା ବେଳେ ଅନ୍ୟ କିଛି ଖେଳାଳି ରିଲିଜ୍ କରିବାକୁ ଚାହୁଁଛନ୍ତି । ଏହାରି ଭିତରେ ଅଶ୍ୱିନଙ୍କୁ ନେଇ ଏକ ବଡ଼ ଖବର ସାମନାକୁ ଆସୁଛି । ଅଶ୍ୱିନ ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଖେଳିବାକୁ ଚାହୁଁ ନାହାନ୍ତି । ଦଳରୁ ଅଲଗା ହେବାକୁ ଆବେଦନ କରିଥିବା ନେଇ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି । ଚେନ୍ନାଇ ସୁପର କିଙ୍ଗ୍ସ ମ୍ୟାନେଜମେଣ୍ଟ ତାଙ୍କୁ ମୁକ୍ତ କରନ୍ତୁ ବୋଲି ସେ ଚାହୁଁଛନ୍ତି । ଯଦି ଆର୍ ଅଶ୍ୱିନଙ୍କୁ ରିଲିଜ୍ କରାଯାଏ, ତେବେ ସେ ଆଇପିଏଲ ୨୦୨୬ ନିଲାମକୁ ଯିବେ । ତେବେ ଅଶ୍ୱିନଙ୍କ ଏହି ନିଷ୍ପତ୍ତି ପଛର କାରଣ କ'ଣ ତାହା ଏକ ବଡ଼ ପ୍ରଶ୍ନ । ଅଶ୍ୱିନ ଚେନ୍ନାଇ ପାଇଁ ଖେଳିବାକୁ କାହିଁକି ଚାହୁଁ ନାହାନ୍ତି ତାହାର କାରଣ ଜଣା ନାହିଁ, କିନ୍ତୁ ଦାବି କରାଯାଉଛି ଯେ ବାମହାତୀ ଅଭିଜ୍ଞ ସ୍ପିନର ଏବେ ନିଲାମକୁ ଯିବାକୁ ଚାହୁଁଛନ୍ତି । ଅଶ୍ୱିନ ୧୦ ବର୍ଷ ପରେ ଚେନ୍ନାଇ ଦଳକୁ ଫେରିଥିଲେ । ଆଇପିଏଲ୍ ୨୦୨୫ ନିଲାମରେ, ଅଶ୍ୱିନଙ୍କୁ ଚେନ୍ନାଇ ସୁପର କିଙ୍ଗସ ୯.୭୫ କୋଟି ଟଙ୍କାରେ କିଣିଥିଲା, କିନ୍ତୁ ଟୁର୍ଣ୍ଣାମେଣ୍ଟରେ ଏହି ଅଫ୍-ସ୍ପିନର ପ୍ରଦର୍ଶନ ସେତେଟା ପ୍ରଭାବୀ ନଥିଲା । ଆଇପିଏଲ୍ ୨୦୨୫ ଅଶ୍ୱିନଙ୍କ ପାଇଁ ନିରାଶଜନକ ଥିଲା । ଟିମ୍ ପାଇଁ ସେ କେବଳ ୯ଟି ମ୍ୟାଚ୍ ଖେଳି ୭ଟି ୱିକେଟ୍ ନେଇପାରିଥିଲେ । ବଡ଼ କଥା ହେଉଛି ଅଶ୍ୱିନଙ୍କ ଇକୋନୋମି ରେଟ୍ ପ୍ରତି ଓଭରରେ ୯.୧୩ ରନ୍ ଥିଲା । ଅଶ୍ୱିନ ୧୮୬ ବଲ୍‌ରେ ୨୮୩ ରନ୍ ଦେଇଥିଲେ । ଅନ୍ୟପଟେ ବ୍ୟାଟିଂରେ ୯ଟି ମ୍ୟାଚ୍‌ରେ କେବଳ ୩୩ ରନ୍ କରିଥିଲେ । ଏବେ ପ୍ରଶ୍ନ ହେଉଛି ଅଶ୍ୱିନ ନିଲାମକୁ ଯିବାକୁ କାହିଁକି ଚାହୁଁଛନ୍ତି ? ତାଙ୍କର ଅନ୍ୟ କୌଣସି ଦଳ ସହିତ କୌଣସି ଆଲୋଚନା ହୋଇଛି କି ? କିନ୍ତୁ ଏହା ସ୍ପଷ୍ଟ ଯେ ଭାବିଚିନ୍ତି ସତର୍କତାର ସହ ବିଚାର କରି ଏହି ନିଷ୍ପତ୍ତି ନେଇଛନ୍ତି । ଯଦି ମୋଟ ଉପରେ ଦେଖିବା ତେବେ ଆଇପିଏଲରେ ଅଶ୍ୱିନଙ୍କ ପ୍ରଦର୍ଶନ ଚମତ୍କାର ରହିଛି । ୨୨୧ ମ୍ୟାଚ୍‌ରେ ସେ ୧୮୭ ୱିକେଟ୍ ନେଇଛନ୍ତି । ଅଶ୍ୱିନଙ୍କ ଇକୋନୋମି ରେଟ୍ ୭.୨୦ ଯାହା ଯେକୌଣସି ସ୍ପିନର ତୁଳନାରେ ଭଲ ।


## ନ୍ୟୁଜିଲାଣ୍ଡ ହାସଲ କଲା ଟେଷ୍ଟ ଇତିହାସରେ ୩ୟ ସବୁଠାରୁ ବଡ଼ ବିଜୟ



ବୁଲାୱାୟୋ: ଟେଷ୍ଟ କ୍ରିକେଟ ଇତିହାସରେ ୩ୟ ସବୁଠାରୁ ବଡ଼ ବିଜୟ ହାସଲ କରିଛି ନ୍ୟୁଜିଲାଣ୍ଡ । ଜିମ୍ବାୱେକୁ ଗୋଟିଏ ପାଳି ଓ ୩୫୯ ରନରେ ପରାସ୍ତ କରି ନ୍ୟୁଜିଲାଣ୍ଡ ଏହି ସଫଳତା ହାସଲ କରିଛି । ଏହା ସହିତ ୨ ଟିକିଆ ଟେଷ୍ଟ ସିରିଜକୁ ୨-୦ରେ ହାତେଇଛି ନ୍ୟୁଜିଲାଣ୍ଡ । ସ୍ଥାନୀୟ କ୍ୱିନ୍ସ ସ୍ପୋର୍ଟ୍ସ କ୍ଲବଠାରେ ଖେଳାଯାଇଥିବା ଏହି ମ୍ୟାଚରେ ଜିମ୍ବାୱେ ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । କିନ୍ତୁ ଦଳ ନିଜର ପ୍ରଥମ ଇନିଂସରେ ମାତ୍ର ୧୨୫ରନ କରି ଅଲଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ବ୍ରେଣ୍ଡନ ଟେଲର ସର୍ବାଧିକ ୪୪ ରନ କରିଥିଲେ । ନ୍ୟୁଜିଲାଣ୍ଡ ପକ୍ଷରୁ ମାଟ୍ ହେନେରି ୫ଟି ଓ ଜାକାରି ଫୋଲକେସ ୪ଟି ୱିକେଟ ନେଇଥିଲେ । ଟେଷ୍ଟ ଇତିହାସର ସବୁଠାରୁ ବଡ଼ ବିଜୟ ଇଂଲଣ୍ଡ ନାମରେ ରହିଛି । ୧୯୩୮ରେ ଇଂଲଣ୍ଡ ଅଷ୍ଟ୍ରେଲିଆକୁ ଇନିଂସ ଓ ୫୭୯ ରନରେ ପରାସ୍ତ କରିଥିଲା । ସେହିପରି ୨ୟ ବଡ଼ ବିଜୟ ଅଷ୍ଟ୍ରେଲିଆ ନାମରେ ରହିଛି । ୨୦୦୨ରେ ଏହି ଦଳ ଦକ୍ଷିଣ ଆଫ୍ରିକାକୁ ଇନିଂସ ଓ ୩୬୦ ରନରେ ପରାସ୍ତ କରିଥିଲା । ଅର୍ଥାତ ୨ୟ ଓ ୩ୟ ବଡ଼ ବିଜୟ ମଧ୍ୟରେ ମାତ୍ର ୧ ରନର ବ୍ୟବଧାନ ରହିଛି । ଏହାର ଜବାବରେ ନ୍ୟୁଜିଲାଣ୍ଡ ନିଜର ପ୍ରଥମ ଇନିଂସରେ ୬୦୧ ରନ କରିଥିଲା । ଦଳ ପକ୍ଷରୁ ଦେଭନ କନୱେ, ହେନରୀ ନିକୋଲ୍ସ ଓ ରାଚିନ ରବୀନ୍ଦ୍ର ୧୫୦ରୁ ଅଧିକ ଲେଖାଏଁ ରନର ଇନିଂସ ଖେଳିଥିଲେ । ୨ୟ ଇନିଂସରେ ମଧ୍ୟ ଜିମ୍ବାୱେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୧୭ ରନରେ ଅଲଆଉଟ ହୋଇଯାଇଥିଲା । ଫଳରେ ନ୍ୟୁଜିଲାଣ୍ଡ ଇନିଂସ ଓ ୩୫୯ ରନରେ ମ୍ୟାଚ ଜିତିନେଇଥିଲା । ଟେଷ୍ଟ ଇତିହାସର ସବୁଠାରୁ ବଡ଼ ବିଜୟ ଇଂଲଣ୍ଡ ନାମରେ ରହିଛି । ୧୯୩୮ରେ ଇଂଲଣ୍ଡ ଅଷ୍ଟ୍ରେଲିଆକୁ ଇନିଂସ ଓ ୫୭୯ ରନରେ ପରାସ୍ତ କରିଥିଲା । ସେହିପରି ୨ୟ ବଡ଼ ବିଜୟ ଅଷ୍ଟ୍ରେଲିଆ ନାମରେ ରହିଛି । ୨୦୦୨ରେ ଏହି ଦଳ ଦକ୍ଷିଣ ଆଫ୍ରିକାକୁ ଇନିଂସ ଓ ୩୬୦ ରନରେ ପରାସ୍ତ କରିଥିଲା । ଅର୍ଥାତ ୨ୟ ଓ ୩ୟ ବଡ଼ ବିଜୟ ମଧ୍ୟରେ ମାତ୍ର ୧ ରନର ବ୍ୟବଧାନ ରହିଛି ।

## ବେଞ୍ଜାମିନ ସେସ୍କୋ ମାଞ୍ଚେଷ୍ଟର ୟୁନାଇଟେଡର ୮୫ ମିଲିୟନ ୟୁରୋ ଖେଳାଳି

ନୂଆଦିଲ୍ଲୀ : ସ୍ଲୋଭେନିଆନ୍ ଫରୱାର୍ଡ ବେଞ୍ଜାମିନ ସେସ୍କୋଙ୍କୁ ୟୁନାଇଟେଡ୍ ,ଆର୍ ବି ଲିପଜିଗରୁ ୮୫ ନିୟୁତ ୟୁରୋ (୯୯ ନିୟୁତ ଡଲାର)ରେ ସାଇନ୍ କରିଛି ମାଞ୍ଚେଷ୍ଟର , ଯାହା ଏହି ଅଫ୍ ? ସିଜନରେ ସେମାନଙ୍କର ତୃତୀୟ ଫରୱାର୍ଡ ସାଇନ୍ ହୋଇଛି ,କାରଣ ସେମାନେ ସେମାନଙ୍କର ସବୁଠାରୁ ଖରାପ ପ୍ରିମିୟର ଲିଗ୍ ସିଜନରୁ ମୁକ୍ତ ହେବାକୁ ଲକ୍ଷ୍ୟ ରଖିଛନ୍ତି। ୨୨ ବର୍ଷୀୟ ଏହି ଷ୍ଟ୍ରାଇକର ଶନିବାର କ୍ଲବ ସହିତ ପାଞ୍ଚ ବର୍ଷର ଚୁକ୍ତି ପାଇଁ ରାଜି ହୋଇଛନ୍ତି। ଗତ ସିଜନରୁ ୟୁନାଇଟେଡ୍ ସେମାନଙ୍କର ସ୍କୋରିଂ ସମସ୍ୟାକୁ ସମାଧାନ କରିବାକୁ ଚେଷ୍ଟା କରୁଥିବା ବେଳେ ଏହି ଚୁକ୍ତିନାମା ହୋଇଛି,ଯେଉଁଠାରେ ସେମାନେ ପ୍ରିମିୟର ଲିଗରେ ୧୫ତମ ସ୍ଥାନରେ ରହି ରେଲିଗେସନ୍ ଜୋନ୍ ଠାରୁ ମାତ୍ର ତିନି ସ୍ଥାନ ଉପରେ ରହିଥିଲେ। ଏହା ଆଧୁନିକ ଯୁଗରେ ସେମାନଙ୍କର ସର୍ବନିମ୍ନ ଫଳାଫଳ ଥିଲା, ମାତ୍ର ୪୨ ପଏଣ୍ଟ ସହିତ। କୋଚ୍ ରୁବେନ ଆମୋରିମଙ୍କ ଏକ ବଡ଼ ପରିବର୍ତ୍ତନର ଅଂଶ ଭାବରେ ସେସ୍କୋ ନୂଆ ଫରୱାର୍ଡ ମାଥ୍ୟୁସ୍ କୁନହା ଏବଂ ବ୍ରାୟାନ୍ ମବେଉମୋଙ୍କ ସହ ଯୋଗ ଦେଇଛନ୍ତି। ଦଳର ପୂର୍ବ ଷ୍ଟ୍ରାଇକର, ରାସମୁସ୍ ହୋଜଲୁଣ୍ଡ ଏବଂ ଜୋଶୁଆ ଜିର୍କଜି, ଗତ ସିଜନରେ ସମସ୍ତ ପ୍ରତିଯୋଗିତାରେ ମିଳିତ ଭାବରେ କେବଳ ୧୮ ଗୋଲ୍ କରି ପାରି ଥିଲେ। ପ୍ରିମିୟର ଲିଗର ସବୁଠାରୁ କମ ସ୍କୋର କରୁଥିବା ଦଳମାନଙ୍କ ମଧ୍ୟରେ ୟୁନାଇଟେଡର ଗୋଲ ପାଇଁ ସଂଘର୍ଷ ସ୍ପଷ୍ଟ ଦେଖା ଯାଉ ଥିଲା, କେବଳ ଚାରିଟି ଦଳ କମ୍ ଗୋଲ ସ୍କୋର କରିଥିଲେ, ଯେଉଁଥିରେ ତିନୋଟି ରେଲିଗେଟେଡ୍ କ୍ଲବ ମଧ୍ୟ ସାମିଲ ଥିଲା। ପ୍ରିମିୟର ଲିଗ ଯୁଗରେ ଦଳଟି କ୍ଲବ ରେକର୍ଡ ୧୮ଟି ପରାଜୟର ସମ୍ମୁଖୀନ ହୋଇଥିଲା। ୧.୯୫ ମିଟର ଉଚ୍ଚତା ବିଶିଷ୍ଟ ସେସ୍କୋଙ୍କର ପୂର୍ବତନ ୟୁନାଇଟେଡ୍ ଷ୍ଟ୍ରାଇକର ଜଲାଟାନ୍ ଇବ୍ରାହିମୋଭିଚ୍ ?ଙ୍କ ସହ ତୁଳନା କରାଯାଏ । ଲିପଜିଗ୍‌ରେ ତାଙ୍କର ରେକର୍ଡ ତାଙ୍କ ପ୍ରଥମ ସିଜନ୍ ?ରେ ୧୪ ଏବଂ ପରବର୍ତ୍ତୀ ସିଜନ୍ ?ରେ ୧୩ ଗୋଲ ରହିଛି। ସେ ଲିପଜିଗ୍ ଓ ସାଲଜବର୍ଗ ପାଇଁ ୨୮ଟି ଚାମ୍ପିଅନ୍ସ ଲିଗ୍ ?ରେ ୬ଟି ଗୋଲ କରିଥିଲେ। ଏହାସହ ସ୍ଲୋଭେନିଆ ପାଇଁ ୪୧ଟି ମ୍ୟାଚରେ ୧୬ଟି ଗୋଲ କରିଛନ୍ତି।



## କ୍ରୀଡ଼ାର ପ୍ରସାର ପାଇଁ ଜିନ୍ଦଲ ଫାଉଣ୍ଡେସନ୍‌କୁ ଫିକି ପକ୍ଷରୁ ସ୍ପେଶାଲ ଆପ୍ରିସିଏସନ୍ ଆୱାର୍ଡ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କ୍ରୀଡ଼ାର ପ୍ରସାର ପାଇଁ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନକୁ ଫିକି (ଭାରତୀୟ ଶିଳ୍ପ ଓ ବାଣିଜ୍ୟ ମହାସଂଘ) ପକ୍ଷରୁ ସ୍ପେଶାଲ ଆପ୍ରିସିଏସନ ଆୱାର୍ଡ-୨୦୨୫ ପ୍ରଦାନ କରାଯାଇଛି । ଫିକି ଆଦିତ୍ୟ ବିର୍ଲା ସିଏସଆର ସେଣ୍ଟର ଅଫ୍ ଏକ୍ସଲେନ୍ସର ଅଧକ୍ଷା ପଦ୍ମ ଭୂଷଣ ରାଜଶ୍ରୀ ବିର୍ଲା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରିଥିଲେ। ତୃଣମୂଳସ୍ତରରେ କ୍ରୀଡ଼ାର ଉନ୍ନତି ପାଇଁ ବିଶେଷ କରି ଗ୍ରାମାଞ୍ଚଳର ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଜିନ୍ଦଲ ଫାଉଣ୍ଡେସନର ଅଦମ୍ୟ ପ୍ରତିବଦ୍ଧତାକୁ ଏହି ସମ୍ମାନ ସ୍ୱୀକୃତି ପ୍ରଦାନ କରୁଛି । ଜିନ୍ଦଲ ଫାଉଣ୍ଡେସନ ଯୁବ ପ୍ରତିଭାଙ୍କ ଅନ୍ୱେଷଣ ସହ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରିବା, ଭିତ୍ତିଭୂମିର ବିକାଶ କରିବା ଏବଂ ସର୍ବୋପରି ସ୍ଥାନୀୟ ପ୍ରତିଭାମାନଙ୍କ ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାରେ ସହାୟତା କରି ଆସୁଛି । ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନର ଚେୟାରପର୍ସନ୍ ଶାଲୁ ଜିନ୍ଦଲ କହିଛନ୍ତି, ଫିକି ପକ୍ଷରୁ ଏହି ପୁରସ୍କାର ପାଇ ଆମେ ଅତି ଗୌରବାନ୍ୱିତ ଅନୁଭବ କରୁଛୁ। ଆମେ ବିଶ୍ୱାସ କରୁ ଯେ ଚରିତ୍ର ଗଠନ, ଶୃଙ୍ଖଳା ସହ ନେତୃତ୍ୱ ନେବାର କୌଶଳ ଦ୍ୱାରା ଜୀବନରେ ରୂପାନ୍ତରଣ ଆଣିବାର କ୍ଷମତା କ୍ରୀଡ଼ାରେ ରହିଛି। ସମାଜର ପ୍ରତ୍ୟକ ବର୍ଗର ଯୁବଗୋଷ୍ଠୀଙ୍କୁ ସଶକ୍ତ କରିବା ଏବଂ କ୍ରୀଡ଼ା ତଥା ଜୀବନରେ ଉତ୍କର୍ଷ ହାସଲ ପାଇଁ ସେମାନଙ୍କୁ ସୁଯୋଗ ଦେବା ଆମର ଲକ୍ଷ୍ୟ। ଏହି ସ୍ୱୀକୃତି ସାମଗ୍ରିକ ଭାବେ କ୍ରୀଡ଼ା ସଂସ୍କୃତିର ପ୍ରସାର ପାଇଁ ଆମର ଭବିଷ୍ୟତ ଉଦ୍ୟମକୁ ଆହୁରି ମଜଭୁତ କରିବ । ପ୍ରଶାନ୍ତ ହୋତା, ପ୍ରେସିଡେଣ୍ଟ ଜିନ୍ଦଲ ଷ୍ଟିଲ, ଗ୍ରୁପ ମୁଖ୍ୟ - ସିଏସଆର ଏବଂ ଏଜୁକେସନ୍, ଜିନ୍ଦଲ ଷ୍ଟିଲ୍ କହିଛନ୍ତି, ଏହି ପୁରସ୍କାର ଆମ ତୃଣମୂଳ ସହଯୋଗୀ, ପ୍ରଶିକ୍ଷକ ଏବଂ ହଜାର ହଜାର ଯୁବ କ୍ରୀଡ଼ାବିତଙ୍କ ପାଇଁ ସମର୍ପିତ; ଯେଉଁମାନଙ୍କ ଦୃଢ଼ସଙ୍କଳ୍ପର କାହାଣୀ ଆମକୁ ଆମ ଲକ୍ଷ୍ୟ ହାସଲ କରିବାରେ ସବୁଦିନ ପ୍ରେରଣା ଦିଏ। କ୍ରୀଆମର ମଡେଲ କ୍ରୀଡାକୁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଲିଙ୍ଗ ସଶକ୍ତିକରଣ ସହିତ ସମନ୍ୱିତ କରେ - ଏହା ନିଶ୍ଚିତ କରେ ଯେ ଆମର କାର୍ଯ୍ୟକ୍ରମ ଗୁଡିକୁ ପ୍ରଭାବଶାଳୀ କରିଥାଏ । ଆମର ଚେୟାରମ୍ୟାନ ତଥା ସାଂସଦ (କୁରୁକ୍ଷେତ୍ର) ନବୀନ ଜିନ୍ଦଲ, ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଏବଂ ଜିନ୍ଦଲ ଫାଉଣ୍ଡେସନର ଚେୟାରପର୍ସନ୍ ଶ୍ରୀମତୀ ଶାଲୁ ଜିନ୍ଦଲ ଜୀଙ୍କ ମାର୍ଗଦର୍ଶନରେ ଆମେ ତୃଣାମୂଳ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହନ ଦେବା ପାଇଁ ଅତିରିକ୍ତ ପ୍ରୟାସ କରୁଛୁ । କ୍ରୀଡ଼ା ମାଧ୍ୟମରେ ଦେଶ ନିର୍ମାଣ ପାଇଁ ଆମର ପ୍ରତିଶ୍ରୁତିବଦ୍ଧତାକୁ ସ୍ୱୀକୃତି ଦେଇଥିବାରୁ ଆମେ ଫିକି ଏବଂ ରାଜଶ୍ରୀ ବିର୍ଲାଙ୍କ ପ୍ରତି କୃତଜ୍ଞ । ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ ଓ ଅନ୍ୟ ଅଞ୍ଚଳରେ ଜିନ୍ଦଲ ଫାଉଣ୍ଡେସନର କ୍ରୀଡ଼ା ପ୍ରୋତ୍ସାହନ କାର୍ଯ୍ୟ ଜାରି ରହିଛି । କ୍ରୀଡ଼ା କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳର ଶତାଧିକ କ୍ରୀଡ଼ା ପ୍ରତିଭା ତାଲିମ, କ୍ରୀଡ଼ା ଉପକରଣ, ବୃତ୍ତି ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରିବେଶ ପାଇପାରୁଛନ୍ତି। ଫାଉଣ୍ଡେସନ ପକ୍ଷରୁ ତୀରନ୍ଦାଜୀ, ଆଥଲେଟିକ୍ସ, ଫୁଟବଲ, ହକି ଓ ଅନ୍ୟ ଭାରତୀୟ କ୍ରୀଡ଼ା କ୍ଷେତ୍ରରେ ତାଲିମ ପ୍ରଦାନ କରାଯାଉଛି । ବିଶେଷ କରି ବାଳିକା ଓ ଭିନ୍ନକ୍ଷମ କ୍ରୀଡ଼ାବିତଙ୍କୁ ଅଧିକ ପ୍ରୋତ୍ସାହିତ କରାଯାଉଛି । ବର୍ଷ ବର୍ଷ ଧରି, ଜିନ୍ଦଲ ଫାଉଣ୍ଡେସନ ଏହାର ଅନ୍ତର୍ଭୁକ୍ତିମୂଳକ କ୍ରୀଡା ପଦକ୍ଷେପଗୁଡ଼ିକ ଦ୍ୱାରା ୩୦୦୦୦ରୁ ଅଧିକ କ୍ରୀଡା ପ୍ରତିଭାଙ୍କୁ ସହାୟତା କରିଛି । ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଗ୍ରାମାଞ୍ଚଳ, ଛୋଟ ସହର ଏବଂ ଜିଲ୍ଲା ମୁଖ୍ୟାଳୟରେ ଖେଳ ପଡ଼ିଆ, ଇନଡୋର ଏବଂ ଆଉଟଡୋର କୋଚିଂ ସେଣ୍ଟର, ଗ୍ୟାଲେରୀ ଏବଂ ସୁଇମିଂ ପୁଲ ଆଦିର ନିର୍ମାଣ ସହିତ ପ୍ରମୁଖ ଷ୍ଟାଡିୟମରେ ବିଶ୍ୱସ୍ତରୀୟ ସୁବିଧା ଯୋଗାଇବା ପାରି ଅନେକ କ୍ରୀଡା ଭିତ୍ତିଭୂମି ବିକାଶ କରିବାରେ ସହାୟତା କରାଯାଇଛି




## କେନ୍ଦ୍ରାପଡା ପୌର ପରିଷଦ , କେନ୍ଦ୍ରାପଡା

"୭୯ତମ ସ୍ୱାଧୀନତା ଦିବସ" ପାଳନ ଅବସରରେ କେନ୍ଦ୍ରାପଡା ପୌର ପରିଷଦ ତାହାର ସମସ୍ତ କର ଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି ।

### ନିବେଦନ

୧. ସହରର ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରୀ ଚଳିତ ଅଳିଆ ଗାଡ଼ିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରି ଦିଅନ୍ତୁ । ଦିନକୁ ୨ ଥର ଆପଣଙ୍କ ଅଂଚଳକୁ ଏହି ଗାଡି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି । ଅଳିଆ ସଂଗ୍ରହ ଗାଡି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ ।

୨. ରାସ୍ତା ଅବରୋଧ କରି ଇଟା, ଗୋଡି , ମାଟି କିମ୍ବା ବାଲି ରଖନ୍ତୁ ନାହିଁ।

୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ ) ଗିନା , ଥାଳି ଓ କାଗଜ ନିର୍ମିତ ଚା କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି ।ଏସବୁ ବ୍ୟବହାର କରୁଥିବାର ଦେଖାଗଲେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ । ଏଣୁ ଏ ସବୁ ବ୍ୟବହାର ନ କରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ ।

୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧି ୧୫ ଅନ୍ତର୍ଗତ ଆଇନ ଭାଗ ୬ ଅନୁଯାୟୀ ୟୁଜର ଫି ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛ ସାଥି , ସୁପର ଭାଇଜର , ସ୍ୱଚ୍ଛ କର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଭବକେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି। ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫି କୁ ପୌରସଂସ୍ଥା ର କର୍ମଚାରୀଙ୍କ ନିକଟରେ ପୈଠ କରି ପୌର ପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ ।

୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌର ସଂସ୍ଥାର ଗୃହର ନକ୍ସା ଅନୁମୋଦନ କରି ନିଅନ୍ତୁ । ଯଦି ପୂର୍ବରୁ ପୌର ସଂସ୍ଥା ର ବିନା ଅନୁମୋଦନ ଘର ନିର୍ମାଣ କରିସାରିଛନ୍ତି , ଆଗାମୀ ଦିନରେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ ଅନୁମୋଦନ କରି ନିଅନ୍ତୁ ।

ଶ୍ରୀଯୁକ୍ତ ଅଜିତ ନାରାୟଣ ପ୍ରସାଦ ଗିରି
ନିର୍ବାହୀ ଅଧିକାରୀ

ଆକବରୀ ଖାତୁନ
ଉପାଧକ୍ଷା

ଶ୍ରୀମତୀ ସରିତା ସାହୁ
ଅଧକ୍ଷା



## ସ୍ୱାଧୀନତା ଦିବସରେ

✶ ନିରଞ୍ଜନ ସାହୁ

ଅଗଷ୍ଟ ପନ୍ଦରେ ଜାତୀୟ ପତାକା
ଉତ୍ତୋଳନ ହୋଇ ଉଡେ
' ଭାରତ ମାତା କୀ ଜୟ' ଧ୍ୱନି ଶୁଭେ
ପତାକାରୁ ଫୁଲ ଝଡ଼େ ।

ସ୍ୱାଧୀନତା ଆନ୍ଦୋଳନ ବାବଦରେ
ଆଲୋଚନା ହୁଏ ଆଜି
ସ୍ୱାଧୀନ ସନ୍ତାନ ଦେଶରକ୍ଷା ପାଇଁ
ଜୀବନ ଦେବାକୁ ରାଜି
ସଂଗ୍ରାମୀମାନଙ୍କ ତ୍ୟାଗ , ବଳିଦାନ
ଆଜି ଭାରି ମନେପଡେ ।

ସ୍ୱାଧୀନତା ଆମେ ଲାଭ କରିଅଛେ
ବିଦେଶୀ ଶାସନ ଶେଷ
ଦେଶସାରା ଆଜି ପାଳନ ହୁଅଇ
ଉତ୍ସବ ମୁଖର ଦେଶ
ବହୁ କଷ୍ଟଲବ୍ଧ ସ୍ୱାଧୀନତା କଥା
ମାନସପଟକୁ ଗଢ଼େ ।

ପତାକା ତଳରେ ଶପଥ କରନ୍ତି
ସମସ୍ତ ଭାରତବାସୀ
ଦେଶ ଅଖଣ୍ଡତା ବଜାୟ ରଖିବୁ
ସବୁ ବିଭେଦତା ନାଶି
ଶତ୍ରୁକୁ ଦେବୁ ସମୁଚିତ ଶିକ୍ଷା
ଶତ୍ରୁ ଯଦି ଆସି ରଡ଼େ ।

*ନିହଲ ପ୍ରସାଦ , ଗଁଦିଆ ପାଟଣା , ଢେଙ୍କାନାଳ*
*ମୋ: ୯୯୩୮୭୪୧୫୮୩*



# ସୁନା ଝିଅ ସୁଲୋଚନା

ଧିରେନ୍ଦ୍ର ମଲ୍ଲିକ

ସୁଲୋଚନା ବୋଲି ଜଣେ ଝିଅଟିଏ ଥିଲା। ରୂପରେ ଯେମିତି ସୁନ୍ଦର ଗୁଣରେ ତା'ଠୁ ଆହୁରି ଅଧିକ ସୁନ୍ଦର। ଗୋଟେ ଗରିବ ପରିବାରରେ ତା'ର ଜନ୍ମ। ବାପା ରାମବାବୁ ଜଣେ ସ୍କୁଲ ପିଅନ। ଦରମା ଖୁବ କମ୍, ତଥାପି ପରିବାରର ବୋଝକୁ ଆଜି ପର୍ଯ୍ୟନ୍ତ ସମ୍ଭାଳି ଆସିଛନ୍ତି। ରାମବାବୁ ଜଣେ ଭଦ୍ର, ନମ୍ର ଏବଂ ସ୍ୱାଭିମାନୀ ମଣିଷ ଭାବେ ଅଞ୍ଚଳରେ ଖୁବ ପରିଚିତ। ତିନିଝିଅ ପତ୍ନୀ ଏବଂ ଗୋଟେ ପୁଅକୁ ନେଇ ତାଙ୍କ ପରିବାର। ଚାକିରି କରୁଥିବା ଅବସ୍ଥାରେ କଷ୍ଟେ ମଷ୍ଟେ ଛଅ ପ୍ରାଣୀ ଚଳି ଯାଆନ୍ତି। ପତ୍ନୀ ରମାଦେବୀ ପାରଲିସିସ ରୋଗରେ ପୀଡିତ। ବଡ଼ ଝିଅ ସୁଲୋଚନା ଗ୍ରାଜୁଏସନ୍ ସାରି ଘରେ ଅଛି। ମଝିଆ ଝିଅ ରିତା ପିଲାଟି ଦିନରୁ ପୋଲିଓ ରୋଗରେ ଆକ୍ରାନ୍ତ। ପୁଅ ସରୋଜ ପ୍ଲସଥ୍ରୀ ବିଜ୍ଞାନ ବିଭାଗର ଛାତ୍ର। ସାନ ଝିଅ ମିତା ପ୍ଲସଟୁ ଦ୍ୱିତୀୟ ବର୍ଷର ଛାତ୍ରୀ। ରାମବାବୁ ବହୁତ ଚିନ୍ତିତ ହେଇଗଲେ ଭାବିଲେ ଚାକିରିରୁ ତ ଅବସର ନେଇଗଲି ହେଲେ ଏବେ କେମିତି ପରିବାରର ପ୍ରତିପୋଷଣ କରିବି ? ମନେ ମନେ ବିଚାର କଲେ ନା ମତେ କେଉଁଠି ଗୋଟେ କାମ ଧନ୍ଦା କରିବାକୁ ପଡିବ। ତୁରନ୍ତ ସେ ଚାକିରି ଖୋଜିବା ପାଇଁ ବାହାରି ପଡିଲେ। ଭଗବାନଙ୍କ କୃପାରୁ ଚାକିରିଟିଏ ପାଇଲେ ଏକ ଲୁଗା ଦୋକାନରେ । ମାସିକ ଚାରିହଜାର ଟଙ୍କା ଦରମା। ମନେ ମନେ କହିଲେ ଏତିକି ଦରମାରେ କ'ଣ ମୋ ପରିବାରର ଗୁଜୁରାଣ ମେଣ୍ଟେଇ ପାରିବି ? ପୁଅକୁ ପାଠ ପଢେଇବା, ସ୍ତୀର ଔଷଧ ଖର୍ଚ୍ଚ ସେଥିରେ ପୁଣି ଘରେ ତିନୋଟି ବଢ଼ିଲା ଝିଅ କ'ଣ କରିବି କେମିତି ମୋ ପରିବାରକୁ ଚଳେଇବି ଦୁଃଖରେ ଭାଙ୍ଗି ପଡିଲେ ରାମବାବୁ। ଆଖିରୁ ତାଙ୍କର ଲୁହ ଚାଲିଆସିଲା। ସେଇ ସମୟରେ ବଡ଼ ଝିଅ ସୁଲୋଚନା ଘର ଭିତରୁ ବାହାରି ଆସି ଦେଖିଲା ବାପାଙ୍କ ଆଖି ଲୁହ ଛଳଛଳ ହେଇଯାଇଛି । ସେ ପଚାରିଲା ବାପା କ'ଣ ହେଇଛି ? ମନ ଦୁଃଖ କାହିଁକି କରିଛ ? କାନ୍ଦୁଛନା କ'ଣ ? କ'ଣ ହେଇଛି ବାପା ? ତମକୁ ମୋ ରାଣ ମତେ କୁହ କ'ଣ ହେଇଛି । ବାପା ସେଇଠୁ କହିଲେ ନାଇଁ ମାଆ କିଛି ନାହିଁ ତୁ ଘରକୁ ଯାଆ। ଦେଖୁନୁ କେମିତି ରାଣ ପକେଇଦେଲା ତୋର ଏ ବଦ ଅଭ୍ୟାସ କେବେ ଯିବନି। କଥା କଥାକେ ରାଣ ପକେଇ ଦଉଛୁ। ହଉ ଶୁଣୁ ତେବେ.. ଚାକିରି ଖଣ୍ଡିଏ କରିଥିଲି ଯେ କଷ୍ଟେମଷ୍ଟେ ଘରକୁ ଚଳେଇ ନେଇ ଯାଉଥିଲି। ଏବେ ତ ଚାକିରିରୁ ଅବସର ନେଇଗଲି ତୋ ଭାଇକୁ କେମିତି ମଣିଷ କରିବି, ତୁମମାନଙ୍କ ମୁହଁରେ ଦିଟା ଦାନା କେମିତି ଦେବି ସେଇକଥା ଭାବୁଥିଲି।

ବାପାଙ୍କ ଠାରୁ ଏହିକଥା ଶୁଣିଲା ପରେ ସୁଲୋଚନା ବାପାଙ୍କୁ କହିଲା ବାପା ତମେ ଜମା ବ୍ୟସ୍ତ ହୁଅନି। ମୁଁ ପରା ଅଛି। ଭାବିନିଅ ଆମେ ତିନିଜଣ ତମ ଝିଅ ନୁହେଁ ପୁଅ। ମୁଁ ଚାକିରି କରିବି ମୋ ଭାଇକୁ ପଢେଇବି ବୋଉ ଆଉ ରିତାର ଚିକିତ୍ସା କରିବି। ତମେ ବ୍ୟସ୍ତ ହୁଅନି। ଆମର ଯେଉଁ ତିନି ଏକର ଜମି ଅଛି ତାକୁ ଆଉ କାହାକୁ ଭାଗ ଦେବାନି। ଆମେ ନିଜେ ଚାଷ କରିବା। ବର୍ଷସାରା ଚାଉଳ ତ କିଣିବାକୁ ପଡିବନି। ସରୋଜକୁ ଚାକିରି ମିଳିଗଲା ପରେ ଆଉ ଆମ ଦୁଃଖ ଆଉ ରହିବନି। ତମେ ମନ ଦୁଃଖ କରନି ବାପା। ଭଗବାନ ସବୁ ଠିକ କରିଦେବେ। ଝିଅର କଥା ଶୁଣି ରାମବାବୁଙ୍କ ଆଖିରୁ ଲୁହ ଚାଲିଆସିଲା। ମାଆରେ ତୋ' ପରି ଝିଅଟିଏ ଯାହାର ଅଛି ତାର କି ଚିନ୍ତା ? ହେଲେ ତୁ କଣ କହିଲୁ ମାଆ ତୁ ଚାକିରି କରିବୁ ? ମୁଁ କ'ଣ ମରିଯାଇଛି ? ଲୋକେ କ'ଣ କହିବେ ବାପ ଥାଉ ଥାଉ ବଢିଲା ଝିଅଟା ବାହାରେ କାମ କରୁଛି। ନାଇଁ ମାଆ ଯମା ନୁହେଁ ତୁ ଚାକିରି କରିବା କଥା ଆଦୌ କହନି।

ସେଇଠୁ ସୁଲୋଚନା କହିଲା ବାପା ପେଟ ପାଇଁ ମୁଁ ଚାକିରି କରିବି, ପରିଶ୍ରମ କରିବି ଚୋରି ତ କରୁନାହିଁ। ଆପଣଙ୍କ ଇଜ୍ଜତ କେବେ ତଳେ ପକେଇବିନି ବାପା। ରାଜି ହେଇଯାଅ ମୋ ସାଙ୍ଗମାନେ ବି ତ ଚାକିରି କରୁଛନ୍ତି ସେ ପୁଣି ବାହାର ରାଜ୍ୟରେ। ମୁଁ ଚାକିରି କଲେ ଆପଣଙ୍କ ବୋଝ କିଛି ମାତ୍ରାରେ କମିଯିବ। ବାପା କହିଲେ ହଉ ମାଆ ଯାହା ତୋ ଇଚ୍ଛା । ମୋ କଥାତ ଶୁଣୁନୁ ତତେ ଆଉ କ'ଣ କହିବି। ମିତା ରିତା ସରୋଜ ଖାଇଲେଣି ? ତୁ ଖାଇଛୁନା ନାହିଁ? ହଉ ଯାଆ ଖାଇବାକୁ ବାଢିବୁ ମତେ ଭୋକ ଲାଗିଲାଣି। ଯଦି ଖାଇନଥିବୁ ମୋ ସହ ଖାଇଦେବୁ। ସୁଲୋଚନା ଖାଇବାକୁ ବାଢ଼ି ବାପାଙ୍କୁ ଡାକିଲା ବାପା ଖାଇବାକୁ ବସିଲେ ସୁଲୋଚନାକୁ ବି ଡାକିଲେ ହେଲେ ସୁଲୋଚନା ମତେ ଭୋକ ଲାଗୁନି ପରେ ଖାଇବି ବୋଲି କହିଲା।

ବାପା ଖାଇ ସାରି ଦୋକାନକୁ ବାହାରି ପଳେଇଲେ । ହେଲେ ସୁଲୋଚନା ଆଉ ଖାଇଲାନି। ମନେ ମନେ ସ୍ଥିର କଲା ନାଇଁ ' ମତେ କାଲି ସକାଳୁ ଯାଇ ଚାକିରିଟିଏ ଖୋଜିବାକୁ ପଡିବ। ସକାଳ ହେଲା ସୁଲୋଚନା ବାହାରିଲା ଚାକିରି ଖୋଜିବା ପାଇଁ । ବୁଲିବୁଲି ଏକ ବଡ଼ ଘରର ଗେଟ ପାଖରେ ପହଞ୍ଚିଲା ଆଉ ଗେଟରେ ଥିବା ସିକ୍ୟୁରିଟିଙ୍କୁ ପଚାରିଲା ଆଜ୍ଞା କିଛି କାମ ମିଳିବ ମୋର କାମଟିଏ ଦରକାର। ସିକ୍ୟୁରିଟି ଗାର୍ଡ ଜଣଙ୍କ କହିଲେ ହଁ ହଁ ବାବୁ କହୁଥିଲେ ତାଙ୍କ ଅଫିସରେ ଗୋଟେ ପିଅନଟିଏ ଦରକାର। ବେଶୀ କିଛି କାମ ନାହିଁ,ଖାଲି ଅଫିସ ଝାଡୁ କରିବ ଆଉ କେହି ଗେଷ୍ଟ ଆସିଲେ ଚାହା କଫି ଏସବୁ କରିକି ଦେବ। ହଉ ତମେ ଏଇଠି ଛିଡା ହେଇଥାଅ ମୁଁ ବାବୁଙ୍କୁ ପଚାରିକି ଆସୁଛି।

ସିକ୍ୟୁରିଟିଗାର୍ଡ ବାବୁଙ୍କୁ ଯାଇ ଏ ବିଷୟରେ କହିଲା ବାବୁ କହିଲେ ହଉ ତାକୁ ଭିତରକୁ ଡାକ। ସୁଲୋଚନା ଘର ଭିତରକୁ ଯାଇ ବାବୁଙ୍କୁ ନମସ୍କାରଟିଏ କରିଲା । ବାବୁ ପଚାରିଲେ କହ ମାଆ ମୋ ଅଫିସରେ ଚାକିରି କରିବୁ ? ଯଦି କରିବୁ ତେବେ କାମ ଆଉ ସ୍ୟାଲେରି ବିଷୟରେ ତତେ ସିକ୍ୟୁରିଟି ସବୁ କହିଦେବ। ରହିବା ଖାଇବାର କିଛି ଅସୁବିଧା ହେବନାହିଁ।

ସୁଲୋଚନା ଖୁସିହେଇ କହିଲା ଆପଣଙ୍କୁ ବହୁତ ଧନ୍ୟବାଦ ସାର୍। ହେଲେ ମୋ ଘର ବେଶି ଦୂର ନୁହେଁ ମୁଁ କାମ ସାରି ଘରକୁ ପଳେଇବି। ଆସୁଛି ସାର୍ କାଲି ଠାରୁ କାମରେ ଜଏନ ଦେବି।

ସୁଲୋଚନା ଘରକୁ ଗଲା ବାପା ଲଞ୍ଚ ପାଇଁ ଘରକୁ ଆସିଥାନ୍ତି ଝିଅକୁ ଦେଖି ପଚାରିଲେ କୁଆଡେ ଯାଇଥିଲୁ ମାଆ ? ସୁଲୋଚନା ଉତ୍ତର ଦେଲା ଚାକିରୀ ଖୋଜିବାକୁ ବାପା। ଆଉ ଚାକିରୀଟିଏ ପାଇଲି ମଧ୍ୟ। କାଲିଠାରୁ କାମରେ ଜଏନ କରିବି। ବାପା ଟିକେ ମନ ଦୁଃଖ କରି କହିଲେ ମୁଁ ମନା କରିବା ସତ୍ତ୍ୱେବି ତୁ ମୋ କଥା ଶୁଣିଲୁନି। ସୁଲୋଚନା କହିଲା ନାଇଁ ବାପା ବେଶି ଦିନ ନୁହେଁ ଭାଇ ଚାକିରି ପାଇଲେ ମୁଁ ଚାକିରି ଛାଡିଦେବି। ହଉ ମାଆ ଯାହା ତୋ ଇଚ୍ଛା ତୋ ଉପରେ ମୋର ବହୁତ ବିଶ୍ୱାସ। ସଚ୍ଚୋଟତାର ସହିତ କାମ କରିବୁ । ଭଗବାନ ତୋର ମଙ୍ଗଳ କରନ୍ତୁ । ଏତିକି କହି ରାମ ବାବୁ ବଜାରକୁ ପଳେଇଗଲେ।

ପରଦିନ ସୁଲୋଚନା ବାହାରିଲା କାମକୁ। ଅଫିସ ରେ ଯାଇ ପହଞ୍ଚି ସିକ୍ୟୁରୀଟି କହିଥିବା କଥାନୁସାରେ ଅଫିସ ଝାଡୁକଲା। ଏବଂ ଟେବୁଲ ଚେୟାର ସବୁ ପାଣି କପଡ଼ାରେ ଭଲ ସେ ପୋଛି ସଫା କରିବା ପରେ ଚାହା କରି ଅଫିସ ଷ୍ଟାଫଙ୍କୁ ଦେବା ପରେ ବାବୁଙ୍କୁ ଚାହା ଆଣିଦେଲା । ବାବୁ କହିଲେ ବାଃ ମାଆ ଚାହାଟା ତ ଭାରି ବଢ଼ିଆ ହେଇଛି। ବାବୁ ଚାହା ପିଇ ସାରିବାପରେ ସୁଲୋଚନା କପ୍ ନେଇ ପଳେଇଲା ଏବଂ ଦେଖିଲା ଅଫିସ ବାହାରେ ଯେଉଁ ବଗିଚାଟି ଅଛି ସବୁ ଗଛଗୁଡା ଶୁଖିଗଲାଣି । ସେ ସଙ୍ଗେ ସଙ୍ଗେ ଗୋଟେ ବାଲଟି ନେଇ ଗଛ ଗୁଡ଼ାକରେ ପାଣିଦେଲା। ଆଉ ଅଫିସ ସାରା କାମ ନିଜ କାମ ଭଳି କରିଲା। ଯେଉଁଟା କି ତାର କାମ ନୁହେଁ। ତାର ଏମିତି କାର୍ଯ୍ୟକଳାପ ଦେଖି ବାବୁ ବହୁତ ଖୁସି ହେଇଗଲେ ଆଉ ନିଜଝିଅ ଭଳି ଶ୍ରଦ୍ଧା କଲେ। ମାସ ଶେଷ ହେଇଗଲା ବାବୁ ତାକୁ ଚାରି ହଜାର ଟଙ୍କା ବଦଳରେ ଖୁସି ହେଇ ଛଅ ହଜାର ଟଙ୍କା ଦେଲେ। ସୁଲୋଚନା ଜୀବନର ପ୍ରଥମ ରୋଜଗାର ଟଙ୍କା ନେଇ ବାପାଙ୍କ ହାତରେ ଧରେଇଦେଇ କହିଲା ବାପା ମାଆଙ୍କ ଔଷଧ ପାଇଁ ଆଉ ପରିବାର ପାଇଁ ତୁମେ ଚିନ୍ତା କରିବନି ମୁଁ ତ ରୋଜଗାର କଲିଣି କିଛି ମାତ୍ରାରେ ନିଶ୍ଚିତ ଆମ ଦୁଃଖ କମିଯିବ। ଝିଅ ମୁହଁରୁ ଏକଥା ଶୁଣିବା ପରେ ରାମବାବୁଙ୍କ ଆଖିରୁ ଲୁହ ଚାଲିଆସିଲା। ସତରେ ମାଆ ତୋ ପରି ଝିଅଟିଏ ପାଇ ମୁଁ ଗର୍ବ ମନେ କରୁଛି। ତୁ ମୋ ଝିଅ ନୁହେଁ ତୁ ମୋ ମାଆ। କେଉଁଜନ୍ମର ପୁଣ୍ୟ ଫଳରେ ତୋ ପରି ଝିଅଟିଏ ପାଇଛି। ଭଗବାନ ସବୁ ବାପାଙ୍କୁ ତୋ ପରି ଝିଅଟିଏ ଦିଅନ୍ତୁ। ହଉ ମାଆ ସମୟ ହେଇଗଲାଣି ମୁଁ ଦୋକାନକୁ ଯାଉଛି କହି ରାମବାବୁ ପଳାଇଗଲେ। ତା' ପରେ ସୁଲୋଚନା ତାର ଭଉଣୀ ମାନଙ୍କୁ କହିଲା ତମେ ମାନେ ଆଉ ଦୁଃଖ କରିବନି ତୁମକୁ ଭଲ ଡ୍ରେସ ଆଣିଦେବି। ଆଉ ଯାହା ଆବଶ୍ୟକ ଜିନିଷ କହିବ। ଦୁଇ ଭଉଣୀ ଖୁସି ହେଇ କହିଲେ ସତରେ ଦିଦି ତୋ ପରି ବଡ ଭଉଣୀଟିଏ ପାଇ ଆମେ ନିଜକୁ ଧନ୍ୟ ମନେ କରୁଛୁ। ସୁଲୋଚନା କହିଲା ସେମିତି କୁହନି ପାଗିଳି ଭଗବାନଙ୍କୁ ପ୍ରାର୍ଥନା କରୁଛି ତମମାନଙ୍କୁ ସବୁବେଳେ ଖୁସିରେ ରଖନ୍ତୁ ।ହଉ ମୁଁ ଯାଉଛି କହି ସୁଲୋଚନା ଅଫିସକୁ ଗଲା ନିଜ କାମ ଆଗ ଭଳି ସଚ୍ଚୋଟତାର ସହିତ କରିଲା। ଆଉ ଧୀରେ ଧୀରେ ବାବୁଙ୍କର ଅତି ବିଶ୍ୱସ୍ତ ହେଇଗଲା।

ଦିନେ ବାବୁ ଏକ ଜରୁରି କାମରେ ନିଜର ଟେଣ୍ଡର ପକେଇବାକୁ ଅତି ଦରକାରୀ କାଗଜ ପତ୍ର ବାହାର କରି ବ୍ୟାଗରେ ନେଇ ଯାଉଥିଲେ । ଭୁଲରେ ଏକ ଜରୁରି କାଗଜଟିଏ ଟେବୁଲ ଉପରେ ଛାଡି ଦେଇ ପଳେଇଥାନ୍ତି। ସୁଲୋଚନା ବାବୁଙ୍କ ଚ୍ୟାମ୍ବର ଝାଡୁ କରୁଥିବା ସମୟରେ ତା ନଜର ପଡ଼ିଲା ସେ କାଗଜ ଉପରେ। ସେ ଭାବିଲା କିଛି ଦରକାରୀ କାଗଜ ହେଇଥିବ ବାବୁଙ୍କୁ ଦେଇଦିଏ। ବାବୁଙ୍କୁ ଆଉ ଅଫିସରେ ନ ପାଇ ଗେଟରେ ଦରଓ୍ୱାନକୁ ପଚାରିଲା ବାବୁ ବାହାରକୁ ଗଲେକି ? ଦରଓ୍ୱାନ କହିଲା ହଁ ଏବେ ସଙ୍ଗେ ସଙ୍ଗେ କଣ ଜରୁରି କାମ ଅଛି ବୋଲି କହି ବାହାରିଗଲେ। କହିଲେ ଯିଏ ପଚାରିବ ବାବୁ ନାହାନ୍ତି ବୋଲି କହିବ। ସୁଲୋଚନା ନିଶ୍ଚିତ ହେଇଗଲା ଯେ ଏଇଟା ତେବେ ଏକ ଜରୁରି କାଗଜ ବାବୁ ଭୁଲରେ ବୋଧେ ଛାଡ଼ିଦେଇ ଯାଇଛନ୍ତି ବାବୁଙ୍କୁ ନିଶ୍ଚିତ ଦେବାକୁ ହେବ।

ସେ ସଙ୍ଗେ ସଙ୍ଗେ ଏକ ଅଫିସ ଷ୍ଟାଫକୁ ଡାକି କହିଲା ବାବୁଙ୍କୁ ଏଇ କାଗଜଟି ଦେବାର ଅଛି ଟିକେ ଆପଣଙ୍କ ବାଇକ ନେଇଆସନ୍ତୁ । ବାବୁ ବେଶୀ ଦୂରକୁ ଯାଇନଥିବେ ଏଇ କାଗଜଟିକୁ ତାଙ୍କୁ ଦେଇକି ଆସିବା। ପ୍ରାୟ ଦୁଇ ତିନି କିଲୋମିଟର ଯିବା ପରେ ବାବୁଙ୍କ ଗାଡିକୁ ଦେଖି ସୁଲୋଚନା ଅଟକାଇଲା। ବାବୁ ପଚାରିଲେ ଗାଡି କାହିଁକି ଅଟକାଇଲ ? ସୁଲୋଚନା କହିଲା ସାର୍ ଆପଣ ଏଇ କାଗଜଟି ଟେବୁଲ ଉପରେ ଛାଡିଦେଇ ଆସିଥିଲେ। କିଛି ଜରୁରି କାଗଜ ମନେ କରି ଦେବାକୁ ଚାଲିଆସିଲି। ବାବୁ ସେଇ କାଗଜଟିକୁ ଦେଖି କହିଲେ ହେ ଭଗବାନ ମୋର କେଡ଼େ ଭୁଲା ମନ, ଏଇ କାଗଜଟି ନିହାତି ଆବଶ୍ୟକ ଟେଣ୍ଡର ପକେଇବାକୁ। କ'ଣ ଏବେ ହେଇଥାଆନ୍ତା .. । ଏ କାଗଜଟି ନଥିଲେ ଲକ୍ଷଲକ୍ଷ ଟଙ୍କା ଲସ୍ ହେବା ସହିତ ମୋର ଅସମ୍ମାନ ବି ହେଇଥାଆନ୍ତା। ଧନ୍ୟବାଦ ଝିଅ ତୋ ପାଇଁ ମୁଁ ଆଜି ବଡ଼ ଅସୁବିଧାରୁ ରକ୍ଷା ପାଇଗଲି। ଏହାପରେ ସେ ବହୁତ ଖୁସି ହେଇ ସୁଲୋଚନାକୁ କହିଲେ ମାଆ ତୁ ଆଜିଠୁ ତୁ ଆଉ ପିଅନ ନୁହେଁ ମୋ ଅଫିସରେ ମ୍ୟାନେଜର ପୋଷ୍ଟରେ କାମ କରିବୁ। ତୋ ଉପରେ ମୋର ଭାରି ବିଶ୍ୱାସ ଆଉ ଭରସା।

ଏହାଶୁଣି ସୁଲୋଚନା ବାବୁଙ୍କୁ କହିଲା ନାଇଁ ବାବୁ ଏତେ ବଡ଼ ଅଶା ମୁଁ କରିବିନି । ମୁଁ ଯେଉଁଠି ଅଛି ଠିକ ଅଛି। ବାବୁ କହିଲେ ନାଇଁ ମାଆ ତୁ ଜଣେ ନିଷ୍ଠାବାନ ପିଲା ତୁ ମୋ ମ୍ୟାନେଜର ରହିଲେ ମତେବି କାମ କିଛିଟା ହାଲକା ହେଇଯିବ। ଆଜିଠୁ ତୁ ମୋ ମ୍ୟାନେଜର ।

ସୁଲୋଚନା ମ୍ୟାନେଜର ପୋଷ୍ଟ ପାଇଲା ପରେ ମାସିକ ପଚାଶ ହଜାର ଟଙ୍କା ବେତନ ପାଇଲା। ରାମବାବୁ ଏକଥା ଜାଣିଲା ପରେ ତାଙ୍କ ଖୁସିକୁ ଆଉ ନିୟନ୍ତ୍ରଣ କରିପାରିଲେନି। ସେ ସୁଲୋଚନା କୁ କହିଲେ ମୋ ମାଆ ପରି କିଏ ହେବ। ତୋ ନମ୍ରତା ଆଉ ସଚ୍ଚୋଟପଣିଆ ପାଇଁ ତୁ ଆଜି ଏଜାଗାରେ ପହଞ୍ଚିଛୁ। ଆଜିଠୁ ମୋ ଦୁଃଖ ଦୂର ହେଲା । ତୋ ଭାଇ, ମାଆ ଭଉଣୀ ପାଇଁ ମୋର ଆଉ ଚିନ୍ତା ନାହିଁ। ସୁଲୋଚନା ବି ସେହିକ୍ଷଣି ବାପାଙ୍କୁ ଦୋକାନରେ ଚାକିରି କରିବାକୁ ମନା କରିଦେଲା।

ହେଲେ ରାମ ବାବୁ ଚାକିରି ଛାଡିବାକୁ ମନା କରିଦେଲେ । କହିଲେ ନାଇଁ ମାଆ ଯେପର୍ଯ୍ୟନ୍ତ ମୁ ନିଜକୁ ଦୁର୍ବଳ ମନେ ନ କରିଛି ଚାକିରି କରିବି। ଘରେ ବସିଲେ କିଛି ଲାଭ ନାହିଁ, ଓଲଟି ରୋଗ ମାଡିବସିବ। ସୁଲୋଚନା ତା ମାଆ ଆଉ ଭଉଣୀଙ୍କୁ ବଡ଼ ମେଡିକାଲରେ ଚିକିତ୍ସା କରାଇଲା ଉତ୍ତମ ଚିକିତ୍ସା ପାଇ ସେମାନେ ବି ଭଲ ହେଇଗଲେ। ସୁଲୋଚନାର ପରିବାର ବହୁତ ଖୁସିରେ ରହିଲା । ସେବେ ଠାରୁ ସମସ୍ତେ ସୁଲୋଚନାକୁ ସୁନା ଝିଅ ସୁଲୋଚନା ବୋଲି ଡାକିଲେ।

*ସମ୍ପାଦକ, ଝୁମୁରୀ ପାରା*
*ଶିଶୁ ସାହିତ୍ୟ ସଂସଦ ଓ ଆଦର୍ଶ ପାଠାଗାର*
*ନୀଳକଣ୍ଠପୁର,ମଙ୍ଗଳପୁର,ଯାଜପୁର*
*ମୋ-୭୯୦୪୩୯୨୬୮୬*

## କବିତା ଗୁଚ୍ଛ

### ସୁନାର ଭାରତ ଗଢ଼ିବା

✶ ପ୍ରଶାନ୍ତ କୁମାର ଦାଶ



ଏଇଦିନ ଆମେ ପାଇଲେ ମୁକତି
ହଟିଲେ ଫିରିଙ୍ଗି ଦଳ
ଲଢେଇରେ ତାଙ୍କ ବଡେଇ ଭାଙ୍ଗିଲା
ସରିଲା ସାହସ ବଳ ।।

ସେଦିନର କଥା ଲିଭିନି ମନରୁ
ହେଲା ଇତିହାସେ ଲେଖା
ଟାଣିହେଇଗଲା ଏ ମାଟି ଛାତିରେ
ଶାନ୍ତି ସଂହତିର ରେଖା ।।

ଦେଶମାଟି ପାଇଁ ଜୀବନକୁ ଦେଇ
କେତେଯେ ସହିଦ ହେଲେ
ମରିସେ ଅମର ହେଇ ଏ ଦେଶକୁ
ଶେଷେ ସ୍ୱାଧୀନତା ଦେଲେ ।।

ତ୍ରିରଙ୍ଗା ପତାକା ଉଡ଼ାଇ ଆମେରେ
ପାଳିବା ଜାତୀୟ ପରବ
ମିଳିମିଶି ଗଢି ସୁନାର ଭାରତ
ସଭିଏଁ କରିବା ଗରବ ।।

ଭୁଲି ଭେଦଭାବ ତଡିବା ଅଭାବ
ହସାଇ ଦେବାରେ ମୁଲକ
ଲୁହ ପୋଛିନେଇ ଓଠେ ହସଦେଇ
ସଭିଙ୍କୁ ଦେବାରେ ପୁଲକ ।।

*କୁଞ୍ଜର, ସଙ୍ଗଳାଇ, ପିପିଲି, ପୁରୀ*
*ମୋ-୯୬୬୮୮୨୨୧୯୦*

### ହଜିଗଲା ସମୟର ଠିକଣା...

✶ ନୀଳମଣି ଚାନ୍ଦ

ହଜିଗଲା ସମୟର ଠିକଣା ମୁଁ ଖୋଜେ
ସେ ସମୟ ଧରାଦିଏ ଯେବେ ଆଖି ବୁଜେ ।

ଲାଗେ ହଜିଯାଇଛି ସେ ମନ ଗହୀରରେ
ଲେଖା ହୋଇରହିଛି ସେ ସ୍ମୃତିର ବହିରେ
ହଜିବାରେ ମଜା ତା'ର ସେଥିପାଇଁ ହଜେ ।

ସେ ସମୟ ଲାଗୁଥାଏ ଖଡ୍ଗଟିଏ ପରି
କେବେକେବେ ଦିଏ ମୋତେ କ୍ଷତାହତ କରି
ଲାଗେ ସିଏ ମନକଥା ଜମା ତ ନ ବୁଝେ ।

ଯଦି ସେ ଯାଇଛି ହଜି ଏତେ ଭାବ କିଆଁ
ତା ପାଖରେ ରହିଥାଉ ତା'ର ଡାଡି,ଚିଆଁ
ପ୍ରଶ୍ନ ଶବ୍ଦଟି ପରି କେବେ ତାକୁ ଭଜେ ।

*ମନ୍ତମାନୋର, ଗୋଠପାଟଣା*
*ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭*

### ଆମର ସମ୍ମାନ ତ୍ରିରଙ୍ଗା ପତାକା

✶ ନଳିନୀ ଦାଶ

ଅନ୍ଧକାର ହଟି ପାହିଲାଣି ରାତି
ଲୁଚିଲାଣି କୁଆଁତାରା
ବାଳୁତ ଅରୁଣ କିରଣ ବୁଣିଲେ
ହସି ଉଠିଲାଣି ଧରା ।

ଉଠରେ ଉଠରେ ଭାରତ ସନ୍ତାନ
ମାଆର ଜନମ ଦିନ
ଉତ୍ସବମୂଖର ଆଜି ଆମଦେଶ
କରରେ ମିଶି ପାଳନ ।

ଦେଶ ସାରା ଆଜି ପୁଣ୍ୟର ତ୍ରିରଙ୍ଗା
ଉଡ଼ି ଦିଶିବ ସୁନ୍ଦର
ବାଣ ଫୁଟି ଡ୍ରମ୍ ବାଜି ଉଠିଲାଣି
ଆଜି ଅଗଷ୍ଟ ପନ୍ଦର ।

କମ୍ପି ଲାଣି ବାଜା ଭେରି ତୂରୀ ଶବ୍ଦ
ହେବରେ ପ୍ରଭାତ ଫେରି
ମାଆ ନାମେ ନାରା ଦିଅ ଭାରତୀୟ
ଦେଶଟି ଉଠିବ ପୁରି ।

କେତେ ବୀର ସୁତ ଦେଲେ ବଳିଦାନ
ଭାରତ ହେଲା ସ୍ୱାଧୀନ
ହେଲେ ନାହିଁ ଆମେ କାହାର ଅଧୀନ
ନାହିଁ ସେ ଅତୀତ ଦିନ ।

ଲହୁଲୁହ ଢ଼ାଳି କାନ୍ଦିଅଛି ମାଆ
ଉଠରେ ବୀର ସନ୍ତାନ
ବିଜୟର ବାଜା ବାଜୁ ଏ ଦେଶରେ
ଉଡୁ ମାଆର କେତନ ।

ଗାନ୍ଧି ଗୋପ ଶାସ୍ତ୍ରୀ ସୁଭାଷ ନେହେରୁ
ଯେତେରେ ବୀର ସନ୍ତାନ
ରକତ ନିଗାଡି ଲଢ଼ିଥିଲେ କେତେ
ଆଜିରେ ପଡନ୍ତି ମନ ।

ଜାତି ଧର୍ମ ବର୍ଣ୍ଣ ସଭିଏଁ ସମାନ
ତ୍ରିରଙ୍ଗାପତାକା ତଳେ
ନାହିଁ ସେ ଅତୀତ କଷଣ ଶୋଷଣ
ଭୟ କରିବାନି ତିଳେ ।

ଆମର ସମ୍ମାନ ଆମ ସ୍ୱାଭିମାନ
ଉଡେ ଜାତୀୟ ପତାକା
ଆମ ପରିଚୟ ପୁଣ୍ୟ ଭାରତରେ
କାଳିଆ ଠାକୁର ଏକା ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ: ୯୨୩୮୯୯୬୬୪୯*

### ଆମେ ଟିକି ତାରାଫୁଲ

✶ ଆଦ୍ୟାଶା ମହାପାତ୍ର

ଏଇ ମାଟି ମାଆ କୋଳରେ ହସୁଛୁ
ଆମେ ଟିକି ତାରା ଫୁଲ
ସ୍ନେହ ଶରଧାରେ ଅମୀୟ ଖୁସିରେ
ହେଉଥାଉ ଝଲମଲ ।।

ଭୁଲି ରାଗ ରୋଷ ଭେଦଭାବ ଦ୍ୱେଷ
ଅନୁରାଗ ଭାବ ଢାଳି
ପ୍ରତିଟି ପ୍ରାଣରେ ଆଙ୍କିବୁ ରଙ୍ଗୋଳି
ହାତେ ଧରି ଖୁସି ତୂଳୀ ।।

ଅଜ୍ଞାନ ଅନ୍ଧାର ହଟାଇବୁ ଆମେ
ବିଛାଇବୁ ଜ୍ଞାନାଲୋକ
କୁସଂସ୍କାର ଯେତେ ପୋଛିବୁ ମନରୁ
ହେବୁ ଆମେ ସଂସ୍କାରକ ।।

ମାନବବାଦର ଟେକ ରଖିବାକୁ
କରିଛୁ ସଭିଏଁ ପଣ
ଭୁଲିଛୁ ମନରୁ ଜାତି ଧର୍ମ ବର୍ଣ୍ଣ
ଆମେ ଯେତେ ଶିଶୁଗଣ ।।

ସ୍ୱାଧିନ ଦେଶର ସନ୍ତାନ ଆମେରେ
ସତେ କେତେ ଭାଗ୍ୟବାନ
ଏ ଦେଶ ଜାତିର ପ୍ରଗତି ପଥରେ
ଢାଳିଦେବୁ ମନପ୍ରାଣ ।।



କଳା ବିଜ୍ଞାନ ଓ କାରିଗରୀ କ୍ଷେତ୍ରେ
ଆମ ଲକ୍ଷ୍ୟ ସଫଳତା,
ଆତଙ୍କବାଦକୁ କରି ତିରସ୍କାର
ଦେବୁ ମୈତ୍ରୀତ୍ୱର ବାର୍ତ୍ତା ।।

ସେବା ଧର୍ମ ଆମ ଜୀବନ ଆଦର୍ଶ
ତ୍ୟାଗ ଆମ ମୂଳମନ୍ତ୍ର
ତମାମ ବିଶ୍ୱକୁ ଦେଖାଇବୁ ଆମେ
ସତ୍ୟ ଅହିଂସାର ପଥ ।।

ପୃଥିବୀ ପୃଷ୍ଠରେ ପ୍ରତି ମନୁଷ୍ୟର
ଯୁଦ୍ଧ ନୁହେଁ କାମ୍ୟ ଶାନ୍ତି
ଆମେ ଶିଶୁଗଣ ପ୍ରୀତି ଫୁଲ ବାଣ୍ଟି
ସମାଜେ ଆଣିବୁ କ୍ରାନ୍ତି ।।

*ନୂଆପଡା, କଟକ*

### କବି ଗଙ୍ଗାଧର

✶ ସୁହଂସ ଭୋଇ

ଓଡ଼ିଆ ଭାଷାର ଅଳକାନନ୍ଦା ହେ
ତୁମେ କବି ଗଙ୍ଗାଧର
ସତେକି ପଙ୍କରୁ ପଙ୍କଜ ଅଙ୍କୁର
ସୁଧା ଅମୃତର ଝର ।

ତୁମ କଲମରେ କଳକଣ୍ଠ କହେ
କେତେ କଥା ସୁମଧୁର
ସକାଳ ଆସଇ ମଙ୍ଗଳ ବେଳାରେ
ଧରି ପଲ୍ଲବିନୀ ହାର
ପ୍ରକୃତିର ଚିତ୍ର ଆଙ୍କିଛ ଜୀବନ୍ତ
ସାଜି ଏକ ଚିତ୍ରକର।

ବିଲରେ କୃଷକ ଗାଇଛି ସଙ୍ଗୀତ
ଅମଳ କରିଛି ଶସ୍ୟ
ଲେଖନୀ ମୁନରୁ ଝରିଛି ଅନେକ
କାବ୍ୟ କବିତାର ରସ
ତପସ୍ୱିନୀ ଇନ୍ଦୁମତୀ ଅର୍ଘ୍ୟଥାଳି
ଆଦି ରସ-ରତ୍ନାକର ।

ମାତୃଭୂମି ପ୍ରୀତି ମାତୃଭାଷା ପ୍ରତି
ସଦା ତୁମେ ସମର୍ପିତ
ଭାଷାର ପରାଣେ ଜୀବନ ଭରିଛ
ଥିଲା ଦିନେ ମୃତବତ୍
ଭକ୍ତି ପୁଷ୍ପାଞ୍ଜଳି ଘେନାହେଉ ଆହେ
କବିଶ୍ରେଷ୍ଠ ଉତ୍କଳର ।

*ପହଣ୍ଡି,ବିଜେପୁର, ବରଗଡ଼*
*ମୋ-୯୪୩୭୫୨୨୪୫୫*

### ତ୍ରିରଙ୍ଗା ଆମରି ମାନ ସମ୍ମାନ...

✶ରାମଚନ୍ଦ୍ର ବେହେରା

ଅଗଷ୍ଟ ପନ୍ଦର ଆସୁଛି ଦେଶେ
ତ୍ରିରଙ୍ଗା ଉଡିବ ନୀଳ ଆକାଶେ
ସେ ଆମ ମାନ ସମ୍ମାନ
ତା'ର ପାଦ ତଳେ ଜାତୀୟ ସଂଗୀତ
ଶ୍ରଦ୍ଧାରେ କରିବା ଗାନ।
କେଶରୀ ଧବଳ ସବୁଜ ରଙ୍ଗେ
ଚକ୍ର ଶୋଭାପାଏ ଧବଳ ମଧ୍ୟେ
କି ସୁନ୍ଦର ତା'ର କାନ୍ତି
ଫର ଫର ଉଡି ପାଖକୁ ଡାକଇ
ଭରିଦିଏ ପ୍ରାଣେ ଶାନ୍ତି।
କେଶରୀ ଦିଅଇ ସାହସ ତ୍ୟାଗ
ଧବଳ ବାଣ୍ଟଇ ଶାନ୍ତିର ଭାବ
ସବୁଜ ଭରେ ବିଶ୍ୱାସ
ଅଶୋକ ଚକ୍ରଟି ବିଶ୍ୱ ପ୍ରେମ ବାର୍ତ୍ତା
ସୂଚାଏ ହୋଇ ହରଷ।
ଆସ ତ୍ରିରଙ୍ଗାକୁ ଦେଇ ସମ୍ମାନ
ବୀର ସନ୍ତାନଂକୁ କରି ସ୍ମରଣ
ଏକତାରେ ବାନ୍ଧି ହୋଇ
ସ୍ୱାଧୀନ ମାଆର ଚରଣରେ ଆମେ
ମଥାକୁ ଦେବା ନୁଆଁଇ।
ସ୍ୱାଧୀନ ଭାରତ ସନ୍ତାନ ଆମେ
ଦେଶ ଅଖଣ୍ଡତା ରଖିବା ଧ୍ୟାନେ
ବଢାଇବା ତା'ର ଶିରୀ
ଅଧୁରା ସପନ ପୂରଣ କରିବା
ଅହିଂସା ବ୍ରତ ଆଦରି।

*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୬୫୫୬୩୪୩୪୬*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କାକଟପୁର, (ଭାସ୍କର ନ୍ୟୁଜ): ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ପାଟଳଦା ଗ୍ରାମ ପଞ୍ଚାୟତର ସୁନ୍ଦର ଗ୍ରାମର ସ୍ୱରାଜ୍ୟ କୁମାର ସାହୁ (୩୫) ପିତା ଅଚ୍ୟୁତନନ୍ଦ ସାହୁ। ସେ ଭାରତୀୟ ବାୟୁ ସେନାର ଆଗ୍ରା ଠାରେ ମେକାନିକାଲ ଇଂଜିନିୟର ଭାବେ କାର୍ଯ୍ୟ କରୁଥିଲେ କ୍ଷ ସେ କାର୍ଯ୍ୟରତ ଥିବାବେଳେ କୌଣସି ଏକ ଦୁର୍ଘଟଣାରେ ତାଙ୍କର ଶରୀର ପୋଡ଼ିଯାଇଥିଲା। ସ୍ୱରାଜ୍ୟ ଦିଲ୍ଲୀରେ ସେନା ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ଧୀନ ଥିଲେ ସେହିଠାରେ ତାଙ୍କର ବିୟୋଗ ଘଟିଥିଲା। ଶନିବାର ତାଙ୍କର ମରଶରୀର ଭୁବନେଶ୍ୱରରୁ ତାଙ୍କ ପୈତୃକ ଗ୍ରାମ ସୁନ୍ଦରକୁ ଅଣାଯାଇଥିଲା। କାକଟପୁର ଠାରେ ପହଂଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବ୍ଲକ କଂଗ୍ରେସ ସଭାପତି ଜଶୋବନ୍ତ ନାରାୟଣ ମହାନ୍ତି, ନଳିନୀ କାନ୍ତ ଦୀକ୍ଷିତ, ଅବଧୁତ ସ୍ୱାଇଁ, ଇଂ ତରୁଣ କୁମାର ପାଢ଼ୀ, ବିଚିତ୍ରା ନନ୍ଦ ଦାଶ, ସୁକାନ୍ତ ପରିଡ଼ା, ଆଇନଜୀବୀ ପ୍ରଫୁଲ କୁମାର ନାୟକ, ଅମରେଶ୍ୱର ନାୟକ, ସୁକାନ୍ତ କୁମାର ମହାନ୍ତି ପ୍ରମୁଖ ଶତାଧିକ ଜନସାଧାରଣ ତାଙ୍କର ଶେଷ ଦର୍ଶନ କରିବା ସହ ତାଙ୍କର ଶୋକ ସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜଣାଇଥିଲେ।



# ଆଦିବାସୀ ସମ୍ପ୍ରଦାୟଙ୍କ ତରଫରୁ ବିଶ୍ୱ ଆଦିବାସୀ ଦିବସ ପାଳିତ




ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ବିଭିନ୍ନ ଆଦିବାସୀ ସଂଘ ତରଫରୁ ବିଶ୍ୱ ଆଦିବାସୀ ଦିବସ ତଥା ବିଶ୍ୱ ମୂଳନିବାସୀ ଦିବସ ପାଳନ ହୋଇ ଯାଇଛି। ଏହି ଅବସରରେ ମାଲକାନଗିରି ଜିଲ୍ଲା ଆଦିବାସୀ ସମାଜ ମହାସଂଘ ତରଫରୁ ସ୍ଥାନୀୟ ବସ୍ ଷ୍ଟାଣ୍ଡ ଠାରୁ ସୋଭା ଯାତ୍ରାରେ ୧୫ଗୋଟି ଆଦିବାସୀ ସମ୍ପ୍ରଦାୟର ହଜାର ହଜାର ସଂଖ୍ୟକ ପୁରୁଷ ଓ ମହିଳା ଲୋକମାନେ ପାରମ୍ପରିକ ବେସଭୁଷା ଧାରଣ କରି ସହର ପରିକ୍ରମା କରିଥିଲେ। ପରେ ସ୍ଥାନୀୟ ଡିଏନକେ ଖେଳ ପଡିଆ ଠାରେ ମହା ସମାବେଶର ଆୟୋଜନ କରା ଯାଇଥିଲା। ସେହିପରି ଜିଲ୍ଲା ମୁଳନିବାସୀ ମିଳିତ କ୍ରିୟାନୁଷ୍ଠାନ ସଂଘ ତରଫରୁ ମଧ ବୁଟିଗୁଡା ସ୍ଥିତ ହାଟପଦା ନିକଟରୁ ଶୋଭା ଯାତ୍ରାରେ ବାହାରି ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ପଡିଆ ଠାରେ ପହଂଚିଥିଲେ। ବିଶେଷ କରି ଆଦିବାସୀ ମାନଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଉକ୍ତ ମହାସମାବେଶରେ ଆଲୋଚନା କରା ଯାଇଥିବା ବେଳେ ଏହାର ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଆଦିବାସୀମାନଙ୍କ ହଜାର ହଜାର ଏକର ପଟ୍ଟା ଜମି ଦଖଲରେ ଥିବା ଜମି ବିଶେଷ କରି ଅଣଆଦିବାସୀମାନଙ୍କ ପାଖରେ ବେଆଇନ ଭାବେ ଅକ୍ତିଆରରେ ଅଛି। ଏହାକୁ ବିରୋଧ କରି ଆଗାମୀ ଦିନରେ ଜିଲ୍ଲାରେ ଏକ ବଡ ଧରଣର କଳହ, ଦ୍ୱନ୍ଦ ଓ ସଂଘର୍ଷ ସୃଷ୍ଟି ହେବାର ସମ୍ଭାବନା ରହିଛି। ଣ୍ଡେ ସେ ଜମିଗୁଡିକ ତୁରନ୍ତ ଚିହ୍ନଟ କରି ହିତାଧିକାରୀଙ୍କୁ ଫେରସ୍ତ କରିବାର ବ୍ୟବସ୍ଥା କରା ଯାଉ, ଚିତ୍ରକୋଣ୍ଡା ଓ ସତୀଗୁଡା ଡ୍ୟାମ ଦ୍ୱାରା ବିସ୍ଥାପିତ ହୋଇଥିବା ଲୋକମାନଙ୍କ ଜୀବନ ଜୀବିକା ବଙ୍ଗୀୟ ଶରଣାର୍ଥୀମାନଙ୍କ ଜୀବନ ଜୀବିକା ତୁଳନାରେ ଅତି ନ୍ୟୁନ ଅଟେ। ଏଣୁ, ବିସ୍ଥାପିତ ପରିବାର ବର୍ଗଙ୍କ ସମେତ ଜମିହୀନ ପାରମ୍ପାରିକ ଅନୁସୂଚିତ ଜାତି ଓ ଜନଜାତି ସଂପ୍ରଦାୟର ଲୋକମାନଙ୍କୁ ଅନ୍ତତଃ ପକ୍ଷେ ପାଂଚ ଏକର ଚାଷ ଉପଯୋଗୀ ଜମି ଓ ଚାଳିଶି ଡିସିମିଲ ଘରବାରୀ ପଟ୍ଟା ପ୍ରଦାନ କରା ଯାଉ, ମାଲକାନଗିରି ଜିଲ୍ଲା ଉପାନ୍ତ ଅଂଚଳର ପ୍ରାୟ ଅଧିକାଂଶ ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କ ସହ ସମକକ୍ଷ ହେବା ସମ୍ଭବପର ନୁହଁ। ଏଣୁ ତୃତୀୟ ଶ୍ରେଣୀ ଓ ଚତୁର୍ଥ ଶ୍ରେଣୀ ଚାକିରି ଗୁଡିକ ଜିଲ୍ଲା ଭିତିକ ନିଯୁକ୍ତି ଦିଆ ଯାଉ, ମାଲକାନଗିରି ଜିଲ୍ଲାରେ ଅଧିକାଂଶ ମୂଳନିବାସୀ ଛାତ୍ରଛାତ୍ରୀ ମାନଙ୍କ ପ୍ରାଥମିକ ଶିକ୍ଷା ଅଧ୍ୟୟନ ସମୟରେ ଓଡିଆ ଭାଷା ସମ୍ପୂର୍ଣ୍ଣଭାବେ ବୁଝିପାରିନଥାନ୍ତି। ଏଣୁ ଶିକ୍ଷାର ଭିତିଭୂମି ସୁଦୃଢ କରିବା ସକାଶେ ଜିଲ୍ଲାରେ ଭାଷା ଭିତିକ ଶିକ୍ଷକ ନିଯୁକ୍ତି କରା ଯାଉ, ଅନୁସୂଚିତ ଅଂଚଳରେ ତୁରନ୍ତ ପେସା ଆଇନ ଲାଗୁ, ଇତ୍ୟାଦି ଦାବି ଜଣାଇଛନ୍ତି। ଏଥିସହ ଆଜିର ମହା ସମାବେଶରେ ସନ୍ଧ୍ୟା ସମୟରେ ଦଣ୍ଡକାରଣ୍ୟ ଖେଳ ପଡିଆ ଠାରେ ବିଭିନ୍ନ ପ୍ରକାରର ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଦିବାସୀ ସଂଘର ସଭାପତି ବନ୍ଧୁ ମୁଦୁଲି, ଲଳିତ ନାରାୟଣ ମାଡକାମୀ, ଡମ୍ବରୁ ବାଘ, ଘେନୁ ମୁଦୁଲି, ଜରାଶବର ମାଢ଼ି, ସର୍ବ କୁମାର ବିଷୋୟୀ, ପ୍ରଭାକର ହନ୍ତାଳ, ସୋମନାଥ ବାର୍ସେଙ୍କ ସମେତ ହଜାର ହଜାର ମହିଳା ପୁରୁଷ ଯୋଗ ଦେଇଥିଲେ।

# ରାଜ୍ୟସ୍ତରୀୟ ସାହିତ୍ୟ ସମ୍ମିଳନୀ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଞ୍ଚଳରେ ଗହ୍ମା ପୂର୍ଣ୍ଣିମା ଓ ରାକ୍ଷୀ ପୂର୍ଣ୍ଣିମା ଉତ୍ସବ ମହା ସମାରୋହରେ ପାଳନ ହୋଇଯାଇଛି। ବିଭିନ୍ନ ସଂଗଠନର ମହିଳାମାନେ ସରକାରୀ କାର୍ଯ୍ୟାଳୟକୁ ଯାଇ ଅଧିକାରୀ ମାନଙ୍କୁ ରକ୍ଷା ବନ୍ଧନ କରିଥିବା ବେଳେ ଜେଲ ପରିସରରେ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନ୍ତେବାସୀମାନଙ୍କୁ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରାକ୍ଷୀ ବନ୍ଧନ କରାଯାଇ ମିଷ୍ଟାନ୍ନ ବଣ୍ଟନ କରାଯାଇଛି। ସେହିପରି ନିମାପନାର ଅଗ୍ରଣୀ ସଂଗଠନ ନୟା ସବେରା ନିମାପଡ଼ା ୟୁଥ୍ ଟ୍ରଷ୍ଟ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ପବିତ୍ର ରକ୍ଷା ବନ୍ଧନ ଓ ଗହ୍ମା ପୂର୍ଣ୍ଣିମା ଉପଲକ୍ଷେ ଚତୁର୍ଥ ରାଜ୍ୟ ସ୍ତରୀୟ ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୩୦ଟି ଜିଲ୍ଲାରୁ ୧ଶହ ୫୦ ଜଣ କବି ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ନୟା ସବେରାର ଉପଦେଷ୍ଟା ପ୍ରତାପ ଚନ୍ଦ୍ର ସାବୁତ, ଜୀବନଜ୍ୟୋତି ଶତପଥୀ, ବିଚିତ୍ରାନନ୍ଦ ପାତ୍ର, ସମ୍ପାଦକ ନିର୍ମଳ ପରିଜା, ତାପସ ସାହୁ, ସୋମିତା ଭାଟିଆ, ବନିତା ଜେନା, ଶ୍ରଦ୍ଧାଞ୍ଜଳୀ ଓଝା, ସୁବଶିଷ ସ୍ୱାଇଁ, ଅକ୍ଷୟ କୁମାର ମଳିକ, ପ୍ରଦୀପ ପତି, ସୌମ୍ୟ ରଂଜନ ଜେନା, ପୂର୍ଣ୍ଣଚନ୍ଦ୍ର ପାଲ, ଅମିତ ପରିଜା, ରାନୀ ପ୍ରିୟଦର୍ଶିନୀ ପତି, ସୋନାଲିଶା ଦାସ, ସୁବ୍ରତ, ରଶ୍ମିରେଖା ଜେନା ୪୦ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ। ଏହା ବ୍ୟତୀତ ନିମାପଡ଼ା ଏନ୍ଏସିରେ ସମସ୍ତ ଗୋମାତାଙ୍କୁ ପୂଜା କରିବା ସହ ପିଠା ଖାଇବାକୁ ଦେବା ସହ ବୃକ୍ଷର ସୁରକ୍ଷା ନିମନ୍ତେ ରକ୍ଷା ବନ୍ଧନ କରାଯାଇଥିଲା। ପରେପରେ ରାଜ୍ୟ ସ୍ତରୀୟ ସାହିତ୍ୟ ସମ୍ମିଳନୀ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ନିମାପଡ଼ା ଥାନାଧିକାରୀ ବାମଦେବ ସ୍ୱାଇଁ, ମୁଖ୍ୟବକ୍ତା ସସଧାର ପଣ୍ଡା, ଉଦ୍‌ଘାଟକ ଡ଼କ୍ଟର ନେତ୍ରାନନ୍ଦ ଭୋଇ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ସମ୍ପଦ ରଥ (ବ୍ୟଙ୍ଗ କବି), ରକ୍ଷକ ନାୟକ ନିର୍ଦ୍ଦେଶକ (ସଂସ୍କୃତି ବିଭାଗ କୀଟ୍ ବିଶ୍ୱ ବିଦ୍ୟାଳୟ), ଦିଲ୍ଲୀପ ସ୍ୱାଇଁ ପ୍ରଭୃତି ଉପସ୍ଥିତ ରହି କାର୍ଯ୍ୟକ୍ରମ ଆଗକୁ ନେଇଥିଲେ। ଏଥିରେ ସମସ୍ତ କବିମାନଙ୍କୁ ସମ୍ବୋଧିତ କରାଯାଇଥିଲା।

# 'ଓଡ଼ିଆ ସାହିତ୍ୟରେ ଗଙ୍ଗାଧରଙ୍କ ସୃଷ୍ଟି ସମ୍ଭାର ଅନନ୍ୟ'




ଢ଼େଙ୍କାନାଳ, (ଭାସ୍କର ନ୍ୟୁଜ୍): ଗଙ୍ଗାଧର ମେହେର ଥିଲେ ସାହିତ୍ୟ ଜଗତ ରେ ଏକ ବିରଳ ବ୍ୟକ୍ତିତ୍ୱ ବୋଲି ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ଉତ୍ସବ ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାକ୍ତନ ନ୍ୟାୟ ମୂର୍ତ୍ତୀ ଭିକାରୀ ଚରଣ ରାଉତ ଉପସ୍ଥିତ କବି ଓ କବୟିତ୍ରୀମାନଙ୍କୁ ଉଦ୍ ବୋଧିତ କରିଥିଲେ। ପ୍ରକାଶ ଥାଉ କି ଅଦ୍ୟ ଢ଼େଙ୍କାନାଳ ଜିଲ୍ଲା ଲେଖକ ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକ ଙ୍କ ସଭାପତିତ୍ୱରେ ଆୟୋଜିତ ସନ୍ଥପୁର ସ୍ଥିତ ନ୍ୟୁ ଇଣ୍ଡିଆ ସଭାଗୃହ ମଧ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶତାୟୁ ପୁରୁଷ ବାବା ଗୁରୁ ଚରଣ ଦାସ ପ୍ରଦୀପ ପ୍ରଜ୍ୱଳନ କରି କରିବା ସହିତ ନିଜର ଆଶୁ ମୋଚନ ପ୍ରଦାନ କରିଥିଲେ। ନ୍ୟୁ ଇଣ୍ଡିଆର ଡାଇରେକ୍ଟର ଶେଷ ଦେବ ରାଉତ ବାବାଙ୍କ ସମ୍ବନ୍ଧରେ କହିବାସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାକ୍ତନ ପ୍ରାଧ୍ୟାପକ ଡଃ ପ୍ରଫୁଲ୍ଲ କୁମାର ପାଣି ଏବଂ ସମ୍ମାନୀତ ବକ୍ତା ରୂପେ ଯୋଗଦେଇ ସାହିତ୍ୟ ଓ ସଂସ୍କୃତି ପ୍ରବଚକ ପ୍ରତାପ କିଶୋର ନନ୍ଦ, ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ସାହିତ୍ୟରେ ସାମାଜିକ ମୂଲ୍ୟବୋଧ ଓ ଜୀବନୀ ସମ୍ବନ୍ଧାରେ ଉଦବୋଧନ ଦେଇଥିଲେ। ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ ର ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ଗଙ୍ଗାଧର ମେହେରଙ୍କ କାବ୍ୟ ସମୂହରେ ଗୁରୁଭକ୍ତିର ଉପାଦେୟତା, ତଥା ରକ୍ଷା ବନ୍ଧନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭିକାରୀ ଚରଣ ରାଉତଙ୍କ ଦ୍ୱାରା ରଚିତ ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷାର କୁହୁକ କରାମତି ପୁସ୍ତକ ଲୋକାର୍ପଣ କରାଯାଇଥିଲା। ଡ. ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଓ ବସନ୍ତ କୁମାର ପଟ୍ଟନାୟକ ପୁସ୍ତକ ସମୀକ୍ଷା କରିଥିଲେ। ପ୍ରଥମ ଅଧିବେଶନରେ କବି ଗୋଲୋକ ବିହାରୀ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ତଥା ସୁରେନ୍ଦ୍ର ପୃଷ୍ଟି, ସୁକାନ୍ତି ସାହୁ ଓ ଜ୍ୟୋତିର୍ମୟୀ ନାଥଙ୍କ ସଂଯୋଜନାରେ ୬୭ ଜଣ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସଂସଦର କାର୍ଯକାରୀ ସମ୍ପାଦକ ଅଞ୍ଜନ କୁମାର ସାହୁ, ଡଃ ସମୀର ସାହୁ, ପଣ୍ଡିତ ବିପିନ ବିହାରୀ ଶତପଥୀ ପ୍ରମୁଖ କବିତା ପାଠ କରିଥିଲେ।

## ଦୁର୍ଘଟଣାରେ ୧ ମୃତ ୩ ଗୁରୁତର

ଜଗତସିଂହପୁର/ରଘୁନାଥପୁର, (ଭାସ୍କର ନ୍ୟୁଜ୍): କଟକ ପାରାଦ୍ୱୀପ ରାସ୍ତାରେ ଟ୍ରକ ଓ କାରମୁହାଁମୁହିଁ ଧକ୍କାରେ ୧ମୃତ ୩ ଗୁରୁତର। ଘଟଣାରୁ ପ୍ରକାଶ ରଘୁନାଥପୁର ବ୍ଲକ ଅଧିନ ଗୁଆଳି ପୁର ଗ୍ରାମର ଅୟଶକାନ୍ତ ମହାପାତ୍ରଙ୍କ ପୁଅ ସିଦ୍ଧାର୍ଥ ମହାପାତ୍ର ବୟସ ୨୮। ରଘୁନାଥପୁର ଗ୍ରାମର ସ୍ୱର୍ଗତ କିଶୋର ମୋହନ ଦାସଙ୍କ ପୁଅ ପ୍ରକାଶ ଦାସ ବୟସ ୩୦। ଜଗନ୍ନାଥ ପୁର ବାଗସାହିର ମାଧବ ମହାପାତ୍ର ଙ୍କ ପୁଅ ପ୍ରମୋଦ ମହାପାତ୍ର ବୟସ ୩୪। ଧରାଧରପୁର ଭାସେଳିପୁର ଗ୍ରାମର ବିରକିଶୋର ବେହେରାଙ୍କ ପୁଅ ଓମପ୍ରକାଶ ବେହେରା ପାରାଦ୍ୱୀପ ଅଭିମୁଖେ ଏକ କାର ଯୋଗେ ଯାଉଥିବା ସମୟରେ ପାରାଦ୍ୱୀପ ପଟୁ କଟକ ଅଭିମୁଖେ ଯାଉଥିବା ଏକଟ୍ରକ ଏହି ବ୍ଲକଅଧିନ ପୁରଣଓଡପଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମୁଁହାମୁହିଁ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ସିଦ୍ଧାର୍ଥଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ଅନ୍ୟ ୩ ଜଣଙ୍କୁ ରଘୁନାଥପୁର ମେଡିକାଲକୁ ଅଣାଯାଇଥିଲା। ସେଠାରେ ସେମାନଙ୍କ ଅବସ୍ଥା ସଂଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡମେଡିକାଲକୁ ରେଫର କରାଯାଇଥିବା ଜଣାଯାଇଛି। ଖବର ପାଇ ତିର୍ତୋଲ ଏସଡିପିଓ ଚିନ୍ମୟ ରାଉତ, ରଘୁନାଥପୁର ଆଇଆଇସି ସୁଶାନ୍ତ କୁମାର ସେଠୀ, ଏସଆଇ ଯୋଗେଶ ବେହେରା, ରୀତାଞ୍ଜଳୀ ନାୟକ ଘଟଣା ସ୍ଥଳରେ ପହଞ୍ଚି ଧକ୍କା ହୋଇଥିବା କାର, ଟ୍ରକକୁ ଜବତ କରିବା ସହିତ ଗୁରୁତର ଥିବା ୩ ଜଣକୁ କଟକ ବଡ ମେଡିକଲକୁ ପଠାଇ ବାରେ ସହଯୋଗ କରିଥିଲେ।

# ଭଙ୍ଗା କୁଡିଆରେ ବିତୁଛି ଜୀବନ, ଆବାସ ଯୋଜନା ସାତ ସପନ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଜନାର୍ଦ୍ଦନପୁର ଗ୍ରାମର ଜଣେ ଅସହାୟ ଗରିବ ଲୋକ ଏକ ଭଙ୍ଗାକୁଡିଆରେ ଅତ୍ୟନ୍ତ ଦୟନୀୟ ଭାବେ କାଳାତିପାତ କରୁଥିବାର ଅଭିଯୋଗ ହୋଇଛି। ଏହି ବ୍ୟକ୍ତିଙ୍କ ନିମନ୍ତେ ଆବାସ ଯୋଜନା ସାତସପନ ପାଲଟିଥିବାର ଅଭିଯୋଗ ହୋଇଛି। ଜନାର୍ଦ୍ଦନପୁର ଗ୍ରାମର ରବିନ୍ଦ୍ର ବେହେରା(୫୦) ଜଣେ ଅସହାୟ ଓ ଦିନ ମଜୁରୀଆ ଅଟନ୍ତି। ତାଙ୍କର ପତ୍ନୀ ଛବିଲତା ୮ବର୍ଷ ତଳେ ମସ୍ତିଷ୍କାଘାତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ରବିନ୍ଦ୍ର ଜଣେ ଗରିବ ଶ୍ରେଣୀୟ ଦିନ ମଜୁରୀଆ କାରଣରୁ ମୁଣ୍ଡ ଗୁଞ୍ଜିବା ନିମନ୍ତେ ଖଣ୍ଡେ ସ୍ଥାୟୀ ପକ୍କାଗୃହ ନିର୍ମାଣ କରିପାରିନାହାନ୍ତି। ଦୀର୍ଘ ଦିନ ହେଲା ରବିନ୍ଦ୍ର ଏକ ଭଙ୍ଗା କୁଡିଆରେ ଅତ୍ୟନ୍ତ ଦୟନୀୟ ଭାବେ କାଳାତିପାତ କରୁଛନ୍ତି। ତାଙ୍କର ଘର ଉପରେ ଜରିପାଲ ଟଙ୍ଗା ଯାଇଥିଲା ବେଳେ ଆର୍ଥୀକ ଅନାଟନ ହେତୁ ଚଳିତ ବର୍ଷ ସେ ତାଙ୍କର ଘର ଛପର କରିପାରି ନାହାନ୍ତି। ଅସରାଏ ବର୍ଷାହେଲେ ତାଙ୍କ ଘରେ ପାଣି ଲହଡି ଖେଳୁଛି। ଏପରି ସ୍ଥଳେ ମୁଣ୍ଡ ଗୁଞ୍ଜିବା ନିମନ୍ତେ ପକ୍କାଘର ନଥିବା କାରଣରୁ ରବିନ୍ଦ୍ର ପଡୋଶୀ ଘରେ ମୁଣ୍ଡ ଗୁଞ୍ଜିବାକୁ ବାଧ ହେଉଛନ୍ତି। ଏହି ପଂଚାୟତରେ ବହୁ ଥିଲାବାଲା ଆବାସ ଯୋଜନା ହାତେଇଥିଲା ବେଳେ ଆଶ୍ଚର୍ଯ୍ୟ ଜନକ ଭାବେ ରବିନ୍ଦ୍ର ଏହି ଯୋଜନାରେ ଗୃହ ପାଇବାରୁ ବଂଚିତ ହୋଇଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ରବିନ୍ଦ୍ରଙ୍କୁ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି।

# ନୂଆ ରୂପ ନେବ ଐତିହାସିକ ଜଗୁ ସାଗର ପୋଖରୀ



ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ବଜାର ସନ୍ନିକଟ ଐତିହାସିକ ଜଗୁ ସାଗର ପୋଖରୀ ଅପନ୍ତରା ହୋଇ ପଡ଼ିରହିଛି। ପୋଖରୀରେ ଆଡି ସହ ପାଖା ପାଖି ୧୨ ଏକର ହେବ। ମାତ୍ର ଚାରିପାଖର କିଛି ଲୋକ ଉକ୍ତ ପୋଖରୀକୁ କିଛି ସ୍ଥାନ କୁ ଜବର ଦଖଲ କରି ନେଇଛନ୍ତି। ଧିରେଧିରେ ସେ ପୋଖରୀକୁ ପୋତି ଦେଇ ସାରିଲେଣି। ଫଳରେ ଉକ୍ତ ପୋଖରୀ ତାର ସତା ହରାଇ ବସିଛି। ପୂର୍ବତନ ବିଧାୟକ ମୁକ୍ତି କାନ୍ତ ମଣ୍ଡଳ ଓ ସାଂସଦ ମଞ୍ଜୁ ଲତା ମଣ୍ଡଳ ଉକ୍ତ ପୋଖରୀ କୁ ନୁଆ ରୂପରେ ନିର୍ମାଣ କରିବା ପାଇଁ ମ୍ୟାପ ପ୍ରସ୍ତୁତ କରିଥିଲେ। ପରବର୍ତ୍ତୀ ସମୟରେ ଧାମନଗର ଏନଏସି ପକ୍ଷରୁ ପଙ୍କ ଉଦ୍ଧାର ପାଇଁ ଅର୍ଥ ମଞ୍ଜୁର ହୋଇ ଥିଲା। ମାତ୍ର କିଛି ପଙ୍କ ଉଦ୍ଧାର କରାଯାଇ ଠିକାଦାର ଓ ଯନ୍ତ୍ରୀ ଟଙ୍କା ହରିଲୁଟ କରିଦେଲେ। ତେବେ ବର୍ତ୍ତମାନ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉକ୍ତ ପୋଖରୀର ନବକଳେବର ପାଇଁ ଉଦ୍ୟମ କରିଚନ୍ତି। ପ୍ରଥମେ ଉକ୍ତ ପୋଖରୀ ରେ ସୀମା ଚିହ୍ନଟପରେ କାର୍ଯ୍ୟଆରମ୍ଭ ହେବ। ଉକ୍ତ ପୋଖରୀର ଆଡି ଉପରେ ମାଛ ମାର୍କେଟ ଓ ନିୟମିତ ପରିବାମାର୍କେଟ ତିଆରି ହେବ। ଅବଶିଷ୍ଟ ସ୍ଥାନରେ ପୋଖରୀ କରାଯାଇ ସେଠାରେ ଆଲୋକି କରଣ ସହ ପାର୍କ ମଧ ନିର୍ମାଣ କରାଯିବ। ଶନିବାର ଦିନ ମନ୍ତ୍ରୀଙ୍କ ପ୍ରତିନିଧି କୈଳାଶ ଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଭୁବନେଶ୍ୱରରୁ ଡିଯାଇନର ଆସି ମ୍ୟାପ ପ୍ରସ୍ତୁତ କରିଛନ୍ତି। ତେବେ ମ୍ୟାପ ପ୍ରସ୍ତୁତ ପରେ ପୋଖରୀର କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀଙ୍କ ପ୍ରତିନିଧି ମହାପାତ୍ର କହିଛନ୍ତି। ପ୍ରକାଶ ଥାଉକି ଦୀର୍ଘବର୍ଷ ହେବ ଉକ୍ତ ପୋଖରୀଟି ଜବରଦଖଲ ଘେରରେ ଥିଲା। ନିକଟରେ ଧାମନଗର ତହସିଲ ପକ୍ଷରୁ ଜାଗା ଚିହ୍ନଟ ପାଇଁ ଉଦ୍ୟମ ଆରମ୍ଭ କରିଥିବା ବେଳେ ଶନିବାର ଡିଯାଇନର ଉକ୍ତ ପୋଖରୀ ରେ ମ୍ୟାପ ପ୍ରସ୍ତୁତ ଆରମ୍ଭ କରିଛନ୍ତି। ତେବେ ଦୀର୍ଘଦିନ ସ୍ୱପ୍ନ ପୂରଣ ହୋଇ ଜଗୁସାଗର ପୋଖରୀ ନୂଆରୂପ ନେବ ବୋଲି ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

## ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ

ଢ଼େଙ୍କାନାଳ, (ଭାସ୍କର ନ୍ୟୁଜ୍): ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସୁଭଦ୍ରା ଯୋଜନାର ତୃତୀୟ କିସ୍ତିକୁ ମାନ୍ୟବର ମୁଖ୍ୟମନ୍ତ୍ରୀ କୋରାପୁଟର ଜୟପୁର ଠାରେ ରାଜ୍ୟର ୧କୋଟି ମହିଳା ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲଠାରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ ଯୋଗୁଁ ମା' ଓ ଭଉଣୀ ମାନେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରୁଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି। ଏହି ସହାୟତା ରାଶି ବିନିଯୋଗ କରି ନିଜର ଆବଶ୍ୟକତା ପୂରଣ କରିବା, ବିଭିନ୍ନ କୁଟୀର ଶିଳ୍ପ କାର୍ଯ୍ୟରେ ବିନିଯୋଗ କରି ନିଜ ପରିବାରର ଉନ୍ନତିରେ ସହାୟକ ହୁଅନ୍ତୁ ବୋଲି ଆଶା ପ୍ରକାଶ କରିଛନ୍ତି। ଉତ୍ସବରେ କାମାକ୍ଷାନଗରର ମାନ୍ୟବର ବିଧାୟକ ଶତ୍ରୁଘ୍ନ ଜେନା, ପୌର ପରିଷଦର ଅଧକ୍ଷା ଜୟନ୍ତୀ ପାତ୍ର, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ନରେଶଚନ୍ଦ୍ର ମହାପାତ୍ର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଢ଼େଙ୍କାନାଳ ଜିଲ୍ଲାର ମା, ଭଉଣୀମାନେ କିପରି ଏହି ଯୋଜନା ଦ୍ୱାରା କିପରି ଲାଭାନ୍ୱିତ ହୋଇପାରିବେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

# ରାକ୍ଷୀ ପୂର୍ଣ୍ଣିମାରେ ନିଶା ନିବାରଣ ବ୍ରତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ସମ୍ବାଦ ଆମ ଓଡ଼ିଶା ତିହିଡ଼ି ଶାଖା ପକ୍ଷରୁ ରାକ୍ଷୀ ପୂର୍ଣ୍ଣିମାରେ ନିଶା ନିବାରଣ ବ୍ରତ କାର୍ଯ୍ୟକ୍ରମ ତିହିଡ଼ି ବ୍ରିଗେଡ଼ ସୈନିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭଉଣୀମାନେ ଯୋଗ ଦେଇ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧିବା ସହିତ 'ପବିତ୍ର ବନ୍ଧନେ ଏହି ଶପଥ, ସବୁଦିନ ପାଇଁ ନିଶାରୁ ମୁକ୍ତ' ଉକ୍ତିକୁ ଶପଥ କରାଇଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ସମ୍ବାଦ ସାହିତ୍ୟଘର ସଭାପତି ସଚିକାନ୍ତ ନାୟକ ପୌରୋହିତ୍ୟ କରିଥିଲେ। ସମ୍ବାଦର ତିହିଡ଼ି ପ୍ରତିନିଧି ପ୍ରଭାତ କୁମାର ରାଉଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ପାଳିଆବିନ୍ଧା କଲେଜର ଓଡ଼ିଆ ବିଭାଗ ମୁଖ୍ୟ ଅଧାପକ ଡ. ବିଶ୍ୱରଂଜନ ଦାସ, ପ୍ରାବନ୍ଧିକ ବିଭୂତି ଭୂଷଣ ସେନାପତି, କବି ଓ ସାମ୍ବାଦିକ ସଂଜିତ କୁମାର ବଳ ପ୍ରମୁଖ ଯୋଗ ଦେଇ ଆଜିର ପବିତ୍ର ରାକ୍ଷୀ ପୂର୍ଣ୍ଣମୀରେ ସମସ୍ତେ ଏହି ଅଭିଯାନକୁ ସଫଳ କରାଇବାକୁ ସଂକଳ୍ପ ନେବା ସହିତ କାର୍ଯ୍ୟକ୍ରମର ଉଦ୍ୟକ୍ତା ସମ୍ବାଦର ପ୍ରତିଷ୍ଠାତା ସୌମ୍ୟରଂଜନ ପଟ୍ଟନାୟକଙ୍କ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ତଥା ସାମ୍ବାଦିକ ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ସମାଜସେବୀ ବିଶ୍ୱଜିତ୍ ବେହେରା, ବିଶ୍ୱମୈତ୍ରୀ ନାୟକ, ଯଯାତିକେଶରୀ ଦାଶ, ସାହିତ୍ୟଘର ସମ୍ପାଦକ କୈଳାସ ବେହେରା, ବସନ୍ତ କୁମାର ଦାସ, ପୁଷ୍ପାଞ୍ଜଳି ତ୍ରିପାଠୀ, ରୀନାରାଣୀ ପାତ୍ର, ପି. ହୃଷିକେଶ, ସୂଚିସ୍ମିତା ସାହୁ, ଗାୟତ୍ରୀ କର, ପୀତାମ୍ବର ସେଠୀ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଆଶୁତୋଷ କରଣ, ନରହରି ନାୟକ, ହରିହର ମଳିକ, ଧ୍ରୁବ ଚରଣ ରାୟ ସାମନ୍ତ ମହାପାତ୍ର, ବାସନ୍ତୀ ଓଝା, ଫୁଲ ଜେନା, ସୁମିତ୍ରା ନାଥ, ମେନକା ଜେନା, ଶାନ୍ତିଲତା ଓଝା, ମାଳତୀ ଜେନା, ସର୍ବେଶ୍ୱର ମୁଦୁଲି ପ୍ରମୁଖ ବହୁ ଭାଇ ଭଉଣୀ ଯୋଗ ଦେଇଥିଲେ।

## ପ୍ରଧାନ ଶିକ୍ଷୟତ୍ରୀଙ୍କ ନିର୍ଯାତନା ସହିନ ପାରି ଛାତରୁ ଡେଇଁଲେ ଛାତ୍ରୀ

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ବ୍ଲକ ଅଧୀନ କସ୍ତୁରିବା ଗାନ୍ଧୀ ବାଳିକା ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଗତ ରବିବାର ଦିନ ଛାତ୍ରୀ ନିବାସରେ ଥିବା ୩ ମହଲା ବିଲଡିଂ ଉପରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ଛାତ୍ରୀ ଅଧିକ ସଙ୍କଟାପନ୍ନ ଥିବାରୁ ବାଲେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତର ଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଏ ନେଇ ଛାତ୍ରୀଙ୍କ ବାପା ବେତନଟୀ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ଓ ଅଭିଯୋଗ ମୁତାବକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ କାଞ୍ଚାନ୍ମାଳା କରଙ୍କ ନିର୍ଯାତନା ସହିନପାରି ଛାତ୍ରୀ ଜଣକ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ଓ ଅଭିଯୋଗକୁ ଭିତ୍ତି କରି ବେତନଟୀ ପୁଲିସ ୨୬୩/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବାର ଜଣାପଡିଛି। ଘଟଣାରୁ ପ୍ରକାଶ ଯେ ଛାତ୍ରୀ ଜଣକ ଛାତ୍ରୀନିବାସରେ ରହି ଅଷ୍ଟମ ବାର୍ଷିକ ପରୀକ୍ଷାରେ ସେହି ବିଦ୍ୟାଳୟରୁ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ସ୍ଥାନ ପାଇବା ପାଇଁ ଯୋଗ୍ୟ ଥିବା ବେଳେ ସେଥିରୁ ତାଙ୍କୁ ପ୍ରଧାନଶିକ୍ଷୟତ୍ରୀ ଜଣକ କମ ନମ୍ବର ଦେଇ ଥିବା ବେଳେ ଏହିର ପ୍ରତିବାଦ ସେ କରିଥିଲେ। ପ୍ରଧାନ ଶିକ୍ଷୟତ୍ରୀଙ୍କ ନିକଟରେ ଏହି ପ୍ରଶ୍ନ ରଖିଥିବାରୁ ଗତ ମାର୍ଚ୍ଚ ମାସରୁ ଜୁଲାଇ ମାସ ମଧ୍ୟରେ ବିଭିନ୍ନ ସମୟରେ ପ୍ରଧାନଶିକ୍ଷୟତ୍ରୀ ରାଗ ରଖି ଛାତ୍ରୀଙ୍କୁ ଅନେକ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିବା ନେଇ ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି। ଛାତ୍ରୀ ନିବାସରେ ରହି ଶିକ୍ଷୟତ୍ରୀଙ୍କ ଠାରୁ ନିର୍ଯାତନା ପାଉଥିବା ବେଳେ ଏବିଷୟରେ ଛାତ୍ରୀଙ୍କ ବାପା ଜାଣି ପ୍ରଧାନ ଶିକ୍ଷୟତ୍ରୀଙ୍କୁ ମଧ୍ୟ ବହୁବାର ଅଭିଯୋଗ କରିଛନ୍ତି। ଏଭଳି କି କୌଣସି କାରଣ ନଥାଇ ଗାଳି ଗୁଲଜ କରି ପ୍ରବଳ ମାତ୍ରାରେ ମାଡ଼ ମାରୁଥିଲେ। ଗତ ରବିବାର ଦିନ ଛାତ୍ରୀ ସଜ ହେଉଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ ତାଙ୍କୁ କଟୁ ମନ୍ତବ୍ୟ ଦେଇ ଅପମାନିତ କରିଥିଲେ। ସେ ତାଙ୍କ କଥା ସହି ନପାରି ଏକ ସୁଇସାଇଡ ନୋଟ ଲେଖି ସଜ ହୋଇଥିବା ମେକପ ସାମଗ୍ରୀ ଗୁଡିକ ଦେହରୁ କାଢ଼ିଦେଇ ତିନି ମହଲା ଛାତରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ ଓ ଏହି ଖବର ପାଇ ବେତନଟୀ ବିଡିଓ ସୁଶାନ୍ତ ସୂତାର, ଏବିଓ ବିପ୍ଳବ କର, ଥାନା ଅଧିକାରିଣୀ ସସ୍ମିତା ମହାନ୍ତ, ତଦନ୍ତ ଅଧିକାରିଣୀ ଲିଲି ବେହେରା ଘଟଣାକୁ ଯାଇ ତଦନ୍ତ କରି ଏବିଓ ବିପ୍ଳବ କର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରିଛନ୍ତି। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ସେ ଏହାକୁ ଖଣ୍ଡନ କରିଛନ୍ତି।

# ଓଡ଼ିଶା ପ୍ରଗତିଶୀଳ ଲେଖକ ସାମ୍ମୁଖ୍ୟ ପକ୍ଷରୁ କ୍ରାନ୍ତିଦିବସ ପାଳିତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ବଜାର ସ୍ଥିତ ଓଡ଼ିଶା ପ୍ରଗତିଶୀଳ ଲେଖକ ସାମ୍ମୁଖ୍ୟ ପକ୍ଷରୁ ଅଗଷ୍ଟ ୯ କ୍ରାନ୍ତି ଦିବସ ସିନ୍ଦୋଳ ପଞ୍ଚାୟତ ଅଧୀନ ଆରୁହା ସ୍ଥିତ ଜଗନ୍ନାଥ ବେଣୁଧର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଭା ସାମ୍ମୁଖ୍ୟର ସଭାପତି ବିଶିଷ୍ଟ କଥାକାର ଉମାକାନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଂଜନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ତିହିଡ଼ି ଡିଗ୍ରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ଦେବେନ୍ଦ୍ର ପ୍ରସାଦ ସାମଲ, ସମ୍ମାନିତ ବକ୍ତା ଭାବେ ଇତିହାସ ବିଭାଗର ଅଧାପକ ଅଶୋକ କୁମାର ଗୋଚ୍ଛାୟତ, ସମ୍ମାନିତ ଅତିଥି ଭାବେ କବି ତଥା ଶିକ୍ଷକ ଦେବକିଶୋର ଦାସ ଯୋଗ ଦେଇ ଅଗଷ୍ଟ ୯ କ୍ରାନ୍ତି ଦିବସ ସମ୍ପର୍କରେ ଆଲୋକ ପାତ କରି କହିଥିଲେ ଯେ ସ୍ଥିତାବସ୍ଥା ବିରୁଦ୍ଧରେ ଲଢ଼େଇ ହିଁ କ୍ରାନ୍ତି ଯାହା ଅବିରତ ଚାଲିଛି। ଅନ୍ୟମାନଙ୍କ ମଧ୍ୟରେ କବି ମଥୁରା ମୋହନ ବେହେରା, ରବିନ୍ଦ୍ର କୁମାର ସେନାପତି, ବଳରାମ ମଲ୍ଲିକ, ଦେବେନଦ୍ରନାଥ ବାରିକ୍ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ବରିଷ୍ଠ ସାହିତ୍ୟିକ ପ୍ରଭାକର ଦାସଙ୍କ ଲିଖିତ 'ଖେଚୁଡ଼ି' ଓ 'ଗୀତ ଗୀତିକା' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କବି ପ୍ରଫୁଲ୍ଲ ପାଢ଼ୀ ଏବଂ ଆଇନଜୀବୀ ବିପ୍ଳବ ନାୟକ ପୁସ୍ତକ ଦୁଇଟିର ସମୀକ୍ଷା କରିଥିଲେ। କବି ସୁବାସ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କବି ରବି କୁମାର ମହାନ୍ତି ଅତିଥି ପରିଚୟ ଓ ଶିକ୍ଷକ ପ୍ରାଣକୃଷ୍ଣ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଅଧିବେଶନରେ କବି ଜୟନ୍ତ କୁମାର ମହାନ୍ତିଙ୍କ ପୌରୋହିତ୍ୟ ଏବଂ ଯୁବକବି ବିଜୟବେହେରାଙ୍କ ସଂଯୋଜନାରେ ଦେଶାତ୍ମବୋଧକ କବିତା ପାଠ କରାଯାଇ ଥିଲା। ଏଥିରେ କବି ମୁକୁନ୍ଦଦେବ ନାୟକ, ଆଶୁତୋଷ କରଣ, ନକୁଳ ସେନାପତି, ଗୟାଧର ପରିଡ଼ା, ଶୁଭ୍ରଜିତ୍ ବେହେରା, ଓମପ୍ରକାଶ ସାମଲ, ନରେନ୍ଦ୍ରନାଥ ବାରିକ, ପ୍ରୀତିସୁନ୍ଦର ପଲାଇ, ହିମାଂଶୁ ନାୟକ, ଲକ୍ଷ୍ମୀପ୍ରିୟା ସାହୁ, ବିମଳାଶ୍ରିତା ବାରିକ, ନିହାରିକା ସ୍ୱାଇଁ, ସରୋଜ କୁମାର ନାୟକ, ସୁଦାମ ସାହାଣୀ, ବିଶ୍ୱଜିତ୍ ସୂତାର, ସୁଭଶ୍ରୀ ବଳ ପ୍ରମୁଖ ବହୁ କବି କବିତା ପାଠ କରିଥିଲେ। ପ୍ରାରମ୍ଭରେ ସଂଗଠନ ପକ୍ଷରୁ ଉପସ୍ଥିତ ସମସ୍ତ କବି ଓ ଅତିଥିମାନଙ୍କୁ କର୍ମକର୍ତ୍ତାମାନେ ରାକ୍ଷୀ ବାନ୍ଧିଥିଲେ।

# କରଞ୍ଜିଆ ସହର ପରିଦର୍ଶନ କଲେ ଉପଜିଲ୍ଲାପାଳ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଉପଖଣ୍ଡରେ ପ୍ରଥମ ଆଇଏଏସ୍ ଅଧିକାରୀଣୀ ଉପଜିଲ୍ଲାପାଳ ଭାବେ କସ୍ତୁରୀ ପଣ୍ଡା କାର୍ଯ୍ୟରେ ଯୋଗଦାନ କରିବା ପରେ କରଞ୍ଜିଆ ସହରରେ ଦୀର୍ଘ ବର୍ଷ ଧରି ଅବ୍ୟବସ୍ଥିତ ତଥା ଅବହେଳିତ ହୋଇ ରହିଥିବା ସ୍ଥାନଗୁଡ଼ିକୁ ପରିଦର୍ଶନ କରିଛନ୍ତି। ସୂଚନା ଅନୁଯାୟୀ କରଞ୍ଜିଆ ଏନଏସି ଅଧକ୍ଷା ପପି ପୃଷ୍ଟି ଏବଂ ୱାର୍ଡ ସଭ୍ୟ ବରିଷ୍ଠ ଆଇନଜୀବୀ ବିଶ୍ୱଜିତଚୌଧୁରୀଙ୍କ ଆଗ୍ରହ କ୍ରମେ ଉପଜିଲ୍ଲାପାଳ ଶ୍ରୀମତୀ ପଣ୍ଡା ଆଜି ସକାଳ ପ୍ରାୟ ୬ଘଟିକା ଠାରୁ ଚାଲି ଚାଲି ସହରରେ ଥିବା ମିଳନପଡିଆ, ପାର୍କ ଆଦି ପ୍ରମୁଖ ସ୍ଥାନ ଗୁଡିକ ସହ ସଫେଇ ଏବଂ ଡ୍ରେନେଜ ବ୍ୟବସ୍ଥା କୁ ଅନୁଧାନ କରିବା ସହ ସହରର ସୌନ୍ଦର୍ଯ୍ୟୀକରଣ ଏବଂ ସ୍ଥିତିରେ ସୁଧାର ଆଣିବା ନେଇ ଅଧକ୍ଷା ଏବଂ ୱାର୍ଡ ସଭ୍ୟଙ୍କ ସହ ଆଲୋଚନା କରିଥିଲେ। ତେବେ ଉକ୍ତ ଅବ୍ୟବସ୍ଥାକୁ ସୁଧାରିବା ନିମନ୍ତେ ପ୍ରାଥମିକତାର ସହ ପ୍ରୟାସ କରିବ ବୋଲି ପ୍ରକାଶ କରିଛନ୍ତି। ଉକ୍ତ ପରିଦର୍ଶନ ଅବସରରେ ଏନ୍ଏସି ଅଧକ୍ଷାଙ୍କ ସହ ଏବଂ ଏନ୍ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ, ୱାର୍ଡ ସଭ୍ୟ ବିଶ୍ୱଜିତ ଚୌଧୁରୀ, ୱାର୍ଡସଭ୍ୟା ଈଏନ ଏସ ପ୍ରିୟଙ୍କା, ନମୀତା ଘଣ୍ଟିଆଳୀ, କଳ୍ପନା ପାତ୍ର ଓ ଅନ୍ୟ ୱାର୍ଡ ସଭ୍ୟ ସଭ୍ୟା ଏନଏସି କାର୍ଯ୍ୟାଳୟ କର୍ମଚାରୀ ସୌଭାଗ୍ୟ ପଟ୍ଟନାୟକ, ନରେନ୍ଦ୍ର କୁମାର ମୁଦୁଲି ପ୍ରମୁଖ ଉପସ୍ଥିତ ରହି ଉପଜିଲ୍ଲାପାଳ ମହୋଦୟାଙ୍କୁ ସମସ୍ତ ବିଷୟରେ ଅବଗତ କରିଥିଲେ। ତେବେ ଏନେଇ ଅଞ୍ଚଳ ବାସୀଙ୍କ ମଧ୍ୟରେ ଆଶା ଏବଂ ଉତ୍ସାହ ସୃଷ୍ଟି ହୋଇଥିବା ଜଣାପଡିଛି।



# ଆମ କଳାହାଣ୍ଡି



ପୃଷ୍ଠା-୧୦
Page-10
ରବିବାର, ୧୦ ଅଗଷ୍ଟ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର


## କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ଭବାନୀପାଟଣା, (ଭାସ୍କର ନ୍ୟୁଜ): ନିଜର କାର୍ଯ୍ୟସ୍ଥଳରେ ମହିଳାମାନଙ୍କ ସୁରକ୍ଷା ଓ ସମ୍ମାନକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ପୋସ୍ ଆଇନ ୨୦୧୩ ବିଷୟରେ ଅଧିକ ଆଲୋଚନା ପାଇଁ କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଦିନିକିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାଗୃହଠାରେ ଅତିରିକ୍ତ ଜିଲ୍ଲାପାଳ ବଲ୍ଲଭରାଜ ଦୀପଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ, ଜିଲ୍ଲା ପ୍ରଶାସନ ଓ ସାମାଜିକ ସଂଗଠନ 'କର୍ତ୍ତବ୍ୟ' ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଇଣ୍ଟରନାଲ୍ କମିଟି ( ଆଇ ସି), ଲୋକାଲ୍ କମିଟି (ଏଲ୍ ସି) ନୋଡାଲ୍ ଅଫିସର, ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ଏନଜିଓର କର୍ମକର୍ତ୍ତାମାନେ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ତାଲିମଦାତା ଭାବେ ଉପ ଜିଲ୍ଲାପାଳ, ଭବାନୀପାଟଣା, ପ୍ରଭାତ କୁମାର ପରିଡା, ଜିଲ୍ଲା ସଂସ୍କୃତି ଅଧିକାରୀ, ବିବେକାନନ୍ଦ ମହାନନ୍ଦ ଓ ଲୋକାଲ କମିଟି ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ମହାନ୍ତି ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। । ସେମାନେ ପୋସ୍ ଆଇନ ଅନୁସାରେ କାର୍ଯ୍ୟସ୍ଥଳରେ ମହିଳାଙ୍କ ସୁରକ୍ଷା, ଯୌନ ଅତ୍ୟାଚାର ବିରୋଧରେ ତଦନ୍ତ ପ୍ରକ୍ରିୟା ଓ ଉଭୟ କମିଟିର ଭୂମିକା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ପ୍ରଶିକ୍ଷଣରେ ପୋସ୍ ଆଇନର ମୂଳଧାରା, ଅଭିଯୋଗ ପଦ୍ଧତି, ତଦନ୍ତ ନିୟମାବଳୀ, ଶିକ୍ଷାମୂଳକ ଓ ଶାସନାତ୍ମକ ବ୍ୟବସ୍ଥା ଏବଂ ଅଭିଯୋଗ ଦାଖଲ ବିଷୟରେ ମଧ ବିସ୍ତୃତ ସୂଚନା ଦିଆଯାଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ଶେଖର ମହାପାତ୍ର ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମୁକ୍ତିକୁନ୍ତଳା ଉଦ୍‌ଘାଟନ ଅବସରରେ ସ୍ୱାଗତ ଜଣାଇବା ସହ ପ୍ରଶିକ୍ଷଣର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ । ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟକ୍ରମ ଅଧିକାରିଣୀ ସୁଚରିତା ମହାପାତ୍ର ସଂଯୋଜନାରେ ଏହି ଆଲୋଚନା ଚକ୍ର ଆଗକୁ ବଢ଼ିଥିଲା। 'ଉଇମେନ୍ ହବ୍'ର ଜିଲ୍ଲା ସଂଯୋଜକ ଯୋଗେଶ୍ୱର ବୁଦ୍ଧିଆ କିପରି ଭାବରେ ଶି-ବକ୍ସ ପୋର୍ଟାଲ ମାଧ୍ୟମରେ ଅନଲାଇନ୍ ଅଭିଯୋଗ ଦାଖଲ କରିପାରିବେ, ସେ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ । ଶେଷରେ କର୍ତ୍ତବ୍ୟ ସଂଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ପୁଣି ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ



ଧର୍ମଗଡ,(ଭାସ୍କର ନ୍ୟୁଜ): ପୁଣି ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ। ମୃତକ ହେଉଛନ୍ତି ଧର୍ମଗଡ ବ୍ଲକ ଛତ୍ରାଶବାହାଲି ଗ୍ରାମର ନବୀନ ଭୋଇସାଲ (୨୫)। ତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଗାଁରେ ଶୋକାକୁଳ ଖେଳିଯାଇଛି। ଗତ ୪-୫ମାସ ତଳେ ଗାଁର ସାଙ୍ଗସାଥିଙ୍କ ସହ ସୁରୁଟ ଗୋଆକୁ ପେଟପାଟଣା ପାଇଁ ଯାଇଥିଲେ। ସେଠାରେ ଏକ ଘରୋଇ ଠିକାଦାର ପାଖରେ ରହି କାମ କରୁଥିଲେ। ଦି-ପଇସା ବି ଭଲରେ ଉପାର୍ଜନ କରୁଥିଲେ।ହେଲେ ଦୁଇ ଦିନ ତଳେ ଦେହ ହଠାତ ଅସୁସ୍ଥ ହୋଇପଡିଥିଲା। ସାଙ୍ଗରେ ଯାଇଥିବା ଭାଇ ଓ ସାଙ୍ଗସାଥି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଇ ଚିକିତ୍ସା କରାଇଥିଲେ। ହେଲେ ଶେଷରେ ଆଖିବୁଜି ଦେଲେ। ଠିକାଦାର ଜଣକ ଦୟା ଦେଖାଇ ମୃତ ଶବକୁ ଗୋଆରୁ ରାୟପୁର ଯାଏ ଉଡାଜାହାଜରେ ପଠାଇବା ବ୍ୟବସ୍ଥା କଲେ। ରାୟପୁରରୁ ଏକ ଆମ୍ବୁଲାନ୍ସ ଯୋଗେ ଗାଁ କୁ ଶବ ଶନିବାର ଦିନ ପହଞ୍ଚିଥିଲା। ଶବ ପହଞ୍ଚିଲା ପରେ ଗାଁ କାନ୍ଦ ବୋବାଳ ରେ ଫାଟି ପଡିଥିଲା। ଭାଇ ବନ୍ଧୁ ପରିଜନ ମିଶି ଗାଁ ମଶାଣିରେ ଶେଷକୃତ ସଂପନ୍ନ କରିଛନ୍ତି। ତେବେ ଦଣ୍ଡପାଟ ଅଞ୍ଚଳରେ ଦାଦନର ସମସ୍ୟା ଦିନକୁ ଦିନ ଉତ୍କୃଷ୍ଟ ହେବାରେ ଲାଗିଛି। ନିତିଦିନ କୌଣସି ନା କୌଣସି ଦାଦନ କରୁଣତି ଦୁର୍ଘଟଣା ଅଞ୍ଚଳ ପାଇଁ ଶିରୋନାମା ଖବର ପାଲଟିଛି। ଦାଦନ ସମସ୍ୟା ରୋକିବାର ନା ଧରୁନି। କିଛି ମାସ ତଳେ ପ୍ରଶାସନ ଦାଦନ ଉପରେ ଏକ ସଚେତନା କାର୍ଯ୍ୟକ୍ରମ ବେହେରା ଠାରେ ଆୟୋଜନ କରିଥିଲା।ଆଶା କରାଯାଉଥିଲା ଡେରିରେ ହେଉ ପଛେ ପ୍ରଶାସନ ଦାଦନ ପ୍ରତି ସଜାଗ ହୋଇଉଠିଛି। ଏଥର ଅଞ୍ଚଳରେ ନିହାତି ଭାବେ ଦାଦନ ରୋକା ଯାଇ ପାରିବ। ହେଲେ ପ୍ରଶାସନର ଉଦ୍ୟମ କେବଳ କାର୍ଯ୍ୟକ୍ରମ ଭିତରେ ସୀମିତ ରହିଗଲା। ଯଦି ପ୍ରଶାସନ ସଜାଗ ଓ ଦାଦନ ପ୍ରତି ଆଖିଦୃଶିଆ ପଦକ୍ଷେପ ଗ୍ରହଣ ନ କରେ ଆଉ କେତେ ଦାଦନ ମୁଣ୍ଡ ଗଡିବ ତାର ଆକଳନ କରିବା ମୁସ୍କିଲ ହୋଇ ପଡିବ। ତେବେ ନବୀନ ଜଣେ ନିରୀହ ଗରିବ ଶ୍ରେଣୀର ପୁଅ। ଘରର ରୋଜଗାରିଆ ପୁଅ କେବଳ ଜଣେ । ପୁଅକୁ ହରାଇ ବେସାହାରା ପାଲଟିଛି ପରିବାର।ତୁରନ୍ତ ପ୍ରଶାସନ ପରିବାର ପ୍ରତି ଦୃଷ୍ଟି ଦେଇ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ମାନସିକ ରୋଗୀଙ୍କ ଚିକିତ୍ସା ଓ ଥଇଥାନ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଧର୍ମଗଡ (ଭାସ୍କର ନ୍ୟୁଜ): ଜଣେ ମାନସିକ ରୋଗୀଙ୍କ ଚିକିତ୍ସା ଓ ଥଇଥାନ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ସରପଞ୍ଚ। ମାନସିକ ରୋଗୀ ଜଣକ ଧର୍ମଗଡ ବ୍ଲକ ପର୍ଲା ଗ୍ରାମର ଦେବରାଜ ଗୋପାଳ( ୪୫)। ଗତ ୩ବର୍ଷ ତଳେ ନିଜର ମାନସିକ ଭାରସାମ୍ୟ ହରାଇବସିଛନ୍ତି। ବର୍ତ୍ତମାନ ମାନସିକ ଭାରସାମ୍ୟ ହରାଇ ନାନା ପ୍ରକାର ଉପ୍ପାତିଆ ହୋଇ ଟେକା ପଥର ମାରିବା ଓ ବିଭିନ୍ନ କାଣ୍ଡ ଭିଆଉ ଥିବା ଜଣାପଡିଛି। ଏନେଇ ବାପା ସଦନ ଗୋପାଳ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇ ଥିଲେ। ସରପଞ୍ଚ ବ୍ରିଜଲାଲ ନାଏକ ମାନସିକ ରୋଗୀର ଚିକିତ୍ସା ଓ ଥଇଥାନ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଉପଜିଲ୍ଲାପାଳଙ୍କୁ ଜଣାଇ ଥିଲେ। ହେଲେ କୌଣସି ପଦକ୍ଷେପ ନେଇନଥିବା ବେଳେ ଗତ କିଛିଦିନ ତଳେ କଳାହାଣ୍ଡି ଜିଲ୍ଲା ପାଳ ସଚିନ ପାୱାରଙ୍କୁ ଭେଟି ଆଲୋଚନା କରିଥିଲେ। ଜିଲ୍ଲାପାଳ ଏନେଇ ଚିଠି ନଂ ୧୪୫୭ରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଙ୍କୁ ତାରିଖ-୭/୮/୨୫ରେ ମାନସିକ ରୋଗୀଙ୍କୁ ଉଦ୍ଧାର କରି ଗୁଣାତ୍ମକ ଚିକିତ୍ସା ଓ ଥଇଥାନ ଲାଗି ନିର୍ଦ୍ଦେଶ କରିଛନ୍ତି। ଖୁବ ଜଲଦି ଦେବରାଜ କୁ ଉଦ୍ଧାର କରାଯିବ ଓ ଚିକିତ୍ସା ପାଇଁ ପଠାଯିବ ବୋଲି ସମାଜ ମଙ୍ଗଳ ଅଧିକାରୀ ପ୍ରକାଶ କରିଛନ୍ତି।

## ମହିମାଧର୍ମୀଙ୍କ ନବାନ୍ନ ଭକ୍ଷଣ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ମହିମା ଧର୍ମୀମାନଙ୍କ ନବାନ୍ନଭକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜପୁର ପଞ୍ଚାୟତର ବାଞ୍ଜିପଦରଠାରେ କୁମୁଦ କାନ୍ତ ବାବା, ମହେନ୍ଦ୍ର ରଣା, ଭରତ ରଣା, ଟୁପିଲାଲ ରଣା, କିଶୋର ରଣା, ମହାବୀର ରଣା, କମ୍ବୁପାଣି ରଣା, କୁଶ ରଣା ପ୍ରମୁଖଙ୍କ ନେତୃତ୍ୱରେ ସ୍ୱର୍ଗତ ସୁଗ୍ରେସନ ରଣାଙ୍କ ପରିବାରର ମହିମା ଧର୍ମାବଲମ୍ବୀଙ୍କ ନୂଆଖାଇ ପର୍ବ ଧୂମଧାମରେ ପାଳିତ ହୋଇଯାଇଛି। ସେହିପରି ଶିଆଳପଲା ଓ ଲକ୍ଷ୍ମୀପଡା ନିକଟରେ ଥିବା ଭୀମଭୋଇ ସାଂସ୍କୃତିକ କଳାମଣ୍ଡପ ଓ ଗ୍ରନ୍ଥାଳୟ ମଠରେ ମହିମା ଧର୍ମାବଲମ୍ବୀଙ୍କ ନବାନ୍ନଭକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଧୁବାବା ନାଲୁମୋହନ ଦାସ ଓ ମହେଶ୍ୱର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ନୂଆଁଖାଇ ଉତ୍ସବରେ ଶତାଧିକ ଭକ୍ତ ଏକାଠି ହୋଇ ପ୍ରତିବର୍ଷ ଭଳି ଏ ବର୍ଷ ନବାନ୍ନ ଭକ୍ଷଣ କରିଥିଲେ। ଏଥିରେ ଲକ୍ଷ୍ମୀପଡାର ଗ୍ରାମବାସୀ ଓ ସିଆଳପଲା, କେନ୍ଦୁମୁଣ୍ଡି, ରିଞ୍ଜା, ରେଙ୍ଗାଲି, କର୍ଲାମୁଣ୍ଡା, ରାଜପୁର, ପୁଟୀଗାଁ ,ଅଗାଧୁପୁର, ଟକାରୁମାଲ ଗ୍ରାମରୁ ଆସିଥିବା ଭକ୍ତ ବୃନ୍ଦ ସହଯୋଗ କରି ଏକାଠି ନବାହ୍ନ ପର୍ବ ପାଳନ କରିଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ କୈଳାସ ରଣା, ରଥ ରଣା, ଭରତ ସାହୁ,ମୀନ ସାହୁ,ପରମେଶ୍ୱର ରଣା ଓ ଅନ୍ୟ ଭକ୍ତମାନେ ସହଯୋଗ କରିଥିଲେ।

### ବ୍ଲକ୍‌ରେ ପ୍ରାକ୍ ପ୍ରାଥମିକ ଶିକ୍ଷା ବାଟବଣା

## ସମସ୍ୟାରେ ଜର୍ଜରିତ ୪୫ ଅଙ୍ଗନୱାଡ଼ି କେନ୍ଦ୍ର



- ଭଡ଼ାଘରେ ଚାଲିଛି ୫ ଅଙ୍ଗନୱାଡ଼ି କେନ୍ଦ୍ର
- ୫ କେନ୍ଦ୍ରର କୋଠା ନିର୍ମାଣ କାମ ଆରମ୍ଭ ହୋଇନି

କୋକସରା, (ଭାସ୍କର ନ୍ୟୁଜ୍): ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ବିକାଶ ପାଇଁ ଗାଁ ଗାଁରେ ରହିଛି ଅଙ୍ଗନୱାଡି କେନ୍ଦ୍ର। ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିକାଶ ଅଧିନରେ ଏହି କେନ୍ଦ୍ର ସବୁ ପରିଚାଳିତ ହେଉଛି। ତେବେ କୋକସରା ବ୍ଲକର କେତେକ ଅଙ୍ଗନବାଡ଼ି କେନ୍ଦ୍ରର ଭିତ୍ତିଭୂମି ଶୂନ ଥିବା ଦେଖିବାକୁ ମିଳୁଛି। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, କୋକସରା ବ୍ଲକରେ ମୋଟେ ୧୬୮ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ସେଗୁଡିକ କୁ ୮ଗୋଟି ସେକ୍ଟରରେ ଭାଗ କରାଯାଇଛି। ମୋଟେ ୧୬୮ ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟରୁ ୧୨୩ କେନ୍ଦ୍ରରେ ନିଜସ୍ୱ କୋଠା ରହିଛି। ତନ୍ମଧ୍ୟରୁ ୫ ଗୋଟି କେନ୍ଦ୍ର ଭଡ଼ାଘରେ ଚାଲିଛି, ୩୩ ଗୋଟି କେନ୍ଦ୍ରର କୋଠା ନିର୍ମାଣଧୀନ ରହିଥିବାବେଳେ ୪ ଗୋଟି କେନ୍ଦ୍ରର କୋଠା କାମ ସରିଛି, ଏବଂ ଅନ୍ୟ ୫ ଗୋଟି ଅଙ୍ଗନବାଡ଼ି କେନ୍ଦ୍ର ଯଥା ଆମପାଣି କଲୋନୀପଡା, ବସ୍ତିପଡା, ଲଡୁଗାଁ ବନ୍ଦପଡା, ସିର୍ଲିଗୁଡା ତେନ୍ତୁଳିପଡା ଓ ପଦରପଡା କେନ୍ଦ୍ରର କୋଠା ନିମନ୍ତେ ଅନୁଦାନ ଆସିଥିଲେ ମଧ ବିଭିନ୍ନ କାରଣରୁ ନିର୍ମାଣ କାର୍ଯ୍ୟ ଏଯାବତ୍ ଆରମ୍ଭ ହୋଇପାରିନାହିଁ। ତେବେ ୪୫ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ର ସମସ୍ୟାରେ ଜର୍ଜରିତ ରହି ବ୍ଲକରେ ଏକ ପ୍ରକାର ପ୍ରାକ୍ ପ୍ରାଥମିକ ଶିକ୍ଷା ବାଟବଣା ହେଲାଭଳି ମନେ ହେଉଛି। ଏଣେ ଏହି ସବୁ କେନ୍ଦ୍ରରେ ପଢୁଥିବା ଶିଶୁ ଓ ଅଙ୍ଗନୱାଡ଼ି କର୍ମୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଦେଇଛି। ଏନେଇ ସମ୍ପୃକ୍ତ କେନ୍ଦ୍ର ସବୁର ଅଭିଭାବକ ଓ ଗ୍ରାମବାସୀ ବାରମ୍ବାର ସମ୍ପୃକ୍ତ ବିଭାଗ ଓ ପ୍ରଶାସନକୁ ଅବଗତ କରାଇଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ତେଣୁ ଏହି କେନ୍ଦ୍ର ସବୁର ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତକୁ ନେଇ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ଲକର ଅଙ୍ଗନୱାଡ଼ି କେନ୍ଦ୍ରମାନଙ୍କର ଅସୁବିଧା ସମ୍ପର୍କରେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମତାମତ ନେବାରୁ ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକର ସମସ୍ୟା ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଛି, ଶୀଘ୍ର ସମାଧାନ ହୋଇଯିବ ବୋଲି କହିଛନ୍ତି।

## ବିଶ୍ୱ ଆଦିବାସୀ ଦିବସ ପାଳିତ




କଳମରପୁର, (ଭାସ୍କର ନ୍ୟୁଜ୍): କଲମପୁର ବ୍ଲକ୍‌ରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ସହିଦ ରେଣ୍ଡୋ ମାଝୀ ଅମର ରହେ,ରେଣ୍ଡୋ ମାଝି ଡାକ ଦିଏ - ଲଢେଇ କରି ବଞ୍ଚି ହୁଏ, ଜଙ୍ଗଲ ପାହାଡ ସବୁ ଆମରଟା -ନାଇ ସେ କାହାର ବୁଆରଟା ଏଭଳି ଶ୍ଳୋଗାନ ଦେଇ ନଗର ପରିକ୍ରମା କରିଥିଲେ ଶତାଧିକ ମହିଳା ଓ ପୁରୁଷ। ଏହି ଦିବସକୁ ମହା ସମାରୋହରେ ପାଳନ କରିଥିଲେ କଲମପୁର ବ୍ଲକ ପଣ୍ଡିଗାଁ ପଞ୍ଚାୟତର ଆଦିବାସୀ ସଂଘ। ପଣ୍ଡିଗାଁ ବସ୍ତିପଡାରୁ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହିତ ପାରମ୍ପରିକ ବାଜାର ତାଳେ ତାଳେ ନାଚଗୀତ କରି ଆଦିବାସୀ ସଂଘ ନଗର ପରିକ୍ରମା କରିଥିଲେ। ଗାଁ ପରିକ୍ରମା ପରେ ଗ୍ରାମ ପଞ୍ଚାୟତ ପର୍ଯ୍ୟନ୍ତ ଯାଇ ଫେରି ଆସିଥିଲେ। ଗାଁର ସାମାଜିକ କର୍ମୀ ପ୍ରଶାନ୍ତ ମାଝିଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଆୟୋଜିତ ହୋଇଥିବା ବେଳେ ସାମାଜିକ କର୍ମୀ ଶ୍ରୀ ମାଝି ଆଗାମୀ ଦିନରେ ବ୍ଲକ ସ୍ତରୀୟ ଏକ ବଡ ଧରଣର ଆଦିବାସୀ ଦିବସ ପାଳନ ନିମନ୍ତେ ଉଦ୍ଦେଶ୍ୟ ରହିଛି । ଖୁବଶିଘ୍ର ଏହା କାର୍ଯ୍ୟକାରୀ କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଏଥିରେ ଦିବାକର ମାଝି, ସନ୍ୟାସୀ ମାଝି, ସମ୍ରାଟ ମାଝି,ଜଳଧର ମାଝି, ବନମାଳୀ ମାଝି, ବର୍ଷା ମାଝି, ରୁବି ମାଝି, ବବଲି ମାଝି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ

ଧର୍ମଗଡ଼ (ଭାସ୍କର ନ୍ୟୁଜ): ଧର୍ମଗଡ ଠାରେ ନବ ଗଠିତ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ମାନଙ୍କ ଏକ ବୈଠକ ଧର୍ମଗଡ ବ୍ଲକ ସଭାପତି କବିରାଜ ଦୂର୍ଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ବିଭିନ୍ନ ସମାଜ ସଂସ୍କାରକ କାର୍ଯ୍ୟକ୍ରମ କରାଯିବା ପାଇଁ ବୈଠକରେ ଆଲୋଚନା ହୋଇଥଲା। ସଂଘକୁ ଆହୁରି ସୁଦୃଢ଼ କରିବା ପାଇଁ ବରିଷ୍ଠ ସଦସ୍ୟ ହରିସୁନ୍ଦର ପଣ୍ଡା, ବବୃ ବାହନ ଯୋଶୀ, ହୃଷୀକେଶ ସାହୁ, ଫୁଲେଶ୍ୱର୍ ସେନାପତି, ଲୋକନାଥ ବେହେରା, ଧନୁର୍ଦ୍ଧର ଦାସ, ମହେନ୍ଦ୍ର ବାଗ ଙ୍କୁ ନେଇ ସଂଘ ର ଏକ ଉପଦେଷ୍ଟା କମିଟି ଗଠନ କରାଯାଇଥିଲା। ଏହି ବୈଠକରେ କାର୍ଯ୍ୟକାରି ସଭାପତି ସୁବାଷ ସାହୁ, ଉପସଭାପତି ଶ୍ୟାମ ସୁନ୍ଦର ନାଗ ଓ ପ୍ରମୋଦ କୁମାର ହଂସ, ସମ୍ପାଦକ ରାଜେନ୍ଦ୍ର କୁମାର ଭୋଇ, ସହ ସମ୍ପାଦକ ଧରଣୀ ଧର ଧଙ୍ଗଡାମାଝୀ ଏବଂ କୋଷାଧକ୍ଷ ପ୍ରତାପ କିଶୋର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ମହିମା ଧର୍ମାବଲମ୍ବୀଙ୍କ ସାମୁହିକ ନବାନ୍ନ ଭକ୍ଷଣ




ଧର୍ମଗଡ (ଭାସ୍କର ନ୍ୟୁଜ): ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଧର୍ମଗଡ଼ ବ୍ଲକ, ଜୟନ୍ତପୁର ସ୍ଥିତ ଅଲେଖ ମହିମା ମଠରେ ଶ୍ରାବଣ ପୂର୍ଣ୍ଣିମା ତଥା ସାମୁହିକ ନବାନ୍ନ ଭକ୍ଷଣ ପର୍ବ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଏହି ଶ୍ରାବଣ ପୂର୍ଣ୍ଣିମା ତଥା ସାମୁହିକ ନବାନ୍ନ ଭକ୍ଷଣ ପର୍ବରେ ଜୟନ୍ତପୁର ତଥା ଅଞ୍ଚଳର ଶତାଧିକ ଅଲେଖ ମହିମା ଧର୍ମା ବଲମ୍ବୀ ଭକ୍ତମାନେ ଯୋଗଦାନ କରିଥିଲେ।ଶୁକ୍ରବାର ରାତିରେ ପୂଜ୍ୟ ସାଧୁ ହର ବାବା ଏବଂ ସାଥୀ ବାବାଙ୍କ ଦ୍ୱାରା ଅଖଣ୍ଡ ବ୍ରହ୍ମ ଧୁନି ପ୍ରଜ୍ୱଳନ ହେଲା ପରେ ସମସ୍ତ ଭକ୍ତବୃନ୍ଦ ପ୍ରଭୁଙ୍କ ନାମ ସ୍ମରଣ, ଭଜନ, କୀର୍ତ୍ତନ କରିବା ସହ ପ୍ରଭୁଙ୍କର ଆଶୀର୍ବାଦ କାମନା କରିଥିଲେ। ତା ଆରଦିନ ସକାଳେ ବ୍ରହ୍ମ ମୁହୂର୍ତ୍ତରେ ଅଲେଖ ମହିମା ପ୍ରଭୁଙ୍କୁ ପଣାପାଣି ଅର୍ପଣ କରି ସମସ୍ତ ଅଲେଖ ମହିମା ଭକ୍ତମାନେ ପୂଜ୍ୟ ସାଧୁ ହର ବାବାଙ୍କ ହସ୍ତରୁ ନବାନ୍ନ ପ୍ରସାଦ ଗ୍ରହଣ କରି ସାମୁହିକ ନବାର୍ଣ୍ଣ ଭକ୍ଷଣ କରିଥିଲେ। ଏହି ଅବସରରେ ଅଲେଖ ମହିମା ମନ୍ଦିର ପରିଚାଳନା କମିଟି ମଧ୍ୟ ଗଠନ କରାଯାଇଥିଲା। ସର୍ବ ସମ୍ମତି କ୍ରମେ ବଡଭାଇ ଭାବେ ହରିପ୍ରକାଶ ଭକ୍ତ, ଅଧିକାରୀ ଭାବେ ଧର୍ମାନନ୍ଦ ଭକ୍ତ, ଟହଲିଆ ଭାବେ ଈଶ୍ୱର ଭକ୍ତ, ସଭାପତି ଦିଗାମ୍ବର ଭକ୍ତ, ସାଧାରଣ ସମ୍ପାଦକ-ଭାବେ ପବିତ୍ର ଭକ୍ତ, ସମ୍ପାଦକ ଭାବରେ ରୁପେନ୍ଦ୍ର ଭକ୍ତଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ପାଳିତ ହୋଇଥିବା ଏହି ଶ୍ରାବଣ ପୂର୍ଣ୍ଣିମା ତଥା ସାମୁହିକ ନବାନ୍ନ ଭକ୍ଷଣ ପର୍ବରେ ଜୟନ୍ତପୁର ସମେତ ଅଞ୍ଚଳର ତ୍ରିନାଥ ଭକ୍ତ, ନବ ଭକ୍ତ, ଜୟ ଭକ୍ତ, ଲିଙ୍ଗରାଜ ଭକ୍ତ, ଡମ୍ବରୁ ଭକ୍ତ, ଚୈତନ୍ୟ ଭକ୍ତ, ଶ୍ରୀକର ଭକ୍ତ, କୈବଲ୍ୟ ଭକ୍ତ, ଘନ ଭକ୍ତ, ବୈକୁଣ୍ଠ ଭକ୍ତ, ହରି ଭକ୍ତ, ବଲ୍ଲଭ ଭକ୍ତ, ଜଗନ୍ନାଥ ଭକ୍ତ, କ୍ଷମା ଭକ୍ତ, ଗଗନେ ଭକ୍ତ, ଅଭିରାମ ଭକ୍ତ, ଜହର ଲାଲ ଭକ୍ତ, ପୁସ୍ତମ ଭକ୍ତ, ଚିତ ଭକ୍ତ, ନୀଳାମ୍ବର ଭକ୍ତ, ଡମ୍ବରୁ ଭକ୍ତ, ଅଯୋଧ୍ୟା ଭକ୍ତ, ଶତ୍ରୁଘ୍ନ ଭକ୍ତ, ତୀର୍ଥ ଭକ୍ତ, ବଲ୍ଲଭ ଭକ୍ତ, ଦାମୋଦର ଭକ୍ତ,ଧନଞ୍ଜୟ ଭକ୍ତ, ମାନସିଂହ ଭକ୍ତ, ଦୟାନନ୍ଦ ଭକ୍ତ ଦିଗାମ୍ବର ଭକ୍ତ, ଲଳିତ ଭକ୍ତ ସମେତ ଶତାଧିକ ମହିମା ଧର୍ମାବଲମ୍ବୀଙ୍କ ସମାଗମ ଦେଖିବାକୁ ମିଳିଥିଲା।

## ଆକ୍ରମଣ ଭୟରେ ଥାନାର ଦ୍ୱାରସ୍ଥ ସାନଚିଚିଙ୍ଗ ଗ୍ରାମବାସୀ





ନର୍ଲା (ଭାସ୍କର ନ୍ୟୁଜ ): ଗ୍ରାମବାସୀଙ୍କ ଉପରେ ବାରମ୍ବାର ଅତ୍ୟାଚାର ଓ ଆକ୍ରମଣ ହେଉଥିବା ଦର୍ଶାଇ ସାନଚିଚିଙ୍ଗ ଗ୍ରାମବାସୀ ନର୍ଲା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ନର୍ଲା ବ୍ଲକ ଶାନ୍ତପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାନଚିଚିଙ୍ଗ ଗାଁର ଦୁଇଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ନର୍ଲା ଥାନାରେ ଏସଡିପିଓ ସନ୍ଦିପ କୁମାର ମାଝୀଙ୍କ ସହ ଆଲୋଚନା କରିବା ସହ ଥାନାଧିକାରୀ ବିଜୟରାଜ ମାଝୀଙ୍କ ପାଖରେ ସେମାନଙ୍କ ଅଭିଯୋଗ ପତ୍ର ଦରଜ କରାଇଛନ୍ତି। ଦୋଷୀମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ଶ୍ରୀ ମାଝୀ କହିଛନ୍ତି। ସାନଚିଚିଙ୍ଗ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଗୋହିରାପଦର ଗାଁର ଟିକେଧର ସାହୁ, ହେମନ୍ତ ସାହୁ, ଛବିଲାଲ ସାହୁ, ଉମାକାନ୍ତ ସାହୁ ପ୍ରମୁଖ ବ୍ୟକ୍ତିମାନେ ସାନଚିଚିଙ୍ଗ ଗାଁର ଅନେକ ଲୋକଙ୍କୁ ବିଗତ ୧୦ ବର୍ଷ ହେଲା ମାଡ ମାରିବା ସହ ଗାଳିଗୁଲଜ କରି ଆସୁଛନ୍ତି। ଏମାନେ ବିଗତ ଦିନରେ ସାନଚିଚିଙ୍ଗ ଗାଁର ଅରକ୍ଷିତ ମାଝୀ,ଜନକ ମାଝୀ ଦିଲିପ ନାୟକ,ଲମ୍ବୁଧର ଗଉଡ ପ୍ରମୁଖଙ୍କୁ ମାଡ ମାରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଛନ୍ତି। ଆଦିବାସୀ ଓ ଦଳିତଙ୍କୁ ମଧ ଟିକେଧର ସାହୁଙ୍କ ଗୋଷ୍ଠୀ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗ ହୋଇଛି ।ଛତିକୁଡା ଛକରେ ଦୋକାନ କରିଥିବା ସାନଚିଚିଙ୍ଗ ଗାଁର କେତେକ ବ୍ୟବସାୟୀଙ୍କୁ ମଧ ଗୋହିରାପଦରର ଏହି ବ୍ୟକ୍ତିମାନେ ହଇରାଣ ହରକତ କରି ଆସୁଛନ୍ତି। ଏହା ସହ ଗତ ଅଗଷ୍ଟ ୬ ତାରିଖ ୧୧ଟା ସମୟରେ ସାନଚିଚିଙ୍ଗର ଟଙ୍କଧର ମେହେର,ଜୟ ମେହେର ଓ ଲିପୁର ସାହୁଙ୍କୁ ଗୋହିରାପଦର ଗାଁର ଟିକେଧର ସାହୁ, ହେମନ୍ତ ସାହୁ ଓ ଛବିଲାଲ ସାହୁ,ମଧୁ ରଣା ପୂର୍ବ ପ୍ରସ୍ତୁତି କ୍ରମେ ମହେନ୍ଦ୍ରା ଟିଭୁଭି ଗାଡ଼ି ଚଢ଼େଇ ଜୀବନରୁ ମାରି ଦେବାକୁ ଚେଷ୍ଟା କରିଥିଲେ। ପରେ ଏମାନଙ୍କୁ ଟିକେଟର ସାହୁ ଓ ତାଙ୍କ ଭାଇମାନେ ଖଣ୍ଡା, ତରୁଆଲ ଓ ଠେଙ୍ଗାରେ ଆକ୍ରମଣ କରି ଲହୁ ଲୁହାଣ କରିଦେଇଥିବା ଅଭିଯୋଗ ହୋଇଛି। ଏହି ଲୋକମାନଙ୍କ ଯୋଗୁଁ ସାନଚିଚିଙ୍ଗ ଗ୍ରାମବାସୀ ସବୁବେଳେ ଭୟରେ ରହୁଥିବା ଗଣମାଧ୍ୟମକୁ ଜଣାଇଛନ୍ତି। ତେବେ ନର୍ଲା ଥାନାଧିକାରୀଙ୍କୁ ଅଭିଯୋଗ ପତ୍ର ଦେବା ସମୟରେ ଦିଲୀପ ନାୟକ, ଟଙ୍କଧର ମେହେର, ରାମଚନ୍ଦ୍ର ସାହୁ, ପାର୍ବତୀ ରଣା ,ସଞ୍ଜୁକ୍ତା ମେହେର,ବେଲ ମେହେର, ଚନ୍ଦ୍ରକାନ୍ତି ମେହେର, ଚଞ୍ଚଳା ମାଝୀ, ଦମୟନ୍ତୀ ମାଝୀ, ଅଞ୍ଜନା ରଣା, ଲଳିତା ରଣାଙ୍କ ସମେତ ସାନଚିଚିଙ୍ଗ ଗ୍ରାମବାସୀ ଉପସ୍ଥିତ ଥିଲେ।

## ରାଶିଫଳ


ରବିବାର, ୧୦ ଅଗଷ୍ଟ ୨୦୨୫



**ମେଷ:** ଆଜି ଶତ୍ରୁମାନଙ୍କ ପ୍ରତି ସାବଧାନ ରୁହନ୍ତୁ। କୈଣସି ବିଚାରାଧୀନ କାର୍ଯ୍ୟ ଉପରେ ଅଧିକ ଚାପ ନିଅନ୍ତୁ ନାହିଁ, ଏହା ସମାପ୍ତ ହେବ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। କାରବାର ସମୟରେ ସତର୍କ ରହିବାକୁ ପଡିବ। ଗାଡି ଚଳାଇବା ସମୟରେ ସତର୍କତା ବ୍ୟବହାର କରନ୍ତୁ।




**ବୃଷ:** ଆୟ ବୃଦ୍ଧି ପାଇବ। ଛାତ୍ରମାନେ ଅତୁଳନୀୟ ସଫଳତା ପାଇବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ବ୍ୟବସାୟ ପାଇଁ ଭଲ ସମୟ। ଆଜି ସ୍ୱାସ୍ଥ୍ୟ ଭଲ ରହିବ ଚାକିରି ପାଇପାରିବେ। ରିସ୍କ ଏବଂ ଚାପ ନିଅ ନାହିଁ। ନିଜ ଜୀବନସାଥୀଙ୍କ ପ୍ରତି ଭଲ ହୁଅନ୍ତୁ।



**ମିଥୁନ:** ସମୟ ଆପଣଙ୍କ ପାଇଁ ଅନୁକୂଳ ଅଟେ। ଆର୍ଥିକ ବିନିଯୋଗ ବିଷୟରେ ଚିନ୍ତା କରିପାରନ୍ତି। ସମାଜରେ ମାନବିକ ସମ୍ମାନ ବୃଦ୍ଧି ପାଇବ। ଅଜ୍ଞାତ ଲୋକଙ୍କ ଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟୀମାନେ ଉପକୃତ ହେବେ।



**କର୍କଟ:** ଆଜି ଆପଣଙ୍କର କାମ ଚାପ ରହିବ। ଆପଣ ସକାରାତ୍ମକ ହେବେ। ଆୟ ବୃଦ୍ଧି ପାଇବ। ଆର୍ଥିକ ପରିସ୍ଥିତି ମଜବୁତ ରହିବ। କାର୍ଯ୍ୟାଳୟର ପରିବେଶ ଅନୁକୂଳ ହେବ। ଆପଣ ନିଜ ସାଥୀଙ୍କ ସହିତ ବୁଲିବାକୁ ଯାଇପାରିବେ। ବନ୍ଦ ହୋଇଥିବା ଟଙ୍କା ମିଳିପାରିବ।




**ସିଂହ:** ଆଜି ଆପଣ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବେ। ଆର୍ଥିକ ପରିସ୍ଥିତି ଭଲ ହେବ। ସାମାଜିକ ଏବଂ ପାରିବାରିକ ଜୀବନ ଭଲ ହେବ। ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଯୁବକମାନେ ଉପକୃତ ହେବାର ସମ୍ଭାବନା ରହିଛି। ସ୍ଥାନାନ୍ତର ବିଜ୍ଞପ୍ତି ମିଳିପାରିବ। ଆପଣଙ୍କର କାମ ଆଗକୁ ବଢିବ।



**କନ୍ୟା:** ଆଜି ଘରୋଇ ଦାୟିତ୍ୱ ବୃଦ୍ଧି ପାଇବ। ଏହା ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଛାତ୍ରମାନେ କଠିନ ପରିଶ୍ରମ କରିବା ଆବଶ୍ୟକ ରହିଛି। ଜଣେ ସମ୍ପର୍କୀୟଙ୍କଠାରୁ ରିଅଲ୍ ଇଷ୍ଟେଟ୍ ସମ୍ବନ୍ଧରେ ଟେନସନ ହୋଇପାରେ। ସ୍ୱାସ୍ଥ୍ୟ ଭଲ ରହିବ। ରୁଟିନ୍ ପରିବର୍ତ୍ତନ କରିପାରିବେ।




**ତୁଳା:** ଆପଣଙ୍କର କାର୍ଯ୍ୟଗୁଡ଼ିକ ଭଲ ଭାବରେ ସମାପ୍ତ ହେବ। ଆପଣ କାମ ଭଲ କରିବେ। ଅଫିସରେ ଅଧିକାରୀଙ୍କ ସହିତ ବିବାଦ ହୋଇପାରେ। ଯୁବକମାନେ ସଫଳତା ପାଇବେ। ଆପଣ ଋଣ ରାଶି ଫେରସ୍ତ କରିବାକୁ ସମର୍ଥ ହେବେ ନାହିଁ। କିଛି କାମକୁ ନେଇ ଟେନସନ ହେବ। ଛାତ୍ରମାନେ ସଫଳତା ପାଇବେ।




**ବିଛା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଧନ ଲାଭ ପାଇଁ ସୁଯୋଗ ଆସିବ। ଚାକିରୀରେ ସ୍ଥାନାନ୍ତର ଏବଂ ପଦୋନ୍ନତି ମିଳିବ। ସମସ୍ତ ଦାୟିତ୍ୱ ସହଜରେ ପୂରଣ କରିବାକୁ ସକ୍ଷମ ହେବେ। ନୂଆ କାମ ଦ୍ୱାରା ଉପକୃତ ହେବେ। ମଧୁରତା ଆପଣଙ୍କ ସାଥୀଙ୍କ ସହିତ ରହିବ। ବୃଥା ବିବାଦ ଧରନ୍ତୁ ନାହିଁ।



**ଧନୁ:** ଆଜି କୌଣସି କାର୍ଯ୍ୟ ସମାପ୍ତ କରିବାରେ ଅଳସୁଆ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଶତ୍ରୁମାନଙ୍କଠାରୁ ସାବଧାନ ରୁହ। ବ୍ୟବସାୟ ସ୍ୱାଭାବିକ ହେବ। ଭଗବାନଙ୍କୁ ଉପାସନା କର। ଆତ୍ମବିଶ୍ୱାସ ଏବଂ ସକରାତ୍ମକତା ବଜାୟ ରଖ। ପ୍ରଗତି ପାଇଁ ଆପଣ ନୂତନ ସୁଯୋଗ ପାଇବେ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ ମନୋନିବେଶ କରିବେ ନାହିଁ। ଅଳସୁଆ ପଣ ଦେଖାଇବେ।



**ମକର:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଭଲ ଖବର ଗ୍ରହଣ କରିବେ। ଏକ ଯାନ କିମ୍ବା ଜମି କିଣିବାକୁ ବିଚାର କରିପାରନ୍ତି। ଆଜି ଅଟକି ରହିଥିବା କାମ ଶେଷ ହେବ। ଅବିବାହିତଙ୍କ ପାଇଁ ସମ୍ପର୍କ ବିଷୟରେ ଆଲୋଚନା ଆଗକୁ ବଢିବ। ଅଯଥା ବିପଦରେ ପଶନ୍ତୁ ନାହିଁ। ପାଦ ଯନ୍ତ୍ରଣା ଦ୍ୱାରା ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ବ୍ୟବସାୟ ଭଲ କରିବ।



**କୁମ୍ଭ:** ଛାତ୍ରମାନେ ଅଧ୍ୟୟନରେ ଆଗ୍ରହୀ ହେବେ। ଜଣେ ବନ୍ଧୁ କିମ୍ବା ଘନିଷ୍ଠ ସମ୍ପର୍କୀୟଙ୍କୁ ଭେଟିପାରନ୍ତି। ଆଜି ଏକ ସାଧାରଣ ଦିନ ହେବ। ସ୍ଥଗିତ କାର୍ଯ୍ୟ ସମାପ୍ତ ହେବ । ଆଜି କିଛି ନୂଆ କାମ କରିପାରିବେ। ପରିବାର ସଦସ୍ୟମାନେ ସହାୟତା ପାଇବେ। ଦାମ୍ପତ୍ୟ ଜୀବନରେ ମଧୁରତା ରହିବ। ଶରୀର ସୁସ୍ଥ ରହିବ।ଛାତ୍ରଛାତ୍ରୀମାନେ ପାଠପଢ଼ାରେ ମନ ଦେବେ।



**ମୀନ:** ଆଜି ଏକ ଭଲ ଦିନ ହେବ। ଧାର୍ମିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। ଜୀବନ ସାଥୀ ସମର୍ଥନ ପାଇବେ। ନିଯୁକ୍ତ ଲୋକଙ୍କ ପଦୋନ୍ନତି ବାଧାପ୍ରାପ୍ତ ହୋଇପାରେ। ନୂତନ କାର୍ଯ୍ୟରେ ଆଗ୍ରହୀ ହୋଇପାରନ୍ତି। ଭଲ ରୋଜଗାର ରହିବ। ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯